# ଧରିତ୍ରୀ DHARITRI

ସମ୍ବଲପୁର, ଶନିବାର, ଜୁଲାଇ ୩୦/୨୦୨୨ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Sambalpur, Saturday, July 30/2022 | Page 16 | ₹ 7.00 | ★★

୧୮ଶ ଭାଗ ୨୨୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





# ସବୁରି ଉପରେ ଓଡ଼ିଆ

**ବର୍ତ୍ତମାନ ସମଗ୍ର ଭାରତରେ ଓଡ଼ିଶାର ଗୌରବ ବଢ଼ାଉଛନ୍ତି କେତେଜଣ ବିଶିଷ୍ଟ ବ୍ୟକ୍ତି, ଯେଉଁମାନେ ବିଭିନ୍ନ କ୍ଷେତ୍ରର ସର୍ବୋଚ୍ଚ ପଦରେ ରହି ଦେଶର ସାମ୍ବିଧାନିକ, ଶାସନ ଓ ପ୍ରଶାସନିକ କାର୍ଯ୍ୟକୁ ଆଗେଇ ନେଉଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ରାଷ୍ଟ୍ରପତିଙ୍କଠାରୁ ଆରମ୍ଭ କରି ରିଜର୍ଭ ବ୍ୟାଙ୍କର ଗଭର୍ନର, ସିଏଜି, ବଡ଼ ବଡ଼ ମନ୍ତ୍ରଣାଳୟର କ୍ୟାବିନେଟ୍ ଓ ରାଷ୍ଟ୍ରପାହ୍ୟା ମନ୍ତ୍ରୀ, ଆଇଏମ୍‌ଡି, ଏନ୍‌ସିବି ମହାନିର୍ଦ୍ଦେଶକ ପ୍ରମୁଖ। ମେଧାଶକ୍ତି, ସଚ୍ଚୋଟତା, କଠିନ ପରିଶ୍ରମ, ଦୃଢ଼ ଇଚ୍ଛାଶକ୍ତି ଏବଂ ଦକ୍ଷତା ସେମାନଙ୍କୁ ଉଚ୍ଚପଦରେ ଅଧିଷ୍ଠିତ କରାଇଛି।**

## ଦ୍ରୌପଦୀ ମୁର୍ମୁ ଦେଶର ପ୍ରଥମ ନାଗରିକ



ଦ୍ରୌପଦୀ ମୁର୍ମୁ ଦେଶର ୧୫ତମ ରାଷ୍ଟ୍ରପତି ହୋଇଛନ୍ତି। ସେ ଏବେ ରାଇସିନା ହିଲ୍ ବା ୩୪୦ କୋଠରି ବିଶିଷ୍ଟ ରାଷ୍ଟ୍ରପତି ଭବନର ୪ ମହଲାରେ ରହୁଛନ୍ତି। ମୟୂରଭଞ୍ଜ ଜିଲା ବାମନଘାଟି ଉପଖଣ୍ଡ କୁସୁମୀ ବ୍ଲକ ଉପରବେଡ଼ା ଗ୍ରାମର ବିରଞ୍ଚି ନାରାୟଣ ମୁର୍ମୁ ଏବଂ ମା’ ସିନ୍‌ଗୋ ମୁର୍ମୁଙ୍କ ଔରସରୁ ୨୦ ଜୁନ୍ ୧୯୫୮ ମସିହାରେ ଦ୍ରୌପଦୀ ଜନ୍ମଗ୍ରହଣ କରିଥିଲେ। ଗାଁ ସ୍କୁଲରେ ପ୍ରାଥମିକ ଶିକ୍ଷା ଆରମ୍ଭ କରିଥିଲେ। ଏହାପରେ ୧୯୭୪ରେ ଭୁବନେଶ୍ୱରରେ ରହି ମାଟ୍ରିକ ପାସ୍ କରିଥିଲେ। ରମାଦେବୀ ମହାବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ୧୯୭୯ରୁ ୧୯୮୩ ପର୍ଯ୍ୟନ୍ତ ରାଜ୍ୟ ସଚିବାଳୟରେ ଜଳସେଚନ ଓ ଶକ୍ତି ବିଭାଗରେ କିରାଣି ଭାବେ କାର୍ଯ୍ୟ କରିଥିଲେ। ଏହାପରେ ଚାକିରି ଛାଡ଼ି ଶିକ୍ଷକତାରେ ପାଦ ରଖିଥିଲେ। ଏହାପରେ ୧୯୯୪ରୁ ୧୯୯୭ ପର୍ଯ୍ୟନ୍ତ ରାଇରଙ୍ଗପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶିକ୍ଷାଦାନ କଲେ। ଏହାପରେ ଶିକ୍ଷକତା ଛାଡ଼ି ରାଜନୀତିରେ ପ୍ରବେଶ କରିବାକୁପାଇ ଭାଜପାରେ ଯୋଗଦେଇଥିଲେ। ୧୯୯୭ରେ ରାଇରଙ୍ଗପୁର ଏନ୍‌ଏସିର ୨ ନମ୍ବର ୱାର୍ଡରୁ କାଉନସିଲର ହୋଇ ଉପାଧ୍ୟକ୍ଷା ହୋଇଥିଲେ। ୨୦୦୦ ମସିହାରେ ଭାଜପା ଟିକେଟରେ ରାଇରଙ୍ଗପୁର ବିଧାନସଭା ଆସନରୁ ନିର୍ବାଚନ ଲଢ଼ି ବିଜୟୀ ହେବା ସହ ଭାଜପା-ବିଜେଡି ମେଣ୍ଟ ସରକାରରେ ବାଣିଜ୍ୟ, ପରିବହନ, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ମନ୍ତ୍ରୀ ହୋଇଥିଲେ। ୬ ଅଗଷ୍ଟ ୨୦୦୨ ପର୍ଯ୍ୟନ୍ତ ସେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ୨୦୦୪ ନିର୍ବାଚନରେ ଦ୍ୱିତୀୟ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୧୫ରେ ଝାଡ଼ଖଣ୍ଡ ରାଜ୍ୟପାଳ ଭାବେ ନିଯୁକ୍ତ ହୋଇ ୧୨ ଜୁଲାଇ ୨୦୨୧ ପର୍ଯ୍ୟନ୍ତ ଏହି ପଦରେ ରହିଥିଲେ। ୨୧ ଜୁନ୍ ୨୦୨୨ ସନ୍ଧ୍ୟାରେ ସେ ଏନ୍‌ଡିଏ ରାଷ୍ଟ୍ରପତି ପ୍ରାର୍ଥୀ ହୋଇଥିଲେ। ଗତ ଜୁଲାଇ ୨୧ରେ ରାଷ୍ଟ୍ରପତି ଭୋଟ ଗଣତି ହେବାପରେ ସେ ଦେଶର ୧୫ତମ ରାଷ୍ଟ୍ରପତି ଘୋଷିତ ହୋଇଥିଲେ ଓ ୨୫ ଜୁଲାଇରେ ଶପଥ ନେଇଥିଲେ।

## ପି.କେ. ମିଶ୍ର



୧୯୭୨ ବ୍ୟାଚ୍ ଗୁଜରାଟ କ୍ୟାଡର ଆଇଏଏସ୍ ଅଫିସର ପ୍ରମୋଦ କୁମାର ମିଶ୍ର ବର୍ତ୍ତମାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରମୁଖ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ସେ ୧୯୪୮ ଅଗଷ୍ଟ ୧୧ରେ ସମ୍ବଲପୁର ଜିଲାରେ ଜନ୍ମ ଗ୍ରହଣ କରିଥିଲେ। ସେ ଉଭୟ ଗୁଜରାଟ ଏବଂ ଭାରତ ସରକାରରେ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହିଥିଲେ। ଗୁଜରାଟ ସରକାରରେ ସେ ମେହସାଣା ଏବଂ ବଂଶକଣ୍ଠ ଜିଲାର ଜିଲାପାଳ ଭାବେ ଦାୟିତ୍ୱ ତୁଲାଇଥିଲେ। କେନ୍ଦ୍ର ସରକାରଙ୍କ କୃଷି ମନ୍ତ୍ରଣାଳୟର ସଚିବ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ ଏବଂ ନଗର ଉନ୍ନୟନ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଦାୟିତ୍ୱ ତୁଲାଇଛନ୍ତି। ଆଇଏଏସ୍ ଚାକିରିରୁ ଅବସର ନେବାପରେ ତାଙ୍କୁ ଗୁଜରାଟ ଇଲେକ୍ଟ୍ରିସିଟି ରେଗୁଲେଟୋରି କମିଶନର ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା। ୨୦୧୩ ଅଗଷ୍ଟ ୧୧ରେ ତାଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲା। ସେତେବେଳକୁ ତାଙ୍କ ବୟସ ୬୫ ବର୍ଷ ହୋଇଥିଲା। ତାଙ୍କ କାର୍ଯ୍ୟକାଳରେ ସେ ଜଣେ ପ୍ରମୁଖ ପ୍ରଶାସନିକ ଅଧିକାରୀ ବାବେ ଜଣାଶୁଣା। ୨୦୧୯ ଜୁନ୍ ୧୧ରେ ତାଙ୍କୁ ମୋଦି ପୁନଃ ନିଯୁକ୍ତି ଦେଇଛନ୍ତି। କ୍ୟାବିନେଟ୍‌ର ଆପଏଣ୍ଟମେଣ୍ଟ କମିଟି ତାଙ୍କ ପୁନଃ ନିଯୁକ୍ତିକୁ ମୋହର ମାରିବା ପରେ ୩୧ମେ ୨୦୧୯ରୁ ତାହା ଲାଗୁ ହୋଇଛି। ସମ୍ବଲପୁର ୟୁନିଭର୍ସିଟିରେ ୧୯୭୦ରେ ପଢ଼ା ଶେଷକରି ୟୁନିଭର୍ସିଟି ଅଫ୍ ସସ୍‌ସେକ୍ସ ଏବଂ ଦିଲ୍ଲୀ ସ୍କୁଲ ଅଫ୍ ଇକୋନୋମିକ୍ସରେ ପଢ଼ା ସାରିଥିଲେ। ବହି ପଢ଼ିବାକୁ ତାଙ୍କୁ ଭଲ ଲାଗେ।

**ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ**

## ଶକ୍ତିକାନ୍ତ ଦାସ



ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ)ର ୨୫ତମ ଗଭର୍ନର ଭାବେ ଓଡ଼ିଆ ପୁଅ ଶକ୍ତିକାନ୍ତ ଦାସ ଦାୟିତ୍ୱ ତୁଲାଉଛନ୍ତି। ଏହା ପୂର୍ବରୁ ସେ ପଞ୍ଚଦଶ ଫାଇନାନ୍ସ କମିଶନର ସଦସ୍ୟ ଥିଲେ। ସେ ହେଉଛନ୍ତି ୧୯୮୦ ବ୍ୟାଚ୍‌ର ତାମିଲନାଡୁ କ୍ୟାଡର୍ ଆଇଏଏସ୍ ଅଫିସର। ସେ ଆଇଏଏସ୍ ଅଫିସର ଭାବେ ତାମିଲନାଡୁ ଏବଂ ଭାରତ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ବିଭାଗ ଓ ମନ୍ତ୍ରଣାଳୟରେ ଦାୟିତ୍ୱ ତୁଲାଇଛନ୍ତି। ସେ ବର୍ତ୍ତମାନ ନୂଆଦିଲ୍ଲୀସ୍ଥିତ ସାଂସଦ ମାର୍ଗରେ ରହୁଛନ୍ତି। ଭୁବନେଶ୍ୱରରେ ଜନ୍ମିତ ଶକ୍ତିକାନ୍ତ ରାଜଧାନୀରେ ତାଙ୍କ ପ୍ରାରମ୍ଭିକ ପାଠପଢ଼ା ଡି.ଏମ୍. ସ୍କୁଲରେ କରିଥିଲେ। ସେ ଷ୍ଟିଫେନ କଲେଜରେ ତାଙ୍କ ବିଏ ଏବଂ ଦିଲ୍ଲୀ ୟୁନିଭର୍ସିଟିରେ ଇତିହାସରେ ସ୍ନାତକୋତ୍ତର ଡିଗ୍ରୀ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ସେ ଡି.ଲିଟ୍ କରିଥିଲେ। ବେଙ୍ଗାଲୁରୁ ସ୍ଥିତ ଆଇଆଇଏମ୍, ପୁଣେସ୍ଥିତ ଏନ୍‌ଆଇବିଏମ୍, ଆଇଆଇଏମ୍ କଲିକତାରେ ମଧ୍ୟ ସେ ପଢ଼ିଛନ୍ତି। ତାମିଲନାଡୁ ସରକାରରେ ସେ ରାଜସ୍ୱ ସଚିବ, କମର୍ସିଆଲ ଟ୍ୟାକ୍ସେସର ସଚିବ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଛନ୍ତି। ସେହି ରାଜ୍ୟର ଡିଣ୍ଡିଗୁଲ ଏବଂ କଞ୍ଚିପୁରମ ଜିଲାର ମାଜିଷ୍ଟ୍ରେଟ୍ ରହିଥିଲେ। ଏହାପରେ କେନ୍ଦ୍ର ସରକାରରେ ବିଭିନ୍ନ ମନ୍ତ୍ରଣାଳୟର ସଚିବ ମଧ୍ୟ ରହିସାରିଛନ୍ତି। ରାଜେଶ ଖାନା ଏବଂ ଆଶା ପାରେଖ ତାଙ୍କ ପସନ୍ଦର ହିରୋ ଏବଂ ହିରୋଇନ। ସୁଇଜରଲାଣ୍ଡ ବୁଲିବା ପାଇଁ ତାଙ୍କର ଭଲ ସ୍ଥାନ ହୋଇଥିବା ବେଳେ କଳା ଓ ଧଳା ହେଉଛି ତାଙ୍କର ପସନ୍ଦର ରଙ୍ଗ। ଉତ୍ତର ଭାରତୀୟ ଖାଦ୍ୟ ତାଙ୍କୁ ଭଲ ଲାଗେ।

**ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଗଭର୍ନର**

## କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏବେ ଶିକ୍ଷା, ଦକ୍ଷତା ବିକାଶ ଓ ଔଦ୍ୟୋଗିକ ମନ୍ତ୍ରଣାଳୟ ଦାୟିତ୍ୱ ଦିଆଯାଇଛି। ସେ ବର୍ତ୍ତମାନ ନୂଆଦିଲ୍ଲୀସ୍ଥିତ ୧୯ ତିନିମୂର୍ତ୍ତି ମାର୍ଗଠାରେ ତାଙ୍କ ସରକାରୀ କ୍ୱାର୍ଟର୍ସରେ ରହୁଛନ୍ତି। ଧର୍ମେନ୍ଦ୍ର ଏବେ ମଧ୍ୟପ୍ରଦେଶରୁ ରାଜ୍ୟ ସଭା ସଦସ୍ୟ ହୋଇଛନ୍ତି। ୨୦୨୧ ଜୁଲାଇ ୭ରେ ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ପରିବର୍ତ୍ତିତ ମନ୍ତ୍ରିମଣ୍ଡଳରେ ଧର୍ମେନ୍ଦ୍ରଙ୍କୁ କ୍ୟାବିନେଟ୍ ପାହ୍ୟା ମିଳିଛି। ୨୦୧୪ରେ ଦେଶରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରରେ ଧର୍ମେନ୍ଦ୍ରଙ୍କୁ ପ୍ରଥମେ ରାଷ୍ଟ୍ରମନ୍ତ୍ରୀ ଭାବେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ପଦ ମିଳିଥିଲା। ଏହାପରେ ୨୦୧୭ରେ ତାଙ୍କୁ ଉକ୍ତ ମନ୍ତ୍ରଣାଳୟର କ୍ୟାବିନେଟ୍ ପାହ୍ୟାକୁ ପଦୋନ୍ନତି ମିଳିଥିଲା। ଧର୍ମେନ୍ଦ୍ର ୧୯୬୯ ଜୁନ୍ ୨୬ରେ ଅନୁଗୋଳ ଜିଲା ତାଳଚେର ନିକଟ ଧରମପୁରଠାରେ ଜନ୍ମଗ୍ରହଣ କରିଥିଲେ। ଧର୍ମେନ୍ଦ୍ର ହେଉଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନ ଏବଂ ବାସନ୍ତୀ ମଞ୍ଜରୀ ପ୍ରଧାନଙ୍କ ପୁଅ। ସେ ତାଙ୍କ ରାଜନୈତିକ ଜୀବନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ରୁ ୧୯୮୩ରୁ ଆରମ୍ଭ କରିଥିଲେ। ୧୯୯୫ରେ ଏବିଭିପିର ରାଷ୍ଟ୍ରୀୟ ସମ୍ପାଦକ ହୋଇଥିଲେ। ୨୦୦୦ରୁ ୨୦୦୪ ପର୍ଯ୍ୟନ୍ତ ସେ ପାଲଲହଡ଼ା ବିଧାନସଭା କ୍ଷେତ୍ରରୁ ବିଧାୟକ ଭାବେ ନିର୍ବାଚିତ ହେଲେ। ୨୦୦୪ରୁ ୨୦୦୬ ପର୍ଯ୍ୟନ୍ତ ସେ ଭାଜପା ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ। ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ସେ ଦେବଗଡ଼ ଲୋକ ସଭା ଆସନରୁ ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ। ୨୦୦୭ରୁ ଇତିମଧ୍ୟରେ ଛତିଶଗଡ଼, ଉତ୍ତରାଖଣ୍ଡ, ଝାଡ଼ଖଣ୍ଡ, ବିହାର, କର୍ଣ୍ଣାଟକର ପ୍ରଭାରୀ ଓ ସହ ପ୍ରଭାବୀ ଭାବେ ଦଳୀୟ ସଂଗଠନ କାର୍ଯ୍ୟ କରିଥିଲେ। ୨୦୧୨ରୁ ୨୦୧୮ ପର୍ଯ୍ୟନ୍ତ ସେ ବିହାରରୁ ରାଜ୍ୟ ସଭା ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ। ମୋଦି ସରକାରର ପାୱାର ଗୋଷ୍ଠୀ ମଧ୍ୟରେ ସେ ଅନ୍ୟତମ ଭାବେ ଜଣାଶୁଣା।

**-କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀ**
**ଶିକ୍ଷା, ଦକ୍ଷତା ବିକାଶ ଏବଂ ଔଦ୍ୟୋଗିକ ମନ୍ତ୍ରଣାଳୟ**

## ଗିରୀଶ ଚନ୍ଦ୍ର ମୁର୍ମୁ



ମୋଦି ସରକାର ଅଗଷ୍ଟ ୨୦୨୦ରେ ଗିରୀଶ ଚନ୍ଦ୍ର ମୁର୍ମୁଙ୍କୁ ସମୀକ୍ଷକ ଓ ମହାଲେଖା ପରୀକ୍ଷକ (ସିଏଜି) ନିଯୁକ୍ତ କରିଥିଲେ। ଜାମ୍ମୁ-କାଶ୍ମୀର ଉପରାଜ୍ୟପାଳ ଥିବା ଗିରିଶ ଚନ୍ଦ୍ର ମୁର୍ମୁ ସେହି ପଦରୁ ଇସ୍ତଫା ଦେବା ପରେ ତାଙ୍କୁ ଦେଶର ସିଏଜି ଭାବେ ନିଯୁକ୍ତି ମିଳିଥିଲା। ସିଏଜି ଭଳି ଗୁରୁତ୍ୱପୂର୍ଣ୍ଣ ପଦରେ ସ୍ଥାନ ପାଇବାରେ ମୁର୍ମୁ ହେଉଛନ୍ତି ପ୍ରଥମ ଓଡିଆ। ୧୯୫୯ ନଭେମ୍ବର ୨୧ରେ ମୟୁରଭଞ୍ଜ ଜିଲାର ବେତନଟୀର ଏକ ସାନ୍ତାଳୀ ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ। ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର କରିଥିଲେ। ଏହାପରେ ସେ ବର୍ମିଂହାମ ୟୁନିଭରସିଟିରେ ଏମ୍‌ବିଏ କରିଥିଲେ। ତାଙ୍କର ୬ ଭାଇ ଏବଂ ଦୁଇ ଭଉଣୀ ଅଛନ୍ତି। ତାଙ୍କର ଜଣେ ଭାଇ ସିରିଶ ଚନ୍ଦ୍ର ମୁର୍ମୁ ରିଜର୍ଭ ବ୍ୟାଙ୍କ ଏକ୍‌ଜ୍ୟୁକିଟିଭ ଡାଇରେକ୍ଟର ଭାବେ କାମ କରୁଛନ୍ତି। ୧୯୮୫ ଗୁଜୁରାଟ କ୍ୟାଡର ଆଇଏଏସ୍ ଅଧିକାରୀ ଭାବେ ୨୦୦୧ରେ ନରେନ୍ଦ୍ର ମୋଦିଙ୍କ ସରକାରରେ କାମ କରିଥିଲେ। ସେତେବେଳେ ସେ ଗୁଜୁରାଟ ରିଲିଫ କମିଶନର ଭାବେ ଦାୟିତ୍ୱ ତୁଲାଇଥିଲେ। ଏହାପରେ ୨୦୦୪ରେ ସେ ଗୁଜୁରାଟ ଗୃହ ସଚିବ ଭାବେ ନିଯୁକ୍ତି ପାଇଥିଲେ। ୨୦୦୨ରେ ଗୁଜୁରାଟ ଦଙ୍ଗା ସମ୍ପର୍କିତ ମାମଲା ବୁଝିବା ଲାଗି ତାଙ୍କୁ ଦାୟିତ୍ୱ ମିଳିଥିଲା। ମୁର୍ମୁ ସେହି ଘଟଣାର କାଗଜ ପ୍ରସ୍ତୁତ କରିଥିଲେ। ଏହାପରେ ୨୦୧୯ ଅକ୍ଟୋବର ୩୧ରେ ସେ ଜମ୍ମୁ କାଶ୍ମୀର ଉପରାଜ୍ୟପାଳ ଭାବେ ନିଯୁକ୍ତି ପାଇଥିଲେ। ୨୦୨୦ ଅଗଷ୍ଟ ୬ ପର୍ଯ୍ୟନ୍ତ ସେ ଉପରାଜ୍ୟପାଳ ପଦରେ ରହିଥିଲେ। ସ୍ମିତା ଶୁକ୍ଲା ମୁର୍ମୁ ହେଉଛନ୍ତି ତାଙ୍କ ସ୍ତ୍ରୀ। ତାଙ୍କର ଗୋଟିଏ ଝିଅ ରୁଚିକା ମୁର୍ମୁ ଏବଂ ପୁଅ ରୁହାନ ମୁର୍ମୁ ଅଛନ୍ତି।

**-ସମୀକ୍ଷକ ଓ ମହାଲେଖା ପରୀକ୍ଷକ (ସିଏଜି)**

## ସତ୍ୟ ନାରାୟଣ ପ୍ରଧାନ



୧୯୮୮ ବ୍ୟାଚ୍ ଝାଡଖଣ୍ଡ କ୍ୟାଡର୍ ଆଇପିଏସ୍ ଅଫିସର ତଥା ଓଡ଼ିଆ ପୁଅ ସତ୍ୟ ନାରାୟଣ ପ୍ରଧାନ ଏବେ ମୋଦି ସରକାରଙ୍କ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି)ର ମୁଖ୍ୟ ଭାବେ ଦାୟିତ୍ୱ ତୁଲାଉଛନ୍ତି। ୨୦୨୪ ଅଗଷ୍ଟ ୩୧ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ। ସେ ବିହାର ପାଟନାରେ ଜନ୍ମଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଓଡ଼ିଶାରେ ବରିଷ୍ଠ ଆଇପିଏସ୍ ଅଫିସର ଭାବେ କାର୍ଯ୍ୟ କରିଛନ୍ତି। ପୂର୍ବରୁ ସେ ହାଇଦ୍ରାବାଦ୍‌ସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ନ୍ୟାଶନାଲ ପୋଲିସ୍ ଏକାଡେମୀର ଆସିଷ୍ଟାଣ୍ଟ ଡାଇରେକ୍ଟର ଏବଂ ଡେପୁଟି ଡାଇରେକ୍ଟର ଭାବେ କାର୍ଯ୍ୟ କରି ୬ଟି ଆଇପିଏସ୍ ଟ୍ରେନିଂ ବ୍ୟାଚ୍‌କୁ ପ୍ରଶିକ୍ଷଣ ଦେଇଛନ୍ତି। ବିହାରରେ ସେ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଛନ୍ତି। ବିଭିନ୍ନ ପାରଦର୍ଶୀ ସମ୍ପନ୍ନ କାର୍ଯ୍ୟ ପାଇଁ ତାଙ୍କୁ ୨୦୧୨ରେ ରାଷ୍ଟ୍ରପତି ପୁରସ୍କାର ପ୍ରଦାନ କରାଯାଇଥିଲା। ୨୦୦୬ରେ ତାଙ୍କୁ ପୋଲିସ୍ ମେଡାଲ ମଧ୍ୟ ଦିଆଯାଇଥିଲା। ସେ ଏମ୍‌ଫିଲ୍ ଏବଂ ଏଲ୍‌ଏଲ୍‌ଏମ୍ ପଢ଼ିଛନ୍ତି। ହାଇଦ୍ରାବାଦ୍ ୟୁନିଭର୍ସିଟି, ଜେଏନ୍‌ୟୁ ଏବଂ ୟୁନିଭର୍ସିଟି ଅଫ୍ ଏସେକ୍ସରେ ସେ ତାଙ୍କ ପାଠପଢ଼ା ସମ୍ପୂର୍ଣ୍ଣ କରିଛନ୍ତି। ୨୦୧୯ରେ ସେ ଏନ୍‌ଡିଆର୍‌ଏଫ୍ ଡିଜି ଭାବେ ଦାୟିତ୍ୱ ପାଇଥିଲେ।

**-ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ମହାନିର୍ଦ୍ଦେଶକ**

## କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ



ଓଡ଼ିଶାରେ ୩ ରାଜ୍ୟ ସଭା ଆସନ ପାଇଁ ୨୦୧୯ ଜୁନ୍‌ରେ ହୋଇଥିବା ନିର୍ବାଚନରେ ଭାଜପାକୁ ଗୋଟିଏ ଆସନ ଛାଡ଼ି ଦେଇଥିଲା ବିଜେଡି। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ବ୍ୟକ୍ତିଗତ ସଚିବ ଥିବା ଅଶ୍ୱିନୀ ବୈଷ୍ଣବଙ୍କୁ ଭାଜପା ଏହି ଆସନରୁ ରାଜ୍ୟ ସଭା ପଠାଇଥିଲା। ବିଜେଡି ଏବଂ ଭାଜପା ସମର୍ଥନରେ ଅଶ୍ୱିନୀ ରାଜ୍ୟ ସଭା ଯିବାପରେ ୨୦୨୧ ଜୁଲାଇରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନ୍ତ୍ରିମଣ୍ଡଳ ଅଦଳବଦଳରେ ତାଙ୍କୁ ସ୍ଥାନ ଦେଇଥିଲେ। ମୋଦି ସରକାରରେ ସେବେଠାରୁ ଅଶ୍ୱିନୀଙ୍କୁ ରେଳ, ଇଲେକ୍ଟ୍ରୋନିକ୍ସ ଏବଂ ଇନ୍‌ଫର୍ମେଶନ ଟେକ୍ନୋଲୋଜି ଭଳି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟର କ୍ୟାବିନେଟ୍ ମନ୍ତ୍ରୀ ଦାୟିତ୍ୱ ମିଳିଛି। ରାଜସ୍ଥାନର ପାଲି ଜିଲା ସ୍ଥିତ ଜିୱନ୍ଦ କଲାନ ହେଉଛି ବୈଷ୍ଣବଙ୍କ ପୈତୃକ ଗ୍ରାମ। ସେ ୧୯୭୦ ଜୁଲାଇ ୧୮ରେ ଜନ୍ମଗ୍ରହଣ କରିଥିଲେ। ସେ ଦଉ ଲାଲ ବୈଷ୍ଣବ ଏବଂ ସରସ୍ୱତୀ ବୈଷ୍ଣବଙ୍କ ପୁଅ। ତାଙ୍କ ପରିବାର କିନ୍ତୁ ଯୋଧପୁରଠାରେ ରୁହନ୍ତି। ୧୯୯୪ରେ ସେ ସିଭିଲ୍ ସର୍ଭିସ ପରୀକ୍ଷାର ସର୍ବଭାରତୀୟ ସ୍ତରରେ ୨୭ ନମ୍ବର ର୍ୟାଙ୍କ ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ଆଇଏଏସ୍ ଅଫିସର(ଓଡ଼ିଆ କ୍ୟାଡର) ହେବାପରେ ବାଲେଶ୍ୱର ଏବଂ କଟକ ଜିଲାପାଳ ଭାବେ କାମ କରିଥିଲେ। ୨୦୦୩ ପର୍ଯ୍ୟନ୍ତ ଓଡ଼ିଶାରେ କାମ କରିଥିଲେ। ଏହାପରେ ସେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ରେ ଉପ ସଚିବ ଭାବେ ଯୋଗଦେଇଥିଲେ। ୨୦୦୪ ପର୍ଯ୍ୟନ୍ତ ସେ ବାଜପେୟୀଙ୍କ ବ୍ୟକ୍ତିଗତ ସଚିବ ଥିଲେ। ୨୦୦୬ରେ ସେ ମାର୍ମାଗୋଆ ପୋର୍ଟ ଟ୍ରଷ୍ଟର ଡେପୁଟି ଚେୟାରମ୍ୟାନ ଭାବେ ୨ ବର୍ଷ କାମ କରିଥିଲେ। ତାଙ୍କୁ ପାଠପଢ଼ା ଋଣ ମିଳିବା ପରେ ସେ ଏମ୍‌ବିଏ ପଢ଼ିବାକୁ ୟୁଏସ୍ ଯାଇ ଫେରିବା ପରେ ୨୦୧୦ରୁ ସେ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। ଏହାପରେ ୨୦୧୯ରେ ମୋଦି ସରକାରଙ୍କ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ସେ ସାହାଯ୍ୟ କରିଥିଲେ।

**-କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀ,ରେଳ, କମ୍ୟୁନିକେଶନ, ଇଲେକ୍ଟ୍ରୋନିକ୍ସ ଏବଂ ଇନ୍‌ଫର୍ମେଶନ ଟେକ୍ନୋଲୋଜି ମନ୍ତ୍ରଣାଳୟ**

## ବିଶ୍ୱେଶ୍ୱର ଟୁଡୁ



୨୦୧୪ ସାଧାରଣ ନିର୍ବାଚନରେ ଓଡ଼ିଶାରେ ଭାଜପାର ୮ ଜଣ ଏମ୍‌ପି ବିଜୟୀ ହୋଇଥିଲେ। ସେଥିରେ ମୟୂରଭଞ୍ଜ ଲୋକ ସଭା ଆସନରୁ ବିଶ୍ୱେଶ୍ୱର ଟୁଡୁ ମଧ୍ୟ ନିର୍ବାଚିତ ହୋଇଥିଲେ। ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ଦ୍ୱିତୀୟ ଥରରେ ଜୁଲାଇ ୨୦୨୧ରେ ହୋଇଥିବା ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣରେ ବିଶ୍ୱେଶ୍ୱର ଟୁଡୁଙ୍କୁ ସାମିଲ କରାଯାଇଥିଲା। ତାଙ୍କୁ ଆଦିବାସୀ ବ୍ୟାପାର ଏବଂ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ମିଳିଥିଲା। ସେ ଏବେ ନୂଆଦିଲ୍ଲୀ ସ୍ଥିତ ୧୨୬ ସାଉଥ୍ ଆଭିନ୍ୟୁ ଅଞ୍ଚଳରେ ସରକାରୀ ବଙ୍ଗଳାରେ ରହୁଛନ୍ତି। ଟୁଡୁ ୧୯୬୫ ମାର୍ଚ୍ଚ ୨୫ ତାରିଖରେ ମୟୁରଭଞ୍ଜ ଜିଲା ମୋରଡ଼ାର ଖୁଣ୍ଟାପାଳରେ ଜନ୍ମଗ୍ରହଣ କରିଥିଲେ। ସୁକୁଲ ଟୁଡୁ ଏବଂ ବୁଦୁଜ ଟୁଡୁଙ୍କର ସେ ହେଉଛନ୍ତି ପୁଅ। ସେ ୧୯୯୮ରେ ସୁମିତ୍ରା ଟୁଡୁଙ୍କୁ ବିବାହ କରିଥିଲେ। ସେ ରାଉରକେଲା ସ୍ଥିତ ୟୁଜିଆଇଇରେ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଭାବେ ଡିପ୍ଲୋମା କରିଛନ୍ତି। ଏହା ପୂର୍ବରୁ ସେ ଜୁନିଅର ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ।

**-ଆଦିବାସୀ ବ୍ୟାପାର ଓ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ**

## ମୃତ୍ୟୁଞ୍ଜୟ ମହାପାତ୍ର



୨୦୧୯ ଜୁନ୍ ୪ରେ ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି)ର ମୁଖ୍ୟ (ମହାନିର୍ଦ୍ଦେଶକ) ଭାବେ ଓଡ଼ିଆ ପୁଅ ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ୫ ବର୍ଷ ପାଇଁ ନିଯୁକ୍ତି ମିଳିଛି। ଏନେଇ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରଠାରୁ କେନ୍ଦ୍ରର ଗୁରୁତ୍ୱପୂର୍ଣ୍ଣ ପଦବୀ ତାଲିକାରେ ତାଙ୍କ ନାମ ଯୋଡ଼ିହୋଇଯାଇଛି। ୧୯୬୫ ଅଗଷ୍ଟ ୧୨ ତାରିଖରେ ଭଦ୍ରକ ଜିଲାର ରାଜଗୁରୁପୁର ଠାରେ ମୃତ୍ୟୁଞ୍ଜୟ ଜନ୍ମଗ୍ରହଣ କରିଥିଲେ। ସେଠାରେ ଥିବା ଚାଟଶାଳୀରେ ତାଙ୍କ ପାଠପଢ଼ା ଆରମ୍ଭ ହୋଇଥିଲା। ଏହାପରେ ବଜରାପୁରରେ ଦ୍ୱିତୀୟ ଶ୍ରେଣୀରୁ ୫ମ ପର୍ଯ୍ୟନ୍ତ ପାଠପଢ଼ା ପୂର୍ଣ୍ଣ କରିଥିଲେ। ଏହାପରେ ଅପର୍ତ୍ତି ଚରଣ ଏମ୍‌ଇ ସ୍କୁଲରେ ୭ମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବା ପରେ ସେହି ହାଇସ୍କୁଲରେ ଏକାଦଶ ଶେଷ କରିଥିଲେ। ଏହାପରେ ଭଦ୍ରକ କଲେଜରେ ୧୯୮୧ରୁ ୧୯୮୩ ପର୍ଯ୍ୟନ୍ତ ସେ ଆଇ.ଏସ୍‌ସି ପଢ଼ିଥିଲେ। ସେଠାରେ ବି.ଏସ୍‌ସି ମଧ୍ୟ ଫିଜିକ୍ସରେ ଶେଷ କରିଥିଲେ। ଏହାପରେ ଉତ୍କଳ ୟୁନିଭର୍ସିଟିରେ ଏମ୍.ଏସ୍‌ସି ଏବଂ ପିଏଚ୍.ଡି କରିଥିଲେ। ୧୯୮୭ରେ ଏମ୍.ଏସ୍‌ସି ସାରିବା ପରେ ୧୯୮୮ ଫେବୃୟାରୀରୁ ୧୯୯୦ ମାର୍ଚ୍ଚ ୯ ପର୍ଯ୍ୟନ୍ତ ସେ ଚାନ୍ଦିପୁର ଡିଆର୍‌ଡିଏରେ ଚାକିରି କରିଥିଲେ। ଏହାପରେ ସେ ଜଳେଶ୍ୱର ଡି.କେ. କଲେଜରେ ଫିଜିକ୍ସ ଅଧ୍ୟାପକ ଭାବେ ଶିକ୍ଷକତା କରିଥିଲେ। ଏହାର କିଛିଦିନ ପରେ ସେ ଆଇଏମ୍‌ଡି ଭାବେ ପୁଣେ, ବାଙ୍ଗାଲୋର ଏବଂ ଭୁବନେଶ୍ୱର, ଦିଲ୍ଲୀ ଆଦି ବିଭିନ୍ନ ସ୍ଥାନରେ କାର୍ଯ୍ୟ କରିଥିଲେ। ଏବେ ସେ ଆଇଏମ୍‌ଡି ମୁଖ୍ୟ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଦିଲ୍ଲୀ ଲୋଧି ରୋଡ୍ ସ୍ଥିତ ମୌସମ ଭବନରେ ଏବେ ରହୁଛନ୍ତି।

– ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ମହାନିର୍ଦ୍ଦେଶକ



## ଆଲେକ୍ସ ଜିତିଲେ ପ୍ରଥମ ସ୍ୱର୍ଣ୍ଣ

ଇଂଲଣ୍ଡର ଆଲେକ୍ସ ୟି ଟ୍ରାଇଥଲନ ସ୍ପିଣ୍ଟ୍ ଡିଷ୍ଟାନ୍ସ ଇଭେଣ୍ଟ ଜିତି ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

୧୪

୧୦

## ମା' ହେବେ ବିପାଶା

ବଲିଉଡ୍ ଇଣ୍ଡଷ୍ଟ୍ରିର ବ୍ଲାକ୍‌ବ୍ୟୁଟି ବିପାଶା ବାସୁ ମା' ହେବାକୁ ଯାଉଛନ୍ତି।





ବର୍ମିଂହାମରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପୁରୁଷ ୱେଲ୍ଟରୱେଟ ବକ୍ସିଂରେ ଶୁକ୍ରବାର ପାକିସ୍ତାନର ସୁଲେମାନ ବାଲୋଚ୍‌ଙ୍କ ବିପକ୍ଷରେ ଲଢୁଛନ୍ତି ଭାରତର ଶିବ ଥାପା (ଡାହାଣ)। (ରିପୋର୍ଟ ଖେଳ ପୃଷ୍ଠା)

# ଆଖି ବୁଜିଲା ଗୁଳିବିଦ୍ଧ ହାତୀ

**ଏସ୍ଆଇଟି ତଦନ୍ତକୁ ଶିକାରୀଙ୍କ ଚ୍ୟାଲେଞ୍ଜ**

- ବନ ବିଭାଗକୁ ଦୋଷ ଦେଲେ ବନ୍ୟପ୍ରାଣୀ ବିଶେଷଜ୍ଞ
- ଆଠଗଡ଼ ଡିଏଫ୍ଓଙ୍କୁ ଗିରଫ, ବହିଷ୍କାର ଦାବି

ଭୁବନେଶ୍ୱର, (ବ୍ୟୁରୋ)/ ନରସିଂହପୁର, ୨୯।୭ (ସ୍ୱ.ପ୍ର.)

ହାତୀ ମୃତ୍ୟୁକୁ ନେଇ ଯେଉଁଠି ଏସ୍ଆଇଟି ତଦନ୍ତ ଚାଲିଥିଲା, ସେଇଠି ହୋଇଥିଲା ହାତୀ ଶିକାର। ଶିକାରୀଙ୍କ ଗୁଳିରେ ଛଟପଟ ହେଉଥିଲା ଦନ୍ତା। କଟକ ଜିଲା ଆଠଗଡ଼ ବନଖଣ୍ଡ ଅଧୀନ ନରସିଂହପୁର ପଶ୍ଚିମ ରେଞ୍ଜ୍ ବାରାସିଙ୍ଗା ଜଙ୍ଗଲରେ ଚିହ୍ନିତ ହେଉଥିବା ଉକ୍ତ ଗୁଳିବିଦ୍ଧ ଦନ୍ତା ଶେଷରେ ଶୁକ୍ରବାର ଆଖି ବୁଜିଛି। ଅବହେଳା ପରେ ଲୋକଦେଖାଣିଆ ଚିକିତ୍ସା କରୁଥିବା ବନ ବିଭାଗ ଏବେ ତୀବ୍ର ସମାଲୋଚନାର ଶିକାର ହୋଇଛି। ଉକ୍ତ ହାତୀ ଦେହରେ ପଶିଥିଲା ୫ ଗୁଳି। ଦେହସାରା କ୍ଷତ ଜଳଜଳ ହୋଇ ଦିଶୁଥିଲା। ୭ଦିନ ଧରି ରଣସିଂହପୁର ଜଙ୍ଗଲରେ ବୁଲିଥିବା ସ୍ଥାନୀୟ ଗ୍ରାମବାସୀ ବନ ବିଭାଗକୁ ଜଣାଇଥିଲେ। ହେଲେ ପ୍ରତ୍ୟକ୍ଷଦର୍ଶୀଙ୍କ କଥା ବନ ବିଭାଗର ଦକ୍ଷ ଅଧିକାରୀମାନେ କିନ୍ତୁ ମାନିବାକୁ ନାରାଜ ଥିଲେ। ହାତୀ ଗୋଷ୍ଠୀ ମଧ୍ୟରେ ହୋଇଥିବା ସଂଘର୍ଷରୁ ଖଣ୍ଡିଆ ହୋଇଥିବା ନିଜେ ବନ୍ୟପ୍ରାଣୀ ପିସିସିଏଫ୍ ସଫେଇ ଦେଇଥିଲେ। ଏପରିକି ତୁରନ୍ତ ଚିକିତ୍ସାର ଆବଶ୍ୟକତା ରହିଥିଲେ ମଧ୍ୟ ଧରାଯାଇ ପାରି ନ ଥିଲା। ୩ଦିନ ଧରି ଟ୍ରାଙ୍କୁଲାଇଜ୍ ସଫଳ ହେଉ ନ ଥିବା ମଧ୍ୟ କୁହାଗଲା। ଫଳରେ କ୍ଷତ ଘା' ହୋଇ ସଂକ୍ରମଣ ହୋଇଯାଇଥିଲା। ଅସୁସ୍ଥ ହେବା ପରେ ହାତୀଟି ଗୁରୁବାର ବାରାସିଂଗା ବିଟ୍‌ରେ ତଳେ ପଡ଼ିଥିବାବେଳେ ବନ ବିଭାଗ ଠାବ କରିଥିଲା। ଏହାପରେ ତାକୁ ଟ୍ରାଙ୍କୁଲାଇଜ୍ କରାଯାଇ ଚିକିତ୍ସା ଚାଲିଥିଲା। ଚିକିତ୍ସା କରୁଥିବା ଡାକ୍ତର ମଧ୍ୟ କହିଥିଲେ, ☞ପୃଷ୍ଠା-୨

ଆଜିର ସମ୍ପାଦକୀୟ | ବରିଷ୍ଠଙ୍କୁ ଥଇଥାନ

# ୨.୨୬ ଲକ୍ଷ ପଦବୀ ଖାଲି

## ଓଡ଼ିଶାରେ ନିଯୁକ୍ତିର ଦୟନୀୟ ସ୍ଥିତି

**ଠିକା, ଆଉଟ୍‌ସୋର୍ସ ନିଯୁକ୍ତିକୁ ନେଇ ବିଧାନସଭାରେ ଝଡ଼**

ଭୁବନେଶ୍ୱର, ୨୯।୭(ବ୍ୟୁରୋ)

ଓଡ଼ିଶାର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ୨ ଲକ୍ଷ ୨୬ ହଜାର ପଦବୀ ଖାଲି ପଡ଼ିଛି। ବିକାଶର ଡିଣ୍ଡିମ ପିଟୁଥିବା ରାଜ୍ୟ ସରକାର ବେକାର ଯୁବତୀଯୁବକଙ୍କୁ ଚାକିରି ଦେବାରେ ବିଫଳ ହୋଇଛନ୍ତି। ପଦବୀ ପୂରଣ ବଦଳରେ ଠିକା ଏବଂ ଆଉଟ୍‌ସୋର୍ସ ନିଯୁକ୍ତିରେ କାମ ଚାଲିଛି। ବେକାରଙ୍କୁ ଚାକିରି ମିଳୁ ନ ଥିବାରୁ ଅପରାଧ ଓ ଦୁର୍ନୀତି ବଢୁଛି। ଦାଦନ ଶ୍ରମିକଙ୍କଠାରୁ କମ୍ ମଜୁରିରେ ଖଟୁଛନ୍ତି ଶିକ୍ଷିତ ବେକାର। ଆଉଟ୍‌ସୋର୍ସ ସଂସ୍ଥା ସେମାନଙ୍କଠାରୁ ଟଙ୍କା ଆଦାୟ କରୁଛି। ଏସବୁ ପ୍ରସଙ୍ଗ ଉଠାଇ ଶୁକ୍ରବାର ବିଧାନସଭାରେ ସରକାରଙ୍କୁ ସଣ୍ଣୁଆଶି ଆକ୍ରମଣ କରିଛନ୍ତି ବିରୋଧୀ ଭାଜପା ଓ କଂଗ୍ରେସ।

'ଠିକା ନିଯୁକ୍ତିରେ ଚାଲିଛି ଓଡ଼ିଶା ସରକାର' ଶୀର୍ଷକ ମୁଲତବୀ ପ୍ରସ୍ତାବ ଆରମ୍ଭ କରି ଭାଜପା ସଭ୍ୟ ମୋହନ ମାଝି କହିଲେ, ରାଜ୍ୟ ସରକାର ଚଳିତ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ କୋଟି ଟଙ୍କାର ବଜେଟ କରିଛନ୍ତି। ୨୦୨୧-୨୨ ସୁଦ୍ଧା ଗୃହ ବିଭାଗରେ ୨୬,୭୯୮, ରାଜସ୍ୱ ବିଭାଗରେ ୧୨,୭୬୧, ଗଣଶିକ୍ଷା ବିଭାଗରେ ୬୧,୮୬୭, ସ୍ୱାସ୍ଥ୍ୟ ବିଭାଗରେ ୩୬,୦୪୫, ଜଳସମ୍ପଦ ବିଭାଗରେ ୮,୭୩୫, କୃଷି ବିଭାଗରେ ୯,୬୮୦, ଉଚ୍ଚଶିକ୍ଷା ବିଭାଗରେ ୧୧,୫୨୨, ଜଙ୍ଗଲ ଓ ପରିବେଶ ବିଭାଗରେ ୫,୮୧୪ ଏଭଳି ମୋଟ୍ ୪୩ ବିଭାଗରେ ୨ ଲକ୍ଷ ୨୬ ହଜାର ୫୫୯ ପଦବୀ ଖାଲିପଡ଼ିଛି। ଏଥିସହ ଅନୁଦାନପ୍ରାପ୍ତ ସଂସ୍ଥାଗୁଡ଼ିକରେ ୧୯,୧୦୦ ପଦବୀ ଖାଲି ରହିଛି। ୨୦୨୧ରେ ୨୨.୫% ପଦବୀ ଖାଲିଥିବା ବେଳେ ୨୦୨୨ରେ ଏହା ୨୫%କୁ ବୃଦ୍ଧି ପାଇଛି। ସରକାର ଚଞ୍ଚକତା କରି ଠିକା ନିଯୁକ୍ତି ଦେଉଛନ୍ତି। ଅବସରପ୍ରାପ୍ତ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଉଛି। ବିଭିନ୍ନ କର୍ମ ନିୟୋଜନ କାର୍ଯ୍ୟାଳୟରେ ପଞ୍ଜୀକୃତ ବେକାରଙ୍କ ମଧ୍ୟରୁ ୧%ଙ୍କୁ ମଧ୍ୟ ଚାକିରି ମିଳୁନାହିଁ। ସରକାର ବିଭାଗ ଚଳାଇବା ଲାଗି ଠିକା ଓ ଆଉଟ୍‌ସୋର୍ସିଂ ବ୍ୟବସ୍ଥା ଉପରେ ନିର୍ଭର କରିଛନ୍ତି। ବେକାରଙ୍କୁ ପ୍ରତାରଣା କରାଯାଇଛି ବୋଲି ସେ ଅଭିଯୋଗ କରିଥିଲେ। ଭାଜପା ସଭ୍ୟ ନାଉରୀ ନାୟକ କହିଥିଲେ, ବିଭିନ୍ନ ବିଭାଗରେ କାର୍ଯ୍ୟରତ ଶିକ୍ଷିତ ବେକାରଙ୍କଠାରୁ ଠିକାସଂସ୍ଥା ଟଙ୍କା ଆଦାୟ କରୁଛି। ୩ବର୍ଷ ପରେ ଆଉ ଏକ ସଂସ୍ଥା ଆସିବା ପରେ ସେମାନଙ୍କ ଭବିଷ୍ୟତ ଅନ୍ଧକାରକୁ ଚାଲିଯାଉଛି। ଭାଜପା ସଭ୍ୟ ସନାତନ ବିଜୁଳି, କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି, ସନ୍ତୋଷ ସିଂ ସାଲୁଜା ମଧ୍ୟ ଠିକା ଏବଂ ଆଉଟ୍‌ସୋର୍ସ ନିଯୁକ୍ତିକୁ କଡ଼ା ବିରୋଧ କରିଥିଲେ। ଏହିସବୁ ନିଯୁକ୍ତିକୁ ବନ୍ଦ କରି ସ୍ଥାୟୀ ନିଯୁକ୍ତି ଦେବା ଲାଗି ଦାବି କରିଥିଲେ।

ମୁଲତବୀ ପ୍ରସ୍ତାବକୁ ବିରୋଧ କରି ବିଜେଡି ସଭ୍ୟ ଭୂପିନ୍ଦର ସିଂ, ରମେଶ ବେହେରା ଓ ରମେଶ ଚନ୍ଦ୍ର ସାଏ ସରକାର ବିଭିନ୍ନ ବିଭାଗରେ ଦେଉଥିବା ନିଯୁକ୍ତି ଓ ଆତ୍ମନିଯୁକ୍ତି ବିଷୟରେ ସୂଚନା ଦେଇଥିଲେ। ମୁଲତବୀ ଆଲୋଚନା ଶେଷରେ ମନ୍ତ୍ରୀ କହିଥିଲେ ଯେ, ରାଜ୍ୟର ଆର୍ଥିକ ଅବସ୍ଥାକୁ ଦୃଷ୍ଟିରେ ରଖି ତତ୍କାଳୀନ ସରକାରଙ୍କ ପକ୍ଷରୁ ସରକାରୀ କାର୍ଯ୍ୟାଳୟରେ ମୂଳ ପଦବୀ ପୂରଣ ନ କରିବାକୁ ୧୯୯୯ ଜୁଲାଇ ୧୬ରେ ଏକ ସ୍ମାରକପତ୍ର (ସଂଖ୍ୟା- ୩୧୨୭୧) ☞ପୃଷ୍ଠା-୨

# ଖବରଦାତାଙ୍କ ଟୁଇଟ୍ ହଟାଇବା ଦାବିରେ ଭାରତ ପ୍ରଥମ

ନୂଆଦିଲ୍ଲୀ,୨୯।୭

ମାଇକ୍ରୋବ୍ଲଗିଂ ସାଇଟ୍ ଟୁଇଟର୍‌ରେ ଖବରଦାତା ଓ ଗଣମାଧ୍ୟମ ସଂସ୍ଥାଗୁଡ଼ିକର ପୋଷ୍ଟ ହଟାଇବା ପାଇଁ ଦାବି କରିବାରେ ବିଶ୍ୱରେ ଭାରତ ସବୁଠୁ ଆଗରେ ରହିଛି। ସେହିପରି ଟୁଇଟର ଆକାଉଣ୍ଟ ସୂଚନା ମାଗିବାରେ ଆମେରିକା ପରେ ଭାରତ ହେଉଛି ଦ୍ୱିତୀୟ। ଟୁଇଟର କମ୍ପାନୀକୁ ଭାରତ ସରକାର ମାଗିଥିବା ଏହି ତଥ୍ୟ ମୋଟ ବୈଶ୍ୱିକ ଅନୁରୋଧର ୧୯% ବୋଲି ସଦ୍ୟ ପ୍ରକାଶିତ ଏକ ରିପୋର୍ଟରେ ପ୍ରଘଟ ହୋଇଛି।

ଟୁଇଟର୍‌ର ଟ୍ରାନ୍ସପରେନ୍ସି ରିପୋର୍ଟରେ ଦର୍ଶାଯାଇଛି ଯେ, ୨୦୨୧ ଜୁଲାଇରୁ ଡିସେମ୍ବର ମଧ୍ୟରେ ଭାରତ ସରକାର ଖବରଦାତା ଓ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ପକ୍ଷରୁ କରାଯାଇଥିବା ଟୁଇଟ୍‌ଗୁଡ଼ିକୁ ହଟାଇବା ପାଇଁ ସର୍ବାଧିକ ଦାବି କରିଥିଲେ। ସବୁ ପ୍ରକାର ୟୁଜର୍ସଙ୍କ କଣ୍ଟେଣ୍ଟ ବ୍ଲକିଂ ପାଇଁ ଅର୍ଡର ଜାରି କରିଥିବା ୫ ରାଷ୍ଟ୍ର ମଧ୍ୟରେ ଭାରତର ସ୍ଥାନ ପ୍ରଥମରେ ରହିଛି। ସାରା ବିଶ୍ୱର ଖବରଦାତାଙ୍କ ଓ ନ୍ୟୁଜ୍ ଆଉଟ୍‌ଲେଟ୍‌ର ୩୪୯ ଭେରିଫାଏଡ୍ ଆକାଉଣ୍ଟ ବିରୋଧରେ ବିଭିନ୍ନ ରାଷ୍ଟ୍ର ଆପତ୍ତି ଉଠାଇଥିଲେ। ☞ପୃଷ୍ଠା-୨



## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୮,୦୦,୦୩,୮୭୭ | ୬୪,୧୫,୫୦୧ | ୫୪,୯୯,୬୦,୪୩୯ |
| ଭାରତ | ୪,୩୯,୭୯,୭୩୦ | ୫,୨୬,୨୫୮ | ୪,୩୩,୦୯,୪୮୪ |
| ଓଡ଼ିଶା | ୧୩,୧୧,୧୩୫ | ୯୧୨୮(+୫୩) | ୧୨,୯୬,୨୯୩ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଶିଳ୍ପ ପାଇଁ ୧ ଲକ୍ଷ ହେକ୍ଟର ଜମି

ଭୁବନେଶ୍ୱର,୨୯।୭(ବ୍ୟୁରୋ)

ରାଜ୍ୟରେ ବିଭିନ୍ନ ଶିଳ୍ପ ପ୍ରତିଷ୍ଠା ପାଇଁ ଜମି ଯୋଗାଇଦେବା ତଥା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିମନ୍ତେ ଇଡ୍‌କୋ ଦ୍ୱାରା ଲ୍ୟାଣ୍ଡ ବ୍ୟାଙ୍କ ଗଠନ କରାଯାଇଛି। ଇଡ୍‌କୋ ଏଥିପାଇଁ ୧ ଲକ୍ଷ ହେକ୍ଟର ଜମି ଅଧିଗ୍ରହଣ କରିବ। ବିଜେଡି ସଭ୍ୟ ଧ୍ରୁବ ଚରଣ ସାହୁଙ୍କ ମୂଳ ପ୍ରଶ୍ନର ଉତ୍ତରରେ ଶୁକ୍ରବାର ପ୍ରଶ୍ନକାଳରେ ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ ଏହା କହିଛନ୍ତି। ମୂଳ ପ୍ରଶ୍ନକର୍ତ୍ତା ପଚାରିଥିଲେ ରାଜ୍ୟରେ ନୂତନ ଶିଳ୍ପ ପ୍ରତିଷ୍ଠା ଲାଗି ସରକାର ଇଡ୍‌କୋ ଜରିଆରେ ଲ୍ୟାଣ୍ଡ ବ୍ୟାଙ୍କ ସୃଷ୍ଟି କରୁଛନ୍ତି। ଏହି ଯୋଜନାରେ ଭିତରକନିକା ନିକଟସ୍ଥ ଡାଙ୍ଗମାଳ, ଖମାରସାହି, ବଗପାଟିଆ ଓ ପେଣ୍ଠ ବେଳାଭୂମି ନିକଟରେ ପରିବେଶ ଅନୁକୂଳ ଇକୋ କଟେଜ୍, ରିସର୍ଟ ପ୍ରତିଷ୍ଠା ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି।

ମନ୍ତ୍ରୀ କହିଛନ୍ତି, ରାଜ୍ୟ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ଲ୍ୟାଣ୍ଡ ବ୍ୟାଙ୍କ କାଟେଗୋରି-ଏ ଅଧୀନରେ ଭିତରକନିକା ନିକଟସ୍ଥ ଖମାରସାହିଠାରେ ୨୩.୨୯ ଏକର ଓ ଦୁର୍ଗାପ୍ରସାଦଠାରେ ୮.୧୪ ଏକର ଜମି ଚିହ୍ନଟ କରାଯାଇ ଏହାର ଲିଜ୍ ପାଇଁ ଇଡ୍‌କୋ ତରଫରୁ ଜିଲା କର୍ତ୍ତୃପକ୍ଷଙ୍କୁ ଆବେଦନ କରାଯାଇଛି। ଏହାଛଡ଼ା ପର୍ଯ୍ୟଟନ ବିଭାଗ ତରଫରୁ ଭିତରକନିକା ମାଷ୍ଟର ପ୍ଲାନ୍ ମାଧ୍ୟମରେ ଉକ୍ତ ଅଞ୍ଚଳର ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ କରିବା ସହ ପେଣ୍ଠ ବେଳାଭୂମି ନିକଟରେ ଥିବା ସରକାରୀ ଜମିଗୁଡ଼ିକର ବିକାଶ ନିମନ୍ତେ ପ୍ରୟାସ କରାଯାଇଛି। ଅତିରିକ୍ତ ପ୍ରଶ୍ନରେ ବିଧାୟକ ନାଉରୀ ନାୟକ, ପ୍ରଶାନ୍ତ ବେହେରା, ତାରା ପ୍ରସାଦ ବାହିନୀପତି, ସୁଧାଂଶୁ ଶେଖର ପରିଡ଼ା, କୁସୁମ ଟେଟେ, ଅମର ଶତପଥୀ ପ୍ରମୁଖ ରାଜ୍ୟରେ ଶିଳ୍ପ ସ୍ଥାପନ ଓ କୋଣାର୍କ ଝୋଟକଳ ସମେତ ବନ୍ଦ ହୋଇଥିବା ଶିଳ୍ପର ପୁନରୁଦ୍ଧାର ପାଇଁ ସରକାର କି ପଦକ୍ଷେପ ନେଉଛନ୍ତି ବୋଲି ପଚାରିଥିଲେ। ମନ୍ତ୍ରୀ କହିଥିଲେ, ବିଧାୟକମାନେ ନିଜ ଅଞ୍ଚଳରେ ଶିଳ୍ପ ପାଇଁ ପ୍ରସ୍ତାବ ଦେଲେ ତା' ଉପରେ ସରକାର ବିଚାର କରିବେ। କେବଳ ଦାବି କଲେ ହେବନାହିଁ, ନିଜ ନିର୍ବାଚନ ମଣ୍ଡଳୀରେ ଜମି ଅଧିଗ୍ରହଣରେ ଯେପରି ସମସ୍ୟା ନ ହେବ ସେଥିପ୍ରତି ଦୃଷ୍ଟି ଦେବାକୁ ହେବ। ଏହା ହେଲେ ଶିଳ୍ପ ପ୍ରତିଷ୍ଠା ପାଇଁ ବିଭାଗ ପଦକ୍ଷେପ ନେବ। କୋଣାର୍କ ଝୋଟକଳ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଘରୋଇ ସଂସ୍ଥାକୁ ବିକ୍ରି କରିଦିଆଯାଇଛି। ତା' ଉପରେ ରାଜ୍ୟ ସରକାରଙ୍କର କିଛି କରିବାର ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

### ଅଧିଗ୍ରହଣ କରି ଲ୍ୟାଣ୍ଡ ବ୍ୟାଙ୍କ ସୃଷ୍ଟି କରିବ ଇଡ୍‌କୋ

## ଆଜି ବ୍ୟୟ ମଞ୍ଜୁରୀ ବିଲ୍

ଭୁବନେଶ୍ୱର,୨୯।୭(ବ୍ୟୁରୋ)

୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଶନିବାର ବିଧାନସଭାରେ ବ୍ୟୟ ମଞ୍ଜୁରୀ ବିଲ୍ ଆଗତ ହେବ। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଗୃହର ଅନୁମୋଦନ ପାଇଁ ଏହାକୁ ବିଧାନସଭାରେ ଉପସ୍ଥାପନ କରିବେ।

ରାଜ୍ୟ ସରକାର ଚଳିତ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ ପ୍ରସ୍ତୁତ କରିଛନ୍ତି। ଜୁଲାଇ ୨ରେ ଏହାକୁ ଅର୍ଥମନ୍ତ୍ରୀ ବିଧାନସଭାରେ ଉପସ୍ଥାପନ କରିଛନ୍ତି। ୨୦୨୧-୨୨ ଆର୍ଥିକ ବର୍ଷ ତୁଳନାରେ ଚଳିତ ବଜେଟ ୧୭.୬% ବୃଦ୍ଧି ପାଇଛି। ଚଳିତ ଆର୍ଥିକ ବର୍ଷରେ ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦ(ଜିଏସ୍‌ଡିପି)ର ଅଭିବୃଦ୍ଧି ହାର ୮ରୁ ୮.୫% ରହିବା ନେଇ ଆକଳନ କରାଯାଇଛି। ବଜେଟରେ ରାଜସ୍ୱ ବଳକା ଜିଏସ୍‌ଡିପିର ୨.୫ ପ୍ରତିଶତ ଓ ବିତ୍ତୀୟ ନିଅଣ୍ଟ ୩ ପ୍ରତିଶତ ମଧ୍ୟରେ ରହିବା ନେଇ ଆକଳନ କରାଯାଇଛି। ତେବେ ରାଜ୍ୟର ଋଣଭାର ୧.୧୨ ଲକ୍ଷ କୋଟି ଛୁଇଁବା ନେଇ ଅନୁମାନ କରାଯାଇଛି।

## ସଂକ୍ଷେପରେ

### ଜାତିଆଣ ମନ୍ତବ୍ୟ: ବର୍ଷାଙ୍କୁ ଦିଲ୍ଲୀ ପୋଲିସର ସମନ

ନୂଆଦିଲ୍ଲୀ/କଟକ ଅଫିସ,୨୯।୭: ଓଡ଼ିଆ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଓ ତାଙ୍କ ସ୍ୱାମୀ ଅନୁଭବ ମହାନ୍ତିଙ୍କ ମଧ୍ୟରେ ପାରିବାରିକ ବିବାଦ ଅଦାଲତଙ୍କ ବିଚାରାଧୀନ ଥିବାବେଳେ ବର୍ଷା ଆଉ ଏକ ଅଡୁଆର ସମ୍ମୁଖୀନ ହୋଇଛନ୍ତି। ଏମ୍‌ପି ଅନୁଭବଙ୍କ କର୍ମଚାରୀଙ୍କ ପ୍ରତି ଜାତିଆଣ ମନ୍ତବ୍ୟ ଦେବା ଅଭିଯୋଗରେ ଦିଲ୍ଲୀ ପୋଲିସ ବର୍ଷାଙ୍କୁ ସମନ ଜାରି କରିଛି। ଏହି ମାମଲାରେ ବର୍ଷାଙ୍କ ସମେତ ତାଙ୍କ ମାଆ ଏବଂ ଝିଆରୀଙ୍କୁ ମଧ୍ୟ ସମନ ଜାରି କରାଯାଇଥିବା ଜଣାପଡ଼ିଛି। ୨୦୧୯ ଜୁଲାଇରେ ବର୍ଷା ଦିଲ୍ଲୀରେ ଅନୁଭବଙ୍କ ରୋଷେୟାଙ୍କୁ ତାଙ୍କ ଜାତି ନାଁ ନେଇ ଗାଳିଗୁଲଜ କରିଥିଲେ। ଚଳିତ ମାସରେ ଦିଲ୍ଲୀ ପୋଲିସ ଅଭିନେତ୍ରୀଙ୍କ ବିରୋଧରେ ଅନୁସୂଚିତ ଜାତି/ଜନଜାତି ଆଇନରେ ମାମଲା ରୁଜୁ କରିଥିଲା। ଉକ୍ତ ମାମଲାରେ ଗତ ୨୫ ତାରିଖରେ ଦିଲ୍ଲୀ ପୋଲିସର ଏକ ଟିମ୍ କଟକ ଆସିଥିଲେ। ତେବେ ପୁରୀଘାଟ ପୋଲିସ ସହଯୋଗ ନ କରିବାକୁ ସେମାନେ ଫେରିଯାଇଥିଲେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି।

# ଦେଶର ୮ଗ୍ରାମ ମଧ୍ୟରେ ଓଡ଼ିଶାର ରଘୁରାଜପୁର



### ପର୍ଯ୍ୟଟନ ସହ ବୟନ ଶିଳ୍ପର ସଂଯୋଗୀକରଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୯।୭(ବ୍ୟୁରୋ)

ଦେଶର ପ୍ରମୁଖ ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ହସ୍ତଶିଳ୍ପ କ୍ଲଷ୍ଟରରେ ସଂଯୁକ୍ତ କରାଯାଇଛି। ହସ୍ତଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ 'ପର୍ଯ୍ୟଟନ ସହିତ ବୟନ ଶିଳ୍ପ ସଂଯୋଗୀକରଣ' କାର୍ଯ୍ୟକ୍ରମ ଅଧୀନରେ ଭିତ୍ତିଭୂମି ସହାୟତା ପ୍ରଦାନ କରାଯାଉଛି। ଏଥିପାଇଁ ଦେଶର ୮ଟି ଗ୍ରାମକୁ ଚୟନ କରାଯାଇଥିବାବେଳେ ଏଥି ମଧ୍ୟରେ ଓଡ଼ିଶାର ଶିଳ୍ପଗ୍ରାମ ରଘୁରାଜପୁର ରହିଛି। ଅନ୍ୟ ଗ୍ରାମଗୁଡ଼ିକ ହେଲା ଆନ୍ଧ୍ର ପ୍ରଦେଶର ତିରୁପତି, ଗୁଜରାଟର ବଦାଜ୍, ଉତ୍ତରପ୍ରଦେଶର ନୈନୀ, କର୍ନାଟକର ଆନେଗୁଣ୍ଡି, ତାମିଲନାଡୁର ମହାବଳୀପୁରମ୍, ଉତ୍ତର ପ୍ରଦେଶର ତାଜ୍ ଗଞ୍ଜ ଓ ରାଜସ୍ଥାନର ଆମେର। ଏସବୁ ଗ୍ରାମର ସାମଗ୍ରିକ ବିକାଶ ସହ ଶିଳ୍ପ ଓ ପର୍ଯ୍ୟଟନର ପ୍ରଚାର ପ୍ରସାର ଏକସଙ୍ଗେ କରାଯିବ।

ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ପୁରୀ ଜିଲାର ରଘୁରାଜପୁର ପଟ୍ଟଚିତ୍ର, ହସ୍ତଶିଳ୍ପ ଓ ଐତିହ୍ୟ ଗ୍ରାମ ଭାବେ ସୁଖ୍ୟାତି ଅର୍ଜନ କରିଛି। ଏବେ ଏଠାରେ ପର୍ଯ୍ୟଟନ ସହ ଶିଳ୍ପର ଏକତ୍ର ପ୍ରଚାର ପ୍ରସାର କରାଯିବ। ହସ୍ତଶିଳ୍ପକୁ କାରିଗରଙ୍କ ନିମନ୍ତେ ଏକ ସ୍ଥାୟୀ ତଥା ଲାଭଦାୟକ ଜୀବିକା ନିର୍ବାହର ବିକଳ୍ପ ରୂପରେ ବିକଶିତ କରିବ। ଏହାଦ୍ୱାରା ଦେଶର ସମୃଦ୍ଧ କାରିଗରି ଐତିହ୍ୟର ସୁରକ୍ଷା ହେବ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସାରା ଦେଶରେ ପ୍ରାୟ ୧,୦୦୦ କାରିଗର ପ୍ରତ୍ୟକ୍ଷ ଲାଭ ପାଇବେ। ଏଥିସହ ପର୍ଯ୍ୟଟକମାନଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବ ବୋଲି ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପକ୍ଷରୁ ସୂଚନା ଦିଆଯାଇଛି।

# ଇଞ୍ଜେକ୍ସନ ନେଇ ୨୦ ରୋଗୀ ଗୁରୁତର

### ତଦନ୍ତ ପାଇଁ କମିଟି ଗଠନ: ଅଧୀକ୍ଷକ

ବ୍ରହ୍ମପୁର ଅଫିସ,୨୯।୭

ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ମେଡିସିନ ବିଭାଗର ୟୁନିଟ -୧ ଓ ୟୁନିଟ -୨ରେ ଚିକିତ୍ସିତ ହେଉଥିବା ୨୦ଜଣ ରୋଗୀ ଇଞ୍ଜେକ୍ସନ ନେବା ପରେ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ଚିକିତ୍ସା ପରେ ସମସ୍ତେ ସୁସ୍ଥ ହୋଇଥିଲେ ମଧ୍ୟ କେଉଁ ପରିସ୍ଥିତିରେ ଏଭଳି ଘଟିଲା ସେ ନେଇ ନାନା ଚର୍ଚ୍ଚା ଚାଲିଛି। ଅନ୍ୟପଟେ ଏମକେସିଜି କର୍ତ୍ତୃପକ୍ଷ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ରୋଗୀଙ୍କୁ ଦିଆଯାଇଥିବା ଇଞ୍ଜେକ୍ସନର ନମୁନା ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯିବ।

ପ୍ରକାଶ ଯେ, ଏମ୍‌କେସିଜି ମେଡିସିନ ବିଭାଗ ପୁରୁଷ ୱାର୍ଡରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କୁ ନର୍ସ ଇଞ୍ଜେକ୍ସନ ଦେଇଥିଲେ। ଇଞ୍ଜେକ୍ସନ ନେବା ପରେ ୨୦ରୁ ଅଧିକ ରୋଗୀ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ସେମାନେ ଜୋର୍‌ରେ ଥରିବାକୁ ଲାଗିଥିଲେ। ଯାହାକୁ ନେଇ ରୋଗୀଙ୍କ ସମ୍ପର୍କୀୟମାନେ ଭୟଭୀତ ହୋଇ କ'ଣ ହେଲା ବୋଲି ପାଟି କରିଥିଲେ। ସେଠାରେ ଥିବା ଡାକ୍ତର ଓ ନର୍ସମାନେ ଯାଇ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରିଥିଲେ। ପରେ ରୋଗୀଙ୍କୁ ଅନ୍ୟ ଦୁଇଟି ଇଞ୍ଜେକ୍ସନ ଦିଆଯିବାରୁ ସେମାନେ ସୁସ୍ଥ ହୋଇଥିଲେ। ଖବରପାଇ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଡା. ରୀନା ମହାନ୍ତି, ଏମକେସିଜି ମେଡିକାଲ ଅଧୀକ୍ଷକ ପ୍ରାଧ୍ୟାପକ ଡା. ସନ୍ତୋଷ କୁମାର ମିଶ୍ର ଉକ୍ତ ୱାର୍ଡରେ ପହଞ୍ଚି ସ୍ଥିତି ତଦାରଖ କରିଥିଲେ। ରୋଗୀଙ୍କୁ ଦିଆଯାଇଥିବା ସେଫ୍ରିଆଜୋନ ଇଞ୍ଜେକ୍ସନ ଯୋଗୁ ଏପରି ହୋଇଥିବା ସନ୍ଦେହ କରାଯାଉଛି। ଭୁବନେଶ୍ୱରରେ ନମୁନା ପରୀକ୍ଷା କରାଯିବ ବୋଲି ଅଧୀକ୍ଷକ କହିଥିଲେ। ସେହିପରି ଷ୍ଟୋର ରୁମ୍‌ରେ ଥିବା ଅନ୍ୟ ୪୮୦ଟି ଇଞ୍ଜେକ୍ସନ ଅନ୍ୟ କୌଣସି ରୋଗୀଙ୍କୁ ନ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିବା ସେ ସୂଚନା ଦେଇଥିଲେ। ଏହି ଘଟଣା ପରେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ. ଏମକେସିଜିରେ ପହଞ୍ଚି ଅଧ୍ୟକ୍ଷ ତଥା ଡିନ ପ୍ରାଧ୍ୟାପକ ଡା. ଅବନୀକାନ୍ତ ମିଶ୍ରଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳାଇ, ଡେପୁଟି ମେୟର ମଧ୍ୟ ୱାର୍ଡରେ ପହଞ୍ଚି ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ଏମକେସିଜି ଅଧୀକ୍ଷକ କହିଛନ୍ତି, ମେଡିକାଲକୁ ଆସିଥିବା ଗୋଟିଏ ବ୍ୟାଚର ୩୦୦୦ ସେଫ୍ରିଆଜୋନ ଇଞ୍ଜେକ୍ସନ ମଧ୍ୟରୁ ୨ହଜାରରୁ ଅଧିକ ଇଞ୍ଜେକ୍ସନ ବିଭିନ୍ନ ରୋଗୀଙ୍କୁ ଦିଆଯାଇସାରିଛି। ପୂର୍ବରୁ କାହାରି ଶରୀରରେ ପାର୍ଶ୍ୱପ୍ରତିକ୍ରିୟା ଦେଖା ଯାଇନାହିଁ। ତେବେ ଶୁକ୍ରବାର ରୋଗୀଙ୍କୁ ଉକ୍ତ ଇଞ୍ଜେକ୍ସନ ଦେବା ପରେ ସେମାନଙ୍କ କମ୍ପ ହୋଇଥିଲା। ଅଭିଯୋଗ ପରେ ଘଟଣାର ତଦନ୍ତ ପାଇଁ ଡାକ୍ତରୀ ଟିମ୍, ନର୍ସିଂ ଅଫିସର ଓ ହସ୍ପିଟାଲ ମ୍ୟାନେଜରଙ୍କୁ ନେଇ ଏକ କମିଟି ଗଠନ ହୋଇଛି ବୋଲି ଅଧୀକ୍ଷକ ମିଶ୍ର କହିଛନ୍ତି।



ଇଞ୍ଜେକ୍ସନ୍ ନେଇଥିବା ରୋଗୀଙ୍କ ପାଖରେ ସମ୍ପର୍କୀୟମାନେ।

# ମହାନଦୀରେ ଛତିଶଗଡ଼ରୁ ଓଡ଼ିଶାକୁ ଭାସି ଆସିଲେ ବୃଦ୍ଧା

### ଜୀବନ୍ତ ଉଦ୍ଧାର କଲେ ମତ୍ସ୍ୟଜୀବୀ

ଝାରସୁଗୁଡ଼ା ଅଫିସ, ୨୯।୭

ଛତିଶଗଡ଼ରୁ ମହାନଦୀରେ ଓଡ଼ିଶାକୁ ଭାସିଆସିଥିବା ଜଣେ ବୃଦ୍ଧାଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଛି। ସେ ହେଲେ ଛତିଶଗଡ଼ ରାୟଗଡ଼ ଜିଲା ସିରିଆ ଥାନା ଅଧିନ ପଞ୍ଚଧାର ଗ୍ରାମର ସୁମିତ୍ରା ମାଳୀ(୭୦)। ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅଧିନ ମହୁଲପାଲି ବ୍ରିଜ୍‌ରେ ସୁମିତ୍ରା ଲାଗି ରହିଥିବାବେଳେ ଶୁକ୍ରବାର ସକାଳ ୬ଟାରେ ମତ୍ସ୍ୟଜୀବୀମାନେ ଖବରପାଇ ତାଙ୍କୁ ଉଦ୍ଧାର କରିଥିଲେ। ଏସମ୍ପର୍କରେ ମତ୍ସ୍ୟଜୀବୀମାନେ ବୃଦ୍ଧାଙ୍କ ପରିବାର ଲୋକଙ୍କୁ ଖବର ଦେଲା ପରେ ତାଙ୍କ ପୁଅମାନେ ଆସି ତାଙ୍କୁ ଘରକୁ ନେଇଯାଇଛନ୍ତି। ଏବେ ସେ ସୁସ୍ଥ ରହିଥିବା ପରିବାର ସୂତ୍ରରୁ ଜଣାପଡିଛି। ଏସମ୍ପର୍କରେ ଉଦ୍ଧାର ହୋଇଥିବା ବୃଦ୍ଧା ଜଣଙ୍କ କହିଛନ୍ତି, ସେ ଗୁରୁବାର ସନ୍ଧ୍ୟାରେ ପଡ଼ିଗାଁ ଝିଅ ଘରକୁ ଯାଉଥିବାବେଳେ ସୁରଜଗଡ଼ସ୍ଥିତ ବ୍ରିଜ୍ ଉପରୁ ଅସାବଧାନତା ବଶତଃ ତଳକୁ ଖସିପଡ଼ିଥିଲେ। ଫଳରେ ମହାନଦୀର ବନ୍ୟାଜଳରେ ୧୫କିଲୋମିଟର ଭାସିଆସି ଓଡ଼ିଶାର ତଳମୁଣ୍ଡରେ ଥିବା ମହୁଲପାଲି ବ୍ରିଜ୍‌ରେ ଲାଗିଥିଲେ। ଶୁକ୍ରବାର ସକାଳେ ନଦୀରେ ମାଛ ମାରୁଥିବାବେଳେ ମତ୍ସ୍ୟଜୀବୀମାନେ ମହୁଲପାଲି ବ୍ରିଜ୍‌ତଳେ ଜଣେ ମଣିଷର ଡାକ ଶୁଣିବାକୁ ପାଇଥିଲେ। ହେଲେ ସେମାନେ ପ୍ରଥମେ ଡରିଯାଇ ସେଠାକୁ ଯିବାକୁ ସାହସ କରି ନ ଥିଲେ। ପରେ ମହୁଲପାଲି ଗ୍ରାମର ମତ୍ସ୍ୟଜୀବୀ ଚିନ୍ତାମଣି ମାଝି ନିଜ ମଧ୍ୟରେ ସାହାସ ଜୁଟାଇ ଅନ୍ୟଜଣେ ମତ୍ସ୍ୟଜୀବୀ ଲକ୍ଷ୍ମଣଙ୍କୁ ସାଙ୍ଗରେ ଧରି ନଦୀର ପ୍ରଖର ସ୍ରୋତରେ ଡଙ୍ଗାଧରି ବ୍ରିଜ୍ ନିକଟରେ ପହଞ୍ଚିଥିଲେ। ବ୍ରିଜ୍‌ର ୧୬ନଂ. ଖମ୍ବରେ ଲାଗିଥିବା ବୃଦ୍ଧାଙ୍କୁ ଡ଼ଙ୍ଗାରେ ଉଦ୍ଧାର କରି କୂଳକୁ ଆଣିଥିଲେ। ତା'ପରେ ତାଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରିଥିଲେ। ଏହି ଖବର ପ୍ରଚାର ହେବାପରେ ଉଦ୍ଧାରକାରୀ ମତ୍ସ୍ୟଜୀବୀଙ୍କୁ ବିଭିନ୍ନ ସଙ୍ଗଠନ ତରଫରୁ ପ୍ରଶଂସା କରାଯାଇଛି। ପ୍ରକାଶ ଯେ, କିଛି ବର୍ଷ ତଳେ ସୋନୀ ଯାଦବ ନାମ୍ନୀ ଜଣେ ଯୁବତୀ ମଧ୍ୟ ମହାନଦୀରେ ଛତିଶଗଡ଼ରୁ ଓଡ଼ିଶାକୁ ଭାସି ଆସିଥିବାବେଳେ ମତ୍ସ୍ୟଜୀବୀମାନେ ଉଦ୍ଧାର କରିଥିଲେ। ଜଣେ ମତ୍ସ୍ୟଜୀବୀ ତାଙ୍କୁ ଝିଅଭଳି ପାଳି ପୁଣି ଛତିଶଗଡ଼ରେ ଜଣେ ଯୁବକଙ୍କୁ ବିବାହ ଦେଇଥିଲେ।



ନଦୀରୁ ଉଦ୍ଧାର ପରେ ବୃଦ୍ଧାଜଣଙ୍କ ନଦୀ କୂଳରେ ଭିଜିଯାଇଥିବା ଅବସ୍ଥାରେ ଛିଡ଼ା ହୋଇଛନ୍ତି।

# କଲ୍ୟାଣସିଂହପୁରରେ ଝାଡ଼ାବାନ୍ତିରେ ୮ ଆକ୍ରାନ୍ତ

ରାୟଗଡ଼ା ଅଫିସ,୨୯।୭

ରାୟଗଡ଼ା ଜିଲା କାଶୀପୁର ବ୍ଲକରେ କଲେରା ନିୟନ୍ତ୍ରଣକୁ ଆସି ନ ଥିବାବେଳେ ନିକଟସ୍ଥ କଲ୍ୟାଣସିଂହପୁର ବ୍ଲକରେ ଝାଡ଼ାବାନ୍ତି ବ୍ୟାପିଲାଣି। ବୁଡ଼ାଗୁଡ଼ା ପଞ୍ଚାୟତରୁ ୮ ଜଣ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ସୁସ୍ଥ ହୋଇଛନ୍ତି। ସେହିପରି ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ଏବଂ ସିକରପାଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୬ ଜଣ ଚିକିତ୍ସାଧୀନ ଅଛନ୍ତି।

ଗୁରୁତୁଲୀ ଗାଁର ଲକି କୁଲେସିକା(୬୦) ପ୍ରଥମେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ସିକରପାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଚିକିତ୍ସା ପରେ ସେ ସୁସ୍ଥ ହୋଇ ଫେରିଥିଲେ। ଏହାପରେ ତାଙ୍କ ବୋହୂ ବାସନ୍ତୀ(୨୭) ଝାଡ଼ାବାନ୍ତିରେ ଗୁରୁତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ସେହିପରି ସିକରପାଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଆକ୍ରାନ୍ତଙ୍କ ମଧ୍ୟରେ ଗୁରୁତୁଲୀ ଗାଁର ମୁତୁଲି କାଡ୍ରାକା(୬୦), ସଦାନନ୍ଦ ନିସିକା(୨୦), ସନମା ନାୟକ(୪୦), ଭୁବନ ଗୌଡ଼(୩୦), ବେଲକଣା ଗାଁର ଗିରଞ୍ଜାଲି ନାୟକ (୧୧), କୃଷ୍ଣନଗରରୁ ବିଶ୍ୱନାଥ କାଲକା(୫୦) ରହିଛନ୍ତି। ବାରମ୍ବାର ଝାଡ଼ାବାନ୍ତି ହେବାରୁ ଏମାନଙ୍କୁ ଗୁରୁବାର ସନ୍ଧ୍ୟାରେ ସିକରପାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ଗୁରୁତୁଲୀ ଗ୍ରାମରୁ ୮ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ସୂଚନା ପାଇ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟଟିମ୍ ଗାଁରେ ପହଞ୍ଚିଥିବା ଜଣାପଡ଼ିଛି। ଏ ନେଇ ସିଡିଏମ୍‌ଓ ଲାଲମୋହନ ରାଉତରାୟଙ୍କୁ ପଚାରିବାରୁ ୮ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ସ୍ୱୀକାର କରିବା ସହ ଡାକ୍ତରଖାନାରେ ଆକ୍ରାନ୍ତଙ୍କ ଚିକିତ୍ସା ଚାଲିଥିବା କହିଛନ୍ତି।




# ଭୁବନେଶ୍ୱରରେ ମୋ ଇ-ବସ୍, ଇ-ରିକ୍ସା ସେବା ଆରମ୍ଭ

## ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

- ପ୍ରଥମ ପର୍ଯ୍ୟାୟରେ ଗଡ଼ିଲା ୧୦ ଇ-ବସ, ୫୦ ଇ-ରିକ୍ସା
- ବସ୍‌ରେ ୫୦% ମହିଳା, ରିକ୍ସାରେ ଶତପ୍ରତିଶତ ମହିଳା ଓ କିନ୍ନର ନିଯୁକ୍ତ

ଭୁବନେଶ୍ୱର, ୨୯।୭(ବ୍ୟୁରୋ)

ଭୁବନେଶ୍ୱରରେ ମୋ ଇ-ବସ୍ ଓ ମୋ ଇ-ରାଇଡ୍ (ଇ-ରିକ୍ସା) ସେବା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏୟାରପୋର୍ଟ ରୋଡ୍ ନବୀନ ନିବାସ ସମ୍ମୁଖରୁ ଏହି ସେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ବିଦ୍ୟୁତ୍ ଦ୍ୱାରା ଚାର୍ଜ ହେଉଥିବା ତଥା ବ୍ୟାଟେରି ଚାଳିତ ଉଭୟ ଇ-ବସ୍ ଓ ଇ-ଅଟୋ ବାୟୁ ଏବଂ ଶବ୍ଦ ପ୍ରଦୂଷଣ ମୁକ୍ତ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସହରରେ ବାୟୁ ପ୍ରଦୂଷଣ କମ୍ କରିବା ପାଇଁ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଆରମ୍ଭ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୧୦ଟି ଇ-ବସ ଓ ୫୦ଟି ଇ-ରିକ୍ସା ଚଳାଚଳ କରିବ। ଆଗାମୀ ଦିନରେ ୫୦ଟି ଇ-ବସ ଚଳାଚଳ କରାଯିବାର ଲକ୍ଷ୍ୟ ରଖାଯାଇଛି। ଲିଙ୍ଗ ସମାନତା ଉପରେ ଗୁରୁତ୍ୱ ଦିଆଯାଇ କ୍ରୁଟ ପକ୍ଷରୁ ଇ-ବସ୍‌ରେ ଗାଇଡ୍ ଭାବରେ ୫୦ ପ୍ରତିଶତ ମହିଳା ଏବଂ ମୋ ଇ-ରିକ୍ସାରେ ଶତପ୍ରତିଶତ ମହିଳା ଓ କିନ୍ନରଙ୍କୁ ସାରଥୀ ଭାବରେ ନିଯୁକ୍ତି ଦିଆଯାଇଛି। ଅନ୍ୟାନ୍ୟ କାର୍ଯ୍ୟ ପାଇଁ ମଧ୍ୟ ମହିଳାଙ୍କ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରତ୍ୟେକ ବସରେ ୩୦ଟି ସିଟ୍ ରହିଥିବାବେଳେ ମହିଳାଙ୍କ ପାଇଁ ସଂରକ୍ଷିତ ଆସନଗୁଡ଼ିକୁ ଗୋଲାପି ରଙ୍ଗରେ ଚିହ୍ନିତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ଚାଳକମାନଙ୍କୁ ଚାବି ହସ୍ତାନ୍ତର କରିଥିଲେ।

ଇ-ବସ୍‌ଗୁଡ଼ିକ 'ମୋ ବସ୍'ର ୪ଟି ରୁଟ୍‌ରେ ହିଁ ଗତି କରିବ। ସମସ୍ତ ଇ-ବସ୍‌ରେ ଏସି ସୁବିଧା ରହିଛି। ଏହି ନୂତନ ସେବାର ଶୁଭାରମ୍ଭ ଉପଲକ୍ଷେ ସାଧାରଣ ଯାତ୍ରୀମାନେ ୨୯ରୁ ୩୧ ତାରିଖ ପର୍ଯ୍ୟନ୍ତ ବିନା ଟିକେଟ୍‌ରେ ପ୍ରଦୂଷଣ ବିହୀନ ଇ-ବସ୍ ଯାତ୍ରାର ଅନୁଭବ ନେଇପାରିବେ। ସେହିପରି ଏହି ସେବା ଦ୍ୱାରା ୫୦୦ରୁ ଉର୍ଦ୍ଧ୍ୱ ରୋଜଗାର ସୃଷ୍ଟି ହୋଇଥିବାବେଳେ ଆଗାମୀ ଦିନରେ ଆହୁରି ଅଧିକ ରୋଜଗାର ସୃଷ୍ଟି ହେବାର ସମ୍ଭାବନା ରହିଛି। ଇ-ବସ୍‌ର ଟିକେଟ ମୂଲ୍ୟ ସାଧାରଣ ଏସି ବସ୍ ଟିକେଟ୍ ମୂଲ୍ୟ ସହିତ ସମାନ ରହିଛି। ଯାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ବସ୍ ଟିକେଟ୍ ମୂଲ୍ୟରେ ରିହାତି ପୂର୍ବଭଳି ସମାନ ରହିଛି। ମୋ ଇ-ରିକ୍ସା ଭୁବନେଶ୍ୱରର ପଟିଆ, ପାତ୍ରପଡ଼ା ଓ ପୋଖରିପୁଟ ଅଞ୍ଚଳର ବିଭିନ୍ନ ରୁଟ୍‌ରେ ଗଡ଼ିବା ସହିତ ଏହାର ଟିକେଟ୍ ମୂଲ୍ୟ ଫ୍ଲାଟ୍ ୧୦ ଟଙ୍କା ରହିଛି। ଏ ସମ୍ପର୍କରେ ସୂଚନା ଦେଇ କ୍ରୁଟ୍ ମହାପ୍ରବନ୍ଧକ ଦୀପ୍ତି ମହାପାତ୍ର କହିଛନ୍ତି, ବର୍ତ୍ତମାନ ସମୟକୁ ଲକ୍ଷ୍ୟ କଲେ ବୈଦ୍ୟୁତିକ ଯାନର ଆବଶ୍ୟକତା ଅଧିକ ରହିଛି। କ୍ରୁଟ୍ ପକ୍ଷରୁ ନିଆଯାଉଥିବା ପ୍ରତ୍ୟେକଟି ପଦକ୍ଷେପଗୁଡ଼ିକ ସର୍ବଦା ଅଧିକ ଲୋକପ୍ରିୟତା ହାସଲ କରିଆସୁଛି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ବିଧାୟକ ଅନନ୍ତ ନାରାୟଣ ଜେନା, ବିଏମ୍‌ସି କମିଶନର ବିଜୟ ଅମୃତ କୁଲାଙ୍ଗେ, ମେୟର ସୁଲୋଚନା ଦାଶ, ଡେପୁଟି ମେୟର ମଞ୍ଜୁଲତା କହଁର ପ୍ରମୁଖ ଉପସ୍ଥିତ ଥିଲେ।






**ଗଞ୍ଜେଇ ଜବତ: ଜଣେ ଗିରଫ**

କୁଚିଣ୍ଡା,୨୯।୭(ଡି.ଏନ.ଏ.):କୁଚିଣ୍ଡା ଅବକାରୀ ବିଭାଗ ପକ୍ଷରୁ କୁଚିଣ୍ଡା ଥାନା ପତ୍ରାପାଲି ଗ୍ରାମରେ ଚଢ଼ାଉ କରାଯାଇ ଦେଢ କେଜି ଗଞ୍ଜେଇ ଜବତ ସହ ଏହି ଘଟଣାରେ ନବୀନ ସାହୁଙ୍କୁ ଗିରଫ କରାଯାଇଛି । ଅବକାରୀ ବିଭାଗ ନଂ୩୧ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୁଚିଣ୍ଡା ଏସଡିଜେଏମ କୋର୍ଟକୁ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବିଭାଗୀୟ ଇନ୍ସପେକ୍ଟର ପବିତ୍ର ମୋହନ ମାଝୀଙ୍କ ନେତୃତ୍ୱରେ ଏକ ଟିମ୍ ପତ୍ରାପାଲି ଗ୍ରାମର ନବୀନଙ୍କ ଘରେ ଚଢ଼ାଉ କରି ଗଞ୍ଜେଇ ଜବତ କରିଥିଲେ ।

## ସଂକ୍ଷେପରେ

### ଚିକିତ୍ସାଧୀନ ଅବସ୍ଥାରେ କଏଦୀ ମୃତ

ରାଉରକେଲା ଅଫିସ,୨୯।୭: ରାଉରକେଲା ସ୍ୱତନ୍ତ୍ର କାରାଗାରର ଜଣେ ବନ୍ଦୀଙ୍କର ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ରାତିରେ ମୃତ୍ୟୁ ହୋଇଛି। ମୃତକ ହେଲେ ବୀରମିତ୍ରପୁର ଥାନା ଅଞ୍ଚଳର ବିଶ୍ୱନାଥ ବଡ଼ାଇକ(୬୧)। ଏ ନେଇ ରଘୁନାଥପାଲି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୮୪।୨୨) ରୁଜୁ ହୋଇଛି। ସୂଚନା ଅନୁସାରେ, ଗତ ୩ ବର୍ଷ ତଳେ ବିଶ୍ୱନାଥ ଏକ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ୧୦ ବର୍ଷ ପାଇଁ ରାଉରକେଲା ସ୍ୱତନ୍ତ୍ର କାରାଗାରରେ ସଜା କାଟୁଥିଲେ। ଗତ ୬ ମାସ ତଳେ ବିଭିନ୍ନ ସମୟରେ ତାଙ୍କୁ ନିମୋନିଆ, ଥଣ୍ଡା ଜ୍ୱର ହେବାରୁ ଶରୀର ଅସୁସ୍ଥ ରହୁଥିଲା। ଗତ ଦୁଇଦିନ ତଳେ ବିଶ୍ୱନାଥଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍)ରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିଲା। ସେଠାରେ ରାତି ସାଢ଼େ ୯ଟାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି।

### ସାପ କାମୁଡ଼ାରେ ୨ଜଣଙ୍କ ମୃତ୍ୟୁ

କୁଚିଣ୍ଡା,୨୯।୭(ଡି.ଏନ.ଏ.): ବିଲରେ ଚାଷ କାମ କରୁଥିବା ସମୟରେ ସାପ କାମୁଡ଼ାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। କୁଚିଣ୍ଡା ଥାନା ତବଲାକଟା ଗ୍ରାମର ପାର୍ବତୀ ମାଝୀ(୫୭) ଗୁରୁବାର ଅପରାହ୍ନରେ ବିଲରେ ଚାଷ କାମ କରୁଥିବା ବେଳେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡି ଦେଇଥିଲା । ଶୁକ୍ରବାର ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ସେହିପରି ମହୁଲପାଲି ଥାନା (କୁ)ଜମନକିରା ଗ୍ରାମର ଶଙ୍କର ମଗର (୩୪) ଗୁରୁବାର ବିଲରେ ଚାଷ କାମ କରି ସନ୍ଧ୍ୟାରେ ଘରକୁ ଫେରିଥିଲେ । ରାତିରେ ଖାଇସାରି ଶୋଇଥିଲେ । ସକାଳୁ ସେ ବେହୋସ ହୋଇଥିବାର ଦେଖି ପରିବାର ଲୋକେ ତାଙ୍କୁ ଶୁକ୍ରବାର ସକାଳେ କୁଚିଣ୍ଡା ଡାକ୍ତରଖାନାକୁ ଆଣିଥିଲେ । ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ବିଲକୁ ଯାଇଥିବା ବେଳେ ତାଙ୍କୁ କୌଣସି ବିଷାକ୍ତ ସାପ କାମୁଡିଥିବା ପରିବାର ଲୋକେ କହିଛନ୍ତି । ଏ ନେଇ କୁଚିଣ୍ଡା ପୋଲିସ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରିଛି ।

### ଯୁଜୁମୁରା କଲେଜରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ପଡିଆବାହାଲ,୨୯।୭(ଡି.ଏନ.ଏ.): ସମ୍ବଲପୁର ଜିଲା ଯୁଜୁମୁରା କଲେଜରେ ଅଧକ୍ଷ ମନୋଜ କୁମାର ହୋତାଙ୍କ ଅଧକ୍ଷତାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଖେଳଶିକ୍ଷକ ଗୁରୁ ଚରଣ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧାପକ ହେମାଞ୍ଚଳ ମହାପାତ୍ର, ବିଜୟାନନ୍ଦ ପ୍ରଧାନ, ଡ. ପ୍ରୀତିଧାରା ପରିଜା, ପଦ୍ମନାଭ ସାମଲ ଉପସ୍ଥିତ ରହି ବିଭିନ୍ନ ପ୍ରକାରର ଚାରାରୋପଣ କରିଥିଲେ । ବୃକ୍ଷରୋପଣ କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଅନୁଷ୍ଠିତ ବନମହୋତ୍ସବ ସଭା କାର୍ଯ୍ୟରେ ମହାବିଦ୍ୟାଳୟର ଅଧକ୍ଷ ହୋତା ସଭାପତିତ୍ୱ କରିଥିଲେ । ଏହି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧାପିକା ଅଧାପକ ବନମହୋତ୍ସବର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିବା ସହିତ ପରିବେଶ ଉପରେ ବୃକ୍ଷର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ ।

# ହାତୀ ଭୟରେ ସ୍କୁଲ ଯାଉନାହାନ୍ତି ପିଲା

ନାକଟିଦେଉଳ,୨୯।୭(ଡି.ଏନ.ଏ.)

**ନାକଟିଦେଉଳ ବ୍ଲକ**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଜାମୁଯୋରୀ ପଞ୍ଚାୟତର ଉପାନ୍ତ ତଥା ବଣପାହାଡ଼ ଘେରା ଲୁବୁରୀ ଗ୍ରାମର ଛାତ୍ରୀଛାତ୍ରମାନେ ହାତୀ ଭୟରେ ନିକଟସ୍ଥ କୁଡ଼ାନାଳୀ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଯିବାକୁ ରାଜି ହେଉନାହାନ୍ତି । ଫଳରେ ବିଦ୍ୟାଳୟରେ ଉପସ୍ଥାନ ସଂଖ୍ୟା ବହୁତ କମ୍ ରହୁଥିବା ଦେଖିବାକୁ ମିଳିଛି । ପ୍ରକାଶ ଯେ, ସରକାର ଆବଶ୍ୟକତାଠାରୁ କମ୍ ଛାତ୍ରୀଛାତ୍ର ଥିବା ଦର୍ଶାଇ ଲୁବୁରୀ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରି ନିକଟସ୍ଥ କୁଡ଼ାନାଳୀ ସରକାରୀ ଉଚ୍ଚ ବିଦ୍ୟାଳୟ ସହିତ ମିଶ୍ରଣ କରିଛନ୍ତି । ତେବେ ଲୁବୁରୀ ଗ୍ରାମର ଚତୁଃପାର୍ଶ୍ୱରେ ବଣ ଜଙ୍ଗଲ ଘେରି ରହିଛି । ଏହି ଗ୍ରାମଠାରୁ କୁଡ଼ାନାଳୀର ଦୂରତା ପ୍ରାୟ ୨ କି.ମି. ହେବ । ଏହି ଅଞ୍ଚଳରେ ବର୍ଷ ସାରା ହାତୀ ଉପଦ୍ରବ ଲାଗି ରହିଥାଏ। ତେବେ ଗ୍ରାମରେ ଥିବା ପ୍ରାଥମିକ



ବନ୍ଦ ହୋଇ ଯାଇଥିବା ଲୁବୁରୀ ସରକାରୀ ପ୍ରାଥମିକ ବିଦ୍ୟାଳୟ ।

ବିଦ୍ୟାଳୟ ବନ୍ଦ ହୋଇଯିବାରୁ ବର୍ତ୍ତମାନ ୩୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ବାଧ ହୋଇ କୁଡ଼ାନାଳୀକୁ ପାଠ ପଢିବାକୁ ଯାଉଛନ୍ତି। ଗତ ୨୮ତାରିଖ ସନ୍ଧ୍ୟାରେ ଲୁବୁରୀ ଗ୍ରାମର ମଥୁରା ଦେହୁରୀ ନାମ୍ନୀ ଜଣେ ମହିଳା ଘର ବାଡ଼ି ପଟକୁ ଶୌଚ ହେବା ପାଇଁ ଯାଇଥିବା ବେଳେ ଏକ ଦନ୍ତା ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିଲେ । ଏହି ଘଟଣା ପରେ ଗ୍ରାମରେ କୋକୁଆ ଭୟ ଖେଳିଯାଇଛି । ଶୁକ୍ରବାର କୁଡ଼ାନାଳୀ ବିଦ୍ୟାଳୟରେ ଲୁବୁରୀ ଗ୍ରାମରୁ ଆସି ପଢୁଥିବା ଛାତ୍ରୀଛାତ୍ରଙ୍କ ଉପସ୍ଥାନ ବହୁତ କମ୍ ରହିଥିଲା । ଲୁବୁରୀ ଗ୍ରାମ ଠାରୁ କୁଡ଼ାନାଳୀ ପର୍ଯ୍ୟନ୍ତ ମାଟି ରାସ୍ତା ଥିବା ବେଳେ ରାସ୍ତା ପାର୍ଶ୍ୱ ଜଙ୍ଗଲରେ ଭରି ରହିଥିବାରୁ ହାତୀ ଆକ୍ରମଣ ଭୟରେ ଛୋଟ ଛୋଟ ଛୁଆଙ୍କୁ ସେମାନଙ୍କ ଅଭିଭାବକମାନେ ବିଦ୍ୟାଳୟକୁ ପଠାଇବାକୁ ଉଚିତ୍ ମଣୁନାହାନ୍ତି । ସୂଚନାଯୋଗ୍ୟ, ଗତ ୨ ବର୍ଷ ତଳେ କମ ସଂଖ୍ୟକ ପିଲା ଥିବାରୁ ଲୁବୁରୀ ପ୍ରାଥମିକ ବିଦ୍ୟାଳୟକୁ ସରକାର ବନ୍ଦ କରିଦେଇ ନିକଟସ୍ଥ କୁଡ଼ାନାଳୀ ଉଚ୍ଚ ବିଦ୍ୟାଳୟ ସହିତ ମିଶ୍ରଣ କରି ଦେଇଥିଲେ। ଏବେ ଏହି ଗ୍ରାମରେ ଛାତ୍ରୀଛାତ୍ରୀ ସଂଖ୍ୟା ଅଧିକ ହେଲାଣି । ତେବେ ବର୍ଷ ସାରା ହାତୀ ଉପଦ୍ରବ ଲାଗି ରହୁଥିବାରୁ ଗ୍ରାମର ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସରକାର ପୁର୍ନବାର ଉକ୍ତ ବିଦ୍ୟାଳୟକୁ କାର୍ଯ୍ୟକ୍ଷମ କରିବାକୁ ଦାବି ହେଉଛି । ଏନେଇ ଗ୍ରାମବାସୀ ଗତ ଏପ୍ରିଲ ମାସ ୪ ତାରିଖ ଦିନ ସମ୍ବଲପୁର ଜିଲାପାଳ ତଥା ଜିଲା ଶିକ୍ଷା ଅଧିକାରୀଙ୍କୁ ଭେଟି ହାତୀ ଭୟ ଏବଂ ନାଳ ଡ଼େଇଁ ଯିବାର ସମସ୍ୟା ସଂପର୍କରେ ଉଲ୍ଲେଖ କରି ଦାବିପତ୍ର ପ୍ରଦାନ କରିଥିଲେ । ତେବେ ଅଦ୍ୟାବଧି ପ୍ରଶାସନ ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ।

## ଗୋଲବଜାର ଛକରେ ଯୁବ କଂଗ୍ରେସର ବିକ୍ଷୋଭ


କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କ ଇସ୍ତଫା ଦାବି କରି ଯୁବ କଂଗ୍ରେସ କର୍ମୀମାନେ ଗୋଲବଜାର ଛକରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି

ସମ୍ବଲପୁର,୨୯।୭(ବ୍ୟୁରୋ)

**କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କ ଇସ୍ତଫା ଦାବି**

କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କ ଇସ୍ତଫା ଦାବି କରି ଯୁବ କଂଗ୍ରେସ କର୍ମୀମାନେ ଶୁକ୍ରବାର ରାତିରେ ଗୋଲବଜାର ଛକରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସୋନିଆ ଗାନ୍ଧୀଙ୍କ ସହ ହୋଇଥିବା ଅସଦାଚରଣ ଯୋଗୁ ଆନ୍ଦୋଳନକାରୀମାନେ ସ୍ମୃତିଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ସମ୍ବଲପୁର ଜିଲା ଯୁବ କଂଗ୍ରେସ ସଭାପତି ପ୍ଲାବନ ବହିଦାରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ଜିଲା କଂଗ୍ରେସ ଓ ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ସାମିଲ ଥିଲେ । ରାଜ୍ୟ ସଧାରଣ ସମ୍ପାଦକ ଆଶୁତୋଷ ସ୍ୱାଇଁ, ମୋହନ ସାହା, ଅଂଶୁମାନ ନନ୍ଦ, ନୀଳକଣ୍ଠ ମେସୁଆ, ସୁରଞ୍ଜିନି ବାରିକ, ଅଶ୍ୱିନୀ ପ୍ରଧାନ, ଯୋଗେଶ ବାଗ, ବିକାଶ ବେହେରା, ଦୀନବନ୍ଧୁ ପରିଡା, ମୋହମ୍ମଦ ଯୁବେର ପ୍ରମୁଖ ଉପସ୍ଥିତ ଥିଲେ ।

# ଲୋକବାଦ୍ୟ, ଲୋକନୃତ୍ୟ ଓ ଲୋକଗୀତରେ ଦୁଲୁକିବ ମଞ୍ଚ



ଶୁକ୍ରବାର ସମ୍ବଲପୁର ସାମ୍ବାଦିକ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମ୍ବଲପୁରୀ ଏକତା ମଞ୍ଚର କର୍ମକର୍ତ୍ତାମାନେ ଉତ୍ସବ ବିଷୟରେ ସୂଚନା ଦେଉଛନ୍ତି ।

ସମ୍ବଲପୁର,୨୯।୭(ବ୍ୟୁରୋ)

**ସମ୍ବଲପୁରୀ ଦିନ ପ୍ରସ୍ତୁତି ଶେଷ**
**■ ପାରମ୍ପରିକ ସମ୍ବଲପୁରୀ ପୋଷାକ ଫେଶନ ଶୋ ମନମୋହିବ**

ଆସନ୍ତା ଅଗଷ୍ଟ ୧ ତାରିଖରେ ହେବାକୁ ଥିବା ସମ୍ବଲପୁରୀ ଦିନ ଲାଗି ପ୍ରସ୍ତୁତି ଶେଷ ହୋଇଛି । ସମ୍ବଲପୁରୀ ଲୋକ ବାଦ୍ୟ, ଲୋକଗୀତ ଓ ଲୋକନୃତ୍ୟରେ ଗଙ୍ଗାଧର ମୁକ୍ତ ମଣ୍ଡପ ଦୁଲୁକିବ । ପାରମ୍ପରିକ ସମ୍ବଲପୁରୀ ପୋଷାକ ଫେଶନ ଶୋ ଦର୍ଶକଙ୍କ ମନ ମୋହିବ । ଏଥିସହ ହର ହର ଶମ୍ଭୁ ଗାୟିକା ଅଭି ଲିପସା ପଣ୍ଡାଙ୍କ ସଂଗୀତ କାର୍ଯ୍ୟକ୍ରମ ରହିଛି । ଶୁକ୍ରବାର ସାମ୍ବାଦିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମ୍ବଲପୁରୀ ଏକତା ମଞ୍ଚ କର୍ମକର୍ତ୍ତାମାନେ ଏହା କହିଛନ୍ତି । ସେମାନେ ଆହୁରି କହିଥିଲେ ଯେ, ସମ୍ବଲପୁରୀ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରାର ପ୍ରଚାର ପ୍ରଚାର ଲାଗି କାର୍ଯ୍ୟ କରିଥିବା ବ୍ୟକ୍ତି ବିଶେଷ ଡ. କ୍ରୀଷ୍ଣା ପଟେଲ, ଅରୁଣ ପ୍ରସନ୍ନ ସେଠ, ଦିଲିପ ବାଗ, ପ୍ରତୀକ ନାୟକ ଓ ଅଭିଲିପସା ପଣ୍ଡାଙ୍କୁ ସମ୍ମାନିତ କରାଯିବାକୁ ସ୍ଥିର ହୋଇଛି । ଉତ୍ସବ ପରିସରରେ ୧୦ଟି ଷ୍ଟଲ ରହିବ । ସେହି ଷ୍ଟଲରେ ସମ୍ବଲପୁରୀ ଖାଦ୍ୟ, ପୋଷାକ, ସମ୍ବଲପୁରୀ ଭାଷାର ବହିପତ୍ର ପ୍ରଭୃତି ପ୍ରଦର୍ଶିତ ହେବ । ଯାହାକି ଯୁବ ପିଢ଼ି ସମ୍ବଲପୁରୀ ଦିନର ବିଶେଷତ୍ୱ ଜାଣି ପାରିବେ । ଉତ୍ସବ ଦିନ ପୂର୍ବାହ୍ନ ୧୧ଟାରୁ ରାତି ୯ଟା ପର୍ଯ୍ୟନ୍ତ ବିବିଧ କାର୍ଯ୍ୟକ୍ରମ ହେବ । ଚିତ୍ରାଙ୍କନ, ରଙ୍ଗୋଲି , ଝୋଟି ଓ କୌତୁକ ବେଶ ପ୍ରତିଯୋଗିତା, କବିତା ପାଠୋତ୍ସବ କରାଯିବ । ସମ୍ବଲପୁର କଳାପରିଷଦ ଓ ରଙ୍ଗଫରୁଆ କଳାକାରଙ୍କ ସମେତ ସାଇ ଶିକ୍ଷା ପରିଷଦ, ଦୟାନନ୍ଦ ପ୍ଲେସ୍କୁଲ, ଦିଲ୍ଲୀ ପବ୍ଲିକ ସ୍କୁଲ, ବୈଦିକ ସ୍କୁଲ ,ବିକାଶ ସ୍କୁଲ ଏବଂ ସ୍ୱୟମ ସ୍କୁଲର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ । ଏଥିସହ ସହରର ବରିଷ୍ଠ ଚିତ୍ରଶିଳ୍ପୀମାନେ ଲାଇଭ ପେଣ୍ଟିଂ ୱାର୍କଶପ ଜରିଆରେ ଦର୍ଶକଙ୍କ ସମ୍ମୁଖରେ ପ୍ରଦର୍ଶିତ କରିବାକୁସ୍ଥିର କରାଯାଇଛି। ଅତିଥି ଭାବେ ସମ୍ବଲପୁର, ବରଗଡ଼, ଝାରସୁଗୁଡା ଓ ଦେବଗଡ ଜିଲାର ବିଧାୟକମାନେ ଯୋଗଦାନ କରିବାକୁ ସମ୍ମତି ଜଣାଇଛନ୍ତି। ଖବରଦାତା ସମ୍ମିଳନୀରେ ସମ୍ବଲପୁରୀ ଏକତା ମଞ୍ଚ ସଭାପତି ତଥା ଉତ୍ସବ ଆବାହକ ସମୀରରଞ୍ଜନ ବାବୁ, ଉପଦେଷ୍ଟା ତ୍ରିଲୋଚନ ତ୍ରିପାଠୀ, ସହ ଆବାହକ ସୂର୍ଯ୍ୟପ୍ରକାଶ ଗୁରୁ, କମଳଲୋଚନ ପଣ୍ଡା, ମନୋଜ ଚୌଧୁରୀ, ମୋହିତ କୁମାର ନାୟକ, ରାମଶଙ୍କର ମିଶ୍ର ଉତ୍ସବ ବିଷୟରେ ସୂଚନା ଦେଇଥିଲେ ।

# ଭୂତେଲ ସେକ୍ସନରେ ହାତୀ ମୃତ

ଜମନକିରା,୨୯।୭(ଡି.ଏନ.ଏ.)

**■ ଲୁଚେଇ ପୋତି ଦିଆଗଲା**
**■ ତଦନ୍ତ ଦାବି**

ବାମରା ବନ୍ୟପ୍ରାଣୀ ବନଖଣ୍ଡ ଅଧୀନସ୍ଥ ବଡରମା ବନାଞ୍ଚଳ ଭୂତେଲ ଫରେଷ୍ଟ ସେକ୍ସନରେ ଗୁରୁବାର ଏକ ମୃତ ହାତୀକୁ ତରବରିଆ ଭାବେ ପୋତି ଦିଆଯାଇଛି। ହାତୀ କେମିତି ମଲା ଜଣାପଡି ନ ଥିବା ବେଳେ ଏହି ଘଟଣାକୁ ଚପାଇ ଦେବା ପାଇଁ ବନବିଭାଗ ପକ୍ଷରୁ ପ୍ରୟାସ କରାଯାଇଥିବା ନେଇ ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି । ଏନେଇ ଅଧିକ ତଦନ୍ତ କରାଗଲେ ହାତୀ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପରିବେଶବିତ୍ ଏବଂ ପ୍ରାଣୀପ୍ରେମୀମାନେ କହିଛନ୍ତି। ସୂଚନାଯୋଗ୍ୟ, ଭୂତେଲ ସେକ୍ସନ ଜଙ୍ଗଲ ଭିତରେ ଏକ ହାତୀର ମୃତ୍ୟୁ ହୋଇଥିବା ଖବରପାଇ ଘଟଣାସ୍ଥଳକୁ ଡିଏଫଓ, ରେଞ୍ଜର, ଫରେଷ୍ଟର, ଫରେଷ୍ଟ ଗାର୍ଡ ପ୍ରମୁଖ ଯାଇ ହାତୀ ମରିଥିବା ସ୍ପଷ୍ଟ ହୋଇଥିଲେ। ପରେ ଲୁଚାଛପାରେ ମେଶିନ ସହାୟତାରେ ଗାତ ଖୋଳି ପୋତି ଦେଇଥିବା ଜଣାପଡିଛି। ବ୍ୟବଚ୍ଛେଦ ପାଇଁ ସବୁବେଳେ ଯେଉଁ ପ୍ରାଣୀ ଚିକିତ୍ସକଙ୍କୁ ବିଭାଗ ପକ୍ଷରୁ ଡକାଯାଇଥାଏ ସେମାନଙ୍କୁ ମଧ୍ୟ ଡକାଯାଇନାହିଁ। ଗତ କିଛି ଦିନ ପୂର୍ବରୁ ଏକ ଠିକାସଂସ୍ଥାର ଗାଡ଼ି ଧକ୍କାରେ ଗୁରୁତର ଆହତ ହୋଇଥିବା ହାତୀର ମୃତ୍ୟୁ ଘଟିଥିବା କେତେଜଣ କହୁଥିବା ବେଳେ ଦାନ୍ତ ପାଇଁ ଶିକାରୀ ଗୁଳିରେ ହାତ୍ୟର ମୃତ୍ୟୁ ଘଟିଥିବା କୁହାଯାଉଛି। ବନବିଭାଗର କୌଣସି ଅଧିକାରୀ ଫୋନ ଉଠାଉ ନ ଥିବାରୁ ମତାମତ ମିଳି ପାରି ନ ଥିବା ବେଳେ ହାତୀ ମୃତ୍ୟୁର ସଠିକ କାରଣ ଜଣାପଡିନାହିଁ। ତେବେ ପାରିପାର୍ଶ୍ୱିକ ସ୍ଥିତିରୁ ଶିକାରୀ ଗୁଳିରେ ହାତୀର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି । ଏହି ଘଟଣାର ତଦନ୍ତ କରାଯିବାକୁ ଦାବି ହେଉଛି ।

## ନୂତନ ଉପଜିଲାପାଳଙ୍କ ଯୋଗଦାନ

ସମ୍ବଲପୁର,୨୯।୭(ବ୍ୟୁରୋ)

ସମ୍ବଲପୁର ସଦର ଉପଜିଲାପାଳ ଭାବେ ଓଡିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ପ୍ରଭାସ ଡନସନା କାର୍ଯ୍ୟରେ ଯୋଗଦାନ କରିଛନ୍ତି । ଏହା ପୂର୍ବରୁ ସେ ବରଗଡ ଜିଲା ଉପଜିଲାପାଳ ଓ ସମ୍ବଲପୁର ଉନ୍ନୟନ ପ୍ରାଧିକରଣ କର୍ତ୍ତୃପକ୍ଷ ସଚିବ ଭାବେ ସଫଳତାର ସହ କାର୍ଯ୍ୟ କରିଛନ୍ତି।

## ବୋତଲରେ ଗଳା କାଟି ଯୁବକଙ୍କ ଆତ୍ମହତ୍ୟା

ରାଉରକେଲା ଅଫିସ,୨୯।୭

ରାଉରକେଲା ବନ୍ଧମୁଣ୍ଡା ଅଞ୍ଚଳର ଜଣେ ଯୁବକ ଏକ କାଚବୋତଲ ଖଣ୍ଡରେ ନିଜ ଗଳାକୁ କାଟି ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ହେଲେ ସୁରେନ୍ ବିନ୍ଧାଣି(୩୨)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୭।୨୨) ରୁଜୁ କରି ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ସୂଚନା ଅନୁସାରେ, ବନ୍ଧମୁଣ୍ଡା ଥାନା ଫୁଲବାରୀ ଅଞ୍ଚଳର ସାନ୍ତାଳବସ୍ତିର ସୁରେନ ରାଉରକେଲା ଇସ୍ପାତ କାରଖାନାରେ ଠିକା ଶ୍ରମିକ ଭାବେ କାମ କରନ୍ତି। ଗତ ୨୬ ତାରିଖରେ ଦେହ ଅସୁସ୍ଥ ହେବାରୁ ତାଙ୍କୁ ପରିବାର ଲୋକେ ଆରଜିଏଚ୍‌ରେ ଭର୍ତ୍ତି କରିଥିଲେ। ସୁରେନ ଗୁରୁବାର ରାତିରେ ଡାକ୍ତରଖାନାରୁ ଫେରି ଆସିଥିଲେ। ରାତିରେ ସେ ହାତରେ ବୋତଲ କାଚ ଖଣ୍ଡ ଧରି ତାଙ୍କ ମାମୁ ପୂର୍ଣ୍ଣ ଲୋହାର ଓ ଭାଇଙ୍କୁ ଆକ୍ରମଣ ଉଦ୍ୟମ କରିଥିଲେ। ପରିବାର ଲୋକେ ଘର କବାଟ ବନ୍ଦ କରିଥିବାରୁ ସେ ଉକ୍ତ କାଚ ଖଣ୍ଡରେ ନିଜ ଗଳାକୁ କାଟି ଆତ୍ମହତ୍ୟା କରିଥିଲେ। ଏ ସମ୍ପର୍କରେ ମୃତକଙ୍କ ଭାଇ ଜୀବନଙ୍କୁ ପଚାରିବାରୁ ସେ କହିଥିଲେ, ସୁରେନ ସାମାନ୍ୟ ମାନସିକ ବିକୃତ। ୩ ମାସ ତଳେ ସେ ମୋତେ ଏକ ଧାରୁଆ ଛୁରିରେ ଆକ୍ରମଣ କରିଥିଲେ। ମଝିରେ ମଝିରେ ଏଭଳି କରୁଥିବାରୁ ଆମେ ତାଙ୍କୁ ଆରଜିଏଚ୍‌ରେ ଭର୍ତ୍ତି କରିଥିଲୁ। ସେଠାରୁ ଖସି ଆସି ଗଳାକାଟି ଆତ୍ମହତ୍ୟା କରିଛନ୍ତି।

## ଟିପିଡବ୍ଲ୍ୟୁଓଡିଏଲ ମୁଖ୍ୟାଳୟଠାରେ ଜେଆରଡି ଟାଟାଙ୍କ ଜନ୍ମ ବାର୍ଷିକୀ


ଜେଆରଡି ଟାଟାଙ୍କ ଜନ୍ମବାର୍ଷିକୀ ଉତ୍ସବ ବୁର୍ଲାସ୍ଥିତ ମୁଖ୍ୟାଳୟଠାରେ ପାଳିତ ହୋଇଯାଇଛି ।

ସମ୍ବଲପୁର,୨୯।୭(ବ୍ୟୁରୋ)

ପଶ୍ଚିମ ଓଡିଶାର ବିଦ୍ୟୁତ ବିତରଣ ସଂସ୍ଥା ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ଜାହାଙ୍ଗିର ରତନଜୀ ଦାଦାଭୋଏ (ଜେଆରଡି) ଟାଟାଙ୍କ ୧୧୮ତମ ଜନ୍ମବାର୍ଷିକୀ ଉତ୍ସବ ଓ ନୈତିକତା ଦିବସ ବୁର୍ଲାସ୍ଥିତ ମୁଖ୍ୟାଳୟଠାରେ ପାଳିତ ହୋଇଯାଇଛି । କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଇଂ ଗଜାନନ କାଲେ ପ୍ରଦୀପ ପ୍ରଜ୍ୱଳନ କରି ମାଲ୍ୟାର୍ପଣ କରିଥିଲେ । ସମସ୍ତ ଟାଟା କମ୍ପାନୀ ସହ ଥିବା ବ୍ୟବସାୟିକ ପ୍ରତିଷ୍ଠାନଗୁଡିକରେ ଜେଆରଡି ଟାଟାଙ୍କ ଜନ୍ମ ଜୟନ୍ତୀ ପାଳନ କରାଯାଇଥାଏ । ଏହି ପରିପ୍ରେକ୍ଷୀରେ ଟିପିଡବ୍ଲ୍ୟୁଓଡିଏଲର ସମସ୍ତ ବରିଷ୍ଠ ଅଧିକାରୀମାନେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସେହିପରି ପଶ୍ଚିମ ଓଡିଶାସ୍ଥିତ ଟିପିଡବ୍ଲ୍ୟୁଓଡିଏଲର ବିଭିନ୍ନ କ୍ଷେତ୍ର କାର୍ଯ୍ୟାଳୟଗୁଡିକରେ ମଧ୍ୟ ଉତ୍ସବ ପାଳନ କରାଯାଇଛି ।

# କୋଶଲ ରାଜ୍ୟ ଦାବିରେ ୫୫ନଂ ଜାତୀୟ ରାଜପଥ ଅବରୋଧ

ରେଢାଖୋଲ,୨୯।୭(ଡି.ଏନ.ଏ.)

କୋଶଲ ରାଜ୍ୟ ଦାବି ନେଇ ଶୁକ୍ରବାର ରେଢାଖୋଲ ବ୍ଲକ ମୋଚିବାହାଲଠାରେ କୋଶଳ ମୁକ୍ତି ମୋର୍ଚ୍ଚା ପକ୍ଷରୁ ୨ ଘଣ୍ଟା ଧରି ୫୫ନଂ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଫଳରେ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଗାଡି ମୋଟର ଅଟକି ରହିଥିଲା। ପଶ୍ଚିମ ଓଡିଶା କୁ ରାଜ୍ୟ ସରକାର ବାରମ୍ବାର ଉପେକ୍ଷା କରୁଥିବା ନେଇ ସ୍ୱତନ୍ତ୍ର କୋଶଲ ରାଜ୍ୟ ଗଠନ ଏକମାତ୍ର ବିକଳ୍ପ ବୋଲି କୋଶଲ ମୁକ୍ତି ମୋର୍ଚ୍ଚାର ନେତାମାନେ ପ୍ରକାଶ କରିଥିଲେ। କୋଶଲ ମୁକ୍ତି ମୋର୍ଚ୍ଚାର ବଲାଙ୍ଗୀର ସଂଯୋଜକ ସୁଶିଲ ଗୁରୁ, ସୋନପୁର ସଂଯୋଜକ ନିତିନ ପ୍ରଧାନ, ଶ୍ରୀକାନ୍ତ ପ୍ରଧାନ ସଂଯୋଜକ ରେଢାଖୋଲ,କୋଶଲ ସେନାର ଅବିନାଶ ବିଶି, ବିରବଲ ମହାକୁଡ, ନରେନ୍ଦ୍ର ସେଠୀ,ଲିପନ କର୍ମୀ,ପପୁଲ ଛନ୍ଦ,ରକି ପ୍ରଧାନଙ୍କ ସମେତ ପଶ୍ଚିମ ଓଡିଶାର ବିଭିନ୍ନ ଅଞ୍ଚଳରୁ ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ବିକାଶ ବାର୍ତ୍ତା ପହଞ୍ଚାଇବା ବିଜୁଳି ମହୋତ୍ସବର ଲକ୍ଷ୍ୟ

କୁଚିଣ୍ଡା,୨୯।୭(ଡି.ଏନ.ଏ.)

ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଜୁଲାଇ ୨୫ରୁ ୩୦ତାରିଖ ପର୍ଯ୍ୟନ୍ତ ସମଗ୍ର ଭାରତବର୍ଷରେ ବିଜୁଳି ମହୋତ୍ସବ ପାଳନ ହେଉଛି। ଏନ୍‌ଟିପିସି, ଓପିଟିସିଏଲ୍ ଓ ଟିପିଡବ୍ଲ୍ୟୁଓଡିଏଲ୍‌ର ମିଳିତ ଆନୁକୂଲ୍ୟରେ ବୁଧବାର କୁଚିଣ୍ଡା ଟାଉନ ହଲଠାରେ ଉଜ୍ଜ୍ୱଳ ଭାରତ ଉଜ୍ଜ୍ୱଳ ଭବିଷ୍ୟତ ବିଜୁଳି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଦର୍ଲିପାଲି ଏନ୍‌ଟିପିସି ଏଜିଏମ୍ ରଶ୍ମିରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ହୋଇଥିବା ମହୋତ୍ସବରେ ସମ୍ବଲପୁର ଜିଲାପରିଷଦ ଅଧକ୍ଷା କୁମୁଦିନୀ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । କୁଚିଣ୍ଡା ପଞ୍ଚାୟତ ସମିତି ଅଧକ୍ଷ ଭୁବନେଶ୍ୱର କିଷାନ, ଜିଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ଅଜିତ ମହାପାତ୍ର, ତନୟା ଧୁରୁଆ, କୃଷ୍ଣଚନ୍ଦ୍ର ଟପୋ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ସୁରେଶ ଚନ୍ଦ୍ର ପ୍ରଧାନ, ବିଡିଓ ନିରଞ୍ଜନ ସା, ଟିପିଡବ୍ଲ୍ୟୁଓଡିଏଲ୍ ନିବାହୀ ଯନ୍ତ୍ରୀ ଆଶିଷ ପଣ୍ଡା, ସହକାରୀ ଯନ୍ତ୍ରୀ ତଥା କୁଚିଣ୍ଡା ଏସ୍‌ଡିଓ ସୁବ୍ରତ ପଣ୍ଡା, ଓପିଟିସିଏଲ୍ ଡିଜିଏମ୍ ମନମୋହନ ପ୍ରଧାନ,ଏସ୍‌ଡିଓ ଲିଙ୍ଗରାଜ କେର୍କେଟା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜ ବିକାଶରେ ବିଦ୍ୟୁତ୍‌ର ଭୂମିକା, ଦିନ ଦୟାଲ ଉପାଧ୍ୟାୟ ଗ୍ରାମଜ୍ୟୋତି ଯୋଜନା, ପ୍ରଧାନମନ୍ତ୍ରୀ ସହଜ ବିଜୁଳି ହରଘର ଯୋଜନା, ବିଜୁ ଗ୍ରାମଜ୍ୟୋତି ଯୋଜନା ଉପରେ ଆଲୋଚନା କରିଥିଲେ। ବିଦ୍ୟୁତ୍ ବିକାଶର ବାର୍ତ୍ତା ସମସ୍ତଙ୍କଠାରେ ପହଞ୍ଚାଇବା ମହୋତ୍ସବର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ଏଥିରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ବିଦ୍ୟୁତ୍ ଉପଭୋକ୍ତା ଯୋଗ ଦେଇଥିଲେ। ଏହି ଅବସରରେ ସମ୍ବଲପୁରୀ ନକ୍କଡ ଗୀତନାଚ ଓ ଭିଡିଓ ପ୍ରୋଜେକ୍ଟର ମାଧ୍ୟମରେ ବିଦ୍ୟୁତ୍ ବିକାଶ ଓ ସଚେତନତା ଉପରେ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଏଜିଏମ୍ ମହାନ୍ତି ଧନ୍ୟବାଦ ଦେଇଥିଲେ।



ମହୋତ୍ସବରେ ଯୋଗଦେଇଥିବା ଅତିଥି।

# ଆରଡିସି ଅଫିସ ସମ୍ମୁଖରେ କୋଶଳ ସେନାର ବିକ୍ଷୋଭ

ସମ୍ବଲପୁର,୨୯।୭(ବ୍ୟୁରୋ)



ସ୍ୱତନ୍ତ୍ର କୋଶଳ ରାଜ୍ୟ ଦାବିରେ ଶୁକ୍ରବାର ସମ୍ବଲପୁର ଆରଡିସି ଅଫିସ ସମ୍ମୁଖରେ କୋଶଲ ସେନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

**ସ୍ୱତନ୍ତ୍ର କୋଶଲ ରାଜ୍ୟ ଦାବି**

ସ୍ୱତନ୍ତ୍ର କୋଶଲ ରାଜ୍ୟ ଦାବିରେ ଶୁକ୍ରବାର ପଶ୍ଚିମ ଓଡିଶାର ୪ଟି ସ୍ଥାନରେ ପୂର୍ବ ଓଡିଶାକୁ ସଂଯୋଗ କରୁଥିବା ରାଜରାସ୍ତାକୁ କୋଶଲ ସଂଗଠନଗୁଡ଼ିକ ଅର୍ଥନୈତିକ ଅବରୋଧ କରିଥିଲେ । ସେହିପରି କୋଶଲ ସେନା କର୍ମୀମାନେ ସମ୍ବଲପୁର ସ୍ଥିତ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଅଫିସକୁ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସ୍ୱତନ୍ତ୍ର ରାଜ୍ୟ ସହ ନିଯୁକ୍ତି, ଚାଷୀ ସମସ୍ୟା ବିଷୟକୁ ନେଇ ଆନ୍ଦୋଳନକାରୀମାନେ ସ୍ଲୋଗାନ ଦେଇଥିଲେ । ରାଜ୍ୟ ସରକାର ପଶ୍ଚିମ ଓଡିଶାର କେତେ ରାଜସ୍ୱ ନେଇଛନ୍ତି, କେତେ ଖର୍ଚ୍ଚ କରୁଛନ୍ତି ସେନେଇ ଏକ ଶ୍ୱେତପତ୍ର ପ୍ରକାଶ କରିବାକୁ ଦାବି କରିଥିଲେ । ଗତ ଜୁଲାଇ ୫ ତାରିଖରେ ରାଜଧାନୀ ଭୁବନେଶ୍ୱରରେ ବିଧାନସଭା ଘେରାଉ କରାଯିବା ସହିତ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବିଧାନ ଭିତ୍ତିରେ ସ୍ୱତନ୍ତ୍ର କୋଶଲ ରାଜ୍ୟ ଗଠନ ନିମନ୍ତେ ବିଧାନସଭାରେ ପ୍ରସ୍ତାବ ଆଣିବା ପାଇଁ ଦାବି କରାଯାଇଥିଲା । କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଆଗକୁ ସେନା ପକ୍ଷରୁ ଆନ୍ଦୋଳନ ଜୋରଦାର ହେବ ବୋଲି ଚେତାବନୀ ଦିଆଯାଇଛି । ଏହି ଅବସରରେ ରାଜସ୍ୱ କମିଶନରଙ୍କ ଉଦ୍ଦେଶ୍ୟରେ କୋଶଲ ସେନାର ଅର୍ପଣ ଦାଶ ଦାବିପତ୍ର ପ୍ରଦାନ କରିଥିଲେ। ରାଜସ୍ୱ ଆୟୁକ୍ତଙ୍କ ସଚିବ ଭୀନସେଣ୍ଟ ପି. ଏକ୍କା ଦାବିପତ୍ର ଗ୍ରହଣ କରିଥିଲେ। ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଧନୁପାଲି ଛକରୁ ଦୁଲୁଦୁଲି ବାଜା ବଜାଇ ରାଲି ବାହାରି ଥିଲା । ରାଲି ଗୋବିନ୍ଦଟୋଲା, ଜେଲ ଛକ, ମ୍ୟୁନିସିପାଲିଟି ଛକ ଦେଇ ରାଜସ୍ୱ ଆୟୁକ୍ତଙ୍କ ଅଫିସ ସମ୍ମୁଖରେ ପହଞ୍ଚି ଥିଲା । ଏ ପର୍ଯ୍ୟନ୍ତ କୋଶଲର ଦୁଇ କୋଟି ଲୋକ ମରିନାହାନ୍ତି, ଜୀବିତ ଅଛନ୍ତି ବୋଲି ଜଣାଇବାକୁ ନିଆରା ଢଙ୍ଗରେ ରାଲି କରାଯାଇଥିଲା। ରାଲିରେ କୋଶଲ ମୁକ୍ତି ମୋର୍ଚ୍ଚା ସଭ୍ୟମାନେ ମଧ୍ୟ ସାମିଲ ହୋଇଥିଲେ।

**ବୋର୍‌ୱେଲ୍‌ରେ ୧୨ ବର୍ଷର ଝିଅ**

ଗୁଜରାଟ ସୁରେନ୍ଦ୍ରନଗର ଜିଲାର ଗଜନଭାଭ ଗ୍ରାମରେ ଜଣେ ନାବାଳିକା ୬୦ ଫୁଟ୍ ଗଭୀର ବୋର୍‌ୱେଲ୍‌ରେ ଖସିପଡ଼ିଛନ୍ତି। ସେନା ଏବଂ ଏନ୍‌ଡିଆର୍‌ଏଫ୍ ଟିମ୍ ପକ୍ଷରୁ ୧୨ ବର୍ଷୀୟାଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଛି। ସ୍ୱାସ୍ଥ୍ୟ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ସାଙ୍ଗକୁ ପୋଲିସ ପ୍ରଶାସନ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି।

## ସଂକ୍ଷେପରେ

### ଭାଜପା ଯୁବନେତା ହତ୍ୟା ମାମଲା: ତଦନ୍ତ କରିବ ଏନ୍‌ଆଇଏ

**ବେଙ୍ଗାଲୁରୁ,୨୯।୭:** କର୍ଣ୍ଣାଟକରେ ଭାଜପା ଯୁବନେତା ପ୍ରବୀଣ ନେତ୍ତାର ହତ୍ୟା ମାମଲାର ତଦନ୍ତ ଦାୟିତ୍ୱ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ଦେବା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ଶୁକ୍ରବାର ସୂଚନା ଦେଇଛନ୍ତି। ହତ୍ୟାକାଣ୍ଡ କର୍ଣ୍ଣାଟକ-କେରଳ ସୀମାରେ ଘଟିଥିବାରୁ ଏହା ଏକ ଆନ୍ତଃରାଜ୍ୟ ପ୍ରସଙ୍ଗ। ତେଣୁ ମାମଲାର ତଦନ୍ତ ଏନ୍‌ଆଇଏକୁ ଦେବା ଲାଗି ନିଷ୍ପତ୍ତି ହୋଇଛି। ଏ ସମ୍ପର୍କରେ ଗୃହ ବିଭାଗକୁ ଜଣାଇ ଦିଆଯିବ ବୋଲି ବୋମାଇ କହିଛନ୍ତି। କର୍ଣ୍ଣାଟକର ଦକ୍ଷିଣ କନ୍ନଡ ଜିଲାରେ ମଙ୍ଗଳବାର ପ୍ରବୀଣଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ପୂର୍ବରୁ ୨ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଶୁକ୍ରବାର ଅନ୍ୟ ଜଣେ ଅଭିଯୁକ୍ତ ଗିରଫ ହୋଇଛନ୍ତି।

### କେଟିଆର୍‌ଙ୍କ ଜନ୍ମଦିନ ଉତ୍ସବରେ ଯୋଗ ନ ଦେବାରୁ ୪ କର୍ମଚାରୀ ନିଲମ୍ବିତ

**ହାଇଦ୍ରାବାଦ,୨୯।୭:** ତେଲଙ୍ଗାନାର ପ୍ରଭାବଶାଳୀ ମନ୍ତ୍ରୀ କେ.ଟି. ରାମାରାଓ (କେଟିଆର୍)ଙ୍କ ଜନ୍ମଦିନ ଉତ୍ସବରେ ଯୋଗଦେଇ ନ ଥିବା ବେଲାମପାଲ୍ଲୀ ମ୍ୟୁନିସିପାଲିଟିର ୪ ଜଣ କର୍ମଚାରୀଙ୍କୁ



ଚାକିରିରୁ ନିଲମ୍ବନ କରାଯାଇଛି। ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ପୁଅ କେଟିଆର୍ ପୌର ପ୍ରଶାସନ, ସହରାଞ୍ଚଳ ବିକାଶ, ଶିଳ୍ପ ବାଣିଜ୍ୟ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଛନ୍ତି। ଗତ ୨୪ ତାରିଖରେ ମ୍ୟୁନିସିପାଲ କାଉନସିଲ୍ ପକ୍ଷରୁ ତାଙ୍କ ଜନ୍ମ ଉତ୍ସବ ବେଲାପାଲ୍ଲୀ ସରକାରୀ ହସ୍ପିଟାଲରେ ପାଳନ କରାଯାଇଥିଲା। ଏଥିରେ ଯୋଗ ଦେଇ ନ ଥିବା ୪ କର୍ମଚାରୀଙ୍କୁ ମ୍ୟୁନିସିପାଲ କମିଶନର ୨୪ ଘଣ୍ଟା ମଧ୍ୟରେ ସ୍ପଷ୍ଟୀକରଣ ଦେବାକୁ କହିଥିଲେ। ସ୍ପଷ୍ଟୀକରଣ ନ ଦେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେମାନଙ୍କୁ ଚେତାବନୀ ଦିଆଯାଇଥିଲା।

### ୨୦୨୫ ସୁଦ୍ଧା ବାୟୁସେନାରୁ ହଟିବ ମିଗ୍-୨୧

**ନୂଆଦିଲ୍ଲୀ,୨୯।୭:** ରୁଷିଆ ନିର୍ମିତ ମିଗ୍-୨୧ ଯୁଦ୍ଧବିମାନ ଏକାଧିକ ଦୁର୍ଘଟଣାର ସମ୍ମୁଖୀନ ହେବା ପରେ ଭାରତୀୟ ବାୟୁସେନା ଆଗାମୀ ସେପ୍ଟେମ୍ବର ୩୦ ସୁଦ୍ଧା ଏହାର ଆଉ ଏକ ସ୍କ୍ୱାଡ୍ରନ୍‌କୁ କାର୍ଯ୍ୟରୁ ଅବ୍ୟାହତି ଦେବାକୁ ନିଷ୍ପତ୍ତି ନେଇଛି। ୨୦୨୫ ସୁଦ୍ଧା ପର୍ଯ୍ୟାୟକ୍ରମେ ମିଗ୍-୨୧ର ସମସ୍ତ ସ୍କ୍ୱାଡ୍ରନକୁ ହଟାଇ ଦିଆଯିବ। ଗୁରୁବାର ସନ୍ଧ୍ୟାରେ ରାଜସ୍ଥାନର ବରମେର୍‌ଠାରେ ମିଗ୍-୨୧ ଟାଇପ୍ ୬୯ ପ୍ରଶିକ୍ଷଣ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯିବା ସହ ୨ ପାଇଲଟଙ୍କ ମୃତ୍ୟୁ ଘଟିଥିଲା।

### ବୃଦ୍ଧଙ୍କୁ ଗୋଇଠା: ପୋଲିସ ଚାକିରି ଗଲା

**ଭୋପାଳ,୨୯।୭:** ମଧ୍ୟ ପ୍ରଦେଶ ଜବଲପୁର ରେଳ ଷ୍ଟେଶନ୍‌ରେ ଜଣେ ପୋଲିସ ଅଧିକାରୀ ବୟସ୍କ ବ୍ୟକ୍ତିଙ୍କୁ ଗୋଇଠା ମାରିବାର ଭିଡିଓ ଭାଇରାଲ ହେବା ପରେ ପୋଲିସ ଅଧିକାରୀ ଅନନ୍ତ ଶର୍ମାଙ୍କୁ ନିଲମ୍ବନ କରାଯାଇଛି। ରେଳ ଷ୍ଟେଶନ୍‌ର ଜଣେ ଯାତ୍ରୀ ଘଟଣାର ଭିଡିଓକୁ ନିଜ ମୋବାଇଲରେ କଏଦ କରି ସୋସିଆଲ ମିଡିଆରେ ଶେୟାର କରିଥିଲେ।

# ନିଆଁ ସହ ଖେଳ ନାହିଁ

**ୱାଶିଂଟନ/ବେଜିଂ,୨୯।୭**

ତାଇୱାନ ପ୍ରସଙ୍ଗରେ ପୁଣି ମୁହାଁମୁହିଁ ଅବସ୍ଥାରେ ଆମେରିକା ଓ ଚାଇନା। ଏହି ଦ୍ୱୀପ ରାଷ୍ଟ୍ରକୁ ନେଇ ମୁଣ୍ଡ ନ ଖେଳାଇବାକୁ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ଶୁକ୍ରବାର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ଚେତାବନୀ ଦେଇଛନ୍ତି। ଜିନ୍‌ପିଙ୍ଗ୍ ତାଇୱାନକୁ ବଳପୂର୍ବକ ନିଜ ଅଧୀନକୁ ଆଣିବା ପାଇଁ ଶପଥ ନେଇଥିବାବେଳେ ଆମେରିକା ହାଉସ୍ ସ୍ପିକର ନାନ୍ସି ପେଲୋସିଙ୍କ ଗସ୍ତକୁ ନେଇ ଦୁଇ ମହାଶକ୍ତି ମୁହାଁମୁହିଁ ହୋଇଛନ୍ତି।

ଆମେରିକା ହାଉସ୍ ସ୍ପିକର ନାନ୍ସି ପେଲୋସିଙ୍କ ତାଇୱାନ ଗସ୍ତ ପୂର୍ବରୁ ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ଚାଇନା ପ୍ରତିପକ୍ଷ ଶି ଜିନ୍‌ପିଙ୍ଗ୍ ଶୁକ୍ରବାର ଭିଡିଓ କନ୍‌ଫରେନ୍ସ ଜରିଆରେ ଆଲୋଚନା ହୋଇଛି। ଦୁଇ ନେତାଙ୍କ ମଧ୍ୟରେ ପଞ୍ଚମ

**ତାଇୱାନ ପ୍ରସଙ୍ଗରେ ବାଇଡେନ୍‌ଙ୍କୁ ଜିନ୍‌ପିଙ୍ଗ୍ ଚେତାବନୀ**



ଜୋ ବାଇଡେନ୍



ଶି ଜିନ୍‌ପିଙ୍ଗ

ଆଲୋଚନା ବେଳେ ବାଇଡେନ୍‌ଙ୍କୁ ଜିନ୍‌ପିଙ୍ଗ୍ କହିଥିଲେ, ଯିଏ ନିଆଁ ସହ ଖେଳିବେ ସିଏ ଜଳିଯିବେ। ଆମେରିକା ଏହି କଥାକୁ ଭଲ ଭାବେ ବୁଝିପାରୁଥିବ। ୱାଶିଂଟନ 'ୱାନ୍-ଚାଇନା ପ୍ରିନ୍ସିପଲ୍'କୁ ମାନିବା ଉଚିତ। ତାଇୱାନର ସ୍ୱାଧୀନତା ଓ ବାହ୍ୟ ହସ୍ତକ୍ଷେପକୁ ଚାଇନା ଦୃଢ଼ ବିରୋଧ କରେ। ଏହାର ଜବାବରେ ବାଇଡେନ୍ କହିଥିଲେ, ତାଇୱାନ ଉପରେ ଆମେରିକାର ନୀତି ଅପରିବର୍ତ୍ତିତ ରହିଛି। ସମଗ୍ର ତାଇୱାନ ପ୍ରଣାଳୀରେ ଶାନ୍ତି ଓ ସ୍ଥିରତାକୁ ନ୍ୟୂନ କରିବା କିମ୍ବା ସ୍ଥିତାବସ୍ଥା ବଦଳାଇବା ପାଇଁ ଏକତରଫା ଉଦ୍ୟମକୁ ୱାଶିଂଟନ ବିରୋଧ କରେ। ଦୁଇ ନେତାଙ୍କ ଆଲୋଚନା ପରେ ସମର୍ଥନ ପାଇଁ ବାଇଡେନ୍‌ଙ୍କୁ ତାଇୱାନ ଧନ୍ୟବାଦ ଦେଇଛି। ଆମେରିକା ସହ ସୁରକ୍ଷା ସହଯୋଗିତା ଆହୁରି ଦୃଢ଼ କରିବ ବୋଲି ତାଇୱାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ବାଇଡେନ୍ ଓ ଜିନ୍‌ପିଙ୍ଗ୍ ଖୁବ୍‌ଶୀଘ୍ର ପ୍ରଥମ ଥର ପାଇଁ ସାମ୍ନାସାମ୍ନି ଆଲୋଚନା କରିପାରନ୍ତି। ଏହାର ପ୍ରସ୍ତୁତି ଅନୁଧ୍ୟାନ କରିବାକୁ ଦୁହେଁ ନିଜ ନିଜ ଟିମ୍‌କୁ ନିର୍ଦ୍ଦେଶ ଦେଇଥିବା ଆମେରିକାର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।



ରୁଷିଆ ସହ ଚୁକ୍ତି ପରେ କୃଷ୍ଣସାଗର ଦେଇ ୟୁକ୍ରେନ୍‌ରୁ ପ୍ରଥମ ମାଲବାହୀ ଜାହାଜ ଯାତ୍ରା ଆରମ୍ଭ କରିଥିବାବେଳେ ଅନୁଧ୍ୟାନ କରୁଛନ୍ତି ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି।

## ଶକିରାଙ୍କୁ ହୋଇପାରେ ୮ ବର୍ଷ ଜେଲ

### ଟାକ୍ସ ଠକେଇ ଅଭିଯୋଗ



**ବାର୍ସିଲୋନା,୨୯।୭**

ଖ୍ୟାତନାମା ପପ୍ ସିଙ୍ଗର ଶକିରାଙ୍କ ବିରୋଧରେ ଟାକ୍ସ ଠକେଇ ଅଭିଯୋଗ ସାମ୍ନାକୁ ଆସିଛି। ୨୦୧୨ରୁ ୨୦୧୪ ମଧ୍ୟରେ ସେ ୧୪.୫ ମିଲିୟନ୍ ୟୁରୋ (୧,୧୭,୩୮, ୪୭, ୫୦୦ ଟଙ୍କା) ଟାକ୍ସ ପୈଠ ନ କରିବା ଆଧାରରେ ସ୍ପେନ୍‌ର ଏକ କୋର୍ଟରେ ଅଭିଯୋଗ ହୋଇଛି। ଯଦି ଶକିରା ଟାକ୍ସ ଠକେଇ ମାମଲାରେ ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ତାଙ୍କୁ ୮ ବର୍ଷର ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଆୟକର ବିଭାଗ ଓକିଲ କହିଛନ୍ତି। ମାମଲାର ସମାଧାନ ପାଇଁ ଆୟକର ବିଭାଗ ଓକିଲ ତାଙ୍କ ଆଗରେ ଏକ ଡିଲ୍ ରଖିଥିଲେ ହେଁ ଶକିରା କୋର୍ଟରେ ମାମଲାର ସମାଧାନ ପାଇଁ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ଶକିରା ଜାଣିଛନ୍ତି ସେ ନିର୍ଦ୍ଦୋଷ। ତାଙ୍କ ନାଁରେ ଆସିଥିବା ଟାକ୍ସ ଠକେଇ ଅଭିଯୋଗ ସମ୍ପୂର୍ଣ୍ଣ ଭାବେ ଭିତ୍ତିହିନ। ଆୟକର ବିଭାଗର କାର୍ଯ୍ୟ ପ୍ରଣାଳୀକୁ ସେ ନିନ୍ଦା କରିଛନ୍ତି। ତେବେ କୋର୍ଟ ତାଙ୍କୁ ଉଚିତ୍ ନ୍ୟାୟ ଦେବ ବୋଲି ସେ ତାଙ୍କ ଓକିଲଙ୍କ ଜରିଆରେ କହିଛନ୍ତି। ମାମଲାର ଟ୍ରାଏଲ୍ ନେଇ କୋର୍ଟ ପକ୍ଷରୁ ତାରିଖ ଧାର୍ଯ୍ୟ କରାଯାଇନାହିଁ।

ଫୁଟବୋଲର ଜେରାର୍ଡ ପିକ୍ୱେଙ୍କ ସହ ସମ୍ପର୍କରେ ଆସିବା ପରେ ୨୦୧୧ରେ ଶକିରା ସ୍ପେନ୍‌ରେ ଆସି ରହିବା ଆରମ୍ଭ କରିଥିଲେ। କିନ୍ତୁ ୨୦୧୫ ପର୍ଯ୍ୟନ୍ତ ସେ ନିଜର ସମସ୍ତ ଦସ୍ତାବିଜ୍‌ରେ ତାଙ୍କ ଘର ବାହାମସ ଲେଖିଥିବା ଆୟକର ବିଭାଗ ଓକିଲ କହିଛନ୍ତି। ୨୦୧୩-୧୪ରେ ଶକିରା ଏକ ସିଙ୍ଗିଙ୍ଗ ଶୋ'ର ଜଜ୍ ଭାବେ କାର୍ଯ୍ୟ କରିଥିଲେ। ୨୦୧୪ରେ ନିଜ ଆୟର ଅଧିକାଂଶ ଅଂଶ ସେ ଅନ୍ତର୍ଜାତୀୟ ଟୁର୍‌ରୁ ରୋଜଗାର କରିଥିବା ତାଙ୍କ ଓକିଲ କହିଛନ୍ତି। ୨୦୧୫ରେ ସେ ସମ୍ପୂର୍ଣ୍ଣ ଭାବେ ସ୍ପେନ୍‌ରେ ରହିଥିବାବେଳେ ୨୦୧୫ ପର୍ଯ୍ୟନ୍ତ ୧୭.୨ ମିଲିୟନ୍ ୟୁରୋ (୧,୩୯,୧୫,୯୭,୬୮୯.୯୭ ଟଙ୍କା) ସେ ପୈଠ କରିଥିବା କହିଛନ୍ତି। ଏ ନେଇ ଗତ ମେ'ରେ ଶକିରା ସ୍ପେନ୍‌ର ଏକ କୋର୍ଟରେ ଆବେଦନ କରିଥିବାବେଳେ କୋର୍ଟ ତାହାକୁ ଖାରଜ କରିଦେଇଥିଲେ।

## ପୃଥିବୀକୁ ଖସିବ ଚାଇନା ରକେଟ

**ବେଜିଂ,୨୯।୭**

ଚାଇନାର ନିର୍ମାଣାଧୀନ ମହାକାଶ ଷ୍ଟେଶନକୁ ନୂତନ ବିଜ୍ଞାନ ଉପକରଣ ନେଇ ଯାଇଥିବା ସବୁଠୁ ଶକ୍ତିଶାଳୀ ରକେଟ ଲଙ୍ଗ୍ ମାର୍ଚ୍ଚ-୫ବି ୱାଇ୩ ଏବେ ପୃଥିବୀକୁ ଖସୁଛି। ଏହା ଚଳିତ ସପ୍ତାହ ଶେଷ ଭାଗରେ ଖସିବାକୁ ଥିବାବେଳେ ନିର୍ଦ୍ଦିଷ୍ଟ କେଉଁ ସ୍ଥାନରେ ପଡ଼ିବ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଗତ ରବିବାର ଚାଇନାର ହୈନାନ୍ ପ୍ରଦେଶର ୱେନ୍‌ଚାଙ୍ଗ ମହାକାଶ ଯାନ ଉତ୍କ୍ଷେପଣ ସ୍ଥଳରୁ ଲଙ୍ଗ୍ ମାର୍ଚ୍ଚ ରକେଟକୁ ମହାକାଶ କେନ୍ଦ୍ର ଅଭିମୁଖେ ଛଡ଼ାଯାଇଥିଲା। ଏହାର ମୁଖ୍ୟ ଭାଗର ଲମ୍ବ ୧୦୦ ମିଟର ଏବଂ ଓଜନ ୨୨ ଟନ୍। ଏହା ନିମ୍ନ କକ୍ଷପଥରେ ପହଞ୍ଚିସାରିଛି



ଓ ବାୟୁମଣ୍ଡଳର ଘର୍ଷଣ ଯୋଗୁ ଏହା ଟାଣିହୋଇ ଖସିବା ଆଶଙ୍କା ରହିଛି। ଚଳିତ ସପ୍ତାହାନ୍ତରେ ଏହା ପୁନର୍ବାର ପୃଥିବୀ ବାୟୁମଣ୍ଡଳରେ ପ୍ରବେଶ କରିବ ବୋଲି ମହାକାଶ ବିଜ୍ଞାନୀ ଜୋନାଥନ ମାକ୍‌ଡୋୱେଲ ପୂର୍ବାନୁମାନ କରିଛନ୍ତି।

## ଅର୍ପିତା ସମ୍ପୃକ୍ତ ଥିବା ୩ କମ୍ପାନୀ ଉପରେ ଇଡି ଚଢ଼ାଉ



ଅର୍ପିତା ମୁଖାର୍ଜୀ

**କୋଲକାତା,୨୯।୭**

ପଶ୍ଚିମବଙ୍ଗ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ଟିଏମ୍‌ସି ନେତା ତଥା ପୂର୍ବତନ ମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କ ଘନିଷ୍ଠ ସହଯୋଗୀ ଅର୍ପିତା ମୁଖାର୍ଜୀଙ୍କ ଘରୁ ୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଓ ବିପୁଳ ପରିମାଣର ସୁନା ମିଳିବା ପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ୩ଟି କମ୍ପାନୀ ଉପରେ ଚଢ଼ାଉ କରିଛି। ଏହି କମ୍ପାନୀ ସହ ଅର୍ପିତା ସମ୍ପୃକ୍ତ ଥିବା କୁହାଯାଉଛି। କମ୍ପାନୀଗୁଡ଼ିକ ହେଲା କୋଲକାତାର ସିମ୍ବିଓସିସ୍ ମର୍ଚ୍ଚାଣ୍ଟସ୍ ପ୍ରା.ଲିଃ, ସେଣ୍ଟ୍ରି ଇଞ୍ଜିନିୟରିଂ ପ୍ରା.ଲିଃ ଏବଂ ଅର୍ପିତା ଇଚ୍ଛାଏ ଇଣ୍ଟରଟେନମେଣ୍ଟ ପ୍ରା.ଲିଃ। ପାର୍ଥଙ୍କ ଘନିଷ୍ଠ ହେବା ପରେ ଅର୍ପିତାଙ୍କୁ ଉକ୍ତ କମ୍ପାନୀଗୁଡ଼ିକର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଥିଲା। ଏହି କମ୍ପାନୀଗୁଡ଼ିକରେ କଲ୍ୟାଣ ଧର୍ ନିର୍ଦ୍ଦେଶକ ରହିବା ସହ ଅର୍ପିତାଙ୍କ ବିଜ୍‌ନେସ ପାର୍ଟନର ଅଛନ୍ତି।

ସୂଚନାଯୋଗ୍ୟ, ଇଡି ଚଢ଼ାଉ ବେଳେ ଅର୍ପିତାଙ୍କ ଦକ୍ଷିଣ କୋଲକାତାର ଟଲିଗଞ୍ଜ ଘରୁ ୨୧.୯ କୋଟି ନଗଦ ଟଙ୍କା, ୫୪ ଲକ୍ଷ ଟଙ୍କା ମୂଲ୍ୟର ବିଦେଶୀ ମୁଦ୍ରା, ୭୪ ଲକ୍ଷ ଟଙ୍କାର ଅଳଙ୍କାର ମିଳିଥିଲା। ପରେ ବେଲଘୋରିଆସ୍ଥିତ ଘରୁ ୨୭.୯ କୋଟି ନଗଦ ଟଙ୍କା, ୪.୩ କୋଟି ଟଙ୍କା ମୂଲ୍ୟର ଅଳଙ୍କାର ଜବତ ହୋଇଥିଲା। ତେବେ ଏତେ ଟଙ୍କା ଘରେ ଗଚ୍ଛିତ ରହିବା ସମ୍ପର୍କରେ ଅର୍ପିତା କିଛି ଜାଣି ନ ଥିବା ଗୁରୁବାର ଇଡିକୁ କହିଛନ୍ତି। ପାର୍ଥ ଚାଟାର୍ଜୀ ଉକ୍ତ ଘରକୁ ତାଲା ପକାଇ ରଖିଥିଲେ ବୋଲି ଅର୍ପିତା ଜେରା ବେଳେ କହିଥିବା ଜଣାପଡ଼ିଛି।

### ମୋତେ ଫସାଇଦିଆଯାଇଛି



ପାର୍ଥ ଚାଟାର୍ଜୀ

ପଶ୍ଚିମବଙ୍ଗ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ଗିରଫ ହୋଇ ମନ୍ତ୍ରିମଣ୍ଡଳରୁ ବିଦାହେବା ଓ ତୃଣମୂଳ କଂଗ୍ରେସରୁ ନିଲମ୍ବନ ହେବା ପରେ ପାର୍ଥ ଚାଟାର୍ଜୀ ପ୍ରଥମ ଥର ମୁହଁ ଖୋଲିଛନ୍ତି। ସ୍କୁଲ୍‌ରେ ନିଯୁକ୍ତି ଦୁର୍ନୀତି ମାମଲାରେ ଷଡ଼ଯନ୍ତ୍ର କରି ତାଙ୍କୁ ଫସାଇ ଦିଆଯାଇଥିବା ଶୁକ୍ରବାର ପାର୍ଥ କହିଛନ୍ତି। ତେବେ କିଏ ଷଡ଼ଯନ୍ତ୍ର କରିଛି, ସେ ନେଇ ପାର୍ଥ କୌଣସି ସୂଚନା ଦେଇନାହାନ୍ତି। ଜେଲ୍‌ରେ ଥିବା ପାର୍ଥଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପାଇଁ ଇଏସ୍‌ଆଇ ହସ୍ପିଟାଲ ନିଆଯାଇଥିବା ବେଳେ ସେ କହିଛନ୍ତି।

## ପାକିସ୍ତାନର ପ୍ରଥମ ହିନ୍ଦୁ ମହିଳା ପୋଲିସ ଅଫିସର

**ଇସ୍‌ଲାମାବାଦ୍,୨୯।୭**

ପାକିସ୍ତାନ ସିନ୍ଧରେ ଜଣେ ହିନ୍ଦୁ ମହିଳା ପୋଲିସ ଅଧିକାରୀ ମନିଶା ରୋପେଟାଙ୍କୁ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ପ୍ରଦାନ କରାଯାଇଛି। ପାକିସ୍ତାନରେ ଏହା ପ୍ରଥମ ଘଟଣା। ଜଣେ ମହିଳା ଅଧିକାରୀଙ୍କୁ ପୋଲିସ ବିଭାଗର ଉଚ୍ଚପଦ ମିଳିଛି। ପୁରୁଷ ପ୍ରଧାନ ପାକିସ୍ତାନରେ ମହିଳାମାନେ ପୋଲିସ ଚାକିରି ପାଇବା ଏକ ଅସାଧାରଣ ଘଟଣା କହିଲେ ଚଳେ। ଯଦି କୌଣସି ମହିଳା ବା ଯୁବତୀ ଚାକିରି କରି ଆତ୍ମ ନିର୍ଭରଶୀଳ ହେବାକୁ ଚାହାନ୍ତି ତେବେ ସେମାନଙ୍କ ଘର ଲୋକେ ତାଙ୍କୁ ଶିକ୍ଷକତା କିମ୍ବା ଡାକ୍ତରୀ ପାଠ ପଢ଼ିବା ପାଇଁ କହିଥାନ୍ତି। ହେଲେ ଦେଶରେ ପ୍ରଚଳିତ ପୁରୁଣା ପ୍ରଥାକୁ ହଟାଇବା ପାଇଁ ସେ ଚାହୁଁଥିବା ମନିଶା କହିଛନ୍ତି। ସିନ୍ଧ ଅଞ୍ଚଳର ଜାକୋବାବାଦ୍‌ରେ ତାଙ୍କ ଘର। ୨୬ ବର୍ଷୀୟା ମନିଷା ବର୍ତ୍ତମାନ ପୋଲିସ ଟ୍ରେନିଂରେ ଥିବାବେଳେ ଲ୍ୟାରିରେ ତାଙ୍କ ପୋଷ୍ଟିଂ ହେବା ନେଇ ଖବର ପ୍ରକାଶ ପାଇଛି।

## ଅବସର ନେଲେ ଜଷ୍ଟିସ୍ ଖାନ୍‌ୱିଲକର

**ନୂଆଦିଲ୍ଲୀ,୨୯।୭**

ସୁପ୍ରିମକୋର୍ଟର ଦ୍ୱିତୀୟ ବରିଷ୍ଠ ବିଚାରପତି ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର ଶୁକ୍ରବାର ଅବସର ଗ୍ରହଣ କରିଛନ୍ତି। ବିଦାୟୀ ସମ୍ବର୍ଦ୍ଧନା ବେଳେ ସେ ବାର୍ ଆସୋସିଏଶନ୍ ନେତାମାନଙ୍କୁ ସେମାନଙ୍କ ସ୍ନେହ ଓ ସଦିଚ୍ଛା ପାଇଁ ଧନ୍ୟବାଦ ଦେଇଛନ୍ତି। ୨୦୧୬ ମେ' ୧୩ରେ ସୁପ୍ରିମକୋର୍ଟ ବିଚାରପତି ରୂପେ ପଦୋନ୍ନତି ପାଇଥିବା ଜଷ୍ଟିସ୍ ଖାନ୍‌ୱିଲକର ବିଗତ ୫ ବର୍ଷ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ରାୟ ଦେଇଥିଲେ।

## ସ୍ତ୍ରୀ'ଙ୍କୁ ଗଣବଳାତ୍କାର ପରେ ଟ୍ରିପଲ୍ ତଲାକ୍

**ଲକ୍ଷ୍ନୌ,୨୯।୭**

ଉତ୍ତର ପ୍ରଦେଶ ଗୋଣ୍ଡା ସହରରୁ ଏକ ହାରୁଣ ଘଟଣା ସାମ୍ନାକୁ ଆସିଛି। ଯୌତୁକ ପାଇଁ ଜଣେ ବ୍ୟକ୍ତି ତାଙ୍କ ସମ୍ପର୍କୀୟ ଭାଇ ସହ ମିଶି ସ୍ତ୍ରୀଙ୍କୁ ବଳାତ୍କାର କରିବା ପରେ ତାଙ୍କୁ ଟ୍ରିପଲ୍ ତଲାକ୍ ଦେଇଛନ୍ତି। ଏ ନେଇ ପୀଡ଼ିତା ସ୍ଥାନୀୟ ପୋଲିସ ନିକଟରେ ଅଭିଯୋଗ କରିବା ପରେ ଅଭିଯୁକ୍ତ ସ୍ୱାମୀ ମହମ୍ମଦ ଆଦନାନଙ୍କୁ ପୋଲିସ ଗିରଫ କରିଛି। ଲକ୍ଷ୍ନୌରେ ଆଦନାନଙ୍କ ଘର। ସୂଚନାନୁସାରେ ଘଟଣାରେ ସମ୍ପୃକ୍ତ ଆଦନାନଙ୍କ ସମ୍ପର୍କୀୟ ଭାଇ ଫେରାର୍ ଥିବା ଜଣାପଡ଼ିଛି। ଯୌତୁକକୁ କେନ୍ଦ୍ରକରି

### ଯୌତୁକ ପାଇଁ ସ୍ୱାମୀଙ୍କ ବର୍ବର କାଣ୍ଡ

ସ୍ୱାମୀ ଆଦନାନ ସ୍ତ୍ରୀଙ୍କୁ ସବୁବେଳେ ମାଡ଼ମାରୁଥିଲେ। ଏ ନେଇ ମହିଳା ଜଣକ ତାଙ୍କ ବାପଘରେ ରହୁଥିଲେ। ହେଲେ ମଙ୍ଗଳବାର ଆଦନାନ ନିଜ ସମ୍ପର୍କୀୟ ଭାଇକୁ ଧରି ଶ୍ୱଶୁର ଘରେ ପହଞ୍ଚିଥିଲେ। ମହିଳା ଜଣକ ସେଠାରେ ଏକୁଟିଆ ଥିବା ଦେଖି ଦୁହେଁ ତାଙ୍କୁ ବଳାତ୍କାର କରିଥିବା ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଆକାଶ ତୋମାର କହିଛନ୍ତି।

## ତ୍ୱରିତ ନ୍ୟାୟ ଦେଇ ବିଚାରପତି ନିଲମ୍ବିତ

**ନୂଆଦିଲ୍ଲୀ,୨୯।୭(ପି.ଟି.)**

ଏକ ମାମଲାରେ ତ୍ୱରିତ ନ୍ୟାୟ ପ୍ରଦାନ କରି ବିହାରର ଜଣେ ନ୍ୟାୟିକ ଅଧିକାରୀ ଚାକିରିରୁ ନିଲମ୍ବିତ ହୋଇଛନ୍ତି। ପାଟନା ହାଇକୋର୍ଟଙ୍କ ନିଲମ୍ବନ ଆଦେଶକୁ ଚ୍ୟାଲେଞ୍ଜ କରି ଅରାରିଆର ଉକ୍ତ ଅତିରିକ୍ତ ଜିଲା ଓ ସେସନ୍ସ ଜଜ୍ ଶଶିକାନ୍ତ ରାୟ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ଜଷ୍ଟିସ ୟୁ.ୟୁ. ଲଳିତ ଏବଂ ଏସ୍.ଆର୍. ଭଟ୍ଟଙ୍କ ଖଣ୍ଡପୀଠ ପିଟିଶନକୁ ଶୁଣାଣି ପାଇଁ ଗ୍ରହଣ କରିବା ସହ ବିହାର ସରକାର ଏବଂ ଅନ୍ୟମାନଙ୍କୁ ନୋଟିସ ଜାରି କରିଛନ୍ତି।

ଅତିରିକ୍ତ ଜିଲା ଜଜ୍ ଶଶିକାନ୍ତ ଏକ ପୋକ୍ସୋ ମାମଲା ସମେତ ଏକାଧିକ ମାମଲାର ତ୍ୱରିତ୍ ବିଚାର କରି ରାୟ ଦେଇଥିଲେ। ଜଣେ ୬ ବର୍ଷୀୟା ବାଳିକା ବଳାତ୍କାର ଘଟଣାରେ ପୋକ୍ସୋ ଆଇନରେ ରୁଜୁ ମାମଲାକୁ ସେ ଗୋଟିଏ ଦିନରେ

### ବିହାର ସରକାରଙ୍କୁ ସୁପ୍ରିମକୋର୍ଟ ନୋଟିସ



ଜଜ୍ ଶଶିକାନ୍ତ ରାୟ

ଶୁଣାଣି ଶେଷ କରିଥିଲେ। ଅନ୍ୟ ଏକ ମାମଲାର ବିଚାର ମାତ୍ର ୪ କାର୍ଯ୍ୟଦିବସରେ ଶେଷ କରି ସେ ଅପରାଧୀଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ। ଏହି ରିପୋର୍ଟ ଗଣମାଧ୍ୟମରେ ବ୍ୟାପକ ଭାବେ ପ୍ରସାରିତ ହେବା ସହ ସରକାର ଏବଂ ଜନସାଧାରଣରେ ଶଶିକାନ୍ତଙ୍କୁ ପ୍ରଶଂସା କରାଯାଇଥିଲା। ତାଙ୍କୁ ସସ୍‌ପେଣ୍ଡ କରି ତାଙ୍କ ବିରୋଧରେ ଆନୁଷ୍ଠାନିକ ପକ୍ଷପାତ କରାଯାଇଥିବା ବିଶ୍ୱାସ କରାଯାଉଛି ବୋଲି ଜିଲା ଜଜ୍ ତାଙ୍କ ଆବେଦନରେ ଦର୍ଶାଇଛନ୍ତି। ଦୁଇ ସପ୍ତାହ ମଧ୍ୟରେ ନୋଟିସର ଉତ୍ତର ରଖିବାକୁ ଖଣ୍ଡପୀଠ କହିଛନ୍ତି।

ଅନ୍ୟପକ୍ଷରେ ଶୁଣାଣି ଶେଷ ହେବା ଦିନ ଦଣ୍ଡ ଘୋଷଣା କରାଯିବା ଉଚିତ ନୁହେଁ ବୋଲି ସୁପ୍ରିମକୋର୍ଟ ଅନେକ ରାୟରେ କହିଛନ୍ତି। ଏକ ମାମଲାର ୯ ଦିନର ଶୁଣାଣି ପରେ ଦୋଷୀଙ୍କୁ ମୃତ୍ୟୁଦଣ୍ଡାଦେଶ ଦିଆଯାଇଥିଲା। ସୁପ୍ରିମକୋର୍ଟ ଉକ୍ତ ରାୟକୁ ଖାରଜ କରିଦେଇ ମାମଲାର ସାନି ବିଚାର କରିବାକୁ ସେସନ୍ସ କୋର୍ଟକୁ ପଠାଇ ଦିଆଯାଇଥିଲା ବୋଲି ଜଷ୍ଟିସ ଲଳିତ କହିଥିଲେ। କାରଣ ଫାଶୀ ପାଇବାକୁ ଯାଉଥିବା ଜଣେ ଅପରାଧୀଙ୍କୁ ଯଥେଷ୍ଟ ନୋଟିସ ଏବଂ ପର୍ଯ୍ୟାପ୍ତ ସୁଯୋଗ ଦିଆ ନ ଯିବା ନ୍ୟାୟର ବିଡ଼ମ୍ବନା ବୋଲି ଖଣ୍ଡପୀଠ କହିଛନ୍ତି।

## ରାଷ୍ଟ୍ରପତିଙ୍କୁ କ୍ଷମା ମାଗିଲେ ଅଧୀର

**ନୂଆଦିଲ୍ଲୀ,୨୯।୭**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ 'ରାଷ୍ଟ୍ରପତ୍ନୀ' କହି ହଟହଟା ହେବା ପରେ ନିଜ ବିବାଦୀୟ ମନ୍ତବ୍ୟ ପାଇଁ କ୍ଷମା ମାଗିଛନ୍ତି କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ। ସେ ଶୁକ୍ରବାର ରାଷ୍ଟ୍ରପତିଙ୍କ ନିକଟକୁ ପତ୍ର ଲେଖି ଭୁଲ୍‌ରେ ରାଷ୍ଟ୍ରପତ୍ନୀ ଶବ୍ଦ ତାଙ୍କ ପାଟିରୁ ଖସିଯାଇଥିବା ଉଲ୍ଲେଖ କରିଛନ୍ତି।

ନ୍ୟାଶନାଲ ହେରାଲ୍ଡ ମନି ଲଣ୍ଡରିଂ ମାମଲାରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଜେରା ବିରୋଧରେ ବିକ୍ଷୋଭ ବେଳେ ଲୋକ ସଭାର କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ଗଣମାଧ୍ୟମକୁ କହିଥିଲେ, ହଁ ଆମେ ରାଷ୍ଟ୍ରପତ୍ନୀଙ୍କ ନିକଟକୁ ଯିବୁ। ସେ ସମସ୍ତଙ୍କ ପାଇଁ 'ରାଷ୍ଟ୍ରପତ୍ନୀ'। ଉକ୍ତ ଭିଡିଓ ବହୁଳ



ଅଧୀର ରଞ୍ଜନ ଚୌଧୁରୀ

ପ୍ରସାରିତ ହେବା ପରେ ଗୁରୁବାର ଭାଜପା ଏହାକୁ ନିନ୍ଦା କରିଥିଲା। ପାର୍ଲାମେଣ୍ଟର ଉଭୟ ଗୃହରେ ଭାଜପା ସଦସ୍ୟମାନେ କଂଗ୍ରେସକୁ ଘେରିଥିଲେ। ଏଥିସହ ଅଧୀର ଓ ସୋନିଆ କ୍ଷମା ମାଗନ୍ତୁ ବୋଲି ଦାବି ସେମାନେ କରିଥିଲେ। ସମାଲୋଚିତ ହେବା ପରେ ଅଧୀର କହିଥିଲେ, ସେ

- ପାଟିରୁ ଖସିଯାଇଥିଲା 'ରାଷ୍ଟ୍ରପତ୍ନୀ' ଶବ୍ଦ
- ଦ୍ରୌପଦୀଙ୍କୁ ଭେଟିଲେ ସ୍ମୃତି ଇରାନୀ
- ସଂସଦରେ ଅଚଳାବସ୍ଥା ଜାରି

ଜଣେ ବଙ୍ଗାଳୀ ହୋଇଥିବାରୁ ଭଲ ଭାବେ ହିନ୍ଦୀ କହିପାରନ୍ତି ନାହିଁ। ତାଙ୍କ ପାଟିରୁ 'ରାଷ୍ଟ୍ରପତ୍ନୀ' ଶବ୍ଦ ଖସିଯାଇଛି। ଏହା ବ୍ୟାକରଣଗତ ତ୍ରୁଟି। ରାଷ୍ଟ୍ରପତିଙ୍କୁ ଅପମାନିତ କରିବା ଉଦ୍ଦେଶ୍ୟ ନ ଥିଲା। ତାଙ୍କ ମନ୍ତବ୍ୟ ଆଘାତ ଦେଇଥିଲେ ସେ ରାଷ୍ଟ୍ରପତିଙ୍କୁ କ୍ଷମା ମାଗିବେ, କିନ୍ତୁ ପାଖଣ୍ଡିମାନଙ୍କୁ ନୁହେଁ। ଏହି ବିବାଦ ଘନେଇବାରେ ଲାଗିଥିବାବେଳେ ଶୁକ୍ରବାର ଅଧୀର ରାଷ୍ଟ୍ରପତିଙ୍କ ନିକଟକୁ କ୍ଷମାପତ୍ର ଲେଖିଛନ୍ତି। ଭୁଲ୍‌ରେ ତାଙ୍କ ପାଟିରୁ ଏହା ଖସିଯାଇଥିଲା। ଏଥିପାଇଁ ସେ ଦୁଃଖିତ। ଆଗକୁ ଏହାର ପୁନରାବୃତ୍ତି ହେବ ନାହିଁ ବୋଲି ଅଧୀର ଉଲ୍ଲେଖ କରିଛନ୍ତି।

ଅନ୍ୟପକ୍ଷେ ଏହି ପ୍ରସଙ୍ଗରେ କଂଗ୍ରେସ ଓ ଦଳର ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଲୋକ ସଭାରେ ଘେରିଥିବା କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଶୁକ୍ରବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଛନ୍ତି। ସଂସଦରେ ଅଧୀରଙ୍କ ମନ୍ତବ୍ୟ ଓ ଦରଦାମ ବୃଦ୍ଧି ପ୍ରସଙ୍ଗକୁ ନେଇ ଦ୍ୱିତୀୟ ଦିନ ଧରି ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଶାସକ-ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ଲୋକ ସଭା ଓ ରାଜ୍ୟ ସଭାକୁ ସୋମବାର ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି। ପ୍ରକାଶ ଯେ, ଜୁଲାଇ ୧୮ରେ ଆରମ୍ଭ ହୋଇଥିବା ମୌସୁମୀ ଅଧିବେଶନରେ ଅଦ୍ୟାବଧି କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇପାରି ନାହିଁ।

### ଟ୍ରାକ୍ଟର ମାଲିକଙ୍କ ନାମରେ ଥାନାରେ ଅଭିଯୋଗ

**ସମ୍ବଲପୁର (ବ୍ୟୁରୋ):** ସମ୍ବଲପୁର ଜିଲାର ମୁଣ୍ଡେର ଗ୍ରାମରେ ଏକ ଟ୍ରାକ୍ଟର ଓଲଟି ଚାଷଜମିରେ ଧାନଚାଷ କ୍ଷତି ହୋଇଥିବା ନେଇ ଟ୍ରାକ୍ଟର ମାଲିକଙ୍କ ନାମରେ ଚାଷୀ ସତ୍ୟଘ୍ନ ବିଶ୍ୱାଳ ଶୁକ୍ରବାର ଜୁଜୁମୁରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗୁରୁବାର ମୁଣ୍ଡେରଠାରେ ଟ୍ରାକ୍ଟର ସତ୍ୟଘ୍ନଙ୍କ ଚାଷ ଜମିରେ ଓଲଟି ପଡିଥିଲା । ଫଳରେ ଟ୍ରାକ୍ଟରର ଡିଜେଲ, ମୋବିଲ ଆଦି ପଡି ଜମିର ଧାନ ଚାଷ ନଷ୍ଟ ହୋଇଥିଲା । ଏହି ଘଟଣାକୁ ନେଇ ପ୍ରତିବାଦ କରିବାରୁ ଟ୍ରାକ୍ଟର ମାଲିକ ସତ୍ୟଘ୍ନଙ୍କୁ ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ । ସେ ଥାନାରେ ଟ୍ରାକ୍ଟର ମାଲିକଙ୍କ ନାମରେ ଅଭିଯୋଗ କରିଛନ୍ତି ।

## ସଂକ୍ଷେପରେ

### ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ସୁନ୍ଦରଗଡ଼ ମାହେଶ୍ୱରୀ ଓ ଗୁରୁକୁଳ କଲେଜର ସଫଳତା

**ସୁନ୍ଦରଗଡ଼,୨୯।୭ (ଡି.ଏନ୍.ଏ.):** ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ସୁନ୍ଦରଗଡ଼ ଜିଲାର ମାହେଶ୍ୱରୀ ଜୁନିୟର କଲେଜ ଓ ଗୁରୁକୁଳ ଆବାସିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀଛାତ୍ର ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ଚଳିତବର୍ଷ ଗୁରୁକୁଳର ୧୧୭ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ସେଥିମଧ୍ୟରୁ ୧୧୪ଜଣ ପ୍ରଥମ ସ୍ଥାନ, ୨ଜଣ ଦ୍ୱିତୀୟ ସ୍ଥାନ ଏବଂ ଜଣେ ଛାତ୍ର ତୃତୀୟ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରତୀକ୍ଷା ମେହେର ଏବଂ ମାନସରଞ୍ଜନ ସେଠ ଉଭୟେ ୫୪୬ ମାର୍କ ରଖିଛନ୍ତି ଏବଂ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି। ରୂପା ଜ୍ୟୋତିଷ ୫୪୦ ମାର୍କ ରଖିଛନ୍ତି। ସମୁଦାୟ ଛାତ୍ରୀ ଛାତ୍ରଙ୍କର ୯୭ ପ୍ରତିଶତ ପ୍ରଥମ ଶ୍ରେଣୀ ଏବଂ ୩୪ ଛାତ୍ରୀଛାତ୍ର ୮୦ ପ୍ରତିଶତ ଉପରେ ମାର୍କ ରଖିଛନ୍ତି। ଏହି ସଫଳତା ପାଇଁ ଗୁରୁକୁଳ ପରିଚାଳନା କମିଟି ଅଧ୍ୟକ୍ଷ ଏବଂ ଅଧ୍ୟାପିକା,ଅଧ୍ୟାପକ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ମାହେଶ୍ୱରୀ ଯୁକ୍ତ ୨ ଆବାସିକ ବିଜ୍ଞାନ କଲେଜର ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫଳ ଶତପ୍ରତିଶତ ହୋଇଛି। ଏହି କଲେଜର ଚଳିତବର୍ଷ ସର୍ବମୋଟ ୫୩ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୧ ପ୍ରଥମ ଶ୍ରେଣୀ, ୧୦ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ୭ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରତୀକ କୁମାର ପୃଷେଠ ୮୦ପ୍ରତିଶତ, ରତୁରାଣୀ ଦାଶ ୭୭ପ୍ରତିଶତ ଏବଂ ରଞ୍ଜନ ମହାକୁଳ ୭୬.୫ପ୍ରତିଶତ ନମ୍ବର ରଖି ସଫଳତା ହାସଲ କରିଛନ୍ତି। ଛାତ୍ରୀଛାତ୍ରଙ୍କ ସଫଳତା ପାଇଁ କଲେଜର ସମ୍ପାଦିକା ସନ୍ତୋଷିନୀ କର୍ଣ୍ଣ ସମସ୍ତଙ୍କୁ ଶୁଭେଚ୍ଛା, ଅଭିନନ୍ଦନ ଜଣାଇଛନ୍ତି।

### ଏନ୍‌ଟିପିସି ପକ୍ଷରୁ ଉଜ୍ଜ୍ୱଳ ଭାରତ, ଉଜ୍ଜ୍ୱଳ ଭବିଷ୍ୟତ କାର୍ଯ୍ୟକ୍ରମ

**ସୁନ୍ଦରଗଡ଼, ୨୯।୭(ଡି.ଏନ୍.ଏ):** ସ୍ୱାଧୀନତାର ଉଜ୍ଜ୍ୱଳ ଅମୃତ ମହୋତ୍ସବ ପାଳନ ଅବସରରେ କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ ମିଳିତ ଆନୁକୂଲ୍ୟରେ ଗତ ୨୫ ତାରିଖଠାରୁ ଆରମ୍ଭ ହୋଇଛି ବିଜୁଳି ମହୋତ୍ସବ। ଏହା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପରିପ୍ରେକ୍ଷୀରେ ଏନ୍‌ଟିପିସି, ଟାଟା ପାୱାର୍, ଓପିଟିସିଏଲ ମିଳିତ ସହଯୋଗରେ ଉଜ୍ଜ୍ୱଳଭାରତ, ଉଜ୍ଜ୍ୱଳ ଭବିଷ୍ୟତ ଶକ୍ତି-୨୦୪୭ କାର୍ଯ୍ୟକ୍ରମ ସମ୍ବଲପୁର ଜିଲାର କୁଚିଣ୍ଡା, ବରଗଡ ଓ ଝାରସୁଗୁଡାରେ ଅନୁଷ୍ଠିତ ହୋଇଯାଇଛି। ଉଜ୍ଜ୍ୱଳ ଭାରତ, ଉଜ୍ଜ୍ୱଳ ଭବିଷ୍ୟତ କାର୍ଯ୍ୟକ୍ରମ ମାଧ୍ୟମରେ ସାରା ଦେଶରେ ଏହି ବିଜୁଳି ମହୋତ୍ସବ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଶକ୍ତି ବିଭାଗ ସଫଳତାର ଦୀର୍ଘ ଯାତ୍ରାରେ ପଥପ୍ରାନ୍ତ ନାଟକ ଓ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଶକ୍ତି ଗ୍ରାହକମାନଙ୍କୁ ସଚେତନ କରାଯାଇଛି। ଆସନ୍ତା ୩୦ ତାରିଖରେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସୀ ମାଧ୍ୟମରେ ବିଦ୍ୟୁତ୍ ଉପଭୋକ୍ତାମାନଙ୍କ ସହିତ ମତବିନିମୟର କାର୍ଯ୍ୟକ୍ରମ ରହିଥିବା ଏନ୍‌ଟିପିସି ଦର୍ଲିପାଲି ପକ୍ଷରୁ କୁହାଯାଇଛି।

# ଆରଏସ୍‌ପିରେ ଚାକିରି ନାଁରେ ନକଲି ନିଯୁକ୍ତିପତ୍ର

ରାଉରକେଲା ଅଫିସ,୨୯।୭

ରାଉରକେଲା ଇସ୍ପାତ କାରଖାନାରେ ଚାକିରି କରାଇ ଦେବାକୁ କହି ବେକାର ଯୁବତୀଯୁବକଙ୍କୁ ଠକିବା ପାଇଁ ଏଜେନ୍ସି ଖୋଲିଛି । ଉକ୍ତ ଏଜେନ୍ସିର ଅଫିସ୍ କେଉଁ ଜାଗାରେ ଅଛି ସେ ନେଇ ଜଣାପଡିନାହିଁ। ତେବେ ଦୁଇଜଣ ଯୁବକଙ୍କୁ ଆର୍‌ଏସ୍‌ପିରେ ଚାକିରି ନାଁରେ ନକଲି ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିବା ଆରଏସ୍‌ପିର ଲୋକସମ୍ପର୍କ ସୂଚନା ଅଧିକାରୀ (ପିଆର୍‌ଓ) ଅର୍ଚ୍ଚନା ଶତପଥୀ ସୂଚନା ଦେଇଛନ୍ତି। କୌଣସି ଯୁବତୀଯୁବକ ଏଭଳି ଠକାମିର ଶିକାର ନ ହେବା ପାଇଁ ପିଆରଓ ଶତପଥୀ କହିଛନ୍ତି। ଆରଏସ୍‌ପିରେ ଚାକିରି କରାଇଦେବା ନାଁରେ ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ ଲେଖାଯାଇଥିବା ଏକ ଅଫର ଲେଟରରେ ସେଲ୍‌ର ଲୋଗା ଓ ଅନ୍ୟ ରେଫରେନ୍ସ ନମ୍ବର ରହୁଛି।


STEEL AUTHORITY OF INDIA LIMITED
(A Government of India Enterprise)
ROURKELA STEEL PLANT
ROURKELA – 769 011 (ODISHA)

Ref. No PL-Rectt/1403300153

Date: 12/07/2022

To
Akash Majhi
At Gundurupada, Near Alind Chowk (ST)
Hirakud 768016 Sambalpur
(ODISHA)

Sub: Offer of Appointment

Dear Akash Majhi

We are pleased to inform you that you have been selected for appointment as Trainee in Rourkela Steel Plant.
Designation: MTS Trainee
You may however be required to work at any place of the business or as per the later requirement.
Commencement of Employment: 1st August 2022 to 20th August 2022.
Working Hours: The working hours of your profile will be 9 AM to 2 PM.
We congratulate you on your appointment and wish you a long career with us. We assure you have a great journey and get our full support for your professional growth and development.

Your faithfully,
for and on behalf of
SAIL, Rourkela Steel Plant

D G M (PL) Recruitment & Gen

ସମ୍ବଲପୁର ଜିଲାର ଜଣେ ଯୁବକଙ୍କୁ ପ୍ରଦାନ କରାଯାଇଥିବା ନକଲି ନିଯୁକ୍ତିପତ୍ର।

ଉକ୍ତ ନିଯୁକ୍ତିପତ୍ର ନକଲି ଏବଂ ସେଥିରେ ଆର୍‌ଏସ୍‌ପିର କୌଣସି ବରିଷ୍ଠ ଅଧିକାରୀଙ୍କ ପ୍ରକୃତ ଦସ୍ତଖତ ନ ଥିବା ପରିଲକ୍ଷିତ ହୋଇଛି। ଏଭଳି ଠକମାନଙ୍କ ଠାରୁ ଦୂରରେ ରହିବା ସହ ଆରଏସ୍‌ପିରେ ଚାକିରି କରାଇଦେବାକୁ କହିଥିବା ବ୍ୟକ୍ତିଙ୍କୁ କୌଣସି ପ୍ରକାର ପ୍ରୋତ୍ସାହନ ନ ଦେବାକୁ ଆରଏସ୍‌ପି ପକ୍ଷରୁ ସତର୍କ କରାଯାଇଛି।

ଉଲ୍ଲେଖନୀୟ, ଗତ ଜାନୁୟାରୀ ମାସରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟରେ ନିଯୁକ୍ତି ନାଁରେ ବିହାରର ଜଣେ ଯୁବକ ଚନ୍ଦନ କୁମାରଙ୍କଠାରୁ ୫୦ ହଜାର ଟଙ୍କା ଠକେଇ ହୋଇଥିଲା। ଏହା ଜଣାପଡିବା ପରେ ଯୁବକ ଜଣକ ପ୍ଲାଣ୍ଟସାଇଟ୍ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ କରୁଥିବା ବେଳେ ପୁଣି ଆର୍‌ଏସ୍‌ପିରେ ଚାକିରି ନାଁରେ ସମ୍ବଲପୁର ଜିଲାର ଜଣେ ଯୁବକଙ୍କୁ ନକଲି ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି।

## ରାସ୍ତାରେ ମରାମତିବେଳେ ଜଳିଗଲା କୋଇଲା ବୋଝେଇ ଟ୍ରକ୍


୪୯ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଜଳୁଥିବା କୋଇଲା ବୋଝେଇ ଟ୍ରକ୍।

ଝାରସୁଗୁଡା ଅଫିସ୍,୨୯।୭

ଝାରସୁଗୁଡା ଜିଲା ଓଡ଼ିଶା–ଛତିଶଗଡ଼ ସୀମାନ୍ତ ୪୯ନଂ. ଜାତୀୟ ରାଜପଥ କନକତୋରା ନିକଟରେ ଶୁକ୍ରବାର ସିଜି ୧୩ଏଇ ୦୨୬୧ନଂ. ଏକ କୋଇଲା ବୋଝେଇ ୧୪ ଚକିଆ ଟ୍ରକ୍‌ରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିଲା। ଏହି ଅଚଳ ଟ୍ରକ୍‌କୁ ମିସ୍ତ୍ରୀ ମରାମତି କରୁଥିବାବେଳେ ଚାଳକ ସେଲ୍ଫଷ୍ଟାର୍ଟ ମାରିଥିଲେ । ଏହି ସମୟରେ ସ୍ପାର୍କିଂହୋଇ ଟ୍ରକ୍‌ରେ ହଠାତ ନିଆଁ ଲାଗିଯାଇଥିଲା । ଏଭଳି ସ୍ଥିତିରେ ମିସ୍ତ୍ରୀ ଓ ଚାଳକ ଉଭୟ ଜୀବନ ବିକଳରେ ଟ୍ରକ୍‌ରୁ ବାହାରକୁ ବାହାରି ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲେ। ଖବରପାଇ କନକତୋରା ଫାଣ୍ଡି ପୋଲିସ ଓ ସ୍ଥାନୀୟ ଲୋକେ ପହଞ୍ଚି ନିକଟରେ ଥିବା ଏକ ନଳକୂଅରୁ ପାଣି ମାରି ନିଆଁକୁ ଆୟତ କରିଥିଲେ। ଫଳରେ ଟ୍ରକ୍‌ରେ ଥିବା କୋଇଲାକୁ ନିଆଁ ଧରିପାରି ନ ଥିଲା। ହେଲେ ଏହି ଅଗ୍ନିକାଣ୍ଡରେ ଟ୍ରକ୍‌ର କ୍ୟାବିନ୍ ସମ୍ପୂର୍ଣ୍ଣ ପୋଡିଯାଇଥିବା ଜଣାପଡିଛି। ଏସମ୍ପର୍କରେ ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଜଣାଇଥିଲେ ମଧ୍ୟ ବିଳମ୍ବରେ ଅଗ୍ନିଶମ ଗାଡି ପହଞ୍ଚିଥିଲା। ସେତେବେଳକୁ ସ୍ଥାନୀୟ ଲୋକେ ନିଆଁକୁ ଆୟତ କରିନେଇଥିଲେ। ଏନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଅଗ୍ନିଶମ ଗାଡି ପହଞ୍ଚିବାର ବିଳମ୍ବର କାରଣ ଅଗ୍ନିଶମ କେନ୍ଦ୍ର ଲଖନପୁରରେ ରହିଥିବାବେଳେ କନକତୋରାର ଦୂରତ୍ୱ ପ୍ରାୟ ୫୦କିଲୋମିଟର । ଅଗ୍ନିକାଣ୍ଡ ସମ୍ପର୍କରେ ଖବରପାଇ ନିର୍ଦ୍ଦିଷ୍ଟ ସମୟରେ ଅଗ୍ନିଶମ ଗାଡି ଘଟଣା ସ୍ଥଳରେ ପହଞ୍ଚିବା ସମ୍ଭବ ହେଉନାହିଁ।

## ଦଶମଶ୍ରେଣୀ ଉତ୍ତୀର୍ଣ୍ଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ରୀଙ୍କୁ ସମ୍ବର୍ଦ୍ଧନା


ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

ଲେଫ୍ରିପଡା,୨୯।୭(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ଅପଗ୍ରେଡେଡ଼ ହାଇସ୍କୁଲ ଠାରେ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଜିଲା ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ଟାଙ୍ଗରପାଲି ଶିକ୍ଷା ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେନ୍ଦ୍ର ସୋରୋନିଆଙ୍କ ସଭାପତିତ୍ୱରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସରୋଜଲକ୍ଷ୍ମୀ ନାଏକ, ଗୋଷ୍ଠୀ ସମ୍ବଳ ଶିକ୍ଷକ ଘନଶ୍ୟାମ କର୍ତ୍ତା, ସେକ୍ସନ ଅଫିସର ସୂର୍ଯ୍ୟ ନାରାୟଣ ମହାପାତ୍ର, କେଦାରନାଥ ତାଣ୍ଡିଆ, ସଞ୍ଜୟ ପଟେଲ, କ୍ରିଷ୍ଣାପ୍ରସାଦ ପ୍ରମୁଖ ଉପସ୍ଥିତ ରହିଥିଲେ। ଏଥିରେ ଟାଙ୍ଗରପାଲି ଗୋଷ୍ଠୀ ଶିକ୍ଷା ଅଧିନସ୍ଥ ବିଭିନ୍ନ ବିଦ୍ୟାଳୟରୁ ମୋଟ ୧୨ ଛାତ୍ରୀଛାତ୍ରଙ୍କୁ ଉପଢୌକନ ପ୍ରଦାନ କରାଯାଇଥିଲା। ଏହି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏ-୧ରେ ଜଣେ, ଏ-୨ରେ ଜଣେ, ବି ୧ରେ ୮ଜଣ, ବି୨ରେ ଜଣେ ଏବଂ ସି ଗ୍ରେଡ଼ରେ ଜଣେ ଅନ୍ତର୍ଗତ ରହିଥିବା ଜଣାପଡିଛି ।

## ୩୧ରେ ଗୋଁଣ୍ଡ ମହାସଭାର ସମ୍ବିଧାନ ପ୍ରଣୟନ ଅଧିବେଶନ

ଝାରସୁଗୁଡା ଅଫିସ,୨୯।୭

ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ନିରନ୍ତର ଭାବରେ ଗୋଁଣ୍ଡମାନଙ୍କ ସହିତ ଦେଶର ସମସ୍ତ ଗରିବ ଖଟିଖିଆ ଆଦିବାସୀ ଦଳିତ ଆଦିଙ୍କ ସର୍ବାଙ୍ଗୀନ ଉନ୍ନତି ତଥା ଆଗାମୀ ପିଢ଼ିକୁ ଦେଶ ବିକାଶର ମୁଖ୍ୟ ଶ୍ରୋତରେ ସାମିଲ କରିବା ଓ ସମାଜର ଉନ୍ନତି ପାଇଁ କାର୍ଯ୍ୟକରି ଆସୁଛି। ଆସନ୍ତା ୩୧ ଜୁଲାଇ ରବିବାର ସମସ୍ତଙ୍କୁ ଏକ ଧାଡ଼ିରେ ଯୋଡ଼ିବା ପାଇଁ ମହାସଭାର ସମ୍ବିଧାନ, ଗୋଁଣ୍ଡମାନଙ୍କ ରୀତିନୀତିର ସଂସ୍କାର, ଦେଶର ଐତିହାସିକ ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନରେ ଗୋଁଣ୍ଡମାନଙ୍କର ସାମିଲ ଆଦିର ଲିଖିତ ବଡଦେଓ ପଞ୍ଜିକା ପ୍ରକାଶ ପାଇବ। ଏଥିରେ ନବରଙ୍ଗପୁର ଏମ୍‌ପି ଓ ମହାସଭାର ମୁଖ୍ୟ ପୁରୋଧା ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେବାର ଥିବାବେଳେ ରାଜ୍ୟ ସଭାପତି ମହେନ୍ଦ୍ର ନାଏକ ସଭାପତିତ୍ୱ କରିବେ। ସମ୍ମାନିତ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ପାଟନା ବିଧାୟକ ଜଗନ୍ନାଥ ନାୟକ, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗୋଁଣ୍ଡ, ପୂର୍ବତନ ବିଧାୟକ କୁଚିଣ୍ଡା ତଥା ମହାସଭାର ପୁରୋଧା ରବିନାରାୟଣ ନାଏକ, ପୂର୍ବତନ ବିଧାୟକ ବାଲିଗୁଡ଼ା ତଥା ମହାସଭାର ପୁରୋଧା ରାଜୀବ ପାତ୍ର, ପୂର୍ବତନ ବିଧାୟକ ମନୋହରପୁର ଝାଡ଼ଖଣ୍ଡ ଗୁରୁଚରଣ ନାଏକ, ମୁଖ୍ୟ ଉପଦେଷ୍ଟା ତଥା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଖାମ ସିଂହ ମାଝି, ରାଜ୍ୟ ମହିଳା ସଙ୍ଗଠନ ଅଧ୍ୟକ୍ଷା ସୁକାନ୍ତିବାଳା ନାୟକ, ପୂର୍ବତନ ବିଧାୟକ ଉମରକୋଟ ସୁବାସ ଗୋଁଣ୍ଡ ପ୍ରମୁଖ ବ୍ୟକ୍ତିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ସମସ୍ତ ନେତୃମଣ୍ଡଳୀ, ଶୁଭେଚ୍ଛୁ, କର୍ମକର୍ତ୍ତା, ମା ଭଉଣୀଙ୍କୁ ବିପୁଳ ସଂଖ୍ୟାରେ ଯୋଗ ଦେବା ପାଇଁ ରାଜ୍ୟ ସଭାପତି ନାଏକ ଅନୁରୋଧ କରିଛନ୍ତି।

## ଶିଳ୍ପପତି ହେବା ଆଶାରେ ଓଜେଇଇ ଟପ୍ପର ଶୁଭଶ୍ରୀ ହୋତା


ମା' ଓ ସାନ ଭାଇଙ୍କ ସହ ଟପ୍ପର ଛାତ୍ରୀ ଶୁଭଶ୍ରୀ ହୋତା।

ଝାରସୁଗୁଡା ଅଫିସ୍,୨୯।୭

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ)୨୦୨୨ ଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ଝାରସୁଗୁଡା ସହର ପୁରୁଣାବସ୍ତିର ଛାତ୍ରୀ ଶୁଭଶ୍ରୀ ହୋତା ଏମ୍‌ଟେକ୍‌ବାୟୋଟେକ୍ନୋଲୋଜିରେ ଟପ୍ପର ହୋଇଛନ୍ତି। ଏହା ଜଣାପଡିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ବିଟେକ୍ ପରେ ଏମ୍‌ଟେକ୍ ପାଇଁ ୧ବର୍ଷ ଆଇଏଫଏସ୍‌ରେ ଅନ୍‌ଲାଇନ୍‌ରେ କୋଚିଂ କରୁଥିଲେ। ପ୍ରତିଦିନ ସେ ୭ରୁ ୮ଘଣ୍ଟା ପାଠ ପଢୁଥିଲେ। ସେ କହିଛନ୍ତି, ତାଙ୍କର କଠିନ ପରିଶ୍ରମ ଅନୁଯାଇ ରାଙ୍କ ରହିବା ନିଶ୍ଚିତ ଆଶା ରହିଥିଲା। ହେଲେ ଟପ୍ପର ହେବା ଆଶା ନ ଥିଲା। ଏବେ ଫଳ ପ୍ରକାଶ ପାଇବା ପରେ ଟପ୍ପର ହୋଇଥିବା ଜାଣିବା ପରେ ସେ ବହୁତ ଖୁସି ଅନୁଭବ କରୁଛନ୍ତି। ଏହାର ଶ୍ରେୟ ସେ ମାଆ, ବାପା ଓ ଭାଇଙ୍କୁ ଦେଇଛନ୍ତି। ଆଗକୁ ରିସର୍ଚ୍ଚ ଓରିଏଣ୍ଟେଡ୍ ବାୟୋଟେକ୍ନୋଲୋଜିରେ ପିଏଚ୍‌ଡି କରିବା ପାଇଁ ସେ ଆଶା ରଖିଛନ୍ତି। ସେ ଆଉ କହିଛନ୍ତି, ଭାରତରେ ବାୟୋଟେକ୍ନୋଲୋଜିର ବହୁ ବିସ୍ତାର ହେବାର ରହିଛି। ଏଥିପାଇଁ ଆଇଆଇଟି ଓ ୟୁନିଭରସିଟିରୁ ପିଏଚ୍‌ଡି ହାସଲ କରିବାପରେ ଓଡ଼ିଶାରେ ଫାର୍ମାସିଟିକାଲ୍ ଓ ବାୟୋଟେକ୍ ଓରିଂଟେଡ୍ ଇଣ୍ଡଷ୍ଟ୍ରି ଆରମ୍ଭ କରିବା ପାଇଁ ସେ ଲକ୍ଷ୍ୟ ରଖିଛନ୍ତି। ଶୁଭଶ୍ରୀଙ୍କ ବାପା ସ୍ୱର୍ଗତ ବୈକୁଣ୍ଠ ହୋତା। ମାଆ ପଦ୍ମିନୀ କର ଓ ଜଣେ ସାନଭାଇ ରହିଛନ୍ତି। ତାଙ୍କ ମାଆ ଜଣେ ଶିକ୍ଷୟିତ୍ରୀ ରହିଛନ୍ତି।

## ବୁଦୁବୁଦିଆ ଜଙ୍ଗଲ ଘେରରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ପରିସ୍ରାଗାର

ଦେବଗଡ଼, ୨୯।୭ (ଡି.ଏନ୍.ଏ.)



ସ୍ୱଚ୍ଛତା ପକ୍ଷ ପାଳନ ପାଇଁ ବିଭିନ୍ନ ସରକାରୀ ବିଭାଗ ଠାରୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ ହାତକୁ ନେଇ ସ୍ୱଚ୍ଛ ପରିବେଶ ପାଇଁ ପ୍ରୟାସ କରୁଥିବାବେଳେ ଦେବଗଡ଼ ଜିଲା ବାରକୋଟ ବ୍ଲକ କାର୍ଯ୍ୟାଳୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ବାରକୋଟ ବ୍ଲକ କାର୍ଯ୍ୟାଳୟକୁ ପ୍ରତିଦିନ ୨୪ ପଞ୍ଚାୟତରୁ ଶତାଧିକ ଜନସାଧାରଣ ବିଭିନ୍ନ କାର୍ଯ୍ୟରେ ଆସୁଛନ୍ତି। ଜିଲାର ପ୍ରମୁଖ ବ୍ଲକ ଭାବେ ଜଣାଶୁଣା ବାରକୋଟ ବ୍ଲକରେ କିନ୍ତୁ ଦେଖାଯାଉଛି ଅସ୍ୱଚ୍ଛ ପରିବେଶ। ବିଡ଼ିଓଙ୍କ କାର୍ଯ୍ୟାଳୟ ସମ୍ମୁଖ ଓ କଡରେ ସୃଷ୍ଟି ହୋଇଛି ଅନାବନା ବୁଦାର ବଗିଚା। ଏପରିକି ବ୍ଲକ କର୍ମଚାରୀ ଓ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ପରିସ୍ରାଗାର ରାସ୍ତା ବୁଦୁବୁଦିଆ ଜଙ୍ଗଲରେ ଘୋଡେଇ ହୋଇରହିଛି। ଫଳରେ ଲକ୍ଷାଧିକ ଟଙ୍କାରେ ନିର୍ମିତ ପରିସ୍ରାଗାରରେ ତାଲା ଝୁଲୁଥିବା ବେଳେ ଲୋକେ କାର୍ଯ୍ୟାଳୟ ପରିସରରେ ଏଣେତେଣେ ପରିସ୍ରା କରୁଥିବା ଦେଖିବାକୁ ମିଳିଛି। ଅନ୍ୟ ପକ୍ଷରେ ଦୂରଦୂରାନ୍ତରୁ ଆସୁଥିବା ଓ ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ ମହିଳା କର୍ମଚାରୀମାନେ ପରିସ୍ରାଗାର ଓ ଚତୁଃପାର୍ଶ୍ୱରେ ଅନାବନା ବୁଦା ଯୋଗୁ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ବ୍ଲକ କର୍ତ୍ତୃପକ୍ଷ ଏହା ଜାଣି ମଧ ନ ଜାଣିଲା ଭଳି ଅଭିନୟ କରୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ସ୍ୱଚ୍ଛତା ପକ୍ଷ ଅବସରରେ ଜନସଚେତନତା କାର୍ଯ୍ୟକ୍ରମ ନାମରେ ଲୋକ ଦେଖାଣିଆ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଉଛି। ଖୋଦ ବିଡ଼ିଓ ନିଜ କାର୍ଯ୍ୟାଳୟ ପରିସରକୁ ସ୍ୱଚ୍ଛ କରିବାକୁ ଅଞ୍ଚଳବାସୀ ମତ ଦେଇଛନ୍ତି।

## ଭେଡାବାହାଲ ଜୁନିୟର କଲେଜରେ ଆଣ୍ଟି ରାଗିଂ ସଚେତନତା କାର୍ଯ୍ୟକ୍ରମ

ସୁନ୍ଦରଗଡ଼,୨୯।୭ (ଡି.ଏନ୍.ଏ)

ସୁନ୍ଦରଗଡ଼ ସଦର ବ୍ଲକ ଅନ୍ତର୍ଗତ ଭେଡାବାହାଲ ପିଏସ ଜୁନିୟର କଲେଜରେ ଆଣ୍ଟିଂରାଗିଂ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ ସଦର ଆଦର୍ଶ ଥାନା ପୋଲିସ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ସଭାରେ ଡିଏସପି (ଶିକ୍ଷା ନବୀଶ ) ବିଭୂତି ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଗିଂକୁ ଏକ ଅପରାଧିକ କାର୍ଯ୍ୟଭାବେ ଗଣନା କରାଯାଇ ରାଗିଂ କରୁଥିବା ଛାତ୍ରୀଛାତ୍ରଙ୍କ ବିରୋଧରେ ଥିବା ଆଇନଗତ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆଲୋଚନା କରି ଏନେଇ ସଚେତନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ସାହୁ ଏହି ସଭାରେ ସଭାପତିତ୍ୱ କରିଥିଲେ। ସଦର ଆଦର୍ଶ ଥାନା ଆଇଆଇସି ରମେଶ ମହାନ୍ତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଗିଂ ଭୟାଭୟତା ସମ୍ପର୍କରେ ଆଲୋଚନା କରି ଏଥିରୁ ଦୂରେଇ ରହିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ଆଣ୍ଟି ରାଗିଂ କମିଟିର ଅଧ୍ୟାପକ ପ୍ରଶାନ୍ତ କୁମାର ଭୋଇ,ଅଧ୍ୟାପିକା ବିନିତା ସାହୁ, କ୍ରୀଡା ଅଧ୍ୟାପକ ସୁନୀଲ ସିଂ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ଆଣ୍ଟିରାଗିଂ ସଚେତନତା କାର୍ଯ୍ୟକ୍ରମ।

# ମିଳିତ ମଞ୍ଚର ଗଣଧାରଣା ପ୍ରତ୍ୟାହାର

ଲହୁଣୀପଡ଼ା, ୨୯।୭(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଭୁତୁଡା ପଞ୍ଚାୟତ ଖଣ୍ଡାଧାର ଠାରେ ଅବସ୍ଥିତ ଓଡିଶା ଖଣି ନିଗମ (ଓଏମସି)ପରିଚାଳିତ କୁରମିତର ଲୌହ ଖଣି ଓ ଆଦାନୀ କମ୍ପାନୀର ମନମୁଖୀ କାର୍ଯ୍ୟକଳାପ ବିରୋଧରେ ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା, ସିପିଆଇଏମ୍ ଓ ଶ୍ରମିକ ସଂଘ, ଟିପ୍ପର ମାଲିକ ସଂଘ ପ୍ରଭୃତି ମିଳିତ ମଞ୍ଚ ତରଫରୁ ପ୍ରତିବାଦ ଓ ଚାଲିଥିବା ଗଣଧାରଣା ସାତ ଦିନରେ ସମାପ୍ତି ଘଟିଛି। ଶେଷରେ ଓଏମ୍‌ସି ଓ ଆଦାନୀ କମ୍ପାନୀ ମିଳିତ ମଞ୍ଚ ପାଖରେ ମୁଣ୍ଡ ନୁଆଁଇବା ପାଇଁ ବାଧ ହୋଇ ଉପସ୍ଥିତ କର୍ମକର୍ତ୍ତାଙ୍କର ଓ ଶ୍ରମିକଙ୍କ ସମ୍ମୁଖରେ ପୂର୍ବଭଳି ଖଣି ପରିଚାଳିତ ହେବ। ଏହି ଖଣି ଉପରେ ନିର୍ଭରଶୀଳ ଥିବା ଗାଡିମାଲିକ ଶ୍ରମିକ ଓ ପରୋକ୍ଷ, ପ୍ରତ୍ୟେକ୍ଷ ଭାବରେ ସୁବିଧା ସୁଯୋଗ ପାଉଥିବା ସଂସ୍ଥା ଓ ସଙ୍ଗଠନମାନେ ପୂର୍ବବତ ପାଇବେ ବୋଲି ଓଏମ୍‌ସିର ଆର.ଏମ ପ୍ରଶାନ୍ତ କୁମାର ସାହୁ, ଜିଜିଏମ ପ୍ରଦ୍ୟୁମ୍ନ କୁମାର ନାୟକ, ପ୍ରବନ୍ଧକ ପିଆଇ ଟିଗା ଆସି ଘୋଷଣା କରିଥିଲେ ବୋଲି ଜଣାପଡିଛି। ଦୀର୍ଘ ସାତ ଦିନ ଧରି ଚାଲିଥିବା ମିଳିତ ମଞ୍ଚ ପକ୍ଷରୁ ଗଣଧାରଣାର ଶେଷ ଦିନରେ ରାଉରକେଲା ବିଧାୟକ ତଥା ବିଜେଡି ଜିଲା ସଭାପତି ସାରଦା ପ୍ରସାଦ ନାୟକ, ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ବିଜୁ ଶ୍ରମିକ ସାମ୍ମୁଖ୍ୟ ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ସିପିଆଇଏମ୍ ଜିଲା ସମ୍ପାଦକ ପ୍ରମୋଦ କୁମାର ସାମଲ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରଣଜିତ କିଷାନ, ଜିଲା ପରିଷଦ ଉପସଭାପତି କମଲ ଲାକ୍ରା, ଏମ୍‌ପି ପ୍ରତିନିଧି ବାଗୁନ ଗାଗରାଇ, ଜିଲା ପରିଷଦ ଜୁଲିଆନି କାଣ୍ଡିର, ଶୁଶିଳା ନାୟକ, ଶୁଶିଳା ମୁଣ୍ଡା, ଶ୍ରମିକ ନେତା ପ୍ରଭାତ ପଣ୍ଡା, ପ୍ରସନ୍ନ ନାୟକ, ମଧୁ ନାୟକ, ବାବାଜୀ ସାମଲ, ରମେଶ ସାଇଁ, ଆନନ୍ଦ ମାସୀ ହରୋ, ଗୋପିନାଥ ମାହାନ୍ତ, ବାଦଲ ବାରିକ, ସରପଞ୍ଚ ଏମଲେନ ଭୂୟାଁ, ରଶ୍ମିତା ସାଣ୍ଡିଲ ସମେତ ବହୁ ବ୍ୟକ୍ତି ମଞ୍ଚାସୀନ ରହିଥିଲେ। ଓଏମ୍‌ସିର ପରିଚାଳନାଗତ ତ୍ରୁଟି ଏବଂ ଆଦାନୀ କମ୍ପାନୀର ଶ୍ରମିକ ଶୋଷଣ ନୀତି, ମନମୁଖୀ କାର୍ଯ୍ୟ ଅନିୟମିତତା ଦରମା, ସ୍ଥାନୀୟ ଗାଡି ମାଲିକମାନଙ୍କୁ କାମ ନ ଦେବା ଇତ୍ୟାଦି ବିରୋଧରେ ବିଶୋଦଗାର କରିବା ସହିତ ଆଗାମୀ ଦିନ ପାଇଁ ବକ୍ତବ୍ୟ ମାଧମରେ ଚେତାବନୀ ଦେଇଥିବା ଜଣାପଡିଛି। ଏହି ସଭାରେ ବରସୁଆଁ ଟିପ୍ପର ଆସୋସିଏସନ ସଭାପତି ରମେଶ ନାୟକ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଆଦିବାସୀ ପାରମ୍ପାରିକ ବାଦ୍ୟ ନୃତ୍ୟର ତାଳେ ତାଳେ ଅତିଥିମାନଙ୍କୁ ମଞ୍ଚ ନିକଟକୁ ପାଛୋଟି ନେବା ସହିତ ସ୍ୱାଗତ ସଙ୍ଗୀତ ଗାଇ ପୁଷ୍ପଗୁଚ୍ଛ ଉପଢୌକନ ଦେଇ ସ୍ୱାଗତ କରିଥିଲେ। ଶେଷରେ ଅପରାହ୍ନ ପ୍ରାୟ ୫ଟାବେଳେ ଓଏମସିଆର ଏମଜିଜିଏମ, ପ୍ରବନ୍ଧକ ମିଳିତ ମଞ୍ଚର କର୍ମକର୍ତ୍ତା ଓ ଉପସ୍ଥିତ ଶ୍ରମିକମାନଙ୍କ ସମ୍ମୁଖରେ ଘୋଷଣା କରିଥିଲେ ଯେ, ପୂର୍ବପରି ଖଣ୍ଡାଧାର କୁରୁମିତର ଲୌହ ଖଣିରେ ଲେବର ଲୋଡିଂ,ଲେବର ରେଜିଂ, କାମ କରୁଥିବା ସବୁ ଶ୍ରମିକ ଓ ଟ୍ରାନ୍ସପୋଟରମାନେ ପୂର୍ବ ଭଳି କାମ କରିବେ। ବାହାରିଆ ଟ୍ରାନ୍ସପୋଟରମାନଙ୍କୁ କୌଣସି ମତେ ସୁଯୋଗ ଦିଆଯିବ ନାହିଁ। ଏହା ସହିତ ତିନୋଟି ପଞ୍ଚାୟତରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଆମ୍ବୁଲାନ୍ସ, ସ୍କୁଲ ଗୁଡିକରେ ଖାଲିଥିବା ଶିକ୍ଷକ ପଦବୀ, ଶୋଚନୀୟ ରାସ୍ତାର ମରାମତି, ସ୍ଥାନୀୟ ବେକାର ଯୁବତୀଯୁବକଙ୍କୁ ଯୋଗ୍ୟତା ଭିତ୍ତିକ ନିଯୁକ୍ତି, ସର୍ବନିମ୍ନ ମଜୁରୀ ପ୍ରଦାନ କରାଯିବ ବୋଲି ଘୋଷଣା କରିବା ସହିତ ଏକ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ ବୋଲି ଜଣାପଡିଛି। ସାତ ଦିନି ଧରି ଚାଲିଥିବା ମିଳିତ ମଞ୍ଚର ଗଣଧାରଣା ଓ ଶ୍ରମିକ ଏକତା ଆଗରେ ଏକ ପ୍ରକାର ଓଏମ୍‌ସି କର୍ତ୍ତୃପକ୍ଷ ଓ ଆଦାନୀ କମ୍ପାନୀ ମୁଣ୍ଡ ନୁଆଁଇଥିଲେ। ଏହି କାର୍ଯ୍ୟକ୍ରମକୁ ସମାଜସେବୀ ବଜରଙ୍ଗ ଅଗ୍ରୱାଲ, ଅସିତ ଚୌଧୁରୀ, ପ୍ରବୋଧ ପ୍ରଧାନ, ଗଗନ ବିଶ୍ୱାଳ, ସନ୍ତୋଷ ବେହେରା, ସମୀର ରାୟ, ବାପି ଚୌଧୁରୀ, ପାତ୍ରାସ କଛପ ସମେତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ। ତିନୋଟି ପ୍ରମୁଖ ରାଜନୈତିକ ଦଳର କର୍ମକର୍ତ୍ତା, କର୍ମୀ ଓ ବହୁ ସଂଖ୍ୟାରେ ଶ୍ରମିକମାନେ ଉପସ୍ଥିତ ଥିଲେ।

## ଶେୟାର ବଜାରରେ ଉତ୍ସାହ

**ନୂଆଦିଲ୍ଲୀ:** ଲଗାତର ୩ୟ ଦିନ ପାଇଁ ଷ୍ଟକ୍ ବଜାର ଶେୟାର ବୃଦ୍ଧି ପାଉଛି। ଏପରିକି ଦଲାଲ ଷ୍ଟ୍ରିଟ୍‌ର ନିବେଶକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଦେଶରେ ଦର ବୃଦ୍ଧି ଓ ଭାରତୀୟ ଟଙ୍କାର ମୂଲ୍ୟ ହ୍ରାସ ପରେ ମଧ୍ୟ ଷ୍ଟକ୍ ମାର୍କେଟର ୫ମ କାର୍ଯ୍ୟ ଦିବସରେ ମଧ କାରବାର ଭଲ ରହିଛି। ଶୁକ୍ରବାର ଉଭୟ ସେନ୍‌ସେକ୍ସ ଓ ନିଫ୍ଟିରେ ୧% ରୁ ଊର୍ଦ୍ଧ୍ୱ ଶେୟାର ବୃଦ୍ଧି ଘଟିଛି। ଫଳରେ ସେନ୍‌ସେକ୍ସ ୭୧୨ (୭୧୨.୪୬) ପଏଣ୍ଟ ବୃଦ୍ଧି ଘଟି ୫୭,୫୭୦ (୫୭,୫୭୦.୨୫) ଅଙ୍କରେ କାରବାର ବନ୍ଦ ହୋଇଥିବା ବେଳେ ନିଫ୍ଟି-୫୦ରେ ୨୨୯ (୨୨୮.୬୫) ପଏଣ୍ଟ ବଢ଼ି ୧୭,୧୫୮ (୧୭,୧୫୮.୨୫) ଅଙ୍କରେ କାରବାର ଶେଷ କରିଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ୧.୫ ଟ୍ରିଲିୟନ ନିକଟବର୍ତ୍ତୀ ୫ଜି ବିଡିଂ

**ନୂଆଦିଲ୍ଲୀ,୨୯।୭:** ଭାରତୀୟ ଟେଲିକମ୍ ସେବା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ଲାଗି କେନ୍ଦ୍ର ସରକାର ଗତ ମଙ୍ଗଳବାରଠାରୁ ୫ଜି ନିଲାମି ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଟେଲିକମ୍ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ଆଉ ୭ ରାଉଣ୍ଡ ନିଲାମ ପ୍ରକ୍ରିୟା କାର୍ଯ୍ୟ ଶେଷ କରାଯାଇଛି। ସେହିଭଳି ୪ର୍ଥ ଦିନର ନିଲାମ ପ୍ରକ୍ରିୟା ଶେଷ ସୁଦ୍ଧା ପ୍ରାୟ ୧.୫ ଟ୍ରିଲିୟନ ନିକଟବର୍ତ୍ତୀ ବିଡିଂ ହୋଇପାରିଛି। ଏପରିକି ମୋଟ ୨୩ ରାଉଣ୍ଡ ବିଡିଂ ଶେଷ ସୁଦ୍ଧା ମୋଟ ୧,୪୯,୮୫୫ କୋଟି ଟଙ୍କାର ବିଡ ଆସିଥିବା ଟେଲିକମ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ସେହିପରି ଗୁରୁବାର ଭଳି ଶୁକ୍ରବାର ମଧ ସକାଳ ୧୦ଟାରୁ ଆରମ୍ଭ ହୋଇଥିବା ନିଲାମ ସନ୍ଧ୍ୟା ୬ ଘଟିକାରେ ବିଡିଂ ଶେଷ ହୋଇଥିଲା। ପ୍ରଥମ ଦିନରେ ୪ ରାଉଣ୍ଡ ବିଡିଂ,୨ୟ ଦିନରେ ୫ ରାଉଣ୍ଡ, ୩ୟ ଦିନରେ ୭ ରାଉଣ୍ଡ ଏବଂ ୪ର୍ଥ ଦିନରେ ମଧ ୭ ବିଡିଂ ଡାକ ହୋଇଥିଲା। ଶନିବାର ମଧ ନିଲାମ ପ୍ରକ୍ରିୟା ଜାରି ରହିବ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

### ବଜାଜ ଆଲିଆଞ୍ଜ୍ ସହ ଡିବିଏସ୍ ବ୍ୟାଙ୍କର ସହଯୋଗିତା

**ନୂଆଦିଲ୍ଲୀ,୨୯।୭:** ବଜାଜ ଆଲିଆଞ୍ଜ୍ ଲାଇଫ୍ ଇନ୍‌ସ୍ୟୁରାନ୍ସ ପକ୍ଷରୁ ଡିବିଏସ୍ ବ୍ୟାଙ୍କ୍ ଇଣ୍ଡିଆ ସହ ସହଯୋଗିତା ସ୍ଥାପନ କରାଯାଇଛି। ଏହା ଜରିଆରେ ବ୍ୟାଙ୍କର ୩ଏମ୍ ଗ୍ରାହକଙ୍କୁ ବ୍ୟାପକ ପ୍ରକାର ଜୀବନ ବୀମା ସମାଧାନ ପ୍ରଦାନ କରାଯିବ। ଏହି ସହଯୋଗିତା ଜରିଆରେ ବଜାଜ୍ ଆଲିଆଞ୍ଜ ଲାଇଫ୍ ଓ ଡିବିଏସ୍ ବ୍ୟାଙ୍କ ଗ୍ରାହକମାନଙ୍କୁ ଜୀବନ ବୀମା ଉତ୍ପାଦରେ ନିବେଶ କରି ନିଜ ଜୀବନର ଆବଶ୍ୟକତାକୁ ପର୍ଯ୍ୟାୟକ୍ରମେ ପୂରଣ କରି ସେମାନଙ୍କୁ ସଶକ୍ତ କରିବାକୁ ଲକ୍ଷ୍ୟ ରହିଛି। ଡିବିଏସ୍‌ର ୫୫୦ରୁ ଅଧିକ ଶାଖାରେ ନୂଆ ଓ ପୁରୁଣା ଗ୍ରାହକମାନେ ଏବେ ବଜାଜ ଆଲିଆଞ୍ଜ ଲାଇଫ୍‌ର ମିଆଦୀ, ସଞ୍ଚୟ, ଅବସରକାଳୀନ ଓ ନିବେଶ ଉତ୍ପାଦଗୁଡ଼ିକୁ ହାସଲ କରପାରିବେ। ମୁମ୍ବାଇରେ ବଜାଜ ଆଲିଆଞ୍ଜ୍ ଲାଇଫ୍ ଇନ୍‌ସ୍ୟୁରାନ୍ସର ଏମ୍‌ଡି ଓ ସିଇଓ ତରୁଣ ଚୁଗ୍ ଓ ଡିବିଏସ୍ ବ୍ୟାଙ୍କ୍ ଇଣ୍ଡିଆର କଞ୍ଜ୍ୟୁମର୍ ବ୍ୟାଙ୍କିଙ୍ଗ୍ ଗ୍ରୁପ୍‌ର ଏମ୍‌ଡି ଓ ମୁଖ୍ୟ ପ୍ରଶାନ୍ତ ଜୋଷୀ ଉଭୟ ସଂସ୍ଥାର ଅନ୍ୟମାନଙ୍କ ଉପସ୍ଥିତିରେ ଏହି କର୍ପୋରେଟ୍ ଏଜେନ୍ସି ବୁଝାମଣା ସ୍ୱାକ୍ଷର କରିଛନ୍ତି।

# ଖସୁଛି ଖାଉଟି ସାମଗ୍ରୀର ମୂଲ୍ୟ

**ନୂଆଦିଲ୍ଲୀ,୨୯।୭**

ଗତ କିଛି ମାସ ହେବ ଦର ବୃଦ୍ଧି, ଭାରତୀୟ ଟଙ୍କାର ଅବମୂଲ୍ୟାୟନ ଓ ଅନ୍ତର୍ଜାତୀୟ ସମସ୍ୟାକୁ ନେଇ ସରକାର ଚିନ୍ତାରେ ପଡ଼ିଛନ୍ତି। ବିଶେଷକରି ଅତ୍ୟାବଶ୍ୟକ ଖାଦ୍ୟସାମଗ୍ରୀର ଦର ଆକାଶଛୁଆଁ ରହିବା ଯୋଗୁ ଜନ ଅସନ୍ତୋଷ ମଧ ବଢ଼ି ଚାଲିଛି। ଏଭଳି ସ୍ଥିତିରେ ଖାଉଟି ବଜାରରେ ଦର ପରିବର୍ତ୍ତନ ସହ ସ୍ଥିର ରହିବା ସବୁ ବର୍ଗଙ୍କୁ ସୁହାଉଛି। ଏପରିକି ଅଟା, ତେଲ, ଚାଉଳ ଓ ଡାଲି ଭଳି ଅତି ଆବଶ୍ୟକ ସାମଗ୍ରୀର ମୂଲ୍ୟ ପୂର୍ବ ମାସ ଅପେକ୍ଷା ଢେର ହ୍ରାସ ଘଟିଛି। ହେଲେ ଗତବର୍ଷର ଏହି ଅବଧିର ଦର ସହ ତୁଳନା କଲେ ବର୍ତ୍ତମାନ ବି ସେସବୁ ସାମଗ୍ରୀର ଦର ବେଶ୍ ଉଚ୍ଚା ରହିଛି। ସେହିଭଳି ଗତ ୧ ମାସରେ ସୋରିଷ ତେଲର ମୂଲ୍ୟ ୨.୮୯ % ହ୍ରାସ ହୋଇଥିବା ବେଳେ ଗତ ବର୍ଷ ତୁଳନାରେ ୨.୮୭% ମହଙ୍ଗା ରହିଛି।

**ଗତ ବର୍ଷ ତୁଳନାରେ ଚଳିତ ବର୍ଷର ଦର ଉଚ୍ଚା ରହିଛି**



ସେହିପରି ବଜାରରେ ବୁଟଡାଲି ୧.୭୫% କମିଥିବା ବଜାର ଦରର ତାଜା ତଥ୍ୟ ଉପଭୋକ୍ତା ମନ୍ତ୍ରଣାଳୟ ୱେବ୍‌ସାଇଟ ପକ୍ଷରୁ ଜାରି କରାଯାଇଛି। ଅପରପକ୍ଷରେ ଗତବର୍ଷ ଜୁଲାଇ ଶେଷ ଆଡକୁ ଦିଲ୍ଲୀରେ ବୁଟଡାଲିର ଖୁଚୁରା ମୂଲ୍ୟ କେଜି ପିଛା ୭୭ ଟଙ୍କା ଥିଲା ଯାହା ଏବେ ବଜାରରେ କେଜି ପିଛା ୭୦ ଟଙ୍କାରେ କାରବାର ହେଉଛି। ହରଡ଼ ଡାଲିର ଗତବର୍ଷ କେଜି ପିଛା ଖୁଚୁରା ମୂଲ୍ୟ ୧୧୨ ଟଙ୍କା ଦରରେ ବିକ୍ରି ହେଉଥିଲା, ହେଲେ ଚଳିତବର୍ଷ ଏହା ୪ ଟଙ୍କା ହ୍ରାସ ପାଇ ୧୦୮ଟଙ୍କାରେ ବିକ୍ରି କରାଯାଉଛି। ସେହିପରି ଦିଲ୍ଲୀରେ ବର୍ଷକ ପୂର୍ବେ ସୋରିଷ ତେଲ ଲିଟର ପିଛା ୧୭୦ ଟଙ୍କାରେ ବିକ୍ରି ହେଉଥିଲାବେଳେ ଚଳିତବର୍ଷ ଏହି ଦର ୧୭୯ ଟଙ୍କାରେ କାରବାର ହେଉଛି। ଏହି ଦର ଚେନ୍ନାଇରେ ସର୍ବାଧିକ ୧୯୨ ଟଙ୍କା ରହିଛି। ସୂର୍ଯ୍ୟମୁଖୀ ତେଲ ଲିଟର ପିଛା ଦର ୧୯୧ ଟଙ୍କାରୁ ହ୍ରାସ ହୋଇ ୧୦୭ ଟଙ୍କାକୁ ଖସିଆସିଛି। ତେବେ ପାମ୍ ତେଲ ୧୨୯ ଟଙ୍କା ବଦଳରେ ଲିଟର ପିଛା ୧୪୧ ଟଙ୍କାରେ କାରବାର ହେଉଛି। ସେହିଭଳି ବଜାରରେ ଚାଉଳ ୧.୬୭%, ଗହମ ୧୧.୭୫, ଚିନି ୬.୧୦% ଓ ଅଟା ୧୧.୭୩% ମହଙ୍ଗା ହୋଇଛି ବୋଲି ମନ୍ତ୍ରଣାଳୟର ୱେବ୍‌ସାଇଟରେ ଉଲ୍ଲେଖ କରାଯାଇଛି।

# ଓଡିଏମ୍ ଗ୍ଲୋବାଲ ସ୍କୁଲ ସମ୍ମାନିତ




**ଭୁବନେଶ୍ୱର,୨୯।୭**

ହାଇଦ୍ରାବାଦରେ ଅନୁଷ୍ଠିତ ୨୪ତମ ବିଶ୍ୱ ଶିକ୍ଷା-ଶିଖର ସମ୍ମିଳନୀ (୨୪ତମ ୱାର୍ଲଡ୍ ଏଜୁକେସନ୍ ସମିଟ୍)ରେ ଓଡିଏମ୍ ଗ୍ଲୋବାଲ ସ୍କୁଲ ବିଶ୍ୱସ୍ତରୀୟ ସହଯୋଗାତ୍ମକ ଶିକ୍ଷାରେ ଉତ୍କୃଷ୍ଟ ନବାଚାର ପାଇଁ ପ୍ରମାଣପତ୍ର ଓ ବୈଜୟନ୍ତୀ ଦ୍ୱାରା ସମ୍ମାନିତ ହେବାର ଗୌରବ ଲାଭ କରିଛି । ଏହି ଶିଖର ସମ୍ମିଳନୀରେ ଓଡିଏମ୍ ଗ୍ଲୋବାଲ ସ୍କୁଲର ମୁଖ୍ୟ କାର୍ଯ୍ୟକାରିଣୀ ଅଧିକାରୀ ସ୍ୱୟମ୍ ସତ୍ୟେନ୍ଦୁ ଓଡିଏମ୍ ଶିକ୍ଷା ସମୂହର ପ୍ରତିନିଧି ଓ ବକ୍ତା ଭାବେ ଯୋଗଦାନ କରି ବିଦ୍ୟାଳୟର ପଠନ କ୍ଷେତ୍ରରେ ନବାଚାର ଓ ସୃଜନଶୀଳତାର ଉତ୍କୃଷ୍ଟ ବ୍ୟବହାର ସମ୍ବନ୍ଧରେ ଆଲୋକପାତ କରି ବିଚାରକମାନଙ୍କୁ ଗଭୀର ପ୍ରଭାବିତ କରିଥିଲା । ଏହି ପରିପ୍ରେକ୍ଷୀରେ ସତ୍ୟେନ୍ଦୁ କହିଛନ୍ତି, ଓଡିଏମ୍ ଗ୍ଲୋବାଲ ସ୍କୁଲ ଏହିପରି ଏକ ବିଶ୍ୱସ୍ତରୀୟ ସହଯୋଗାତ୍ମକ ଓ ଅତ୍ୟାଧୁନିକ ନବାଚାର ପ୍ରୟୋଗକୁ ବିଦ୍ୟାଳୟସ୍ତରୀୟ ଶିକ୍ଷା ପ୍ରଣାଳୀରେ ଅଧିକରୁ ଅଧିକ ପ୍ରୋତ୍ସାହିତ କରି ଛାତ୍ରୀଛାତ୍ରମାନଙ୍କୁ ସମୟୋପଯୋଗୀ ସକ୍ଷମ ମାନବ-ସଂସାଧନ ଏବଂ ଉନ୍ନତ ରାଷ୍ଟ୍ର ଗଠନ ଉଦ୍ଦେଶ୍ୟରେ ଗଢି ତୋଳୁଛି। ଏହି ଅବସରରେ ଓଡିଏମ୍ ଶିକ୍ଷା ସମୂହର ପ୍ରତିଷ୍ଠାତା ଓ ମୁଖ୍ୟ ଡକ୍ଟର ସତ୍ୟବ୍ରତ ମୀନକେତନ ଓ ପ୍ରବନ୍ଧିକା ଇନ୍ଦୁମତୀ ରାୟ, ବିଦ୍ୟାଳୟର ଅଧ୍ୟକ୍ଷା ଶୈଳେନ୍ଦ୍ର କୁମାରୀ ତଥା ସମସ୍ତ ଛାତ୍ରୀଛାତ୍ର, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅଭିଭାବକମାନଙ୍କୁ ସମ୍ବର୍ଦ୍ଧନା ଜଣାଇଛନ୍ତି।

# ହିରୋ ଫର୍ ହ୍ୟୁମାନିଟି




ରାଜ୍ୟର ୧୫୦ ଚିହ୍ନଟ ପରିବାର ପାଇଁ ସ୍ୱତନ୍ତ୍ର କଲ୍ୟାଣ ପ୍ୟାକେଜ ପ୍ରଦାନ କରାଯାଉଛି।

**ଭୁବନେଶ୍ୱର,୨୯।୭**

ସମାଜର ଉନ୍ନତି ଦିଗରେ ନିଜର ପ୍ରତିବଦ୍ଧତାକୁ ପାଳନ କରିବାକୁ ଯାଇ ହିରୋ ମୋଟୋକର୍ପ ଓଡ଼ିଶାର ୧୫୦ କୋଭିଡ୍ ପ୍ରଭାବିତ ପରିବାରକୁ ପୋଷ୍ୟ ଭାବେ ଗ୍ରହଣ କରିଛି। କମ୍ପାନୀର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) ପ୍ଲାଟ୍‌ଫର୍ମ 'ହିରୋ ୱି କେୟାର' ଅନ୍ତର୍ଗତ ଆରମ୍ଭ ହୋଇଥିବା 'ହିରୋ ଫଭର ହ୍ୟୁମାନିଟି' ପ୍ରୋଜେକ୍ଟରେ କରୋନା ଭାଇରସ୍ ମହାମାରୀ ଯୋଗୁ ଗୁରୁତର ପ୍ରଭାବିତ ହୋଇଥିବା ରାଜ୍ୟର ୧୫୦ ଚିହ୍ନଟ ପରିବାର ପାଇଁ ସ୍ୱତନ୍ତ୍ର କଲ୍ୟାଣ ପ୍ୟାକେଜ ପ୍ରଦାନ କରାଯାଇଛି। ଆସୋସିଏଶନ ଅଫ୍ ବିଜ୍‌ନେସ୍ ଓମେନ ଇନ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଏବିଡବ୍ଲ୍ୟୁସିଆଇ) ସହ ମିଳିତ ଭାବେ ଏହି ପ୍ରକଳ୍ପ ଆରମ୍ଭ କରାଯାଇଛି। ଏପରିକି କମ୍ପାନୀ ଓଡ଼ିଶାର ସେହି ପିଲାମାନଙ୍କୁ ସହାୟତା ପ୍ରଦାନ କରିବ, ଯେଉଁମାନେ ସେମାନଙ୍କର ପିତାମାତାଙ୍କ ମଧ୍ୟରୁ ଜଣଙ୍କୁ ଅବା ଉଭୟଙ୍କୁ କିମ୍ବା ଅଭିଭାବକଙ୍କୁ ଏବଂ ସ୍ୱାମୀଙ୍କୁ କୋଭିଡ୍-୧୯ କାରଣରୁ ହରାଇଥିବା ମହିଳାଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେବ। ଏହି ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱରରେ ୨୫ ପରିବାରଙ୍କୁ ରିଲିଫ ପ୍ୟାକେଜ ବଣ୍ଟନ କରାଯାଇଛି।

ଏ ସମ୍ପର୍କରେ ହିରୋ ସିଏସ୍ଆର୍ ଏବଂ କର୍ପୋରେଟ କମ୍ୟୁନିକେଶନ ମୁଖ୍ୟ ଭାରତେନ୍ଦୁ କବି କହିଛନ୍ତି, ଜଣେ ଦାୟିତ୍ୱବାନ କର୍ପୋରେଟ ନାଗରିକ ଭାବରେ ହିରୋ ମୋଟୋକର୍ପ ତୁରନ୍ତ ମାନବିକ ଆବଶ୍ୟକତା ତଥା କରୋନା ଭାଇରସ୍ ମହାମାରୀ ଦ୍ୱାରା ସୃଷ୍ଟି ହୋଇଥିବା ଦୀର୍ଘକାଳୀନ ଅର୍ଥନୈତିକ ଆହ୍ୱାନକୁ ସମାଧାନ କରିବାରେ ସହାୟତା ପ୍ରଦାନ କରୁଛି।

# ଭିତ୍ତିଭୂମି କ୍ଷେତ୍ରରେ ଅଭିବୃଦ୍ଧି ଜାରି

**ନୂଆଦିଲ୍ଲୀ,୨୯।୭**

ଚଳିତ ବର୍ଷ ଜୁନ୍‌ରେ ଭାରତର ୮ଟି ଭିତ୍ତିଭୂମି କ୍ଷେତ୍ର ବ୍ୟାପକ ଅଭିବୃଦ୍ଧି ହାସଲ କରିଛି। ଏପରିକି ଲଗାତର ୨ୟ ମାସ ପାଇଁ ଭିତ୍ତିଭୂମି କ୍ଷେତ୍ରରେ ୨ଅଙ୍କ ବୃଦ୍ଧି ଘଟିଛି। ସେହିପରି ଏହି କ୍ଷେତ୍ରରେ କ୍ରମାଗତ ଭାବେ ଅଭିବୃଦ୍ଧି ହାର ହ୍ରାସ ପାଉଥିବା ଶୁକ୍ରବାର ଶିଳ୍ପ ବିଭାଗ ଦ୍ୱାରା ପ୍ରକାଶିତ ତଥ୍ୟରୁ ଜଣାପଡିଛି। ଚଳିତ ବର୍ଷ ଜୁନ୍‌ରେ ଭାରତୀୟ କୋର ସେକ୍ଟର ୧୨.୭ % ବୃଦ୍ଧି ପାଇଥିବା ବେଳେ କ୍ରମାଗତ ଭାବେ ଏହା ୪.୧% ଚୁକ୍ତି କରିଛି। ଏ ନେଇ ମଧ ଇକ୍ରାର ମୁଖ୍ୟ ଅର୍ଥନୀତିଜ୍ଞ ଆଦିତ୍ୟ ନାୟାର କହିଛନ୍ତି, ମେ'ମାସରେ ୧୯.୩% ରୁ କୋର ସେକ୍ଟର ଅଭିବୃଦ୍ଧିରେ ଯଥେଷ୍ଟ ମୋଡରେସନ ରହିଛି। ସେହିଭଳି ଜୁନ୍‌ରେ ୧୨.୭% ଅଭିବୃଦ୍ଧି ଯାହା ସାଧାରଣକରଣ ଆଧାରକୁ ପ୍ରତିଫଳିତ କରିଥାଏ। ଇସ୍ପାତ ଏବଂ ଅଶୋଧିତ ତୈଳ ବ୍ୟତୀତ ସମସ୍ତ କ୍ଷେତ୍ରରୁ ସୁସ୍ଥ ପ୍ରଦର୍ଶନ ସହ ଜୁନ୍ ୨୦୨୨ରେ ପ୍ରି-କୋଭିଡ୍ ସ୍ତରରୁ ମୂଳ କ୍ଷେତ୍ର ୮% ଅଭିବୃଦ୍ଧି ରିପୋର୍ଟ କରିଛି।

# ଗୁଣାତ୍ମକ ଉତ୍ପାଦ-ସେବାକୁ ଗୁରୁତ୍ୱ

**ନୂଆଦିଲ୍ଲୀ,୨୯।୭**

ଦେଶର ପ୍ରମୁଖ ତଥା ଗୁଣାତ୍ମକ ଏବଂ ସଚେତନ ସୋଲାର ବ୍ରାଣ୍ଡ ଭାବେ 'ଗୋଲ୍‌ଡି ସୋଲାର' ବେଶ୍ ପରିଚିତ। ବର୍ତ୍ତମାନ ଏହା ଓଡ଼ିଶାର ବଲାଙ୍ଗୀରଠାରେ ଅବସ୍ଥିତ ଏକ ଅଗ୍ରଣୀ ସୋଲାର ସଲ୍ୟୁସନ ପ୍ରଦାନକାରୀ ସଂସ୍ଥା ଭାବେ ପରିଗଣିତ ହୋଇଛି। ଯିଏ କି ୯+ ମେଗାୱାଟ୍ ଯୋଗାଣକ୍ରମ ଅର୍ଡର ପାଇପାରିଛି। ଓଡ଼ିଶାରେ ହିଲ୍‌ଡ ପ୍ରୋଜେକ୍ଟ ସହ କମ୍ପାନୀ ସହଭାଗିତାରେ କାର୍ଯ୍ୟ କରୁଛି। ସେହିଭଳି ଚଳିତ ବର୍ଷ ଜୁଲାଇରେ ଏହି ସଂସ୍ଥା ମହାନଦୀ କୋଲ୍ ଫିଲ୍‌ଡ ଲିମିଟେଡ୍ ସହ ମିଶି ଏକ ପ୍ରୋଜେକ୍ଟକୁ ନେଇ କାର୍ଯ୍ୟ କରୁଛି। ଏହାର ଗୁଣାତ୍ମକ ଉତ୍ପାଦ ଓ ସେବା ଦ୍ୱାରା ଲୋକମାନଙ୍କ ନିକଟତର ହୋଇପାରିଛି। କମ୍ପାନୀ ବର୍ତ୍ତମାନ ଗୁଜରାଟରେ ୨ଟି ଅତ୍ୟାଧୁନିକ ନିର୍ମାଣ କାର୍ଯ୍ୟ ଜାରି ରଖିଛି। ଗୋଲ୍‌ଡି ସୋଲାର ଏକ ଦଶନ୍ଧିରୁ ଅଧିକ ସମୟ ଧରି ଶିଳ୍ପ ସମୃଦ୍ଧ ଅଭିଜ୍ଞତା ଅର୍ଜନ କରିପାରିଛି। ଏହାର ବର୍ତ୍ତମାନ ଉତ୍ପାଦନ କ୍ଷମତା ୨.୫ ଜିଡବ୍ଲ୍ୟୁ ରହିଥିବାବେଳେ ଖୁବ୍‌ଶୀଘ୍ର ଏହା ୬ଜିଡବ୍ଲ୍ୟୁକୁ ବୃଦ୍ଧି ହେବାକୁ ଯାଉଛି। ଏ ସମ୍ପର୍କରେ ଗୋଲ୍‌ଡି ସୋଲାରର ସହ ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଭାରତ ଭୁତ୍ କହିଛନ୍ତି, ଓଡ଼ିଶା ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର। ଆମେ ଏଠାରେ ବହୁ ପ୍ରକଳ୍ପରେ ଅଂଶ ଗ୍ରହଣ କରିବାକୁ ପ୍ରୟାସ କରୁଛୁ। ଆମର ଗୁଣାତ୍ମକ ଉତ୍ପାଦ ଓ ବ୍ରାଣ୍ଡକୁ ନେଇ ଆମର ସୁଦୃଢ଼ ପାଇପଲାଇନ ରହିଛି। ଓଡ଼ିଶାରେ ହିଲ୍‌ଡ ପ୍ରୋଜେକ୍ଟ ସହ ସହଭାଗୀ ହୋଇ ପାରିଥିବାରୁ ଆମେ ଗର୍ବିତ।

## ଫୁରସତ୍

# ବିଶ୍ୱର ସବୁଠୁ ଦାମୀ ଘର

**ପ୍ୟାରିସ୍:** ସାଉଦି ଆରବ ପ୍ରିନ୍ସ ମହମ୍ମଦ ବିନ୍ ସଲ୍‌ମାନ ଫ୍ରାନ୍ସ ଗସ୍ତରେ ଥିବାବେଳେ ମାତ୍ର ଗୋଟିଏ ରାତି ସଲମାନ୍ ବିଶ୍ୱର ସବୁଠାରୁ ଦାମୀ ଘରେ ରହିବା କଥା ଏବେ ଅନ୍ତର୍ଜାତୀୟ ଗଣମାଧ୍ୟମରେ ଖୁବ୍ ଚର୍ଚ୍ଚା ହେବାରେ ଲାଗିଛି। ଲୋଭେସିନ୍ନସ୍‌ର ଛାଟିୟୁ ଲୁଇସ୍ ଏକ୍ସଆଇଭି ବିଶ୍ୱର ସବୁଠାରୁ ଦାମୀ ଘର ମଧ୍ୟରୁ ଗୋଟିଏ।



### ବିଶେଷତ୍ୱ

୭ ହଜାର ସ୍କୋୟାର ମିଟର ପରିମିତ ଅଞ୍ଚଳରେ ଏହି ବିରାଟ ବଙ୍ଗଳା ଅବସ୍ଥିତ। ତେବେ ଏହାର ମାଲିକ ହେଉଛନ୍ତି ନିଜେ ପ୍ରିନ୍ସ ସଲମାନ। ୨୦୧୫ରେ ଏହାକୁ ୨୭୫ ମିଲିୟନ୍ ୟୁରୋରେ ସେ କିଣିଥିଲେ। ୨୦୦୮ରୁ ୨୦୧୧ ମଧ୍ୟରେ ଏହି ବିଶାଳ ଘର ନିର୍ମାଣ କରାଯାଇଥିଲା। ପ୍ରପର୍ଟି ଡେଭଲପର୍ ଇମାଦ ଖାଶୋଗ୍ଗିଙ୍କ କମ୍ପାନୀ ଏହାର ନିର୍ମାଣ କରିଥିଲା। ଏହା ଏକ ରାଜପ୍ରାସାଦ ହୋଇଥିଲେ ହେଁ ଯଦି କୌଣସି ବ୍ୟକ୍ତି ଏଠାରେ ସମୟ କାଟିବାକୁ ଚାହାନ୍ତି ତେବେ ସେ ଉପଯୁକ୍ତ ଦେୟ ଦେଇ ଏହାର ସୌନ୍ଦର୍ଯ୍ୟ ଉପଭୋଗ କରିପାରିବେ। ଏହାର ଇନ୍‌ଡୋର୍ ଓ ଆଉଟ୍‌ଡୋର୍‌ରେ ରିଭର୍ସିବଲ୍ ଏୟାର କଣ୍ଡିସନିଙ୍ଗ୍‌ର ସବୁଧା ରହିଛି। ଏଠାରେ ମ୍ୟୁଜିକ୍‌ର ସୁବିଧା ଥିବା ସହ ସ୍ୱତନ୍ତ୍ର ସ୍ପିକର୍ ସାହାଯ୍ୟରେ ଏହାର ସାଉଣ୍ଡକୁ ନିୟନ୍ତ୍ରଣ କରାଯିବାର ସୁବିଧା ମଧ ଉପଲବ୍ଧ । ୨୩ ହେକ୍ଟର ପରିମିତ ସ୍ଥାନ କେବଳ ପାର୍କିଂ ବ୍ୟବସ୍ଥାକ ପାଇଁ ରଖାଯାଇଛି। ସପ୍ତଦଶ ଶତାବ୍ଦୀରେ ଏହାର ନିର୍ମାଣ କରାଯାଇଥିଲା। ବିଶେଷ ପ୍ରକାର ମାର୍ବଲ ଓ ସିଲ୍କ ଏଥିରେ ବ୍ୟବହାର କରାଯାଇଛି। ବାସ୍ତୁକଳାପ୍ରତି ଥିବା ରାଜାଙ୍କ ରୁଚି ଅନୁସାରେ ଏହି ପ୍ରାସାଦର ନାମକରଣ ଛାଟିଉ ଲୋଇସ ଚର୍ତୁଦଶ ରଖାଯାଇଥିବା କୁହାଯାଉଛି।

ପ୍ରାସାଦରେ ନାଇଟ୍ କ୍ଲବ ଏବଂ ସିନେମା ଘରର ସୁବିଧା ରହିଛି। ଏଥିସହ ପାଣିତଳେ ଏକ କାଚ ଘର ମଧ ରହିଛି। ଧଳା ଚମଡ଼ାରେ ତିଆରି ଫର୍ନିଚର ରଖାଯାଇଥିବାବେଳେ ଏଠାରେ ଧଳା ଓ ସୁନେଲି ରଙ୍ଗକୁ ବହୁଳ ଭାବେ ବ୍ୟବହାର କରାଯାଇଥିବା ଦେଖିବାକୁ ମିଳିଛି।

# ମା'ହେବେ ବିପାଶା




**ମୁମ୍ବାଇ:** ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ବ୍ଲାକ୍ ବ୍ୟୁଟି ଭାବେ ଜଣାଶୁଣା ବିପାଶା ବାସୁ ମା' ହେବାକୁ ଯାଉଥିବା ଖବର ପ୍ରକାଶ ପାଇଛି। ୨୦୧୬ରେ ବିପାଶା ଅଭିନେତା କରନ୍ ସିଂ ଗ୍ରୋଭରଙ୍କୁ ପ୍ରେମ ବିବାହ କରିଥିଲେ। ଦିନ ବଢ଼ିବା ସାଙ୍ଗକୁ ଦୁହିଁଙ୍କ ପ୍ରେମ ସମ୍ପର୍କ ଦିନକୁ ଦିନ ମଜଭୁତ ହେବା-ରେ ଲାଗିଛି। ତେବେ ମା' ହେବା କଥା ନେଇ ବିପାଶା କିମ୍ବା ସ୍ୱାମୀ କରନ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ହରର୍ ଫିଲ୍ମ 'ଏଲୋନ୍'ର ଶୁଟିଂ ବେଳେ ଦୁହେଁ ପ୍ରେମରେ ପଡ଼ିଥିଲେ। କିଛି ବର୍ଷ ଡେଟ୍ କଲା ପରେ ବିପାଶା କରନଙ୍କ ବାହାଘର ହୋଇଥିଲ।। ବିପାଶାଙ୍କୁ ବାହାହେବା ପୂର୍ବରୁ କରନ୍ ଦୁଇ ଜଣଙ୍କୁ ବାହା ହୋଇ ଛାଡ଼ପତ୍ର ଦେଇଛନ୍ତି। ବିପାଶା ୨୦୧୫ରେ ଶେଷଥର ପାଇଁ ଫିଲ୍ମ ଏଲୋନ୍‌ରେ ଦେଖାଯାଇଥିଲେ। ସେହିପରି ୨୦୨୦ରେ 'ଡେଞ୍ଜରିୟସ' ୱେବ୍ ସିରିଜ୍ ଜରିଆରେ ବିପାଶା ଓଟିଟିରେ ଡେବ୍ୟୁ କରିଥିଲେ।

# ବନ୍ଧୁତା ହିଁ ଶାନ୍ତିର ପ୍ରଥମ ପାହାଚ

**ବନ୍ଧୁତା ଦିବସ**



ବନ୍ଧୁତା ଦ୍ୱାରା ଶାନ୍ତିର ମାର୍ଗ ପ୍ରଶସ୍ତ ହୋଇଥାଏ। ଏହା ଦ୍ୱାରା ସମଗ୍ର ବିଶ୍ୱରେ ଏକ ପରିବାରବୋଧ ସୃଷ୍ଟି ହୋଇପାରିଥାଏ। ଏ ନେଇ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜୁଲାଇ ୩୦ରେ ବନ୍ଧୁତା ଦିବସ ପାଳନ କରାଯାଇଥାଏ। ଏହା ଅନ୍ତର୍ଜାତୀୟ ବନ୍ଧୁତ୍ୱ ଦିବସ ଭାବରେ ମଧ ଜଣାଶୁଣା।

୧୯୩୫ରେ ଯୁକ୍ତରାଷ୍ଟ୍ରରେ ଏହି ଦିନଟି ବନ୍ଧୁମାନଙ୍କ ସମ୍ମାନାର୍ଥେ ପାଳନ କରାଯିବା ଆରମ୍ଭ ହୋଇଥିଲା। ୧୯୫୮ରେ ପାରାଗୁଏରେ ଜୋୟସ ହଲ୍‌ଙ୍କ ଦ୍ୱାରା ବନ୍ଧୁତା ଦିବସ ପାଳନ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ପ୍ରଥମେ ଏହା ୨ ଅଗଷ୍ଟରେ ପାଳନ କରାଯାଉଥିଲା। ପରେ ଏହି ଦିବସ ୭ ଅଗଷ୍ଟରେ ପାଳନ କରାଯାଉଥିଲା। ୧୯୯୮ରେ ବନ୍ଧୁତ୍ୱ ଦିବସ ପାଳନ ଅବସରରେ ଜାତିସଂଘର ମହାସଚିବ କୋଫି ଆନ୍ନାନଙ୍କ ସ୍ତ୍ରୀ ନାନେ ଆନ୍ନାନ ୱିନି ପୁହଙ୍କୁ ମିଳିତ ଜାତିସଂଘରେ ବନ୍ଧୁତ୍ୱର ବିଶ୍ୱ ରାଷ୍ଟ୍ରଦୂତ ଭାବରେ ନାମିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ୟୁଏନ୍ ଜନ ସୂଚନା ବିଭାଗ ଏବଂ ଡିଜ୍‌ନି ଏଣ୍ଟରପ୍ରାଇଜେସ ସହଭାଗିତାରେ ପ୍ରାୟୋଜିତ କରାଯାଇଥିଲା। କ୍ୟାଥି ଲି ଗିଫୋର୍ଡଙ୍କ ସହଯୋଗରେ ଏହା ଆୟୋଜିତ ହୋଇଥିଲା।

୨୦୧୧ରେ ଜାତିସଂଘ ପକ୍ଷରୁ ଜୁଲାଇ ୩୦ରେ ଏହି ଦିବସ ପାଳନ ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ଦିବସ ପାଳନ ଅବସରରେ ବିଶ୍ୱ ସ୍ତରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥାଏ।

# ଯାତ୍ରୀଙ୍କ ଅସ୍ୱାଭାବିକ ଆଚରଣ ପାଇଁ ଜରୁରୀ ଅବତରଣ କଲା ବିମାନ

**ଲଣ୍ଡନ:** ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାରଣ ପାଇଁ ଅନେକ ସମୟରେ ବିମାନକୁ ଜରୁରୀ ଅବତରଣ କରିବାକୁ ପଡ଼ିଥାଏ। ସେହିପରି ଲଣ୍ଡନରୁ ଲସ୍ ଏଞ୍ଜେଲସ୍ ଯାଉଥିବା ଏକ ବିମାନକୁ ଯାତ୍ରୀଙ୍କ ପାଇଁ ଏମରଜେନ୍ସି ଲାଣ୍ଡିଂ କରିବାକୁ ପଡ଼ିଛି। ତେବେ ବିମାନଟି ବ୍ରିଟେନ କିମ୍ବା ତା'ର କୌଣସି ଆଖପାଖ ଜାଗାରେ ଲାଣ୍ଡିଂ କରିନାହିଁ। ସବୁଠାରୁ ରୋମାଞ୍ଚକର କଥା ହେଲା ଲଂଣ୍ଡନରୁ ଲସ୍ ଆଞ୍ଜେଲସ୍ ଅଭିମୁଖେ ଯାଉଥିବା



ବିମାନ ସିଧା ଯାଇ ଆମେରିକାର ସଲ୍ଟ ଲେକ୍ ସିଟିରେ ଜରୁରୀ ଅବତରଣ କରିଛି। ତେବେ ଏହା ପଛର କାରଣ ହେଉଛ ଜଣେ ବିମାନ ଯାତ୍ରୀ। ଲଣ୍ଡନ ଏୟାରପୋର୍ଟରୁ ବିମାନଟି ଉଡ଼ାଣ ଭରିବା ପରେ ସେଥିରେ ଥିବା ଜଣେ ଯାତ୍ରୀ ଅସ୍ୱାଭାବିକ ଆଚରଣ କରିଥିଲେ ଏବଂ ବିମାନଟିକୁ ଆମେରିକା ସଲ୍ଟ ଲେକ୍ ସିଟିରେ ଜରୁରୀ ଅବତରଣ କରାଯାଇଥିଲା, ଯେଉଁଠାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଥିଲା। ଯାତ୍ରୀ ଜଣକ ପାଇଲଟ ଓ ଅନ୍ୟ ଯାତ୍ରୀମାନଙ୍କୁ ବାରମ୍ବାର ହଇରାଣ କରୁଥିବା ଆଟଲାଣ୍ଟିକ ବିମାନ କର୍ତ୍ତୃପକ୍ଷ କହିଛନ୍ତି। ତେବେ ବ୍ୟକ୍ତି ଜଣକ ଏପରି ବ୍ୟବହାର କ'ଣ ପାଇଁ କରୁଥିଲେ ତାହା ଜଣାପଡ଼ିନାହିଁ। ପରବର୍ତ୍ତୀ ମୁହୂର୍ତ୍ତରେ ବିମାନଟି ଲସ୍ ଏଞ୍ଜେଲସ୍ ଯାଇଥିବା ଖବର ପ୍ରକାଶ ପାଇଛି।

## ଅଗଷ୍ଟ ପହିଲାରେ ନିଯୁକ୍ତି ପାଇବେ ୬୮୯୧ ଶିକ୍ଷକ

ଭୁବନେଶ୍ୱର,୨୯।୭(ବ୍ୟୁରୋ): ଅଗଷ୍ଟ ପହିଲାରେ ରାଜ୍ୟରେ ନିଯୁକ୍ତି ପାଇବେ ୬୮୯୧ ଶିକ୍ଷକ। କଳିଙ୍ଗ ଷ୍ଟାଡିୟମରେ ଓରିଏଣ୍ଟେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବନିଯୁକ୍ତ ଶିକ୍ଷକଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିବା ସହିତ ସମସ୍ତଙ୍କୁ ଉଦବୋଧନ ଦେବେ। ୬ହଜାର ୮୯୧ ଜଣ କଳା, ବିଜ୍ଞାନ, ପିଇଟି ଓ ଅନ୍ୟାନ୍ୟ ବିଭାଗର ଶିକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରାଯିବ। ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶଙ୍କ ସୂଚନା ଅନୁସାରେ ରାଜ୍ୟରେ ଏବେ ୧୧ ହଜାର ୮୦୦ ଶିକ୍ଷକଙ୍କ ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି। ଏହି କ୍ରମରେ ଆସନ୍ତା ୧ ତାରିଖରେ ନୂତନ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ନିଯୁକ୍ତି ଦେବେ। ରାଜ୍ୟରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି। ଶିକ୍ଷା କ୍ଷେତ୍ରକୁ ଶସକ୍ତ କରିବା ନିମନ୍ତେ ରାଜ୍ୟ ସରକାର ପ୍ରୟାସ ଆରମ୍ଭ କରିଛନ୍ତି ବୋଲି ସେ କହିଛନ୍ତି।

# ଡିଲ୍ ପୂର୍ବରୁ କଲରାପତରିଆ ଛାଲ ଜବତ

ଭୁବନେଶ୍ୱର,(ବ୍ୟୁରୋ)/ ଭବାନୀପାଟଣା, ୨୯।୭ (ସ୍ୱ.ପ୍ର.)

କଳାହାଣ୍ଡି ଜିଲା ନର୍ଲା ଥାନା ଅଞ୍ଚଳରେ କଲରାପତରିଆ ବାଘଛାଲ ଡିଲ୍‌ବେଳେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଚଢ଼ାଉ କରି ଜଣେ ଚାଲାଣକାରୀଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଗୁଣପୁର ଗ୍ରାମର କୈଳାସ ମାଝି। ତାଙ୍କଠାରୁ ବହୁ ଆପତ୍ତିଜନକ ସାମଗ୍ରୀ ସହ ଏକ କଲରାପତରିଆ ବାଘଛାଲ ଜବତ କରାଯାଇଛି। ଗିରଫ ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ଟିଏଫ୍ ଅଭିଯୁକ୍ତଙ୍କୁ ଭବାନୀପାଟଣା ବନ ବିଭାଗକୁ ହସ୍ତାନ୍ତର କରିଛି। ଅଭିଯୁକ୍ତ କୈଳାସ ଉକ୍ତ ବାଘଛାଲ କେଉଁଠୁ ଆଣିଲେ, ସେ ବାଘ ଶିକାର କରିଥିଲେ କି, ତାଙ୍କ ସହ ଆଉ କିଏ ସମ୍ପୃକ୍ତ ଅଛନ୍ତି ଏଭଳି ବିଭିନ୍ନ ଦିଗକୁ ନେଇ ଏସ୍‌ଟିଏଫ୍ ଓ ବନବିଭାଗ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, କୈଳାସଙ୍କ ପାଖରେ ଏକ ବାଘଛାଲ ଥିବା ଏସ୍‌ଟିଏଫ୍ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲା। ଉକ୍ତ ବାଘଛାଲକୁ ବିକ୍ରି ପାଇଁ ସେ ଗ୍ରାହକ ଖୋଜୁଥିଲେ। ଏସ୍‌ଟିଏଫ୍ ତାଙ୍କୁ ଧରିବାକୁ ଭବାନୀପାଟଣା ବନ ବିଭାଗକୁ ଜଣାଇଥିଲା। ଏହାପରେ ତାଙ୍କ ଉପରେ ଏସ୍‌ଟିଏଫ୍ ଓ ବନ ବିଭାଗ ନଜର ରଖିଥିଲା। କୈଳାସ ଗୁରୁବାର ବିଳମ୍ବିତ ରାତିରେ ବାଘଛାଲକୁ ବ୍ୟାଗ୍‌ରେ ପୂରାଇ ବିକ୍ରି ଉଦ୍ଦେଶ୍ୟରେ ଭବନୀପାଟଣା-ରାୟଗଡ଼ା ରାସ୍ତା ସତପୁର ଛକ ନିକଟକୁ ଯାଇଥିଲେ। ଏହି ସମୟରେ ଏସ୍‌ଟିଏଫ୍ ଓ ବନ ବିଭାଗର ମିଳିତ ଟିମ୍ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା।



- ଜଣଙ୍କୁ ଗିରଫ କଲା ଏସ୍‌ଟିଏଫ୍
- ୧୦ଦିନ ତଳେ ଜବତ ହୋଇଥିଲା ଆଉ ଏକ ବାଘଛାଲ



### ଅଢ଼େଇ ବର୍ଷରେ ୩୧ ବାଘ ଛାଲ

୨୦୨୦ରୁ ଏସ୍‌ଟିଏଫ୍ ବନ୍ୟଜନ୍ତୁ ଶିକାର ଓ ଚୋରା ଚାଲାଣ ରୋକିବା ସହ ଅପରାଧୀଙ୍କ ବିରୋଧରେ ସ୍ୱତନ୍ତ୍ର ଅଭିଯାନ ଜାରି ରଖିଛି। ଏହି ଅଭିଯାନରେ ଏପର୍ଯ୍ୟନ୍ତ ୩୧ଟି ବାଘଛାଲ ଜବତ ହେବାସହ ୪୪ ଜଣଙ୍କୁ ଗିରଫ କରାଯାଇଥିବା ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି। କିଛିଦିନ ତଳେ ଗତ ୧୯ ତାରିଖ ବିଳମ୍ବିତ ରାତିରେ କୋରାପୁଟ ଜିଲା ବୈପାରିଗୁଡ଼ା ଥାନା ଅଞ୍ଚଳରେ ଏସ୍‌ଟିଏଫ୍ ଚଢ଼ାଉ କରି କଲରାପତରିଆ ଛାଲ ଜବତ କରିବା ସହ ଜଣେ ଚାଲାଣକାରୀଙ୍କୁ ଗିରଫ କରିଥିଲା। ତେବେ ଜବତ ଛାଲକୁ ଦେଖିଲେ ରାଜ୍ୟରେ ଅବାଧରେ ବାଘ ଶିକାର ଚାଲିଛି। ଏହାକୁ ରୋକିବାରେ ବନ ବିଭାଗ ବିଫଳ ହୋଇଛି। ଶିକାରୀ ଓ ମାଫିଆଙ୍କ ସହ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ସମ୍ପର୍କ ବନ୍ୟପ୍ରାଣୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ଅଧିକାଂଶ କ୍ଷେତ୍ରରେ ଶିକାର ଓ ଚୋରା ଚାଲାଣ ସମ୍ପର୍କରେ କ୍ରାଇମବ୍ରାଞ୍ଚ ସୂଚନା ପାଇ ଚଢ଼ାଉ କରୁଛି। କିନ୍ତୁ ଦାୟିତ୍ୱରେ ଥିବା ବନ ବିଭାଗ ପାଖରେ କାହିଁକି ଆଗୁଆ ସୂଚନା ପହଞ୍ଚିପାରୁ ନାହିଁ ତାହାକୁ ନେଇ ପ୍ରଶ୍ନ ଉଠୁଛି।

# ସାର୍... ବାଘ ମରିଗଲେ

### ରାଜ୍ୟରେ ବଞ୍ଚିଛନ୍ତି ମାତ୍ର ୨୮

ଭୁବନେଶ୍ୱର,୨୯।୭(ବ୍ୟୁରୋ)

ସାର୍ ବାଘ ମରିଗଲେ। ସେମାନଙ୍କୁ ବଞ୍ଚାନ୍ତୁ। ରାଜ୍ୟରେ ବାଘସଂଖ୍ୟା ହ୍ରାସକୁ ନେଇ କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ ବିଧାନସଭାରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଶୁକ୍ରବାର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ସେ କହିଥିଲେ ଯେ, ସାର୍...ରାଜ୍ୟରେ ଆଉ ବାଘ ନାହାନ୍ତି। ନନ୍ଦନକାନନରେ ଜୀବଜନ୍ତୁ ସବୁ ମରିଗଲେଣି। ୨୦୦୬ ବ୍ୟାଘ୍ର ଗଣନା ଅନୁଯାୟୀ, ରାଜ୍ୟରେ ୧୧୧ଟି ବାଘ ଥିଲେ। ୨୦୦୮ ଗଣନା ଅନୁଯାୟୀ, ରାଜ୍ୟରେ ମାତ୍ର ୨୮ଟି ବାଘ ଅଛନ୍ତି। ସାର୍ ବାଘଙ୍କୁ ରକ୍ଷା ଦିଅନ୍ତୁ। ସବୁ ବାଘଙ୍କୁ ମାରିଦେବେ। ନନ୍ଦନକାନନରେ ଧଳା ଏବଂ କଳା ବାଘ ଥିଲେ। ଅନ୍ୟ କେଉଁଠି ଏଭଳି ବାଘ ଦେଖାଯାଆନ୍ତି ନାହିଁ। ନନ୍ଦନକାନନରେ ୩୫ଟି ବାଘରୁ ଏବେ ୭ଟି ଜୀବନମରଣ ସହ ସଂଘର୍ଷ କରୁଛନ୍ତି। କେବଳ ବାଘ ନୁହେଁ ଓଟ, ଜିରାଫ, ଶାଗୁଣା ଆଦି ପ୍ରାଣୀ ମରିଗଲେଣି। ଏଥିଲାଗି ଧ୍ୟାନ ଦିଆଯିବା ସହ ବାଘସଂଖ୍ୟା କିଭଳି ବୃଦ୍ଧି ପାଇବ ସେଥିପ୍ରତି ଗୁରୁତ୍ୱ ଦେବାକୁ ସେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ସେ ଲୋୟର ପିଏମ୍‌ଜିରେ ଧାରଣା ଦେଉଥିବା ଅଧ୍ୟାପକଙ୍କ ବିଷୟ ଉଠାଇଥିଲେ। ଦୀର୍ଘ ୧୫ ବର୍ଷ ଚାକିରି କରିବା ପରେ ମଧ୍ୟ ତାଙ୍କୁ ଦରମା ମିଳୁନାହିଁ। ସେମାନେ ମାସେ ହେବ ଧାରଣାରେ ବସିଛନ୍ତି। ସରକାର ତୁରନ୍ତ ସେମାନଙ୍କ କଥା ବିଚାର କରନ୍ତୁ ବୋଲି ସେ କହିଥିଲେ। ସେହିଭଳି ବିଜେଡି ସଭ୍ୟ ଦେବେଶ ଆଚାର୍ଯ୍ୟ କହିଥିଲେ, ଘରୋଇ ସ୍କୁଲ ମନଇଚ୍ଛା ଫି' ଆଦାୟ କରୁଛନ୍ତି। ପିଲାଙ୍କ ସୁରକ୍ଷା ବିଷୟରେ ଆଦୌ ଚିନ୍ତା କରୁନାହାନ୍ତି। ସରକାର ସେମାନଙ୍କୁ ନିୟନ୍ତ୍ରଣ କରନ୍ତୁ। କଂଗ୍ରେସ ସଭ୍ୟ ମହମ୍ମଦ ମୋକିମ ରେଭେନ୍‌ଶା କଲେଜରେ ଠିକା ଅଧ୍ୟାପକଙ୍କ ଦରମା କଥା ମଧ୍ୟ ଉଠାଇଥିଲେ।

### ପୋଲିସ ମହାସଂଘ ନିର୍ବାଚନକୁ ନେଇ ଉଦ୍‌ବେଗ

# ସରକାରଙ୍କୁ ବିରୋଧୀଙ୍କ କୈଫିୟତ ତଲବ

ଭୁବନେଶ୍ୱର,୨୯।୭(ବ୍ୟୁରୋ)

କନଷ୍ଟେବଳ ଓ ସିପାହି ମହାସଂଘର ନିର୍ବାଚନ ଗତ ୨ ବର୍ଷ ଧରି ହୋଇପାରିନାହିଁ। ପୋଲିସ ମହାନିର୍ଦ୍ଦେଶକ ଏଥିପାଇଁ ଅନୁମତି ଦେଉ ନ ଥିବାରୁ ପୋଲିସ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ନିର୍ବାଚନ କରାଇବା ଲାଗି ବାଚସ୍ପତି ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ବିରୋଧୀ ଦାବି କରିଛନ୍ତି।

ଶୁକ୍ରବାର ବିଧାନସଭାର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ଭାଜପା ସଭ୍ୟ ମୋହନ ଚରଣ ମାଝୀ କହିଲେ ଯେ, ପୋଲିସ ବିନା ଆମେ କେହି ସୁରକ୍ଷିତ ନୋହୁଁ। ସେମାନଙ୍କର ମଧ୍ୟ ଘର, ପିଲାଛୁଆ ଅଛନ୍ତି। ମହାସଂଘ ମାଧ୍ୟମରେ ସେମାନେ ତାଙ୍କ ସମସ୍ୟା ରାଜ୍ୟ ସରକାରଙ୍କ ନିକଟରେ ପହଞ୍ଚାଇଥାନ୍ତି। ଗତ ୨ ବର୍ଷ ହେବ ନିର୍ବାଚନ ହୋଇନାହିଁ। ସରକାର ଜାଣିଶୁଣି ନିର୍ବାଚନ କରାଇ ଦେଉନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ମହାସଂଘର ବାଇ ଲ' ଅନୁଯାୟୀ ପ୍ରତି ଦୁଇବର୍ଷରେ ଥରେ ନିର୍ବାଚନ ହେବାକଥା। କୋଭିଡ୍ ନ ଥିଲେ ମଧ୍ୟ ନିର୍ବାଚନ କରିବାକୁ ଅନୁମତି ଦିଆଯାଉନାହିଁ। ନିର୍ବାଚନ କରିବା ଲାଗି ଅନୁମତି ଦେବା ସକାଶେ ବାଚସ୍ପତି ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ସେ କହିଥିଲେ।

କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି ମଧ୍ୟ ମହାସଂଘ ନିର୍ବାଚନ ହୋଇ ନ ଥିବା ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେ କହିଲେ, ମୁଁ ବିଧାୟକ ହେବା ପୂର୍ବରୁ ପୋଲିସ କନଷ୍ଟେବଳ ଥିଲି। ମହାସଂଘର ନେତା ଥିଲି। ୧୯୭୧ରେ ସଂଘ ଗଢ଼ାଯାଇଥିଲା। ୧୯୭୪ ଏବଂ ୭୯ରେ ମଧ୍ୟ ଆନ୍ଦୋଳନ ହୋଇଥିଲା। ସେଥିଲାଗି ସରକାର ଭାଙ୍ଗି ଯାଇଥିଲା। ବାଇ ଲ' ଅନୁଯାୟୀ ପ୍ରତି ୨ ବର୍ଷରେ ଥରେ ନିର୍ବାଚନ ହେଉଥିଲା। ନିର୍ବାଚନ ଲାଗି ଡିଜି ଅନୁମତି ଦେଉ ନ ଥିବାରୁ ହୋଇପାରୁନାହିଁ। ପୋଲିସ ମହାସଂଘ ବିଷୟରେ ଡିଜିଙ୍କୁ ସେମିତି କିଛି ଜଣାନାହିଁ। ସେ ବହୁଦିନ ଧରି ବାହାରେ ରହୁଥିଲେ। ମହାସଂଘ ପାଇଁ ଅନେକ ଲୋକ ବଳିଦାନ ଦେଇଛନ୍ତି। ଆମେ କେତେଜଣ ବଞ୍ଚିଛୁ। ଡିଜି, ଆଇଜିଙ୍କୁ ଅନେକବାର ଘେରାଉ କରାଯାଇଛି। ବାଚସ୍ପତି ରୁଲିଂ ଦିଅନ୍ତୁ, କେବେ ସୁଦ୍ଧା ମହାସଂଘ ନିର୍ବାଚନ ହେବ ସେ ନେଇ ସରକାର ସ୍ପଷ୍ଟ କରନ୍ତୁ।

# କିମ୍ସ ସୁପର ସ୍ପେଶାଲିଟି, କ୍ୟାନ୍‌ସର ସେଣ୍ଟର ଉଦ୍‌ଘାଟିତ

ଭୁବନେଶ୍ୱର, ୨୯।୭(ବ୍ୟୁରୋ)

କିମ୍ସ ପ୍ରଦ୍ୟୁମ୍ନ ବଳ ମେମୋରିଆଲ୍ ହସ୍ପିଟାଲ୍ (ପିବିଏମ୍‌ଏଚ୍) ଏବେ ୧୬୦୦ ଶଯ୍ୟା ବିଶିଷ୍ଟ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ହସ୍ପିଟାଲରେ ପରିଣତ ହୋଇଛି। ଏଥିସହ ନୂଆକରି ସ୍ଥାପନ ହୋଇଥିବା କିମ୍ସ ସୁପର ସ୍ପେଶାଲିଟି ଓ କିମ୍ସ କ୍ୟାନସର ସେଣ୍ଟରକୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଦେଶର ଖ୍ୟାତି ସମ୍ପନ୍ନ ଡାକ୍ତର ଓ ବିଶେଷଜ୍ଞ ଏଠାରେ ଯୋଗଦେଇଥିବାରୁ ଓଡ଼ିଶା ତଥା ପଡ଼ୋଶୀ ରାଜ୍ୟର ରୋଗୀମାନେ ଉତ୍ତମ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ପାଇପାରିବେ। ବିଶେଷକରି ଆର୍ଥିକ ଅନଗ୍ରସର ଓ ସାଧାରଣ ବର୍ଗର ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ରହିଥିବା ସୂଚନା ଦିଆଯାଇଛି।

କିମ୍ସ ସୁପର ସ୍ପେଶାଲିଟିରେ ୩ଶହ ଶଯ୍ୟା ସହ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ରହିଛି। ଏଠାରେ ହୃଦ୍‌ରୋଗ ଚିକିତ୍ସା, କାର୍ଡିଓଥୋରାସିକ୍ ଆଣ୍ଡ୍ ଭାସ୍କୁଲାର ସର୍ଜରୀ (ସିଟିଭିଏସ୍), ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଏବଂ ହେପାଟୋଲୋଜି, ସର୍ଜିକାଲ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି, ନେଫ୍ରୋଲୋଜି ଏବଂ କିଡ୍‌ନୀ ପ୍ରତିରୋପଣ, ୟୁରୋଲୋଜି, ନ୍ୟୁରୋଲୋଜି, ନ୍ୟୁରୋ ସର୍ଜରୀ, ଏଣ୍ଡୋକ୍ରାଇନୋଲୋଜି, କ୍ଲିନିକାଲ୍ ୟୁମୁନୋଲୋଜି ଏବଂ ରିଉମାଟୋଲୋଜି, ଅସ୍ଥିଶଲ୍ୟ, ସ୍ପାଇନାଲ୍ ସର୍ଜରୀ ଏବଂ ପ୍ଲାଷ୍ଟିକ୍ ସର୍ଜରୀ ଆଦି ବିଭାଗ ରହିଛି। ଅତ୍ୟାଧୁନିକ ଅସ୍ତ୍ରୋପଚାର ଗୃହ, ଆଇସିୟୁ ଏବଂ ଅନ୍ୟାନ୍ୟ ଅତ୍ୟାଧୁନିକ ଭିତ୍ତିଭୂମି ରହିଛି। ଏହାଛଡ଼ା ରୋଗୀମାନେ ମେଡିସିନ୍, ସର୍ଜରୀ, ଶିଶୁରୋଗ, ସ୍ତ୍ରୀ ଓ ପ୍ରସୂତି ରୋଗ, କର୍ଣ୍ଣ-ନାସା-ଗଳା, ଛାତିରୋଗ, ଚର୍ମରୋଗ, ଚକ୍ଷୁରୋଗ ଓ ମାନସିକ ରୋଗ ଚିକିତ୍ସା ବିଭାଗ ରହିଛି। ରୋଗୀମାନେ ଭାରତର ପ୍ରତିଷ୍ଠିତ ଓ ଅଭିଜ୍ଞ ଡାକ୍ତର ପଦ୍ମଶ୍ରୀ ପ୍ରଫେସର ଡା. ସୁବ୍ରତ ଆଚାର୍ଯ୍ୟ, ପଦ୍ମଶ୍ରୀ ପ୍ରଫେସର ଡା. ୱାଇ କେ ଚାୱଲା, ଡା. ଏ ସି ଆନନ୍ଦ, ଡା. ସିବିକେ ମହାନ୍ତି, ଡା. ରାମଚନ୍ଦ୍ର ଦାସ, ଡା. ଅମ୍ବିକା ପ୍ରସାଦ ମହାନ୍ତି, ଡା. ହେମନ୍ତ କୁମାର କର, ଡା. ରମାନାଥ ମିଶ୍ର, ଡା. ସୁଧାଂଶୁ ରଥ ଓ ଡା ଏନ୍. କେ. ଦାସ ପ୍ରମୁଖଙ୍କ ଚିକିତ୍ସା ଓ ପରାମର୍ଶ ପାଇ ପାରିବେ। ସେହିପରି ୩୦୦ ଶଯ୍ୟା ବିଶିଷ୍ଟ କ୍ୟାନସର୍ ସେଣ୍ଟର ଅନ୍ତର୍ଜାତୀୟମାନର ହୋଇଥିବାବେଳେ ଭାରତର ଖ୍ୟାତି ସମ୍ପନ୍ନ କର୍କଟ ରୋଗ ବିଶେଷଜ୍ଞ ପ୍ରଫେସର ଡା. ବିଧୁ କଲ୍ୟାଣ ମହାନ୍ତି ଏହାର ନିର୍ଦ୍ଦେଶକ ରହିଛନ୍ତି। ଏଠାରେ ଗୋଟିଏ ସ୍ଥାନରେ ରୋଗ ଚିହ୍ନଟଠାରୁ ଆରମ୍ଭ କରି ଚିକିତ୍ସା ଓ ପରୀକ୍ଷା ନିରୀକ୍ଷା ସୁବିଧା ରହିଛି।

ଉଦ୍‌ଘାଟନ ଅବସରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ, କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ, ସମ୍ପାଦକ ଆର୍.ଏନ୍. ଦାଶ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତାରାଣୀ ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।




- ଉପକୃତ ହେବେ ଆର୍ଥିକ ଅନଗ୍ରସର ରୋଗୀ
- ୩୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲରେ ଅତ୍ୟାଧୁନିକ ସୁବିଧା

# ଓଏପିଏସ୍‌ର ୩ ଅଧିକାରୀଙ୍କ ପଦୋନ୍ନତି

କଟକ ଅଫିସ, ୨୯।୭

ଓଡ଼ିଶା ଆର୍ମଡ୍ ପୋଲିସ ସର୍ଭିସ (ଓଏପିଏସ୍)ର ୩ ଜଣ ଅଧିକାରୀଙ୍କୁ ପଦୋନ୍ନତି ଦିଆଯାଇ ବଦଳି କରାଯାଇଛି। କଟକସ୍ଥିତ ଓଏସ୍‌ଏପି ଷଷ୍ଠ ବାଟାଲିୟନର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସନ୍ତୋଷ କୁମାର ବିଶ୍ୱାଳଙ୍କୁ ଡେପୁଟି କମାଣ୍ଡାଣ୍ଟ ର୍ୟାଙ୍କକୁ ପଦୋନ୍ନତି ଦିଆଯାଇ କଳାହାଣ୍ଡିସ୍ଥିତ ନବମ ଆଇଆର୍ ବାଟାଲିୟନରେ ଅବସ୍ଥାପିତ କରାଯାଇଛି। ସେହିପରି କେନ୍ଦ୍ରାପଡ଼ାସ୍ଥିତ ହୋମ୍‌ଗାର୍ଡର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସୁରେନ୍ଦ୍ରନାଥ ନାୟକଙ୍କୁ ପଦୋନ୍ନତି ଦିଆଯାଇ କୋରାପୁଟସ୍ଥିତ ସପ୍ତମ ଆଇଆର୍ ବାଟାଲିୟନରେ ଡେପୁଟି କମାଣ୍ଡାଣ୍ଟ ଭାବେ ଅବସ୍ଥାପିତ କରାଯାଇଛି। ଏତଦ୍‌ବ୍ୟତୀତ କଳିଙ୍ଗନଗରସ୍ଥିତ ତୃତୀୟ ଆଇଆର୍ ବାଟାଲିୟନର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ବିଭୂତି ଭୂଷଣ ପରିଡ଼ାଙ୍କୁ ଡେପୁଟି କମାଣ୍ଡାଣ୍ଟ ର୍ୟାଙ୍କକୁ ପଦୋନ୍ନତି ଦିଆଯାଇ ଭଞ୍ଜନଗରସ୍ଥିତ ଅଷ୍ଟମ ଆଇଆର୍ ବାଟାଲିୟନରେ ଅବସ୍ଥାପିତ କରାଯାଇଛି। ଏ ସମ୍ପର୍କରେ ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଟ୍ରାନ୍ସଫର କମିଟି ବୈଠକରେ ଉପରୋକ୍ତ ଓଏପିଏସ୍ କ୍ୟାଡର ଅଧିକାରୀମାନଙ୍କୁ ପଦୋନ୍ନତି ପାଇଁ ନିଷ୍ପତ୍ତି ନିଆଯାଇଥିଲା।

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RWSS DIVISION, KORAPUT

e-mail: eerwss_kpt@rediffmail.com, Ph. No.: 06852-250281 (Off)
Ph. No. 06852-250680 (Res.) Fax No.: 06852-251098

**National Competitive Bidding Through E-Procurement**
**Tender Identification No. 06/SE/RWSS/KPT/2022-23/22.07.2022**

No. O-721: The Superintending Engineer, RWS&S Division, Koraput on behalf of the Governor of Odisha invites Percentage Rate Bids in Single Cover (P1 Contract) from the eligible Class of experienced registered contractors through e-Tendering system for the Piped Water Supply works as detailed in DTCN. The bid should be submitted Online in the website **www.tenderorissa.gov.in** separately for the works.

| | | | |
|---|---|---|---|
| 1 | Nature of Work | : | Rural piped water supply projects under Koraput district |
| 2 | Estimated Cost | : | Varies from 28.16 lakhs to 30.78 lakhs |
| 3 | Total Nos. of works | : | 3 Nos. |
| 4 | Tender Cost | : | Rs.6,000.00 |
| 5 | Class of Contractor | : | "C" & "B" |
| 6 | Availability of Bid document in the website | : | Dt.05.08.2022 at 17.00 hours to 19.08.2022 upto 17.00 hours |
| 7 | Date of Seeking Clarification | : | During the office hours of 05.08.2022 to 17.08.2022 |
| 8 | Date of Opening of Bid | : | Dt.20.08.2022 at 11.00 hours |

Further details can be seen in the bidding documents which is available in the e-procurement portal **https/www.tendersorissa.gov.in**. Subsequent corrigendum if required shall be appeared in the website. Authority reserves the right to reject any or all tenders without assigning any reason thereof.

**Sd./- Superintending Engineer**
**RWS&S Division, Koraput**
OIPR-25034/11/0011/2223

## DISTRICT PROJECT OFFICE, SS, SAMBALPUR

(2nd Floor, Collectorate, Sambalpur, Ph. No. 0663 241834)

**SHORT TENDER CALL NOTICE**

**BID IDENTIFICATION NO.: SSAA/SBP/CIVIL/36/2022-23**
**NO.174/CW Dt.28.07.2022**

Sealed tenders are on official pad (having detail address) are invited from authorised licenced Electrical Contractor having valid licence (HT) as per following terms and conditon.

| S.N. | Items | Specification | Quoted rate |
|---|---|---|---|
| 1 | Shifting of 11 K.V. line (with 11 K.V. kisinda feeder) at KGBV Hostel Building, Sarapali, Block-Naktideul, Dist.-Sambalpur | As per estimate approved by the Executive Engineer, TPWODL, SEED, Sambalpur, with an estimated cost of Rs.4,91,336.00/- | |

**TERMS AND CONDITIONS**

1. Rate quotation must be submitted along with
   a- Authorised licence having valid period.
   b- GST registration certificate.
   c- Photo copy of PAN.
   d- EMD Rs.10,000/- in shape of TDR pledge to District Project Coordinator, SSA, Sambalpur.
2. Sealed rate quotation along with above document must be submitted to the office of undersigned by 5.00 P.M. of 05.08.2022 and will be opened at 4.00 P.M. of 06.08.2022. Successful bidder will have to submit security deposit of Rs.25,000/- in shape of TDR pledge to District Project Coordinator, SSA, Sambalpur.
3. Work order will issued to the lowest bidder within three days.
4. Full payment will be released after completion of the work and submission of the completion certificate issued by the Executive Engineer, TPWODL, SEED, Sambalpur or his authorised person and all the dismantled materials should be returned to the nearest store of TPWODL.
5. Authority reserve the right to cancel the tender without assigning any reason thereof.

**Sd./- District Project Coordinator**
**SS, Sambalpur**

## The Odisha Small Industries Corporation Ltd.

(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No.CAD-1286 OSIC GST No. 21AAACO2101M1Z1

**e-Procurement Notice for Building works**

Tender Notice No.3288 Date: 29.07.2022
Identification No. On line Building OSIC/Constn./2022-2023/007

**(A)**1.Name of the work
i) Construction, repair & renovation of DVH Jagatsinghpur, BVD Biridi, BVD Tirtol, BVD Kujanga & BVD Naugaon in Jagatsinghpur District.
ii) Construction, repair & renovation of DVH Dhenkanal, BVD Gondia, BVD Kamkshyanagar, BVD Odapada, BVD Kankadahada in Dhenkanal District.
iii)Construction, repair & renovation of BVD Mahakalpada, BVD Derabis, BVD Marsaghai in Kendrapada District.
iv) Construction, repair & renovation of Operation theatre Jharsuguda, BVD Lakhanpur, BVD Kolabira, BVD Laikera at Jharsuguda District.
v) Construction, repair & renovation of DVH Rourkela, BVD Lathikata, BVD Tangarpalli, BVD Subdega, BVD Kutra, BVD Kuarmunda, BVD Lephripada, BVD Baneigarh, BVD Lahunipada, BVD Gurundia in Sundergarh District.
2.Total No of works : 05 Nos.
3. Estimated cost :
i) **Rs.3,67,52,477/-(approx)**, ii)**Rs.3,12,26,220/-(approx)**
iii)**Rs.1,52,33,056/-(approx)** iv)**Rs.1,84,04,519/-(approx)**
v) **Rs.5,15,98,963/-(approx)**
4.Class of Contractor:
i)A & Special Class as per eligibility criteria online. ii) A & Special Class as per eligibility criteria online iii) B & A Class as per eligibility criteria online. iv)B & A Class as per eligibility criteria online v)A & Special Class as per eligibility criteria online
5.Period of completion:
(i)Twelve Calendar months., (ii) Twelve Calendar months. (iii)Twelve Calendar months., (iv) Twelve Calendar months(v) Twelve Calendar months.

**(B)**1.Name of the work :
i) Proposed Anwesha Girl's Hostel Building at Rourkela, Sundergarh, Odisha. ii)Proposed Anwesha Girl's Hostel Building at Kerai, Sundergarh, Odisha
2.Total No of works : 02 Nos.
3.Estimated cost: i) Rs. **20,80,590/-(approx)**,ii) Rs. **20,80,590/-(approx)**
4.Class of Contractor : i)C & B class as per eligibility criteria online.
ii)C & B class as per eligibility criteria online
5.Period of completion: (i) Six Calendar months.(ii)Six Calender months.

**(C)**1.Name of the work
(i) Proposed Interior Furnishing work of Second floor at Talguda Bhawan, Gandamunda, Bhubaneswar, Odisha.
2.Total No of works : 01 No.
3. Estimated cost : i) Rs.**36,85,709/-(approx)**
4.Class of Contractor : C & B class as per eligibility criteria online.
5.Period of completion : Three Calendar months

**(D)Other details**

| Procurement on line | Bid Identification No | Availability of tender on-line for bidding | | Date & time of opening of Tender in O/O MD OSIC Ltd., Cuttack |
|---|---|---|---|---|
| | | From | To | |
| MD OSIC Ltd., Cuttack. | 007 of 2022-2023 | 05.08.22 | 25.08.22 | 26.08.22 |

Further details can be seen from the website **www.tendersodisha.gov.in** . Any amendment corrigendum, cancellation or re-tender may please be referred to the website.

**Sd/- GENERAL MANAGER(O)**
**OSIC Ltd., Cuttack.**
OIPR-14073/11/0052/2223

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
For Booking Contact: 0674-2580385, 8637280816, 7894447167, 9338226625

DHANLAXMI FINANCE
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ
୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡ଼ାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
4% ସୁଧ ଏବଂ 50% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତି
ଧୋକାବାଜ୍ ରୁ ସାବଧାନ, ଧୋକା ଖାଇଥିବା ବନ୍ଦ କରନ୍ତୁ
2th floor, Krishna Reddy, Mumbai, Maharastra
8902403044

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**ସ୍ୱ.ପର୍ଶୁରାମ ଦାସ**
ଆବିର୍ଭାବ: ୦୧।୧୦।୧୯୩୭
ତିରୋଧାନ: ୨୦।୦୭।୨୦୨୨
ତୁମର ଶୂନ୍ୟସ୍ଥାନ ଚିର ଅପୂରଣୀୟ। ତୁମର ଅମାୟିକ ସ୍ନେହ, ଆଦର୍ଶ, ଭଲପାଇବା ସର୍ବଦା ପ୍ରେରଣାର ଉତ୍ସ ହେଉ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ କରୁଣାମୟ ଆବେଦନ।
:::ଶୋକସନ୍ତପ୍ତ ପରିବାରବର୍ଗ:::
ପୁତ୍ର: ଇଂ. ଶୁପ୍ରଭାତ କୁମାର ଦାସ, ପୁତ୍ରବଧୂ: ସୁଦିପ୍ତା, ଦୀପ୍ତିରେଖା, ଜ୍ୱାଇଁ: ସଞ୍ଜୟ, ତ୍ରିଲୋଚନ, ଝିଅ: ମମି, ଝୁନା, ନାତି: ରୋନକ, ରୋହନ, ଦେବାଶିଷ, ଯଶ୍, ନାତୁଣୀ: ସୋନି, ପ୍ରଜ୍ଞା, ସୁପ୍ରିୟା।
ଧ-୧୧୨୫

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଶତ୍ରୁଘ୍ନ ତରାଇ**
(ପୂର୍ବତନ ମୁଖ୍ୟଯନ୍ତ୍ରୀ, ଜଳସଂପଦ ବିଭାଗ)
ଆବିର୍ଭାବ: ୦୭.୦୧.୧୯୫୭
ତିରୋଧାନ : ୧୪.୦୮.୨୦୦୭
ଆଜି ତିଥିରେ ଆପଣ ଆମ୍ଭମାନଙ୍କୁ ଛାଡ଼ି ଚାଲିଯିବାର ୧୫ ବର୍ଷ ବିତିଗଲା। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଉପଦେଶ ସର୍ବଦା ଆମର ଆଦର୍ଶ ହୋଇ ରହିବ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପାଦପଦ୍ମରେ ପ୍ରାର୍ଥନା। ଆପଣଙ୍କ ଅଦୃଶ୍ୟ ପବିତ୍ର ଆତ୍ମା ଆମ୍ଭମାନଙ୍କୁ ସର୍ବଦା ଆଶୀର୍ବାଦ ପ୍ରଦାନ କରୁଥାଉ। ଏହି ଶ୍ରାଦ୍ଧବାର୍ଷିକରେ ଭକ୍ତିପୂତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ:
ଆତ୍ମୀୟସ୍ୱଜନ ଓ ପରିବାରବର୍ଗ
ଧ-୧୧୪୧

**୩୫ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱ ଗୋବିନ୍ଦ ଚନ୍ଦ୍ର ମହାନ୍ତି**
ଗ୍ରାମ: ମଧୁଶାସନ, ପାଟକୁରା, କେନ୍ଦ୍ରାପଡା
ତିରୋଧାନ : ୨୭.୦୭.୧୯୮୭
ତୁମର ଏ ୩୫ତମ ଶ୍ରାଦ୍ଧବାର୍ଷିକୀରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଚରଣ କମଳରେ ଶ୍ରଦ୍ଧା ସୁମନ ଅର୍ପଣ କରୁଛୁ।
-: ଶୋକ ସନ୍ତପ୍ତ :-
ବନ୍ଧୁ ଓ ପରିବାରବର୍ଗ
ଧ-୧୧୪୫

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



**ସ୍ୱ.ଧରଣୀଧର ଜେନା**
ଆଡ୍‌ଭୋକେଟ୍, ହାଇକୋର୍ଟ, କଟକ
ତିରୋଧାନ: ୨୨ ଜୁଲାଇ ୨୦୨୦
ଶ୍ରାବଣ ଶୁକ୍ଳପକ୍ଷ ଦ୍ୱିତୀୟା ତିଥି
ଇ-୭, ବି.ଜେ.ବି ନଗର
ସମୟର ଅବାରିତ ଗତିରେ ତୁମ ସ୍ମୃତି ଅମଳିନ। ତୁମର ତ୍ୟାଗ, ଆଦର୍ଶ, ସତ୍ୟବାଦିତା, କର୍ତ୍ତବ୍ୟପରାୟଣତା, ସର୍ବୋପରି ସ୍ନେହ, ଶ୍ରଦ୍ଧା, ଆମମାନଙ୍କୁ ସର୍ବଦା ଅନୁପ୍ରାଣିତ କରୁଥିବ। ତୁମର ସ୍ୱର୍ଗବାସ ସୁଖମୟ ହେଉ, ଶ୍ରୀଜଗନ୍ନାଥଙ୍କ ପାଦତଳେ ଆମର ବିନମ୍ର ନିବେଦନ।
ପତ୍ନୀ, ପୁତ୍ର: ସୁନିଶ୍ଚିତ, ପୁତ୍ରବଧୂ: ସ୍ୱାଗତିକା ଏବଂ ସମସ୍ତ ପରିବାରବର୍ଗ।
ଧ-୧୧୨୭

# ଶିନ୍ଦେଙ୍କୁ ସମର୍ଥନ ଦେଲେ ଉଦ୍ଧବଙ୍କ ପୁତୁରା

ମୁମ୍ବାଇ,୨୯।୭

ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେଙ୍କ ହାତରୁ ମୁଖ୍ୟମନ୍ତ୍ରୀ ପଦ ଯିବା ପରେ ଦଳକୁ ଏକାଠି ରଖିବାରେ ସେ ଏକପ୍ରକାର ସଂଘର୍ଷ କରୁଛନ୍ତି। ଏହି ସମୟରେ ତାଙ୍କୁ ଆଉ ଏକ ରାଜନୈତିକ ଝଟକା ଲାଗିଛି। ବିଦ୍ରୋହୀ ନେତା ତଥା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ନିଜକୁ ଶିବସେନା ପ୍ରତିଷ୍ଠାତା ବାଲ୍ ଠାକ୍‌ରେଙ୍କ ଲିଗାସି ଦାବି କରିଆସୁଥିବାବେଳେ ଉଦ୍ଧବଙ୍କ ପୁତୁରା ନିହାର ଠାକ୍‌ରେ ତାଙ୍କୁ ଭେଟି ସମର୍ଥନ ଜଣାଇଛନ୍ତି।

ନିହାର ହେଉଛନ୍ତି ବାଲ୍ ଠାକ୍‌ରେଙ୍କ ବଡ଼ପୁଅ ବିନ୍ଦୁମାଧବ ଠାକ୍‌ରେଙ୍କ ପୁଅ। ଚଳଚ୍ଚିତ୍ର ପ୍ରଯୋଜକ ଥିବା ବିନ୍ଦୁମାଧବଙ୍କର ୧୯୯୬ରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ନିହାର ରାଜନୀତିରେ ପୋଖତ ନ ଥିଲେ ମଧ୍ୟ ପରିବାର ସଦସ୍ୟ ବିଦ୍ରୋହୀ ଶିବିରରେ ଯୋଗଦେବା ଉଦ୍ଧବଙ୍କୁ ଅଡୁଆରେ ପକାଇଛି। ନିକଟରେ ଉଦ୍ଧବଙ୍କ ଭାଇ ଜୟଦେବଙ୍କ ପୂର୍ବତନ ସ୍ତ୍ରୀ ସ୍ମିତା ଠାକ୍‌ରେ ମୁଖ୍ୟମନ୍ତ୍ରୀ ଶିନ୍ଦେଙ୍କୁ ଭେଟିଥିଲେ। ସୂଚନାଯୋଗ୍ୟ, ୨୦୧୨ରେ ବାଲ୍ ଠାକ୍‌ରେଙ୍କ ଦେହାନ୍ତ ପରେ ତାଙ୍କ ଇଚ୍ଛାପତ୍ରକୁ ନେଇ ବିବାଦ ଦେଖାଦେଇଥିଲା। ସେବେଠାରୁ ଉଦ୍ଧବଙ୍କର ଅନ୍ୟ ଦୁଇଭାଇଙ୍କ ପରିବାର ସହ ଭଲ ସମ୍ପର୍କ ନାହିଁ। ନିହାର ଜଣେ ଆଇନଜୀବୀ ହୋଇଥିବାବେଳେ ଭାଜପା ନେତା ହର୍ଷବର୍ଦ୍ଧନ ପାଟିଲଙ୍କ ଝିଅ ଅଙ୍କିତାଙ୍କୁ ବିବାହ କରିଛନ୍ତି।


ଉଦ୍ଧବଙ୍କ ପୁତୁରା ନିହାର ଠାକ୍‌ରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କୁ ସାକ୍ଷାତ କରୁଛନ୍ତି।

# ୨୪ ଘଣ୍ଟାରେ ଟୁଇଟ୍ ଡିଲିଟ୍ କର

■ସ୍ମୃତି ଇରାନୀ ଝିଅଙ୍କ ବେଆଇନ ବାର୍ ବିବାଦ ମାମଲା
■କଂଗ୍ରେସ ନେତାଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୯।୭

କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଦାଏର କରିଥିବା ମାନହାନି ମାମଲା ଉପରେ ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର କଂଗ୍ରେସ ନେତା ଜୟରାମ ରମେଶ, ପବନ ଖେରା ଏବଂ ନେତ୍ତା ଡି'ସୌଜାଙ୍କୁ ସମନ ଜାରି କରିଛନ୍ତି। ଇରାନୀଙ୍କ ଝିଅ ଜୋଇସ୍‌ଙ୍କ ସମ୍ପର୍କରେ କରିଥିବା ଟୁଇଟ୍ ୨୪ ଘଣ୍ଟା ମଧ୍ୟରେ ଡିଲିଟ୍ କରିବା ଲାଗି ହାଇକୋର୍ଟ ସମ୍ପୃକ୍ତ ନେତାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଜୋଇସ୍ ଏକ ଜାଲ୍ ଲାଇସେନ୍ସ ବଳରେ ଗୋଆରେ ବେଆଇନ ଭାବେ ରେଷ୍ଟୁରାଣ୍ଟ ଚଳାଉଥିବା ନେଇ କଂଗ୍ରେସ ନେତାମାନେ ସୋସିଆଲ ମିଡିଆରେ ବିଭିନ୍ନ ପୋଷ୍ଟ କରିଥିଲେ। ଏଭଳି ବେଆଇନ କାର୍ଯ୍ୟ ପାଇଁ ପ୍ରଧାନମନ୍ତ୍ରୀ ତୁରନ୍ତ ଇରାନୀଙ୍କୁ ମନ୍ତ୍ରିମଣ୍ଡଳରୁ ବିଦା କରନ୍ତୁ ବୋଲି ପବନ ଖେରା ଦାବି କରିଥିଲେ। ଇରାନୀ ଅଭିଯୋଗକୁ ଖଣ୍ଡନ କରି କୋର୍ଟରେ ଦେଖିନେବେ ବୋଲି ଚେତାବନୀ ଦେବା ସହ ସମ୍ପୃକ୍ତ ୩ ନେତାଙ୍କୁ ଓକିଲ ନୋଟିସ ପଠାଇଥିଲେ। ଝିଅଙ୍କ ସମ୍ପର୍କରେ ଭିତ୍ତିହୀନ ଅଭିଯୋଗ ବିରୋଧରେ ଇରାନୀ ହାଇକୋର୍ଟରେ ୨ କୋଟି ଟଙ୍କାର ମାନହାନି ମାମଲା ଦାଏର କରିଥିଲେ। ମିଛ ଅଭିଯୋଗ ପଛରେ ରାଜନୈତିକ ଉଦ୍ଦେଶ୍ୟ ରହିଛି। ତାଙ୍କ ୧୮ ବର୍ଷୀୟା ଝିଅ ଜଣେ କଲେଜ ଛାତ୍ରୀ। ସେ କୌଣସି ରେଷ୍ଟୁରାଣ୍ଟ କିମ୍ବା ବାର୍ ଚଳାଉନାହାନ୍ତି ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ମାନହାନି ମାମଲାର ଶୁଣାଣି କରି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରୁ ଏ ସମ୍ପର୍କିତ ସମସ୍ତ ଟୁଇଟ୍, ପୋଷ୍ଟ, ଭିଡିଓ ଓ ଫଟୋ ହଟାଇବାକୁ ଜଷ୍ଟିସ୍ ମିନି ପୁଷ୍କର୍ଣ କଂଗ୍ରେସ ନେତାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ବେଆଇନ ବାର୍ ସମ୍ପର୍କରେ ସବୁ ତଥ୍ୟ କୋର୍ଟରେ ଉପସ୍ଥାପନ କରିବେ ଏବଂ ଇରାନୀଙ୍କ ଆବେଦନକୁ ଚ୍ୟାଲେଞ୍ଜ କରିବେ ବୋଲି ଜୟରାମ କହିଛନ୍ତି।


ପବନ ଖେରା


ଜୟରାମ ରମେଶ

# ସସ୍ମିତ ବିଜେଡି ରାଜ୍ୟସଭା ସଂସଦୀୟ ଦଳ ନେତା

## ସୁଲତା ମୁଖ୍ୟ ସଚେତକ

ଭୁବନେଶ୍ୱର,୨୯।୭(ବ୍ୟୁରୋ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ସଭାରେ ବିଜେଡି ସଂସଦୀୟ ଦଳ ନେତା ଭାବେ ସସ୍ମିତ ପାତ୍ର ଏବଂ ସୁଲତା ଦେଓଙ୍କୁ ବିଜେଡି ମୁଖ୍ୟ ସଚେତକ (ଚିଫ୍ ହୁଇପ) ଭାବେ ନିଯୁକ୍ତ ଦେଇଛନ୍ତି । ଏ ନେଇ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି । ସସ୍ମିତ ରାଜ୍ୟସଭା ଉପାଧ୍ୟକ୍ଷ ପ୍ୟାନଲରେ ମଧ୍ୟ ରହିଛନ୍ତି । ସୁଲତା ଦେଓ ପ୍ରଥମ ଥର ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ ମଧ୍ୟ ତାଙ୍କୁ ମୁଖ୍ୟ ସଚେତକ ଭାବେ ଗୁରୁ ଦାୟିତ୍ୱ ମିଳିଛି।


ସସ୍ମିତ ପାତ୍ର



# ଆରଡିସିଙ୍କୁ ଭେଟିଲା ଭାଜପା


ଭାଜପା ସ୍ୱାସ୍ଥ୍ୟ ସେଲ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଇଞ୍ଜେକ୍‌ସନ ନେଇ ରୋଗୀ ଗୁରୁତର ଘଟଣା

ବ୍ରହ୍ମପୁର ଅଫିସ,୨୯।୭

ବ୍ରହ୍ମପୁର ବଡ଼ ଡାକ୍ତରଖାନା ମେଡିସିନ ୱାର୍ଡ ପ୍ରଥମ ଓ ଦ୍ୱିତୀୟ ୟୁନିଟରେ ଥିବା ରୋଗୀଙ୍କୁ ଶୁକ୍ରବାର ଇଞ୍ଜେକସନ ଦେବା ପରେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡି ଯାଇଥିଲା। ଏହି ଘଟଣାର ତଦନ୍ତ ସହ ଓ ଔଷଧ କମ୍ପାନୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗଞ୍ଜାମ ଜିଲା ଭାଜପା ସ୍ୱାସ୍ଥ୍ୟ ସେଲ ପକ୍ଷରୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡିସି)ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଭାଜପା ପକ୍ଷରୁ କୁହାଯାଇଛି ଯେ, ବ୍ରହ୍ମପୁର ବଡ ଡାକ୍ତରଖାନାରେ ଚିକିତ୍ସିତ ରୋଗୀଙ୍କୁ ଇଞ୍ଜେକସନ ଦିଆଯିବା ପରେ ୨୦ରୁ ଉର୍ଦ୍ଧ୍ୱ ରୋଗୀ ଥରିବାକୁ ଲାଗିଥିଲେ। ରୋଗୀଙ୍କ ସମ୍ପର୍କୀୟ ବିଭାଗୀୟ ଡାକ୍ତରଙ୍କୁ ଖୋଜିଥିଲେ ମଧ୍ୟ ନିରାଶ ହୋଇଥିବା ସେଲ ଅଭିଯୋଗ କରିଛନ୍ତି। ତେଣୁ ଇଞ୍ଜେକସନ ଦିଆଯାଇଥିବା ରୋଗୀଙ୍କର ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ଭଲ ହେବା ଯାଏଁ ରାଜ୍ୟ ସରକାର ଖର୍ଚ୍ଚ ବହନ କରିବାକୁ ଭାଜପା ସ୍ୱାସ୍ଥ୍ୟ ସେଲ ଦାବି କରିଛି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ଔଷଧ କମ୍ପାନୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସ୍ୱାସ୍ଥ୍ୟ ସେଲର ଆବାହକ ରାଜୀବ କୁମାର ମିଶ୍ର, ବରିଷ୍ଠ ଭାଜପା ନେତା କାହ୍ନୁ ଚରଣ ପତିଙ୍କ ସମେତ ରାମ କୁମାର ପାତ୍ର, ଡ.ସୁବାସ ସାହୁ, କିରଣ କୁମାର ସାହୁ, ନୀଳକଣ୍ଠ ସାହୁ, ଶିବ ଶଙ୍କର ନାୟକ, କମଲ ପାତ୍ର ଓ ପ୍ରଭାତ ଷଡଙ୍ଗୀଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ୯ରୁ 'ଘରେ ଘରେ ତ୍ରିରଙ୍ଗା'

ଭୁବନେଶ୍ୱର, ୨୯।୭(ବ୍ୟୁରୋ)

ଅମୃତ ମହୋତ୍ସବ କାଳଖଣ୍ଡରେ ଓଡ଼ିଶା ସବୁଠାରୁ ଅଧିକ ଗର୍ବ ଓ ଗୌରବ ପ୍ରାପ୍ତ ହୋଇଛି। ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ଦେଶର ରାଷ୍ଟ୍ରପତି ହୋଇଛନ୍ତି। ଯାହା ଅମୃତ କାଳଖଣ୍ଡର ଅମୃତ ମହୋତ୍ସବ ପରିପ୍ରେକ୍ଷୀରେ ଓଡ଼ିଆଙ୍କୁ ଗର୍ବିତ ଓ ଗୌରବାନ୍ୱିତ କରିଛି। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶ ଆଜି ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଛି। ବିଗତ ୭୫ ବର୍ଷର ସ୍ୱାଧୀନତାର ସମୟ ବର୍ତ୍ତମାନର ପିଢ଼ି ପାଇଁ ଅମୃତ ସଦୃଶ। ଏହା ଏପରି ଏକ ଅମୃତ ଯାହାକି ଆମକୁ ଦେଶର ପ୍ରତ୍ୟେକ ମୁହୂର୍ତ୍ତ ପାଇଁ ବଞ୍ଚିବାକୁ ଓ ଆଗକୁ ବଢ଼ିବାକୁ ପ୍ରେରିତ କରିବ ବୋଲି ମୋଦି କହିଛନ୍ତି। ଅମୃତ ମହୋତ୍ସବ ଅବସରରେ 'ହର ଘର ତ୍ରିରଙ୍ଗା' ବା 'ଘରେ ଘରେ ତ୍ରିରଙ୍ଗା'ର କାର୍ଯ୍ୟକ୍ରମ ଆସନ୍ତା ୯ ଅଗଷ୍ଟ ୨୦୨୨ରୁ ୧୫ ଅଗଷ୍ଟ ୨୦୨୨ ପର୍ଯ୍ୟନ୍ତ ସମଗ୍ର ଦେଶରେ ଭାଜପା ପାଳନ କରିବ ବୋଲି ଦଳର ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି ଯେ, ଅଗଷ୍ଟ ୯ରୁ ୧୧ ତାରିଖ ତ୍ରିରଙ୍ଗା ଯାତ୍ରା ଏବଂ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ସହର ୱାର୍ଡ, ପଞ୍ଚାୟତ ସ୍ତରରେ ସାଧାରଣ ଜନତାଙ୍କୁ ପ୍ରଭାତ ଫେରି ମାଧ୍ୟମରେ ସଚେତନ କରାଯିବ। ସେହିପରି ଅଗଷ୍ଟ ୧୩ରୁ ୧୫ ତାରିଖ ଓଡ଼ିଶାର ୧ କୋଟି ୧୫ ଲକ୍ଷଙ୍କ ଘରେ ଜାତୀୟ ପତାକା ଉଡାଇବାକୁ ସମୀର ରାଜ୍ୟବାସୀଙ୍କୁ ଅନୁରୋଧ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସଚିବାଳୟରୁ ପଞ୍ଚାୟତ, ବିଦ୍ୟାଳୟରୁ ମହାବିଦ୍ୟାଳୟ ଓ ଗାଁରୁ ସହର ପର୍ଯ୍ୟନ୍ତ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଏବଂ ରାଜ୍ୟର ସମସ୍ତ ନାଗରିକ ନିଜ ନିଜ ଘରେ ଜାତୀୟ ପତାକା ଉତ୍ତୋଳନ କରି ଏହି ମୁହୂର୍ତ୍ତକୁ ସ୍ମରଣୀୟ କରିବାକୁ ସମୀର କହିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
A SUPERVISOR FOR RE-ROLLING MILL AT JAGATPUR, CUTTACK
CONTACT:9937399588

HOME TUTOR REQUIRED
For Standard 1 Student at Fire Station Chhaka, only Central School Teacher may
Contact No. - 6372629986

APPOINTMENT
Required part time OFFICE ASSISTANCE for BBSR, 2 Hours, 3 times a week (MON, WED, FRI).
Contact: 9937203178

GURU NANAK ENGLISH MEDIUM PUBLIC SCHOOL - II
(Affiliated to CBSE, Affiliation No. 1530304)
Gudiapokhari, Sangulai, Pipili, Puri - 752104, Odisha, Phone No. 0674-2959509 / 8093043686
REQUIRES
- VICE PRINCIPAL: Qualification: Should be Post Graduate with B.Ed. having at least 5 years working experience in a CBSE affiliated School.
- COMPUTER TEACHER: Should be MCA or B.Tech. in Computer Science
- OFFICE STAFF: Should be Graduate having knowledge in Computers.
- TGT: (Trained Graduate Teacher in the following Subjects): SSt, Maths, Science, English, Hindi, Odia, Art, Dance & Music.
Mail your CV to: gnps2bbsr@gmail.com, gnps2bbsr.in, Latest by 05.08.2022

Urgent Required
B.Tech (Civil) - 3 years exp.
Diploma (Civil)-5 years exp.
Auto Cadd- Fresher
Contact
8093687918, 6200972622

PRAKASHJYOTI SURGICARE MEDICINE DISTRIBUTOR
Bhubaneswar Required Urgently
(1) Accounts- 01 Male, (2) Marketing Executive - 03 Male experience and fresher for distributor, (3) Marketing Manager for igma and Johnson & Johnson Experience candidate only (4) Rack Person- 03 Male, (5) Collection Manager- 01 Male
Salary - Negotiable.
Email your CV to: prakashjyotisurgicare@gmail.com
Contact: 9853767684, 7873696172

WANTED
ଧରିତ୍ରୀ DHARITRI Oriya daily
is looking for
MARKETING EXECUTIVES
- Candidates must have minimum 3-5 years experience in Space Selling for Print Media.
- MBA candidates fluent in English with a drive for marketing may also apply.
Apply immediately to : recruitment@dharitri.com
Attractive salary commensurate with experience

ଶ୍ରମ ଠିକାଦାର ଆବଶ୍ୟକ
ଆମର ଡିଫେନ୍ସ ହାଇ ରାଇଜ୍ ଆର୍.ସି.ସି. ବିଲ୍‌ଡିଂ ୱାର୍କ ବିଶାଖାପାଟଣା, ଆନ୍ଧ୍ରପ୍ରଦେଶ ଠାରେ ନିର୍ମାଣ କାର୍ଯ୍ୟ ପାଇଁ ।
:: ଆବଶ୍ୟକ ଦସ୍ତାବିଜ ::
ସମସ୍ତ କର୍ମଚାରୀଙ୍କ ପାଇଁ ସ୍ଥାନୀୟ ପୋଲିସ ସତ୍ୟାପନ ପ୍ରମାଣପତ୍ର ବାଧ୍ୟତାମୂଳକ । ଯୋଗାଯୋଗ ନଂ.: 8900911789/7382905724

Requirement of Labour Sub Contractors
For Our Industrial Defence High Rise R.C.C. Building Works at Visakhapatnam, Andhrapradesh.
Required Documents:
Local Police Verification certificate is must for all workers. Contact No. 8900911789/7382905724

WANTED
Wanted one accts asst for our distribution office at Khordha.
Contact : 9556070670

WANTED
ଧରିତ୍ରୀ DHARITRI LIVE
Web Channel
is looking for
VIDEOGRAPHERS
- Videographers with 2-3 years experience in tv/ web channels required.
- Responsibilities will include shooting and handling camera & lighting team. A thorough expertise in camera-light handling will be prefered.
Apply immediately to : recruitment@dharitri.com
Pay & perks will be the best in the industry for deserving candidates.

APPOINTMENT
Urgent hiring required Cook at MBA CHAIWALA CAFE, Patia. Hindi/Oriya speaker, basic cooking skills, Computer literate, Experience is bonus. Salary: 13k - 16k per month. (Negotiable).
Ph.: 7735062593

See Career Appointment on every Wednesday & Saturday

JOB VACANCY
In pursuance with the business expansion and growth of multi business entity M/s. Octothorp Marketing Services Unlimited seeks to appoint
TELESALES OFFICER CUM OFFICE ADMINISTRATOR (Female)
Qualification: Graduate with computer literacy (MS-OFFICE). Related experience 2-3 years. Age: 25yrs to 35 years. Good Communication Skills: Odia & Hindi. Attractive Salary Plus monthly Performance Linked Incentives (PLI).
Apply with CV & recent photo within 7 days.
Mail: octothorp2020@gmail.com
Wapp: 9938844566

OFFICE OF THE DISTRICT JUDGE, KENDRAPARA
ADVERTISEMENT NO. 01/Rect./2022
Dated, Kendrapara the 28th day of July, 2022
Applications in the prescribed format are invited from the intending candidates for filling up of the following vacancies in the judgeship of Kendrapara.

| Sl. No. | Name of the Post | Scale of Pay | Category | | | | Total No. of Posts |
|---|---|---|---|---|---|---|---|
| | | | SC | ST | SEBC | UR | |
| 1 | Junior Clerk-cum - Copyist | Rs.19,900/- - Rs.63,200/- | 03 | 08 | 01 | 05 | 17 |
| 2 | Stenographer Grade-III | Rs.25,500/- - Rs.81,100/- | - | 02 | 01 | 01 | 04 |
| 3 | Junior Typist | Rs.19,900/- - Rs.63,200/- | 01 | 02 | - | - | 03 |

Reservation in respect of PWD/EX-Servicemen/ Sports persons/ Women shall be made as per relevant rules. The last date of receipt of application is fixed to 30.08.2022. Details of this advertisement, application form, eligibility criteria, scheme of examination along with detail syllabus etc. are available in the websites www.districts.ecourts.gov.in/kendrapara and www.kendrapara.nic.in.
Sd./- DISTRICT JUDGE-CUM-CHAIRMAN, DISTRICT RECRUITMENT COMMITTEE, KENDRAPARA

ODISHA HYDRO POWER CORPORATION LIMITED
OHPC ISO 9001, 14001 & OHSAS 18001
(A Government of Odisha Undertaking)
Regd. Office- Odisha State Police Housing & Welfare Corporation Building, Vanivihar Chowk, Janpath, Bhubaneswar-22,
Ph: 2542983,2542802,2545526, Fax: (0674) 2542102.Website: www.ohpcltd.com
CIN- U40101OR1995SGC003963
ADVERTISEMENT NO.OHPC:HQ:HRD: RECTT: 01/2022 Dated: 28.07.2022
CAREER OPPORTUNITIES FOR YOUNG PROFESSIONALS THROUGH GATE-2022
The Corporation intends to recruit young, bright and energetic professionals as Graduate Engineer Trainees (GETs) in various disciplines through GATE-2022.
Odisha Hydro Power Corporation Limited (OHPC) is an ISO 9001:2008 certified Gold rated State Public Sector Undertaking (with installed capacity of 2099.80MW) having 6(six) projects within the state and one inter-State Project. OHPC is also promoting investment in renewable energy projects and various green energy sources through GEDCOL (a wholly owned subsidiary of OHPC).
OHPC intends to recruit bright, qualified and energetic professionals to be inducted as GRADUATE ENGINEER TRAINEES (GETs) in various disciplines through valid GATE score of 2022 only as follows for their placement at various units & project sites.

| GET (Electrical) | GET (Civil) | GET (Mechanical) | GET (Instrumentation & Control) | GET (Information Technology) |
|---|---|---|---|---|
| 30 | 12 | 02 | 03 | 04 |

Important Dates :-
The Commencement of Online registration & payment of application fee - 16-08-2022
Last date for payment of online application fee - 15-09-2022
The last date for submission of Online application in complete shape - 15-09-2022
The detailed advertisement containing the category wise vacancy position, eligibility criteria, remuneration, procedure for online application, and all other terms & conditions will be available shortly on the company's website-www.ohpcltd.com
Director(HR)

TATA PROJECTS LIMITED
Tata projects is one of India's fastest growing Engineering Procurement & construction companies with experience and expertise in executing large, complex industrial and urban infrastructure projects.
WALK-IN-INTERVIEW FOR IMMEDIATE JOINERS
@ The Presidency hotel, 1471/A, Nayapalli, Bhubaneswar-751015
ON Sunday 31st JULY 2022 FROM 9.00 AM to 6.00 PM
(Please walk in with a copy of your CV and email the same to hrastpl@tataprojects.com)
POSITIONS:
1. Civil Engineer (Non-Marine): Diploma/B.E./B.Tech (Civil) with 5-15 years of experience in Piling, Non-Marine civil structural works, building, MHS structural, foundation, Road & Yard development work.
2.Civil Engineer (Marine): Diploma/B.E./B.Tech (Civil) with 5-15 years of experience in Marine Civil Construction field i.e. Jetty, Piling, Precast structures, Shore protection, marine equipment etc. Exposure to port construction activities will be an added advantage.
3.Civil Engineer (Buildings): Diploma/B.E./B.Tech (Civil) with 5-15 years of experience in High rise Buildings/Township in MEP Services/Finishing work/ Landscaping work.
4.Civil Engineer (Roads): Diploma/B.E./B.Tech (Civil) with 5-15 years of experience in Road/Highway Ground improvement/Culvert/Subways/Asphalt mix/ Topcoat and associated civil works.
5. Safety officer/ Steward/Supervisor: Diploma/Graduate in safety with 5-8 years of experience in Construction field (Preferably in Ports)
6. Railway S&T Engineer: Diploma/B.E. (EEE/E&C/Electrical) with 10-15 years of experience in Railways Signaling and Tele-Communication work.
7. MEP Engineer: Degree/Diploma (MEP) with 5-8 years of experience.
*Positions are available at-Bhubaneswar, Cuttack, Kolkata, Vizag, Chennai locations

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ଜୁଲାଇ ୩୦/୨୦୨୨ Sambalpur, Saturday, July 30/ 2022



ବର୍ମିଂହାମରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଶୁକ୍ରବାର ଅନୁଷ୍ଠିତ ଟ୍ରାକ୍ ସାଇକ୍ଲିଂର ୪୦୦୦ ମିଟର ଟିମ୍ ପୁର୍ସ୍ୟୁଟ କ୍ୱାଲିଫାଇଂ ଅବସରରେ ଭାରତୀୟ ଦଳ।

# ପ୍ରି-କ୍ୱାର୍ଟରରେ ଶିବ ଥାପା

**ବର୍ମିଂହାମ୍, ୨୯।୭(ପି.ଟି.)**

ଭାରତର ଅଗ୍ରଣୀ ବକ୍ସର ଶିବ ଥାପା ଚମତ୍କାର ବିଜୟ ସହ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ତାଙ୍କ ଅଭିଯାନ ଆରମ୍ଭ କରିଛନ୍ତି। ଶୁକ୍ରବାର ୬୩.୫ କେଜି ଲାଇଟ୍ ୱେଲ୍ଟର ୱେଟ୍ କାଟେଗୋରିରେ ସେ ୫-୦ରେ ପାକିସ୍ତାନର ସୁଲେମାନ ବାଲୋଚ୍‌ଙ୍କୁ ହରାଇ ଦେଇଛନ୍ତି। ୨୮ ବର୍ଷୀୟ ଥାପା ହେଉଛନ୍ତି ୫ଥର ଏସିଆନ ଚାମ୍ପିୟନଶିପ୍ ପଦକ ବିଜେତା। ଟେକ୍ନିକ୍ ଦୃଷ୍ଟିରୁ ସେ ପାକିସ୍ତାନ ବକ୍ସରଙ୍କଠାରୁ ଯଥେଷ୍ଟ ଆଗରେ ରହିଥିଲେ। ପ୍ରତିଦ୍ୱନ୍ଦ୍ୱୀ ବାଲୋଚ୍‌ଙ୍କୁ ସେ ଗୋଟିକ ପରେ ଗୋଟିଏ ଶକ୍ତିଶାଳୀ ପଞ୍ଚ୍ ପ୍ରହାର କରିଚାଲିଥିଲେ। ଏପରି କି ପାକିସ୍ତାନ ବକ୍ସର କାନ୍‌ଭାସ ଉପରେ ପଡ଼ିଯାଇଥିଲେ। ଏନ୍‌ଇସି ଆରେନାରେ ଜଜମାନଙ୍କ ସର୍ବସମ୍ମତି ନିଷ୍ପତ୍ତିରେ ସେ ବିଜୟ ହାସଲ କରିଥିଲେ। ଥାପା ଏହା ପୂର୍ବରୁ ଥରେ ୨୦୧୪ ଗ୍ଲାସ୍‌ଗୋ ସଂସ୍କରଣରେ ଭାଗ ନେଇଥିଲେ। ସେତେବେଳେ ସେ ପ୍ରି-କ୍ୱାର୍ଟରୁ ବିଦାୟ ନେଇଥିଲେ। ରବିବାର ସେ ସ୍କଟ୍‌ଲାଣ୍ଡର ରିସି ଲିଞ୍ଚ୍‌ଙ୍କ ସହ ମୁକାବିଲା କରିବେ। ବକ୍ସିଂରେ ଭାରତ ପାଇଁ ପଦକ ଦାବିଦାର ଥିବା ଅନ୍ୟ ବକ୍ସରମାନଙ୍କ ମଧ୍ୟରେ ରହିଛନ୍ତି ବର୍ତ୍ତମାନ ବିଶ୍ୱ ଚାମ୍ପିୟନ ନିଖତ ଜରିନ୍, ଅଲିମ୍ପିକ ପଦକ ବିଜୟିନୀ ଲଭ୍‌ଲିନା ବର୍ଗୋହେନ୍ ଓ ବିଶ୍ୱଚାମ୍ପିୟନଶିପ୍ ରୌପ୍ୟ ବିଜେତା ଅମିତ ପଙ୍ଘାଲ। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ଏପର୍ଯ୍ୟନ୍ତ ଶ୍ରେଷ୍ଠ ପ୍ରଦର୍ଶନ ଗୋଲ୍ଡକୋଷ୍ଟରେ ଦେଖିବାକୁ ମିଳିଥିଲା। ଭାରତ ସେଠାରେ ୩ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ଲାଭକ କରିଥିଲା। ଏଠାରେ ତାଠାରୁ ଉନ୍ନତ ପ୍ରଦର୍ଶନ ଆଶା କରାଯାଉଛି।



ଦକ୍ଷିଣ ଆଫ୍ରିକାର ମୁସଫିକ୍ କାଲାମଙ୍କ ବିପକ୍ଷରେ ଶଟ୍ ଖେଳୁଛନ୍ତି ଭାରତର ମନିକା ବାତ୍ରା।

## ରାଜ୍ୟଗୋଷ୍ଠୀ କ୍ରୀଡ଼ା

**ମହିଳା ଟିଟି: ଭାରତ ୩-୦ରେ ବିଜୟୀ**

ରାଜ୍ୟଗୋଷ୍ଠୀ କ୍ରୀଡ଼ା ଗ୍ରୁପ୍-୨ରେ ମନିକା ବାତ୍ରାଙ୍କ ନେତୃତ୍ୱାଧୀନ ଭାରତୀୟ ମହିଳା ଟେବୁଲ ଟେନିସ୍ (ଟିଟି) ଦଳ ଏହାର ଓପନିଂ ମ୍ୟାଚ୍‌ରେ ୩-୦ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ପ୍ରଥମେ ଖେଳାଯାଇଥିବା ମହିଳା ଡବଲ୍ସରେ ଶ୍ରୀଜା ଆକୁଲା ଓ ରିଥ୍ ଟେନିସନ ଯୋଡ଼ି ୧୧-୭, ୧୧-୭, ୧୧-୫ରେ ଦକ୍ଷିଣ ଆଫ୍ରିକୀୟ ଯୋଡ଼ି ଲୈଲା ଏଡ୍‌ୱାର୍ଡ୍ସ ଓ ଡାନିଶା ପଟେଲଙ୍କୁ ପରାସ୍ତ କରି ଭାରତକୁ ଅଗ୍ରଣୀ କରାଇଥିଲେ। ପରେ ଗତ ସଂସ୍କରଣର ସ୍ୱର୍ଣ୍ଣ ବିଜୟିନୀ ମନିକା ପ୍ରଥମ ସିଙ୍ଗଲ୍ସ ମ୍ୟାଚରେ ମୁସ୍‌ଫିକ୍ କାଲାମ୍‌ଙ୍କୁ ୧୧-୫, ୧୧-୩, ୧୧-୨ରେ ହରାଇ ଦେଇଥିଲେ। ଦ୍ୱିତୀୟ ସିଙ୍ଗଲ୍ସରେ ଆକୁଲା ୧୧-୫, ୧୧-୩, ୧୧-୬ରେ ପଟେଲଙ୍କୁ ହରାଇ ମ୍ୟାଚ୍‌ରେ ଭାରତକୁ ବିଜୟୀ କରାଇଥିଲେ। ଭାରତୀୟ ମହିଳା ଦଳ ଏହାର ଦ୍ୱିତୀୟ ମୁକାବିଲା ଫିଜି ସହିତ କରିବ। ଅନ୍ୟପକ୍ଷରେ ପୁରୁଷ ଦଳ ୩-୦ରେ ବାର୍ବାଡୋସ୍‌କୁ ହରାଇ ଦେଇଛି।

**ବ୍ୟାଡ୍‌ମିଣ୍ଟନ: ପାକିସ୍ତାନକୁ ହରାଇଲା ଭାରତ**

ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଭାରତ ଏହାର ଉଦ୍‌ଘାଟନୀ ମୁକାବିଲାରେ ବିଜୟ ହାସଲ କରିଛି। ପାକିସ୍ତାନ ବିପକ୍ଷରେ ୩-୦ରେ ଅଗ୍ରଣୀ ସହ ଲଢେଇକୁ ଜିତି ନେଇଛି। ପ୍ରଥମେ ବି. ସୁମିଥ୍ ରେଡ୍ଡୀ ଓ ମାଚିମାଣ୍ଡା ପୋନାପ୍ପା ମିକ୍ସଡ ଡବଲ୍ସରେ ୨୧-୯, ୨୧-୧୨ରେ ମହମଦ ଇର୍ଫାନ ସଇଦ୍ ଭଟ୍ଟି ଓ ଘଜ୍‌ଲା ସିଦ୍ଦିକ୍‌ଙ୍କୁ ହରାଇ ଭାରତକୁ ୧-୦ରେ ଅଗୁଆ କରାଇଥିଲେ। ପରେ ପୁରୁଷ ସିଙ୍ଗଲ୍ସରେ କିଡାମ୍ବି ଶ୍ରୀକାନ୍ତ ୨୧-୭, ୨୧-୧୨ରେ ମୁରାଦ ଅଲିଙ୍କୁ ସହଜରେ ହରାଇ ଦେଇଥିଲେ। ମହିଳା ସିଙ୍ଗଲ୍ସରେ ପି. ଭି. ସିନ୍ଧୁ ମଧ୍ୟ ସହଜ ବିଜୟ ଲାଭ କରିଥିଲେ। ସେ ମାହୁର ଶାହାଜାଦ୍‌ଙ୍କୁ ୨୧-୭, ୨୧-୬ରେ ପରାସ୍ତ କରିଥିଲେ।

**ସୁଇମିଂ: ଶ୍ରୀହରି ସେମିରେ, ସଜନ, କୁଶାଗ୍ରା ଆଉଟ୍**

ଭାରତୀୟ ସୁଇମର ଶ୍ରୀହରି ନାଟରାଜ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପୁରୁଷ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଇଭେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବେଙ୍ଗାଲୁରୁର ଏହି ୨୧ ବର୍ଷୀୟ ସନ୍ତରଣକାରୀ ତାଙ୍କ ହିଟ୍‌ରେ ତୃତୀୟ ଦ୍ରୁତତମ ଏବଂ ଓଭରାଲ ୫ମ ଦ୍ରୁତତମ ବିବେଚିତ ହୋଇଛନ୍ତି। ସେ ଯଦି ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ୫୩.୭୭ ସେକେଣ୍ଡରେ ରେସ୍ ଶେଷ କରିଥାନ୍ତେ ତେବେ ହିଟ୍‌ରେ ଶୀର୍ଷ ସ୍ଥାନ ଅଧିକାର କରିପାରିଥାନ୍ତେ। ଏହି ବିଭାଗରେ ଦ୍ରୁତତମ ସନ୍ତରଣକାରୀ ହୋଇଥିଲେ ଦକ୍ଷିଣ ଆଫ୍ରିକାର ପିଟର କୋଏଜ୍ (୫୩.୯୧)। ଅନ୍ୟପକ୍ଷରେ ସଜନ ପ୍ରକାଶ (ପୁରୁଷ ୫୦ମିଟର ବଟରଫ୍ଲାଏ ଇଭେଣ୍ଟ) ଓ ନବାଗତ କୁଶାଗ୍ରା ରାୱତ (ପୁରୁଷ ୪୦୦ ମିଟର ଫ୍ରିଷ୍ଟାଇଲ୍ ଇଭେଣ୍ଟ) ସେମାନଙ୍କ ବିଭାଗର ସେମିଫାଇନାଲରେ ପ୍ରବେଶ କରିବାରେ ବିଫଳ ରହିଥିଲେ। ତେବେ ପ୍ରକାଶ ଆଗକୁ ୧୦୦ ଓ ୨୦୦ ମିଟର ବଟରଫ୍ଲାଏରେ ଅଂଶଗ୍ରହଣ କରିବେ। ସେହିପରି କୁଶାଗ୍ରା ୧୫୦୦ ଓ ୨୦୦ ମିଟର ଫ୍ରିଷ୍ଟାଇଲରେ ଭାଗନେବେ।

# ଉଦ୍‌ଘାଟନୀ ଅଧାରୁ ଚାଲିଆସିଲେ ଲଭ୍‌ଲିନା

**ବର୍ମିଂହାମ,୨୯।୭(ପି.ଟି)**

ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଉଦ୍‌ଘାଟନୀ ସମାରୋହ ଅଧାରୁ ପଳାଇଆସି ବିବାଦଘେରରେ ବକ୍ସର ଲଭ୍‌ଲିନା ବୋର୍ଗୋହେନ୍। ଅଲିମ୍ପିକ୍ସ ପଦକ ବିଜୟିନୀ ଲଭ୍‌ଲିନା ସମାରୋହ ଅଧାରୁ ସାଥୀ ବକ୍ସର ହସମୁଦ୍ଦିନଙ୍କ ସହିତ ବାହାରି ଯାଇଥିଲେ। ହେଲେ ଉଭୟଙ୍କୁ ଗାଡ଼ି ନ ମିଳିବା କାରଣରୁ ହଟହଟା ହୋଇଥିଲେ। ଆଲେକ୍‌ଜାଣ୍ଡର ଷ୍ଟାଡିୟମରୁ କ୍ରୀଡ଼ା ଗ୍ରାମ ମାତ୍ର ୩୦ ମିନିଟ ଦୂରରେ ରହିଥିବା ବେଳେ ଉଭୟଙ୍କୁ କାର୍ ମିଳି ନ ଥିଲା। ଶେଷରେ ଉଭୟ ଖେଳାଳି ବସ୍ ଯୋଗେ କ୍ରୀଡ଼ା ଗ୍ରାମକୁ ଫେରିଥିଲେ। ଉଦ୍‌ଘାଟନୀ ସମାରୋହ ୨.୩୦ ଘଣ୍ଟାର ରହିଥିବା ବେଳେ ଏହି ଦୁଇ ଖେଳାଳି ପ୍ରାୟ ୧ ଘଣ୍ଟା ମଧ୍ୟରେ ଯିବାକୁ ବାହାରିଥିଲେ। ଭୋର୍ ସମୟରୁ ଉଭୟଙ୍କୁ ଅଭ୍ୟାସ କରିବାକୁ ପଡ଼ିବ ବୋଲି କାରଣ ମଧ୍ୟ ଦର୍ଶାଇଥିଲେ। ତେବେ ଏହି ଘଟଣାରେ ଭାରତୀୟ ଟିମ୍‌ର ଚିଫ୍ ଡି ମିଶନ ରାଜେଶ ଭଣ୍ଡାରୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଯେଉଁ ଖେଳାଳିମାନଙ୍କର ମ୍ୟାଚ୍ ରହିଛି ସେମାନେ ଚାହିଁଥିଲେ ଉଦ୍‌ଘାଟନୀ ସମାରୋହରୁ ବାଦ୍ ରହିଥାନ୍ତେ। ଭାରତୀୟ ମହିଳା କ୍ରିକେଟ ଟିମ୍ ମ୍ୟାଚ୍ କାରଣରୁ କ୍ରୀଡ଼ା ଗ୍ରାମରେ ରହିବାକୁ ନିଷ୍ପତ୍ତି ନେଇଥିଲା। ଏହି ପ୍ରସଙ୍ଗରେ ସେ ବକ୍ସିଂ ଟିମ୍ ସହିତ ଆଲୋଚନା କରିବେ ବୋଲି କହିଛନ୍ତି ରାଜେଶ ଭଣ୍ଡାରୀ।

# ପ୍ରଥମ ସ୍ୱର୍ଣ୍ଣ ଜିତିଲେ ଆଲେକ୍ସ

**ବର୍ମିଂହାମ୍, ୨୯।୭:** ଇଂଲଣ୍ଡର ଆଲେକ୍ସ ୟି ଶୁକ୍ରବାର ପୁରୁଷ ଟ୍ରାଇଥଲନ ସ୍ପ୍ରିଣ୍ଟ୍ ଡିଷ୍ଟାନ୍ସ ଇଭେଣ୍ଟ ଜିତିବା ସହ ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୨ର ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଇଂଲଣ୍ଡ ଆଥ୍‌ଲେଟ କୋର୍ସକୁ ୫୦ ମିନିଟ୍ ଓ ୩୪ ସେକେଣ୍ଡରେ ଶେଷକରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତାଙ୍କ ସୁଇମିଂ ଟାଇମିଂ ୮:୪୯ ରହିଥିବା ବେଳେ ସାଇକ୍ଲିଂ କୋର୍ସକୁ ୨୬:୦୭ ଏବଂ ରନିଂ କୋର୍ସକୁ ୧୪:୩୧ ଟାଇମିଂରେ ଶେଷ କରିଥିଲେ। ନ୍ୟୁଜିଲାଣ୍ଡର ହର୍ବର୍ଟ ୱାଇଲ୍ଡ ଓ ଅଷ୍ଟ୍ରେଲିଆର ମାଉଥ୍ ହାଉଜର ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ପୁରୁଷ ଟ୍ରାଇଥଲନ ସ୍ପ୍ରିଣ୍ଟ୍ ଡିଷ୍ଟାନ୍ସ ଇଭେଣ୍ଟ ୭୫୦ ମିଟର ସୁଇମିଂ ସହ ଆରମ୍ଭ ହୋଇଥିଲା। ପରେ ବାଇକ୍‌ରେ ୨୦ କିମି ଓ ୫ କିମି ଦୌଡ଼ ହୋଇଥିଲା। ନ୍ୟୁଜିଲାଣ୍ଡର ହର୍ବର୍ଟ ୱାଇଲ୍ଡ ଟ୍ରାଇଥଲନ ରେସ୍‌ର ଅଧିକାଂଶ ସମୟ ଅଗ୍ରଣୀ ରହିଥିଲେ ହେଁ ବାଇକ୍ ଓ ରନିଂ ପର୍ଯ୍ୟାୟ ମଝିରେ ହେଲମେଟ୍ ଖୋଲିଥିବାରୁ ତାଙ୍କୁ ୧୦ ସେକେଣ୍ଡ ପେନାଲ୍ଟି ହୋଇଥିଲା। ଭାରତର ଆଦର୍ଶ ମୁରଲୀଧରନ ୧:୦୦:୦୮ ଟାଇମିଂ ସହ ୩୦ତମ ସ୍ଥାନରେ ରହିଥିଲେ। ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଥିବା ଅନ୍ୟ ଜଣେ ଭାରତୀୟ ବିଶ୍ୱନାଥ ଯାଦବ ୧: ୦୨: ୫୨ ଟାଇମିଂ ସହ ୩୩ତମ ସ୍ଥାନରେ ରହିଛନ୍ତି।



ପଦକ ପ୍ରଦର୍ଶନ କରୁଛନ୍ତି ଆଲେକ୍ସ ୟି।

# ରୋହିତ, ଦୀନେଶଙ୍କ ପ୍ରଭାବୀ ବ୍ୟାଟିଂ

**ଟାରୋବା, ୨୯।୭:** ସ୍ଥାନୀୟ ବ୍ରାଏନ ଲାରା ଷ୍ଟାଡିୟମରେ ଶୁକ୍ରବାର ଖେଳାଯାଇଥିବା ପ୍ରଥମ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ଅଧିନାୟକ ରୋହିତ ଶର୍ମାଙ୍କ ଅର୍ଦ୍ଧଶତକ ଏବଂ ଦୀନଶେ କାର୍ତ୍ତିକଙ୍କ ଦ୍ରୁତ ଅପରାଜିତ ୪୧ରନ ସହାୟତାରେ ୱେଷ୍ଟଇଣ୍ଡିଜ ପାଇଁ ଭାରତ ୧୯୧ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିପାରିଛି।

ୱେଷ୍ଟଇଣ୍ଡିଜ ଅଧିନାୟକ ନିକୋଲାସ ପୁରନ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ଭାରତର ଦୁଇ ଓପନର ରୋହିତ ଶର୍ମା ଓ ସୂର୍ଯ୍ୟକୁମାର ଯାଦବ ୪୪ ରନ ଯୋଗ କରିଥିଲେ। ତେବେ ପରେ ନିୟମିତ ବ୍ୟବଧାନରେ ଉଇକେଟ ପତନ ଯୋଗୁ ଭାରତ ଏକଦା ଚ୍ୟାଲେଞ୍ଜିଂ ସ୍କୋର କରିପାରିବା ଭଳି ମନେ ହେଉ ନ ଥିଲା। ରୋହିତ ୫ ବ୍ୟାଟ୍ସମ୍ୟାନ ଭାବେ ଜାସନ ହୋଲ୍ଡରଙ୍କ ବଲ୍‌ରେ ସିମନରନ ହେଟମେୟର ଦ୍ୱାରା କ୍ୟାଚ୍ ଆଉଟ ହେବା ବେଳକୁ ୪୪ବଲ୍‌ରେ ୭ଚୌକା ଓ ୨ ଛକା ସହ ୬୪ ରନ କରିଥିଲେ। କିନ୍ତୁ ପରେ ଲୋୟର ଅର୍ଡରରେ ଦୀନେଶ କାର୍ତ୍ତିକ ୧୯ ବଲ୍‌ରେ ୪ ଚୌକା ଓ ୨ ଛକା ସହ ୪୧ରନ କରି ଅପରାଜିତ ରହି ଦଳର ସ୍ଥିତିରେ ସୁଧାର ଆଣିଥିଲେ। ୭ମ ଉଇକେଟରେ ଦୀନେଶ ଓ ୧୩ ରନ କରି ଅପରାଜିତ ରହିଥିବା ରବିଚନ୍ଦ୍ରନ ଅଶ୍ୱିନ ଶେଷ ୪ ଓଭରରେ ଅପରାଜିତ ୫୨ରନ ଯୋଗ କରିଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ଆଲଜାରୀ ଯୋଶେଫ ୨ଟି ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୯୦/୬ (ରୋହିତ ଶର୍ମା-୬୪, ଦୀନେଶ କାର୍ତ୍ତିକ-୪୧*, ସୂର୍ଯ୍ୟକୁମାର ଯାଦବ-୨୪ ; ଅଲଜାରିଯୋଶେଫ-୨/୪୬, ଅକିଲ ହୋସେନ-୧/୧୪)।

# ସାଫ୍ ଫୁଟ୍‌ବଲ: ଭାରତର ପ୍ରଥମ ବିଜୟ

**ଭୁବନେଶ୍ୱର, ୨୯।୭**
**(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୨୦ ବର୍ଷରୁ କମ୍ ସାଫ୍ (ସାଉଥ୍ ଏସିଆନ ଫୁଟବଲ ଫେଡେରେଶନ) ଚାମ୍ପିୟନଶିପ୍‌ରେ ଶୁକ୍ରବାର ପ୍ରଥମ ବିଜୟ ସ୍ୱାଦ ଚାଖିଛି ଆୟୋଜକ ଭାରତ। ପାର୍ଥିବ ସୁନ୍ଦର ଗୋଗୋଇଙ୍କ ଡବଲ ଗୋଲ ବଳରେ ଭାରତୀୟ ଦଳ ୪-୦ ଗୋଲରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ପ୍ରଥମ ମ୍ୟାଚରେ ୧-୨ ଗୋଲରେ ବାଂଲାଦେଶଠାରୁ ହାରିଯାଇ ଥିବାରୁ ୨ ମ୍ୟାଚରୁ ଭାରତର ଏହାଥିଲା ପ୍ରଥମ ବିଜୟ। ଫଳରେ ଦଳ ୩ ପଏଣ୍ଟ ସହିତ ଟେବୁଲର ତୃତୀୟ ସ୍ଥାନରେ ରହିଛି।

ମ୍ୟାଚର ପ୍ରଥମାର୍ଦ୍ଧ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ଅପେକ୍ଷାକୃତ ଦୁର୍ବଳ ଦଳ ହୋଇଥିଲେ ହେଁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା ଶ୍ରୀଲଙ୍କା। ଉଭୟ ଦଳ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ହେଁ ପ୍ରଥମାର୍ଦ୍ଧରେ ଗୋଲ ହୋଇପାରି ନ ଥିଲା। ପଟ ପରିବର୍ତ୍ତନ ପରେ ଭାରତ କ୍ରମେ ପ୍ରଭାବୀ ପ୍ରଦର୍ଶନ କରିଥିଲା। ମ୍ୟାଚର ୫୦ତମ ମିନିଟରେ ଫରୱାର୍ଡ ହିମାଂଶୁ ଜାଙ୍ଗ୍ରା ଏକ ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ୬୯ତମ ମିନିଟରେ ଏକ ଗୋଲ ମାଧ୍ୟମରେ ଗୋଗୋଇ ଏହାକୁ ୨-୦ରେ ପରିଣତ କରିଥିଲେ। ଶ୍ରୀଲଙ୍କା ଗୋଲ ପରିଶୋଧ ଉଦ୍ୟମରେ ଥିଲେ ହେଁ ୭୪ତମ ମିନିଟରେ ଲେଫ୍ଟ ବ୍ୟାକ୍ ୱିଙ୍ଗର ଗୁରକୀରଟ ସିଂ ଆଉ ଏକ ଗୋଲ ଦେଇ ଭାରତର ବିଜୟ ସମ୍ଭାବନାକୁ ଦୃଢ଼ୀଭୂତ କରିଥିଲେ। ୯୦ ମିନିଟ ସୁଦ୍ଧା ଭାରତ ୩-୦ରେ ଅଗ୍ରଣୀ ରହିଥିଲା ଇଞ୍ଜୁରି ଟାଇମ୍ ଅର୍ଥାତ୍ ୯୦+୩ ମିନିଟରେ ଗୋଗୋଇ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରି ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଗୋଗୋଇ ଆଇ-ଲିଗ୍‌ରେ ଇଣ୍ଡିଆନ ଆରୋଜ ପକ୍ଷରୁ ପ୍ରତିନିଧିତ୍ୱ କରିଥାନ୍ତି। ନେପାଳ ଏହାର ପ୍ରଥମ ୨ ମ୍ୟାଚରେ ମାଳଦ୍ୱୀପକୁ ୪-୦ ଓ ଶ୍ରୀଲଙ୍କାକୁ ୩-୦ ଗୋଲରେ ହରାଇଥିବାରୁ ୬ ପଏଣ୍ଟ ପାଇସାରିଛି। ସେହିପରି ବାଂଲାଦେଶ ନିଜର ପ୍ରଥମ ମ୍ୟାଚରେ ଶ୍ରୀଲଙ୍କାକୁ ୧-୦ ଓ ଦ୍ୱିତୀୟ ମ୍ୟାଚରେ ଭାରତକୁ ୨-୧ ଗୋଲରେ ହରାଇ ନିଜର ସ୍ଥିତିକୁ ଦୃଢ଼ କରିଛି। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ୩୧ ତାରିଖରେ ନେପାଳ ସହିତ ଖେଳିବ। ୫ ଦଳ ବିଶିଷ୍ଟ ପ୍ରତିଯୋଗିତାରେ ଶ୍ରେଷ୍ଠ ୨ଟି ଦଳ ମଧ୍ୟରେ ଫାଇନାଲ ଅଗଷ୍ଟ ୫ରେ ଅନୁଷ୍ଠିତ ହେବ।



ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ଭତ୍ତା ଆଣିବାକୁ ଯାଇଥିବାବେଳେ ବୃଦ୍ଧ ଗୁରୁତର

ଲୋଇସିଂହା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଦର ପଞ୍ଚାୟତ କାର୍ଯ୍ୟାଳୟକୁ ଭତ୍ତା ଟଙ୍କା ଆଣିବାକୁ ଯାଇ ଜଣେ ବୃଦ୍ଧ ପଡି ଯାଇ ଶୁକ୍ରବାର ଗୁରୁତର ହୋଇଛନ୍ତି। ସେ ହେଲେ କର୍ଲିପାଟ ଗାଁର ଗଜା ହରପାଲ । କେତେକ ବ୍ୟକ୍ତି ତାଙ୍କୁ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଜଗା ବାର୍ଦ୍ଧକ୍ୟ ଭତ୍ତା ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ପୂର୍ବାହ୍ନରେ ଯାଇଥିଲେ। ଧାଡିରେ ଥିବାବେଳେ ହଠାତ ମୁହଁମାଡି ପଡିଯାଇଥିଲେ । ମୁହଁ ଓ ମୁଣ୍ଡରେ ଆଘାତ ଲାଗିବାରୁ ରକ୍ତସ୍ରାବ ହୋଇଥିଲା ।

### ସଂକ୍ଷେପରେ

## ଅନ୍ତେବାସୀଙ୍କୁ ପିଟିଲେ ଅନ୍ତେବାସୀ

**ଟିଟିଲାଗଡ ଉପକାରାଗାର**

■ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି

ଟିଟିଲାଗଡ,୨୯।୭(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ ଉପକାରାଗାରରେ ଥିବା ଜଣେ ଅନ୍ତେବାସୀଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି। ତାଙ୍କୁ ଜେଲ କର୍ତ୍ତୃପକ୍ଷ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ ଉପକାରାଗାରରେ ବିଚାରାଧୀନ ବନ୍ଦୀଭାବେ ରହୁଥିବା ଆଶିଷ ଲୁହା ଓ ବବୁଲୁ ବାରିକଙ୍କ ମଧ୍ୟରେ କୌଣସି କଥାକୁ ନେଇ ମତାନ୍ତର ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଶୁକ୍ରବାର ଆଶିଷ ଲୁହା ବବୁଲୁଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ମୁହଁ ଓ ପାଟିରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଜେଲ କର୍ତ୍ତୃପକ୍ଷ ଉଦ୍ଧାର କରି ଚିକିତ୍ସା ପାଇଁ ଟିଟିଲାଗଡ ସରକାରୀ ଡାକ୍ତରଖାନା ପଠାଇଥିଲେ। ଅବସ୍ଥା ଗୁରୁତର ହେବାରୁ ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏ ସଂକ୍ରାନ୍ତରେ ଟିଟିଲାଗଡ଼ ଥାନାରେ ଏକ ମାମଲା (୨୧୭/୨୨)ରୁଜୁ ହୋଇ ତଦନ୍ତ ଜାରି ରହିଛି। ଏହି ଘଟଣା ପରେ ଜେଲ ମଧ୍ୟରେ ଅନ୍ତେବାସୀଙ୍କ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି।

## ଗ୍ରାମ୍ୟ ବିକାଶ କମିଟି ଗଠିତ

ଖପ୍ରାଖୋଲ,୨୯।୭(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ତେଲେନପାଲିଠାରେ ଶୁକ୍ରବାର ଗ୍ରାମ୍ୟ ବିକାଶ କମିଟି ଗଠିତ ହୋଇଯାଇଛି। ଆରସିଡିସି ବଲାଙ୍ଗୀର ଆୟୋଜିତ କାର୍ଯ୍ୟକ୍ରମରେ ଟେକେନ୍ଦ୍ର ଜାଲ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ସରପଞ୍ଚ ଶକୁନ୍ତଳା ବେହେରା, ସମ୍ମାନିତ ଅତିଥି ବ୍ଲକ ଉପାଧକ୍ଷ ସୁଖରାମ ସାଣ୍ଡ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିପ୍ର ବିଶି, ବଂଶୀଧର ବେହେରା ଯୋଗଦେଇ ଗ୍ରାମାଞ୍ଚଳର ବିକାଶ ପାଇଁ ଗ୍ରାମ ବିକାଶ କମିଟିର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପଞ୍ଚାୟତ ସ୍ତରୀୟ ସଭାନେତ୍ରୀଭାବେ ଅନୁସୁୟା ଭୋଇ, ଉପ ସଭାନେତ୍ରୀ ରିନା ପଧାନ, ସମ୍ପାଦିକା କମଳା ନାଏକ, ସହ ସମ୍ପାଦିକା ଗଙ୍ଗେଇ ହଂସ ଓ କୋଷାଧକ୍ଷଭାବେ ସୌଦାମିନୀ ବାଗ ମନୋନୀତ ହୋଇଥିଲେ। ଲିଙ୍ଗରାଜ ନିଆଲ ଧନ୍ୟବାଦ ଅର୍ପଣ କରିଥିଲେ।

## ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ପ୍ରସ୍ତୁତି

ଖଡ଼ିଆଲ,୨୯।୭(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଲସ୍ଥିତ ଶ୍ରୀଜି ମଣ୍ଡପଠାରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ସଭାପତି ସୁବ୍ରତ ଠାକୁର ଅଧକ୍ଷତା କରିଥିବା ବେଳେ ବରିଷ୍ଠ ସଦସ୍ୟମାନେ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ହର ଘର ତ୍ରିରଙ୍ଗା ପତାକା ଉଡାଇବା ନେଇ ସଚେତନ କରି ଜାତୀୟ ପତାକାକୁ ଉପଯୁକ୍ତ ସମ୍ମାନ ପ୍ରଦାନ କରିବାକୁ ଜିଲାବାସୀଙ୍କୁ ଆହ୍ୱାନ କରିବେ। ବୈଠକରେ ବରିଷ୍ଠ ସଦସ୍ୟ ଯଦୁମଣି ପଣିଗ୍ରାହୀ, ଜିଲା କୃଷକ ମୋର୍ଚ୍ଚା ସଭାପତି ଦେବ ଦେବ ସିଂଦେଓ, ବରିଷ୍ଠ ସଦସ୍ୟ ପୃଥୀରାଜ ମହାନ୍ତିଙ୍କ ସହ ବହୁ କର୍ମୀ ଯୋଗଦେଇଥିଲେ ।

# ଜାଲ୍‌ଫଟୋ ଲଗାଇ ଲୁଟିଲେ କୋଟିଏ ଟଙ୍କାର ଜମି

**ଭୀମ ଭୋଇ ମେଡିକାଲ କଲେଜ ସମ୍ମୁଖ ଜମି ହଡ଼ପ ମାମଲା**

■ଜେଲରେ ମାଷ୍ଟରମାଇଣ୍ଡ ମାଧବ ପୃଷ୍ଟି, ସଚ୍ଚି ବାଗ


ମାଧବ ପୃଷ୍ଟି


ସଚ୍ଚି ବାଗ

ବଲାଙ୍ଗୀର ଅଫିସ,୨୯।୭

ବଲାଙ୍ଗୀର ଧୁମାମରା ଜମି ହଡ଼ପ ମାମଲାକୁ ନେଇ ରାଜ୍ୟବ୍ୟାପୀ ହଇଚଇ ସୃଷ୍ଟି ହୋଇଥିଲା। ଏହି ଘଟଣା ପ୍ରଘଟ ପରେ ଭୀମ ଭୋଇ ମେଡିକାଲ କଲେଜ ସମ୍ମୁଖ ତଥା ଗଣ୍ଡୱାନା ଭବନ ପଛପଟରେ ଥିବା କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ଜମିକୁ କେତେକ ଜମି ମାଫିଆ ଜାଲ କାଗଜପତ୍ର ଜରିଆରେ ସରକାରୀ ବାବୁଙ୍କୁ ହାତକରି ଲୁଟି ନେଇଥିବା ଜଣାପଡିଛି। ଏହି ମାମଲାରେ ଟାଉନ୍ ଥାନା ପୋଲିସ ଗୋପବନ୍ଧୁନଗରର ସଚ୍ଚି ବାଗଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଘଟଣାରେ ଧୁମାମରା ଜମି ହଡପ ମାମଲାରେ ମୁଖ୍ୟ ଅଭିଯୁକ୍ତ ମାଧବ ପୃଷ୍ଟି ସମ୍ପୃକ୍ତ ଥିବା ଜଣାପଡିଛି। ଅଭିଯୁକ୍ତ ପୃଷ୍ଟି ପୂର୍ବରୁ ଗିରଫ ହୋଇ ଜେଲରେ ଅଛନ୍ତି। ଏବେ ତାଙ୍କ ସହଯୋଗୀ ସଚ୍ଚି ବାଗ ଗିରଫ ହୋଇଛନ୍ତି।

ପୁଇଁତଲା ଥାନା ଆଟଗାଁର ସତ୍ୟବାନ ଭୁଏ କିଛିବର୍ଷ ତଳେ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ସମ୍ମୁଖ ଗଣ୍ଡୱାନା ଭବନ ପଛପଟେ ୧୦,୨୨୦ ବର୍ଗଫୁଟ ଜମି ତାଙ୍କ ସ୍ତ୍ରୀ ଚେତାବନୀ ଭୁଏଙ୍କ ନାଁରେ କିଣିଥିଲେ। ଗତ ଜୁନ୍ ମାସରେ ଧୁମାମରା ଜମି ଜାଲିଆତି ଘଟଣା ଲୋକଲୋଚନକୁ ଆସିବା ପରେ ସତ୍ୟବାନ ନିଜ ଜମି ଦେଖିବାକୁ ଯାଇଥିଲେ। ତାଙ୍କ ପ୍ଲଟ୍‌ରେ କେହି ଜଣେ ଖୁଣ୍ଟ ପୋତିଥିବା ଦେଖିବାକୁ ପାଇଥିଲେ। ସେଠାରେ ଥିବା ଜଣେ ବ୍ୟକ୍ତିଙ୍କୁ ଏହି ପ୍ଲଟ୍ ବିକ୍ରି ହୋଇଯାଇଛି ବୋଲି କହିଥିଲେ। ଏହାପରେ ସେ ନିଜ ଖତିଆନ୍ ତଦାରଖ କରିବାରୁ ସେଥିରେ ଜମି ଉପଲବ୍ଧ ନ ଥିବା ଲେଖାଥିବା ଦେଖାଯାଇଥିଲା। ଘଟଣାକୁ ନେଇ ସତ୍ୟବାନ ବଲାଙ୍ଗୀର ସବ୍‌ରେଜିଷ୍ଟ୍ରାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେଲଡିଡ୍ ଯାଞ୍ଚ କରାଯିବାରୁ ଚେତାବନୀ ଭୁଏଙ୍କ ଫଟୋକୁ ଜାଲିଆତି କରାଯାଇଥିବା ଜଣାପଡିଥିଲା। ତାଙ୍କ ଫଟୋ ପରିବର୍ତ୍ତେ ଅନ୍ୟ ଜଣେ ମହିଳାଙ୍କ ଫଟୋ ଲଗାଯାଇ ତଳେ ଚେତାବନୀ ଭୁଏ ବୋଲି ଉଲ୍ଲେଖ କରାଯାଇଥିବା ଜଣାପଡିଥିଲା। ଚେତାବନୀ ଭୁଏ ଜୀବିତ ଥିବା ଏବଂ ଆଟଗାଁରେ ନିଜ ସ୍ୱାମୀଙ୍କ ସହ ରହୁଥିବାବେଳେ ଜମି ମାଫିଆମାନେ ଅନ୍ୟ ଜଣେ ମହିଳାଙ୍କୁ ଚେତାବନୀ ଭୁଏ ନାଁରେ ପରିଚୟ ଦେଇ ତାଙ୍କ ୧୦,୨୨୦ ବର୍ଗଫୁଟ୍ ଜମିକୁ ୪ ଜଣ ବ୍ୟକ୍ତିଙ୍କୁ ବିକ୍ରି କରିଦେଇଥିବା ଜଣାପଡିଥିଲା। ଏହି ଜମି ଜାଲିଆତି ମାମଲାରେ ସବ୍‌ରେଜିଷ୍ଟାର ଏବଂ ତହସିଲ ଅଫିସର ବିଭିନ୍ନ ଅଧିକାରୀ ଏବଂ କର୍ମଚାରୀଙ୍କ ସନ୍ଦେହଜନକ ଭୂମିକା ଥିବା ସ୍ପଷ୍ଟ ହୋଇଥିଲା। ଏହା ଜାଣିବା ପରେ ସତ୍ୟବାନ ବଲାଙ୍ଗୀର ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ଏକ ମାମଲା (୩୨୩/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଜମି ହଡପ ମାମଲାରେ ଧୁମାମରାର ମୃତବ୍ୟକ୍ତି ହର୍ଷ ଷାଣ୍ଢଙ୍କ ଜମି ହଡପ ଘଟଣାରେ ସଂଶ୍ଳିଷ୍ଟ ମୁଖ୍ୟ ଅଭିଯୁକ୍ତ ମାଧବ ପୃଷ୍ଟି ସମ୍ପୃକ୍ତ ଥିବା ଜଣାପଡିଥିଲା। ପୂର୍ବରୁ ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବାରୁ ସେ ଏବେ ଜିଲା ଜେଲରେ ରହିଛନ୍ତି। ଏହି ଜମି ହଡପ ମାମଲାରେ ସାକ୍ଷୀ ଥିବା ସଚ୍ଚି ବାଗଙ୍କୁ ପୋଲିସ ଗୁରୁବାର କୋର୍ଟଚାଲାଣ କରିବା ପରେ ସେ ମଧ୍ୟ ଜେଲ ଯାଇଛନ୍ତି। ଧୁମାମରା ଜମି କେଲେଙ୍କାରୀ ଘଟଣା ପରେ ମେଡିକାଲ କଲେଜ ସମ୍ମୁଖ ଜମି ହଡପ ମାମଲା ଲୋକଲୋଚନକୁ ଆସିବା ପରେ ସାଧାରଣରେ ହଇଚଇ ଓ ଭୟ ଦେଖାଦେଇଛି। ଜମି ମାଫିଆ-ସରକାରୀ ଅଧିକାରୀ ଓ କର୍ମଚାରୀ ମଧୁଚନ୍ଦ୍ରିକା ସ୍ପଷ୍ଟ ହୋଇଛି। ଧୁମାମରା ଜମି କେଲେଙ୍କାରୀ ଘଟଣାରେ ସମ୍ପୃକ୍ତ ନିଲମ୍ବିତ ତହସିଲଦାର ମଘବନ ବାଗ ଇତିମଧ୍ୟରେ ହାଇକୋର୍ଟରୁ ଅନ୍ତରୀଣ ଜାମିନ ପାଇଥିବା ଏବଂ ନିଲମ୍ବିତ ଅତିରିକ୍ତ ତହସିଲଦାର ହରେକୃଷ୍ଣ ରାଉତ ଜାମିନ୍ ପାଇଛନ୍ତି। ଧୁମାମରା ଜମି ହଡପ ଘଟଣାରେ ୬ ଜଣ ଗିରଫ ହୋଇଛନ୍ତି। ଏବେ ମେଡିକାଲ କଲେଜ ସମ୍ମୁଖ ଜମି ହଡପ ଘଟଣାରେ ଜଣେ ଗିରଫ ହୋଇଛି। ତଦନ୍ତ ଜାରି ରହିଥିବାରୁ ଗିରଫଦାରୀ ସଂଖ୍ୟା ବଢ଼ିବ ପୋଲିସ ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି।

## କଂଗ୍ରେସ ନେତାଙ୍କ କୁଶପୁତ୍ତଳିକା ଦାହ

ଧର୍ମଗଡ,୨୯।୭(ଡି.ଏନ.ଏ.)

କଂଗ୍ରେସର ବରିଷ୍ଠ ନେତା ତଥା ଏମ୍‌ପି ଅଧୀର ରଞ୍ଜନ ଚୌଧୁରୀଙ୍କ ବିବାଦୀୟ ବୟାନ 'ରାଷ୍ଟ୍ରପତ୍ନୀ'କୁ ନେଇ ଶୁକ୍ରବାର କଳାହାଣ୍ଡି ଜିଲା ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ପ୍ରତିବାଦ କରାଯାଇଛି। ଏଥିସହ କଂଗ୍ରେସ ନେତା ଅଧୀରଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଦଳ ପକ୍ଷରୁ ଏକ ରାଲିରେ ସହର ପରିକ୍ରମା କରି ସ୍ଥାନୀୟ ଚାରି ଛକଠାରେ ଏକ ପ୍ରତିବାଦ ସଭା କରାଯାଇଛି। ରାଷ୍ଟ୍ରପତିଙ୍କୁ ଅଶାଳୀନ ମନ୍ତବ୍ୟ ଦେଇଥିବାରୁ କଂଗ୍ରେସ ନେତା କ୍ଷମା ମାଗନ୍ତୁ ବୋଲି ଦାବି କରିଥିଲେ। ପ୍ରତିବାଦ ସଭାରେ ଜିଲା ସାଧାରଣ ସମ୍ପାଦକ ସୁଧୀର ରଞ୍ଜନ ପଟଯୋଷୀଙ୍କ ନେତୃତ୍ୱରେ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ଧନଞ୍ଜୟ ପାତ୍ର, ଯୁବମୋର୍ଚ୍ଚା ନବରଙ୍ଗପୁର ଜିଲା ପ୍ରଭାରୀ ହିମାଂଶୁ ଶେଖର ପଣ୍ଡା, ରାଜ୍ୟ କୃଷକ ମୋର୍ଚ୍ଚା ସ୍ୱତନ୍ତ୍ର ଛିଲିପା ସରପଞ୍ଚ ଜିଲା ଶିକ୍ଷା ପ୍ରକୋଷ୍ଠ ସଭାପତି ଜଗବନ୍ଧୁ ମିଶ୍ର, ଯୁବମୋର୍ଚ୍ଚା ସଭାପତି ସୌରଭ ମିତ୍ତଲଙ୍କ ସହ ବହୁ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ।


ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକସ୍ତରୀୟ ପରାମର୍ଶ କର୍ମଶାଳାରେ ଉପସ୍ଥିତ ମହିଳା କୃଷକ ସଙ୍ଗଠନ କର୍ମକର୍ତ୍ତା, ଜନ ପ୍ରତିନିଧି ଓ କୃଷି ବିଭାଗ ଅଧିକାରୀମାନେ।

## ଆକ୍ସେସ ଲାଇଭ୍‌ଲିହୁଡସର ପରାମର୍ଶ କର୍ମଶାଳା

ଲୋଇସିଂହା,୨୯।୭(ଡି.ଏନ.ଏ)

ଅନ୍ତର୍ଜାତୀୟ ଧାନ ଗବେଷଣା ସଂସ୍ଥା ଇରି ସହାୟତାରେ ଆକ୍ସେସ ଲାଇଭଲିହୁଡ ପକ୍ଷରୁ ବ୍ଲକ ମହିଳା କୃଷକ ସେବା ଉତ୍ପାଦକଙ୍କ ପଦୋନ୍ନତି ପାଇଁ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକସ୍ତରୀୟ ପରାମର୍ଶ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଲୋଇସିଂହା ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ସଭାଗୃହରେ ଅନୁଷ୍ଠିତ କର୍ମଶାଳାରେ ସଂସ୍ଥାର ମୁଖ୍ୟ ବିଶ୍ୱରଞ୍ଜନ ପରିଡା ଅଧ୍ୟକ୍ଷତା କରିଥିଲେ। ବ୍ଲକର ୧୨ ପଞ୍ଚାୟତରେ ସଂସ୍ଥା ପକ୍ଷରୁ ମହିଳା କୃଷକ ସଂଗଠନ ଗଠନ ପ୍ରକ୍ରିୟା ଆରମ୍ଭ ହୋଇଛି। ମହିଳା ସଂଗଠନ ସଦସ୍ୟାମାନେ କିପରି ସ୍ୱାବଲମ୍ବୀ ହୋଇ ପରିବାର ପରିପୋଷଣରେ ସହାୟକ ହେବେ ସେ ଉପରେ ଆଲୋକପାତ କରିଥିଲେ। ଏଥିରେ ଜିଲା ପରିଷଦ ସଭ୍ୟା ଲିଲିମା ବେହେରା, ସଂଯୁକ୍ତା ବରିହା ଉପସ୍ଥିତ ଥିଲେ। ଖରିଫ ଚାଷରେ ଶ୍ରମିକ ସମସ୍ୟା, ଜଳ ସଚେତନ ସୁବିଧା ନ ଥିବା, ଉତ୍ତମ ବିହନ ସାଙ୍ଗକୁ ସାରର ଉତ୍କଟ ଅଭାବକୁ ନେଇ ଜନପ୍ରତିନିଧି ଚିନ୍ତା ପ୍ରକଟ କରିଥିଲେ। ଏସବୁର ସମାଧାନ ହେଲେ ଚାଷୀର ଉନ୍ନତି ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ । ଇରିର କ୍ଷେତ୍ର ଅଧିକାରୀ ଦିଲୀପ ରାଉତ, ବ୍ଲକ କୃଷି ଅଧିକାରୀ ଉମାଶଙ୍କର ମିଶ୍ର ବକ୍ତବ୍ୟ ରଖିଥିଲେ।

## ଆଜାଦି କା ଅମୃତ ମହୋତ୍ସବରେ ବିଜୁଳି ମହୋତ୍ସବ

ନୂଆପଡ଼ ଅଫିସ/ଖଡ଼ିଆଲ, ୨୯।୭(ଡି.ଏନ.ଏ.)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ନୂଆପଡା ଜିଲା ଖଡ଼ିଆଲସ୍ଥିତ କୋଶଲ୍ୟା ମଣ୍ଡପରେ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଆଜାଦି କା ଅମୃତ ମହୋତ୍ସବରେ ଗୁରୁବାର ଉଜ୍ଜ୍ୱଳ ଭାରତ, ଉଜ୍ଜ୍ୱଳ ଭବିଷ୍ୟତ ପାୱାର-୨୦୪୭ କାର୍ଯ୍ୟକ୍ରମ ତଥା ବିଜୁଳି ମହୋତ୍ସବ ପାଳିତ ହୋଇଯାଇଛି। ବିଜୁଳି ମନୁଷ୍ୟ ଜୀବନ ପାଇଁ ଆଶ୍ୟକତା ତାର ସୁରକ୍ଷା ଏବଂ ବିଦ୍ୟୁତ୍ ପହଞ୍ଚ ଅଛି ବୋଲି ଅତିଥିମାନେ ମତପୋଷଣ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧକ୍ଷା ଡ଼ଲି ମାଝି, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ମଧୁଛନ୍ଦା ସାହୁ ଅଧକ୍ଷତା କରିଥିବା ବେଳେ ଅତିଥି ଭାବେ ଖଡ଼ିଆଳ ନଗରପାଳ ଉଜ୍ଜଳ ଗୁପ୍ତା, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ବେହେରା, ସ୍ମୃତି ସିଂ ମାଝିଙ୍କ ସହ ଓପିଟିସିଏଲ ଜିଏମ ସୁରେଶ କିଷାନ, ବିଦ୍ୟୁତ୍ ବିଭାଗ ନିର୍ବାହ ଯନ୍ତ୍ରୀ ସମ୍ମିତ ନନ୍ଦ ଯୋଗଦେଇଥିଲେ। ସେହିପରି ନୂଆପଡା ଜିଲା ସଦର ବ୍ଲକ ସାରାବଙ୍ଗ ପଞ୍ଚାୟତ ରାଜୀବ ଗାନ୍ଧି ସେବାକେନ୍ଦ୍ରଠାରେ ଆଜାଦି କା ଅମୃତ ମହୋତ୍ସବ ଅବସରରେ ବିଜୁଳି ମହୋତ୍ସବ ଉଜ୍ଜ୍ୱଳ ଭାରତ ଉଜ୍ଜ୍ୱଳ ଭବିଷ୍ୟତ ପାୱାର ୨୦୪୭ ପାଳିତ ହୋଇଯାଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶିକା ମଧୁଛନ୍ଦା ସାହୁଙ୍କ ଅଧ୍ୟକ୍ଷତାରେ ଜିଲା ପରିଷଦ ଉପାଧ୍ୟକ୍ଷ ଦୀପିକା କୌଶଲ୍ୟା ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ କିପରି ବିଜୁଳି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ପହଞ୍ଚି ଲୋକଙ୍କ ଜୀବନ ଧାରଣର ମାନ ବୃଦ୍ଧି କରିପାରିଛି, ସେ ସମ୍ପର୍କରେ ଆଲୋକପାତ କରିଥିଲେ। ସାରାବଙ୍ଗ ସରପଞ୍ଚ ରଥବାଇ ପଟେଲ, ସମିତି ସଭ୍ୟା ଜାଗୃତି ସାହୁ, ଆମାନାରା ସମିତି ସଭ୍ୟ ନୂତନ ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ। ନୂଆପଡା ବିଦ୍ୟୁତ ଖଣ୍ଡର ନିର୍ବାହୀ ଯନ୍ତ୍ରୀ ସମ୍ମିତ ନନ୍ଦ, ଗଜେନ୍ଦ୍ର ମଲ୍ଲିକ, ପିଜିସିଆଇଏଲ, ଓପିଟିସିଏଲ, ଟିପିଡବ୍ଲୁଓଡିଏଲ ସମସ୍ତ ଅଧିକାରୀ ତଥା କର୍ମଚାରୀମାନେ ଉପସ୍ଥିତ ଥିଲେ। ବରିଷ୍ଠ ସହାୟକ ବିଭୁଦତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଓପିଟିସିଏଲ ଉପପ୍ରବନ୍ଧକ ଧ୍ରୁବ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବ୍ୟବସ୍ଥାରେ ଚାଲିଛି ଡେବ୍ରିଆମୁଣ୍ଡା ପ୍ରାଥମିକ ବିଦ୍ୟାଳୟ

ଲାଠୋର,୨୯।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଗଇନ୍ଦିମାଲ କ୍ଲଷ୍ଟର ଅଧିନ ଡ଼େବ୍ରିଆମୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ଏବେ ନାନା ଅବ୍ୟବସ୍ଥା ମଧ୍ୟ ଦେଇ ଗତି କରୁଛି। ୧୯୬୬ମସିହାରେ ସ୍ଥାପିତ ଏହି ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ରହିଛି। ୫୬ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରିଛନ୍ତି। ପ୍ରଧାନଶିକ୍ଷକ ଏବଂ ଜଣେ ଶିକ୍ଷୟିତ୍ରୀ ଶିକ୍ଷାଦାନ ପାଇଁ ରହିଛନ୍ତି। ପାଞ୍ଚଟି ଶ୍ରେଣୀ ଥିଲେ ହେଁ ଭଙ୍ଗା ଦଦରା ଅବସ୍ଥାରେ ୨ଟି ଶ୍ରେଣୀ ଗୃହ ରହିଛି। ବର୍ଷା ହେଲେ କୋଠରି ଛାତରୁ ପାଣି ଗଳୁଛି। ଗୋଟିଏ କୋଠରିରେ ପ୍ରଥମରୁ ତୃତୀୟ ଶ୍ରେଣୀ ଯାଏ ଓ ଅନ୍ୟ କୋଠରିରେ ଚତୁର୍ଥ ଏବଂ ପଞ୍ଚମ ଶ୍ରେଣୀ ପିଲା ବସୁଛନ୍ତି। ଫଳରେ ପିଲାଙ୍କ ପାଠ ପଢା ବେଳେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ବିଦ୍ୟାଳୟରେ ପାନୀୟ ଜଳର ବ୍ୟବସ୍ଥା ନଥିବା ଯୋଗୁଁ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ସମସ୍ୟା ଉପୁଜୁଛି। ଶୌଚାଳୟର ନ ଥିବାରୁ ପିଲା ଏବଂ ଶିକ୍ଷୟିତ୍ରୀ ଶିକ୍ଷକ ଅସୁବିଧା ଭୋଗୁଛନ୍ତି। ଗତ ଜୁନ ମାସରେ ବିଡ଼ିଓ ଦେବାଶିଷ ସାମଲ ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଫକିର ବିବିଦ୍ୟାଳୟ ପରିଦର୍ଶନରେ ଆସି ସମସ୍ୟା ଉପରେ ଅବଗତ ହୋଇଥିଲେ। ହେଲେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ପ୍ରତି ମାସରେ ବିଦ୍ୟାଳୟ ପକ୍ଷରୁ ପ୍ରଗତି ରିପୋର୍ଟ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଉଥିଲେ ମଧ୍ୟ କର୍ଣ୍ଣପାତ କରା ଯାଉ ନ ଥିବା ପ୍ରଧାନ ଶିକ୍ଷକ ବୈବସ୍ଵତ ବାଗ କହିଛନ୍ତି। ଯଥାଶୀଘ୍ର ବିଦ୍ୟାଳୟ ସମସ୍ୟାର ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଯାତ୍ରୀବାହୀ ଟ୍ରେନ୍‌ରେ ନିଆଁକୁ ନେଇ ମକ୍‌ଡ୍ରିଲ

ଟିଟିଲାଗଡ଼,୨୯।୭ (ଡି.ଏନ.ଏ)

ବଲାଙ୍ଗୀର ଜିଲା ଟିଟିଲାଗଡ ରେଳ ଜଙ୍କସନର ୫ ନମ୍ବର ପ୍ଲାଟଫର୍ମରେ ଶୁକ୍ରବାର ସକାଳେ ରେଳବାଇ ପକ୍ଷରୁ ଯାତ୍ରୀବାହୀ ଟ୍ରେନରେ ନିଆଁକୁ ନେଇ ଏକ ମକ୍‌ଡ୍ରିଲ କରାଯାଇଥିଲା। ବିଳାସପୁର-ଟିଟିଲାଗଡ ପାସେଞ୍ଜର ଏକ ବଗିରେ ନିଆଁ ଲାଗିଯିବା ନେଇ ଏହାକୁ ଆୟତ୍ତ, ଯାତ୍ରୀଙ୍କୁ କିଭଳି ସୁରକ୍ଷିତ ଭାବରେ ଓହ୍ଲାଇ ପ୍ରାଥମିକ ଉପଚାର ଏବଂ ପରେ ଡାକ୍ତରଖାନାକୁ ସ୍ଥାନାନ୍ତର ଆଦି ନେଇ ଅଭ୍ୟାସ କରାଯାଇଥିଲା। ପ୍ରଥମେ ନିଆଁ ଲାଗିଥିବା ବଗିକୁ ଅନ୍ୟବଗିରୁ ବିଚ୍ଛେଦ ସହ ଅଗ୍ନିଶମ ବିଭାଗ ପକ୍ଷରୁ ବଗିରେ ପାଣି ମାଡ କରି ନିଆଁକୁ ଆୟତ୍ତ କରାଯାଇଥିଲା। ଏହି ଅଭ୍ୟାସରେ ଆରପିଏଫ, ଜିଆରପି, ଅଗ୍ନିଶମ, ରେଳବାଇ ମେଡିକାଲ ଟିମ, ଏଲପିଏସ, ଏସଏସଇ/ୱାର୍କସ, ଏସଏସଇ/ପିୱେ, ଅପରେଟିଙ୍ଗ, ଇଲେକ୍ଟ୍ରିକାଲ, ମେକାନିକାଲ, କମର୍ସିଆଲ, ଏଡିଇଏନ, ଲୋକୋ ଇନ୍ସପେକ୍ଟର, ଏଆରଏମଇ, ଆରଆରଆଇ ପ୍ରମୁଖ ଉପସ୍ଥିତ ଥିଲେ। ଷ୍ଟେଶନ ମ୍ୟାନେଜର ପ୍ରଭାତ ବେହେରା ଓ ଆରପିଏଫ ଅଧିକାରୀ ଧର୍ମେନ୍ଦ୍ର ମିଶ୍ର ଏହି ସୂଚନା ଦେଇଛନ୍ତି।


ମକ୍‌ଡ୍ରିଲରେ ଜଣେ ଯାତ୍ରୀଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିବା ଦର୍ଶାଯାଉଛି।

## ଚାକିରି ହରାଇଲେ ପିଏ, ଯୋଗାଣ ସହାୟକ

**ମୃତ ବ୍ୟକ୍ତିଙ୍କ ଭତ୍ତା ଉଠାଣ ମହଙ୍ଗା ପଡ଼ିଲା**

ଲୋଇସିଂହା,୨୯।୭(ଡି.ଏନ.ଏ)


ଶ୍ରୀକାନ୍ତ ଗଡତ୍ୟା


ହେମନ୍ତ ସାହୁ

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ପଞ୍ଚାୟତର ଅନେକ ମୃତକଙ୍କ ନାମରେ ବର୍ଷବର୍ଷ ଧରି ଭତ୍ତା ଟଙ୍କା ଆତ୍ମସାତ କରାଯାଉଥିବା ଅଭିଯୋଗ ହୋଇଥିଲା। ଭତ୍ତା ବଣ୍ଟନ ଦାୟିତ୍ୱରେ ଥିବା ପଞ୍ଚାୟତ ଯୋଗାଣ ସହାୟକ ହେମନ୍ତ ସାହୁ ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ପ୍ରୋଗ୍ରାମ ଆସିଷ୍ଟାଣ୍ଡ(ପିଏ) ଶ୍ରୀକାନ୍ତ ଗଡତ୍ୟା ଚକ୍ରାନ୍ତ କରି ହଡପ କରିଥିବା ଜିଲା ପ୍ରଶାସନର ପ୍ରାଥମିକ ତଦନ୍ତରୁ ଜଣାପଡିଥିଲା। ଏହିଘଟଣାରେ ଜିଲାପାଳ ଚଞ୍ଚଳ ରାଣା କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଯୋଗାଣ ସହାୟକ ସାହୁ ଓ ପିଏ ଗଡତ୍ୟାଙ୍କୁ ଚାକିରିରୁ ବହିଷ୍କୃତ କରିଛନ୍ତି। ଏନେଇ ବିଭାଗୀୟ ଅଧିକାରୀ ଓ ବ୍ଲକ ପ୍ରଶାସନକୁ ପୃଥକ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଛି।

ପଞ୍ଚାୟତ ଅଧୀନ ୫ଖଣ୍ଡ ଗ୍ରାମର କେତେକ ମଧୁବାବୁ ପେନସନ ଓ ଏନଏସଏପି ଯୋଜନା ମୃତବ୍ୟକ୍ତିଙ୍କ ନାମରେ ଭତ୍ତା ଟଙ୍କା ଉଠୁଥିବା ନବନିର୍ବାଚିତ ସରପଞ୍ଚ ଜାଣିବାକୁ ପାଇଥିଲେ। ପ୍ରଥମ ସମିତି ବୈଠକରେ ବିଧାୟକ ମୁକେଶ ମହାଲିଙ୍ଗ ଏହି ପ୍ରସଙ୍ଗ ଉଠାଇ ତଦନ୍ତ ଦାବି କରିଥିଲେ। ପଞ୍ଚାୟତର ପ୍ରାୟ ୫୬ ଜଣ ମୃତକଙ୍କ ନାମରେ ଭତ୍ତା ଟଙ୍କା ଉଠୁଥିବା ଅଭିଯୋଗ ହୋଇଥିଲା। ଏହାପରେ ଉପଜିଲାପଳ ଲମ୍ବୋଦର ଧରୁଆ ସିଡିପିଓଙ୍କୁ ମୃତ ବ୍ୟକ୍ତିଙ୍କ ତାଲିକା ମାଗିଥିଲେ। ଏଥିସହ ବିଡିଓ ଏବଂ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ପଞ୍ଚାୟତରେ ବଣ୍ଟନ ହୋଇଥିବା ଭତ୍ତା ରେଜିଷ୍ଟର ଜବତ କରି ଉପଜିଲାପାଳ କାର୍ଯ୍ୟାଳୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ ପ୍ରଶାସନ ଏପ୍ରିଲରୁ ସେପ୍ଟେମ୍ବର ୨୦୨୧ ଓ ୨୦୨୧ ଅକ୍ଟୋବରରୁ ମାର୍ଚ୍ଚ ୨୦୨୨ ପର୍ଯ୍ୟନ୍ତ ଭତ୍ତା ବଣ୍ଟନ ରେଜିଷ୍ଟର ଉପଜିଲାପାଳ କାର୍ଯ୍ୟାଳୟକୁ ପଠାଇଥିଲା । ଏଥିରୁ ଅନିୟମିତତା ସ୍ପଷ୍ଟ ପ୍ରମାଣିତ ହୋଇଥିଲା। ଏହାପରେ ଉପଜିଲାପାଳ ସୁଧ ସହ ହଡପ ଟଙ୍କା ଆସୁଲ ପାଇଁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଯୋଗାଣ ସହାୟକ ସାହୁଙ୍କଠାରୁ ୩ ଲକ୍ଷ ୧୭ ହଜାର ୮ଶହ ଓ ପିଏ ଗଡତ୍ୟାଙ୍କଠାରୁ ୯୯ ହଜାର ଟଙ୍କା ଆସୁଲ ନିର୍ଦ୍ଦେଶ ଦେଇଥିଲେ । ଏହି ଟଙ୍କା ଉଭୟ କର୍ମଚାରୀ ଜୁଲାଇ ୧୧ରେ ବ୍ଲକ ପ୍ରଶାସନ ନିକଟରେ ଜମା ଦେଇଥିଲେ। ଜୁଲାଇ ୨୮ରେ ଜିଲାପାଳଙ୍କ ପତ୍ରସଂଖ୍ୟା ୧୬୦୪ ରେ ପିଏ ଓ ୧୬୦୬ରେ ଯୋଗାଣ ସହାୟକଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଥିବା ଭାରପ୍ରାପ୍ତ ବିଡିଓ ବିଜୟ କୁମାର ହୋତା ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଦାୟିତ୍ୱରେ ଅବହେଳା କାରଣରୁ ଜିଲାପାଳ ଏଥିପୂର୍ବରୁ ଜୁଲାଇ ୧୬ତାରିଖରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଆଗଲପୁର ବ୍ଲକକୁ ବଦଳି କରିଛନ୍ତି।

**ବିଜେଡିର ବୃକ୍ଷରୋପଣ କାର୍ଯ୍ୟକ୍ରମ**

ପଦ୍ମପୁର,(ଡି.ଏନ.ଏ.): ବିଜେଡିର୨୫ ବର୍ଷ ପୂର୍ତ୍ତିରେ ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟଠାରେ ବିଜୁ ଯୁବ, ଛାତ୍ର ଜନତା ଦଳ ତରଫରୁ ଶୁକ୍ରବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଛି। ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ମୁଖ୍ୟଅତିଥି, ଭୋଜରାଜ ସିଂ ବରିହା, ଏନ୍ଏସି ଅଧ୍ୟକ୍ଷା ସାବିତ୍ରୀ ବାଗ, ବ୍ଲକ ଅଧ୍ୟକ୍ଷ ରଞ୍ଜିତ ସିଂ ବରିହା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଜେଡି ଜିଲା ସମ୍ପାଦକ ଭରତ ପଣ୍ଡା, ବିଜୁ ଯୁବ ଜନତା ଦଳ ବ୍ଲକ ସଭାପତି ମନୋରଞ୍ଜନ ପୁରୋହିତ, ଟାଉନ ସଭାପତି ସୌମ୍ୟରଞ୍ଜନ ହୋତା, ଛାତ୍ର ଜନତା ବ୍ଲକ ସଭାପତି ଲୋକନାଥ ମେହେର, ନବୁ ଅଗ୍ରୱାଲ ଔଷଧୀୟ ଚାରା ରୋପଣ କରିଥିଲେ।

# ଏକାଠି ହେଉଛନ୍ତି ସବୁ ସଙ୍ଗଠନ

ବରଗଡ଼ ଅଫିସ୍,୨୯।୭

**ଆଜି ବରଗଡ଼ ବନ୍ଦ**
- ଛାତ୍ରମୃତ୍ୟୁ ଘଟଣାକୁ ନେଇ ଉଦ୍‌ବେଗ
- ପୋଲିସ କାର୍ଯ୍ୟାନୁଷ୍ଠାନକୁ ସବୁଠି ନିନ୍ଦା
- ସ୍ୱାସ୍ଥ୍ୟକେନ୍ଦ୍ର ବ୍ୟତୀତ ସବୁ ବନ୍ଦ ରହିବ
- ବନ୍ଦ ଆନ୍ଦୋଳନକୁ ବଢ଼ୁଛି ସମର୍ଥନ

ବରଗଡ଼ ସହରର ଏକ ଘରୋଇ ଶିକ୍ଷାନୁଷ୍ଠାନର ଛାତ୍ରମୃତ୍ୟୁ ଘଟଣାକୁ ନେଇ ଆନ୍ଦୋଳନ ତେଜିଛି। ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଜଣେ ପ୍ରଥମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ସବୁଠି ଉଦ୍‌ବେଗ ପ୍ରକାଶ ପାଇଛି। ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱର ସହ ନେବା ବଦଳରେ ମୃତ ଛାତ୍ରଙ୍କୁ ନ୍ୟାୟ ଦାବି କରୁଥିବା ଲୋକଙ୍କ ବିରୋଧରେ ପୋଲିସ ନିଜ ଆଡୁ ଏତଲା ସହିତ ୩୦୭ ଭଳି ସଙ୍ଗୀନ ଦଫା ଲଗାଇ ମାମଲା ରୁଜୁ କରିବା ଘଟଣା ପୋଲିସର ପାରିବା ପଣିଆକୁ ପଦାରେ ପକାଇ ଦେଇଛି। କେବଳ ସେତିକି ନୁହେଁ, ଛାତ୍ରମୃତ୍ୟୁ ଘଟଣାରେ ନିରବତା ଏବଂ ନ୍ୟାୟ ଦାବି କରୁଥିବା ଲୋକଙ୍କ ଉପରେ ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ବରଗଡ଼ରେ ଆନ୍ଦୋଳନ ମୁଣ୍ଡ ଟେକିଛି । ଏହି କ୍ରମରେ ଶନିବାର ୧୨ଘଣ୍ଟିଆ ବରଗଡ଼ ବନ୍ଦ ଡାକରା ଦିଆଯାଇଛି । ଏହାକୁ ଦଳମତ ନିର୍ବିଶେଷରେ ସହରର ସବୁ ସଙ୍ଗଠନ ସମର୍ଥନ ଜଣାଇବା ସହିତ ବନ୍ଦ ଡାକରାକୁ ସଫଳ କରିବା ପାଇଁ ସଙ୍ଗଠିତ ହେଉଥିବା ପରିଲକ୍ଷିତ ହୋଇଛି ।

ପ୍ରକାଶ ଯେ, ବରଗଡ଼ ସହର ଉପକଣ୍ଠ ପ୍ରଧାନପାଲି ଗ୍ରାମର ଜଣେ ଶିଶୁ ଆଦିତ୍ୟରାଜ ସାହୁ ସହରର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ପ୍ରଥମ ଶ୍ରେଣୀରେ ପଢ଼ୁଥିଲେ। ଗତ ୨୦ତାରିଖରେ ଖେଳ ପିରିୟଡ଼ରେ ଖେଳୁଥିବାବେଳେ ସେ ପଡ଼ିଯାଇ ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଏକ ଘରୋଇ ଡାକ୍ତରଖାନାକୁ ନେଇଥିଲେ ଏବଂ ଚିକିତ୍ସା ପରେ ଘରକୁ ଆଣିଥିଲେ। ମାତ୍ର ଦିନକ ପରେ ଆଦିତ୍ୟରାଜଙ୍କ ଛାତି ଯନ୍ତ୍ରଣା ସହିତ ପୁଣି ସେ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ। ଫଳରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା ଏବଂ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍କୁଲ କର୍ତ୍ତୃପକ୍ଷ ଆରମ୍ଭରୁ ପ୍ରକୃତ ଘଟଣାକୁ ଲୁଚାଇବାରୁ ଆଦିତ୍ୟରାଜଙ୍କ ଜୀବନ ଚାଲିଗଲା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ କରି ମୃତ ଛାତ୍ରଙ୍କ ପରିବାର ଲୋକେ ଗତ ୨୫ତାରିଖରେ ସମ୍ପୃକ୍ତ ସ୍କୁଲକୁ ଆସି ନ୍ୟାୟ ଦାବି କରିଥିଲେ। ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ସ୍ଥାନୀୟ ସଚେତନ ନାଗରିକ ଏବଂ ଅଭିଭାବକମାନେ ସାମିଲ ହେବା ସହିତ ନ୍ୟାୟ ଦାବିର ସ୍ୱର ଉଠାଇବା ସହିତ ରାଜରାସ୍ତାକୁ ଓହ୍ଲାଇଥିଲେ।

ପୋଲିସ ସେଠାରୁ ସେମାନଙ୍କୁ ଘଉଡ଼ାଇ ଦେଇଥିଲା। ତେବେ ଏହି ଘଟଣାରେ ପୋଲିସ ବରିଷ୍ଠ ସାମ୍ବାଦିକ ବିରେନ୍ଦ୍ର ପ୍ରଧାନଙ୍କ ସମେତ ରାଜେଶ ତ୍ରିପାଠୀ, ରାଜେଶ ମହାପାତ୍ର, ସଂଗ୍ରାମ ନେପାକ, ମନୋହର ପ୍ରଧାନ, ସୁରଜ, ଭରତ ସାହୁ, ଅନନ୍ତ ତାଣ୍ଡି, ଏବଂ ସୁଜୟ ବିଶିଙ୍କ ବିରୋଧରେ ନିଜ ଆଡୁ ଏକ ମାମଲା ରୁଜୁ କରିଥିଲା। ଉକ୍ତ ମାମଲାରେ ୩୦୭ଭଳି ସଙ୍ଗୀନ ଦଫା ସମେତ ୧୪୩, ୩୪୧, ୨୮୩, ୩୩୨, ୩୫୩, ୨୯୪, ୫୦୬, ୩୩୬, ୧୪୯ ଆଇପିସି ଲଗାଯାଇଛି। ଏହା ଜାଣିବା ପରେ ପୋଲିସର ଏଭଳି ଆକ୍ରୋଶକୁ ନେଇ ସହରରେ ଚାପା ଉତ୍ତେଜନା ଦେଖାଯାଇଛି। ଏହି କ୍ରମରେ ଗୁରୁବାର ସନ୍ଧ୍ୟାରେ ଦଳମତ ନିର୍ବିଶେଷରେ ସବୁ ସଙ୍ଗଠନ ଏକତ୍ରିତ ହୋଇ ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘରେ ଏକ ବୈଠକ କରିବା ସହିତ ଛାତ୍ରମୃତ୍ୟୁ ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ସେହିପରି ପୋଲିସର ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନକୁ ଦୃଢ଼ ନିନ୍ଦା କରିଥିଲେ ।

ଶୁକ୍ରବାର ସନ୍ଧ୍ୟାରେ ବରଗଡ଼ ସାମ୍ବାଦିକ ସଂଘ ପକ୍ଷରୁ ସଂଘର ସଭାପତି ଶଙ୍କର ବଲ୍ଲଭ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ସ୍କୁଲରେ ଛାତ୍ରମୃତ୍ୟୁ ଘଟଣାର ଯେଭଳି ପୁନରାବୃତ୍ତି ନ ହେବ, ସେ ନେଇ ଆଲୋଚନା ହେବା ସହ ପୋଲିସର ଆକ୍ରୋଶକୁ ନିନ୍ଦା କରାଯାଇଥିଲା। ସେହିପରି ବରଗଡ଼ ବନ୍ଦ ଡାକରାକୁ ପୂର୍ଣ୍ଣ ସମର୍ଥନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବରଗଡ଼ ଜିଲା ଓକିଲ ସଂଘରେ ମଧ୍ୟ ଏକ ବୈଠକ ହୋଇ ବନ୍ଦ ଡାକରାକୁ ସମର୍ଥନ ପାଇଁ ନିଷ୍ପତ୍ତି ନିଆଯାଇଥିଲା ।

# ନିଜସ୍ୱ ଉଦ୍ୟମରେ ଜଳସେଚନ କଲେ ଚାଷୀ



ଚାଷୀମାନେ ବାଲିବସ୍ତା ପକାଇ ବନ୍ଧ ବାନ୍ଧୁଛନ୍ତି।

ପଦ୍ମପୁର,୨୯।୭ (ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ବରିହାପାଲି ଗ୍ରାମ ପଞ୍ଚାୟତ ଖୁଜେନ ଗ୍ରାମର ଶତାଧିକ ଚାଷୀ ନିଜସ୍ୱ ଉଦ୍ୟମରେ ଜଳସେଚନ ସୁବିଧା କରିଛନ୍ତି। ଫଳରେ ଖରିଫ ସମୟରେ ୧୦୦ ହେକ୍ଟର ଫସଲକୁ ଜଳାଭାବରୁ ରକ୍ଷା କରାଯାଇପାରୁଛି। ସେମାନେ ପ୍ରତିବର୍ଷ ପ୍ଲାଷ୍ଟିକ ବସ୍ତାରେ ବାଲି ଭର୍ତ୍ତି କରି ହିଡ ତିଆରି କରିଥାନ୍ତି। ଶିରୀଶ ସ୍ୱାଇଁ, ଲୋକନାଥ ସ୍ୱାଇଁ, ଛାୟାକାନ୍ତ ସ୍ୱାଇଁ, ସୁଶୀଳ ସ୍ୱାଇଁ, ଦୁଃଖୁ ସ୍ୱାଇଁ, ରୋହିତ ସ୍ୱାଇଁ, ବୀରେନ୍ଦ୍ର ସ୍ୱାଇଁ, ଯୋଗେନ୍ଦ୍ର ସ୍ୱାଇଁ, ଅଲିଭ ସ୍ୱାଇଁ, ଚଞ୍ଚ ସ୍ୱାଇଁ, ରାଘବ ସ୍ୱାଇଁ ଓ ଅନ୍ୟମାନେ ସ୍ଥାୟୀ ଚେକଡ୍ୟାମ୍ କରିବାକୁ ପ୍ରଶାସନ ପାଖରେ ଦାବି କରିଛନ୍ତି।

# ନବ ନିର୍ବାଚିତ ସମବାୟ ସଦସ୍ୟଙ୍କ କର୍ମଶାଳା

ପଦ୍ମପୁର,୨୯।୭(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଦହିଗାଁ ଗ୍ରାମପଞ୍ଚାୟତଠାରେ ନବ ନିର୍ବାଚିତ ପ୍ରାଥମିକ କୃଷି ସମବାୟ ସମିତି ସଭାପତି, ନିର୍ଦ୍ଦେଶକମାନଙ୍କର ଏକ ତାଲିମ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଛି। ସମବାୟରେ ନେତୃତ୍ୱ ଓ ବିକାଶ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଅଧ୍ୟାପକ ସୁଜିତ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପଦ୍ମପୁର ସମବାୟ ଉପ ନିବନ୍ଧକ ପାତଞ୍ଜଳି ମିଶ୍ର, ପରିଚାଳନା କେନ୍ଦ୍ର ଅଧ୍ୟକ୍ଷ ଧର୍ମେନ୍ଦ୍ର ସାବତ, ଅତିଥି ଅଧ୍ୟାପକ ଠାକୁର ରାମ ପଟେଲ, ପଦ୍ମପୁର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ପ୍ରଭଞ୍ଜନ ମାଝି, ସହକାରୀ କୃଷି ଅଧିକାରୀ ସୋମନାଥ ମହାପାତ୍ର ଅତିଥି ଭାବେ ଯୋଗଦାନ କରି ସମବାୟ ଆଇନ, ନିୟମାବଳୀ, ଦାୟିତ୍ୱ, କର୍ତ୍ତବ୍ୟ, ବୀମା, ଧାନ ସଂଗ୍ରହ, ଋଣ ଦେଣନେଣ ଓ ତାର ସମସ୍ୟା, କୃଷି ବିଭାଗର ସହାୟତା, ସରକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ବୁଡେନ ପାକ୍ସ ସମ୍ପାଦକ ଖଗେଶ୍ୱର ବେହେରା, ଦହିଗାଁ ସମ୍ପାଦକ ଠାକୁର ପାଣ୍ଡେ, ପଦ୍ମପୁର ସମ୍ପାଦକ ଗୋପାଳ ଷାଣ୍ଢଙ୍କ ସମେତ ସମସ୍ତ ନବ ନିର୍ବାଚିତ ସଭାପତି, ନିର୍ଦ୍ଦେଶକମାନେ ଯୋଗଦାନ କରିଥିଲେ।

# ମହତ୍ତ୍ୱାକାଂକ୍ଷୀ ଛାତ୍ର ଗଠନ ପ୍ରଶିକ୍ଷଣ ଶିବିର




ତାଲିମ ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ।

ପାଇକମାଳ,୨୯।୭(ଡି.ଏନ.ଏ.)

ବରଗଡ ଜିଲା ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପାଇକମାଳ ଓ ଝାରବନ୍ଧ ବ୍ଲକ ମହତ୍ତ୍ୱାକାଂକ୍ଷୀ ଛାତ୍ର ଗଠନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୁଇ ବ୍ଲକର ୯୦ଜଣ ପ୍ରଧାନ ଶିକ୍ଷକ, ମେଣ୍ଟର ଶିକ୍ଷକ ଓ କ୍ୟାପଟେନ ଯୋଗଦାନ କରି ପ୍ରଶିକ୍ଷଣ ନେଇଥିଲେ। ପିରାମଲ ଫାଉଣ୍ଡେଶନର ପ୍ରୋଗ୍ରାମ ମ୍ୟାନେଜର ଶାଶ୍ୱତ ସୌରଭ ପଣ୍ଡା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆଇ.ଇ ସଂଯୋଜକ ରାଜେଶ କୃଷ୍ଣ ଦାଶ, ପ୍ରଧାନ ଶିକ୍ଷକ ଦ୍ୱାଦଶ କୁମାର ପ୍ରଧାନ, ଗୋଷ୍ଠୀ ଶିକ୍ଷାଧିକାରୀ ଚୂଡ଼ାମଣି ବାରିକ, ସହ ଗୋଷ୍ଠୀ ଶିକ୍ଷାଧିକାରୀ ଶିବ ପ୍ରସାଦ ଯୋଶୀ, ରାଧେଶ୍ୟାମ ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ତ୍ରିଲୋଚନ ନାୟକ କାର୍ଯ୍ୟକ୍ରମ ସଂଯୋଜନା ଏବଂ ରାଧେଶ୍ୟାମ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

**ବରପାଲି(ଡି.ଏନ.ଏ.):** ବରପାଲି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଛାତ୍ରୀଛାତ୍ରଙ୍କ ଏକଦିବସୀୟ ଉଚ୍ଚାକାଂକ୍ଷୀକରଣ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟଲକ୍ଷ୍ମୀ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଏଡିଇଓ ଜ୍ୟୋତିକାନ୍ତ ସାହୁ ମୁଖ୍ୟ ଅତିଥି, ବରପାଲି ଗୋଷ୍ଠୀ ଶିକ୍ଷାଧିକାରୀ ମକୁନ୍ଦ ମହରା, ସେବାଶ୍ରୀ ଭୋଇ, ପୁଷ୍ପାଞ୍ଜଳି ଦାଶ, ମିଥୁନ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବରଗଡ଼ ଜିଲାରେ ପ୍ରଥମ କରି ଏହାକୁ ଏକ ପାଇଲଟ କାର୍ଯ୍ୟକ୍ରମ ଭାବେ ଆରମ୍ଭ କରାଯାଇଛି ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରପାଲି ବ୍ଲକର ୫-ଟି ଅନ୍ତର୍ଭୁକ୍ତ ୧୨ଟି ବିଦ୍ୟାଳୟର ୧୦୮ଜଣ ପ୍ରଧାନ ଶିକ୍ଷକ ଓ ଛାତ୍ରୀଛାତ୍ର ଶିବିରରେ ଯୋଗ ଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦିଲୀପ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରତ୍ନାକର ଭୋଇଙ୍କ ତତ୍ତ୍ୱାବଧନରେ ଶିକ୍ଷକ ସଞ୍ଜୟ କୁମାର ସାହୁ, ବିନୟ ଭୋଇ, ସନ୍ତୋଷ ତ୍ରିପାଠୀ, ଗୋବର୍ଦ୍ଧନ ସାହୁ, ଜଗବନ୍ଧୁ ସାହୁ, ଚୈତନ୍ୟ ଲୁହା, ସସ୍ମିତା ପୁରୋହିତ, ରୀନା ଦାଶ ପ୍ରମୁଖ ସହଯୋଗ କରିଥିଲେ।

**ଜାମଟିକ୍ରା (ଡି.ଏନ.ଏ.):** ଅତାବିରା ହାଇସ୍କୁଲରେ ବ୍ଲକସ୍ତରୀୟ ଏକ ଦିନିଆ ଛାତ୍ରୀଛାତ୍ରଙ୍କ ଉଚ୍ଚାକାଂକ୍ଷୀ ତାଲିମ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବ୍ଲକର ୮ଟି ୫-ଟି ହାଇସ୍କୁଲର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଶିକ୍ଷକ ଓ ପ୍ରତି ହାଇସ୍କୁଲରେ ଗଠିତ ହାଉସ୍‌ର ଅଧିନାୟିକା ଅଧିନାୟକ ତାଲିମ ନେଇଥିଲେ। ଜିଲାପାଳ ମନିଷା ବାନାର୍ଜୀ ମୁଖ୍ୟ ଅତିଥି, ବିଡିଓ ପ୍ରମୋଦ ଚନ୍ଦ୍ର ମେହେର, ବ୍ଲକ ଶିକ୍ଷାଧିକାରୀ ମଚ୍ଛିନ୍ଦ୍ର ମଲ୍ଲିକ, ଅତିରିକ୍ତ ଶିକ୍ଷାଧିକାରୀ କାର୍ତ୍ତିକ ବାଗ, ହାଇସ୍କୁଲର ପ୍ରଧାନ ଶିକ୍ଷକ ମନୋଜ କୁମାର ହରପାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅମିୟ ମହାନ୍ତି, ହିମାଂଶୁ ଶେଖର ସାହୁ, ସୁରେନ୍ଦ୍ର ବେହେରା, ଧର୍ମରାଜ ପଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ନିତିଶ କୁମାର ବଣିଆଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଢାବା ପାଲଟିଛି ବିଅର ବାର୍, ଧରାପଡୁଛନ୍ତି କର୍ମଚାରୀ

ସୋନପୁର,୨୯।୭(ନି.ପ୍ର.)

**ମଦ ଯୋଗାଉ ଥିବା ବିଦେଶୀ ମଦ ଦୋକାନୀଙ୍କୁ ମାଫ୍**

ସୁବର୍ଣ୍ଣପୁର ଜିଲାର ପ୍ରମୁଖ ରାସ୍ତାପାର୍ଶ୍ୱରେ ଅନେକ ଢାବା ଗଢି ଉଠିଛି। ଅଧିକାଂଶ ଢାବାରେ ବେଆଇନ ବିଦେଶୀ ମଦ କାରବାର ବଢି ଚାଲିଛି। ଏଥିଯୋଗୁଁ ଜିଲାରେ ସଡକ ଦୁର୍ଘଟଣା ସମପରିମାଣରେ ବୃଦ୍ଧି ପାଇବାରେ ଲାଗିଛି। ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଢାବାଗୁଡିକରେ କାଁଭାଁ ଚଢାଉ ହେଉଛି। ଯେତେବେଳେ ବି ଚଢାଉ ହେଉଛି ଢାବା କର୍ମଚାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଉଛି। ତେଣୁ ଢାବା ମାଲିକମାନେ ଏଭଳି ଚଢାଉକୁ ଖାତିର କରୁନାହାନ୍ତି।

ସୋନପୁର-ବଲାଙ୍ଗୀର, ସୋନପୁର-ବିନିକା-ଡୁଙ୍ଗୁରିପାଲି, ସୋନପୁର-ସମ୍ବଲପୁର, ସୋନପୁର-ବୀରମହାରାଜପୁର, ତରଭା-ଚାରଭଟା ରାସ୍ତାରେ ଏକାଧିକ ଢାବା ଖୋଲିଛି। ଏହି ଢାବାଗୁଡିକରେ ଦିନଦ୍ୱିପ୍ରହରରେ ଖୁଲମଖୁଲା ବେଆଇନ ବିଦେଶୀ ମଦ କାରବାର ଚାଲିଛି। ଅବକାରୀ ଓ ପୋଲିସ ବିଭାଗକୁ ସତେ ଯେପରି ଢାବା ମାଲିକଙ୍କ ଆଦୌ ଭୟ ନାହିଁ। କାରଣ ଢାବା ମାଲିକଙ୍କୁ ଗିରଫ କରା ଯାଉ ନ ଥିବାରୁ ଚଢାଉ ପରେ ମଧ୍ୟ ଚୋରା ମଦ ବ୍ୟବସାୟ ଯଥାରୀତି ଚାଲିଛି। ଜିଲାରେ ଢାବାଗୁଡିକ ବିଅର ବାର ପାଲଟିଛି। ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନଗୁଡିକ ବେଆଇନଭାବେ ଢାବା ଗୁଡିକୁ ବିଦେଶୀ ମଦ ଯୋଗାଉଛନ୍ତି। ଅବକାରୀ ଓ ପୋଲିସ ବିଭାଗର ଚଢାଉ ସମୟରେ ଏହା ସ୍ପଷ୍ଟ ହେଉଛି। ମାତ୍ର ମଦ ଦୋକାନୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନି। କେଉଁ ବିଦେଶୀ ମଦ ଦୋକାନ ଢାବାଗୁଡିକୁ ଏତେ ପରିମାଣରେ ମଦ ଯୋଗାଉଛି ଅବକାରୀ ଓ ପୋଲିସ ବିଭାଗ ସେ ଦିଗରେ ତଦନ୍ତ କରୁନି। ତଦନ୍ତ ଠିକ୍ ଭାବରେ ହେଉ ନଥିବାରୁ ଢାବା ଗୁଡିକୁ ବିଦେଶୀ ମଦ ଯୋଗାଉଥିବା ବିଦେଶୀ ମଦ ଦୋକାନୀ ଖସି ଯାଉଥିବା ବରିଷ୍ଠ ଆଇନଜୀବୀ ମଧୁସୂଦନ ପ୍ରଧାନ ଅଭିଯୋଗ କରିଛନ୍ତି। ଢାବାଗୁଡିକୁ ବିଦେଶୀ ମଦ ଯୋଗାଇ ମଦ ଦୋକାନୀ ଓ ଢାବାରେ ବେଆଇନ ଭାବେ ମଦବିକ୍ରି କରି ଢାବା ମାଲିକ ମାଲାମାଲ ହେଉଛନ୍ତି। କିନ୍ତୁ ସରକାର ବ୍ୟାପକ ରାଜସ୍ୱ ହରାଉଛନ୍ତି। ତେଣୁ ଅବକାରୀ ଓ ପୋଲିସ ବିଭାଗ ଆବଶ୍ୟକ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

# ବୀରମହାରାଜପୁରରେ ବିଜୁଳି ମହୋତ୍ସବ

ଅମରପାଲି, ୨୯।୭(ଡି.ଏନ.ଏ.)

ଆଜାଦିକା ଅମୃତ ମହୋତ୍ସବରେ ସୁବର୍ଣ୍ଣପୁର ଜିଲା ଅନ୍ତର୍ଗତ ବୀରମହାରାଜପୁର ସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ଶୁକ୍ରବାର ଉଜ୍ଜ୍ୱଳ ଭାରତ, ଉଜ୍ଜଳ ଭବିଷ୍ୟତ ପାୱାର-୪୭ କାର୍ଯ୍ୟକ୍ରମ ତଥା ବିଜୁଳି ମହୋତ୍ସବ ପାଳିତ ହୋଇଯାଇଛି। ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ, ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମ ଓ ପାୱାରଗ୍ରୀଡ, ଓପିଟିସିଏଲ, ଟିପିଡବ୍ଲୁଏଲ ମିଳିତ ସହଯୋଗରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସୁବର୍ଣ୍ଣପୁର ଜିଲା ପ୍ରଶାସନ ସୌଜନ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବୀରମହାରାଜପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତି ଲୁହା, ଜିଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବଘାର, ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା,ଏନଟିପିସି ଏଜିଏମ ତଥା ଉଜ୍ଜ୍ୱଳ ଭାରତ ଉଜ୍ଜ୍ୱଳ ଭବିଷ୍ୟତ କାର୍ଯ୍ୟକ୍ରମର ଜିଲା ସଂଯୋଜକ ସୁଧାଂଶୁ ଶେଖର ପ୍ରଧାନ, ଓପିଟିସିଏଲ ଡିଜିଏମ ନିରଞ୍ଜନ ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।ବିଡିଓ ମୋତିଲାଲ ସୁଲିଆ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅତିଥିମାନେ ରାଜ୍ୟର ପ୍ରତ୍ୟେକ ଉପଭୋକ୍ତା ଗୁଣାତ୍ମକ ଓ ନିରବିଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଉଥିବା ପ୍ରଚେଷ୍ଟା ଜାରି ରହିଛି ବୋଲି କହିଥିଲେ। ଏଥିସହିତ ଜଳ ବିଦ୍ୟୁତ୍ ଉତ୍ପାଦନ ବ୍ୟତୀତ ସୌରଶକ୍ତି, ପବନଚାଳିତ ଶକ୍ତି ଉପରେ ଧ୍ୟାନ ଦେଲେ ଓଡ଼ିଶା ତଥା ଦେଶର ବିକାଶ ଓ ଶିଳ୍ପୀକରଣରେ ସାହାଯ୍ୟ ହେବ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରୁ ହେଉଥିବା ବିଦ୍ୟୁତ୍ ଉତ୍ପାଦନ ଓ ଏହାର ଠିକ୍ ବ୍ୟବହାରକୁ ନେଇ ଭିଡିଓ ଚିତ୍ର ପ୍ରଦର୍ଶନ କରାଯାଇଥିଲା।ସୁବର୍ଣ୍ଣପୁର ବିଦ୍ୟୁତ୍ ବିଭାଗୀୟ ଏସଡିଓ ସତ୍ୟରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ବ୍ୟକ୍ତିବିଶେଷ।

# ଅବଧିର ୩ବର୍ଷ ବିତିଲା, କାମ ସରିନି

ସୋନପୁର, ୨୯।୭(ନି.ପ୍ର.)

ରାଜନୈତିକ ଓ ପ୍ରଶାସନିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ସୁବର୍ଣ୍ଣପୁର ଜିଲାର ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁନି। ନିର୍ଦ୍ଧାରିତ ସମୟରେ କୌଣସି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେଉନି। ମହାନଦୀ ବ୍ରିଜ୍‌ରୁ କୁଞ୍ଜଛକ ୪ଥାକିଆ ରାସ୍ତା ଏହାର ଏକ ଜ୍ୱଳନ୍ତ ଉଦାହରଣ। ନିର୍ମାଣ ଅବଧିର ଅଢେଇ ବର୍ଷ ବିତିଯାଇଥିଲେ ସୁଦ୍ଧା ଏହି ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନି। କାର୍ଯ୍ୟ ଅଧାରେ ଅଟକିଛି। ଏହି ରାସ୍ତା ପାଇଁ ଲୋକେ ନାନା ଅସୁବିଧା ଭୋଗୁଛନ୍ତି। ପ୍ରତିବାଦରେ କଂଗ୍ରେସ ନେତା ସୁଧୀର ପଣ୍ଡାଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ଓ ଅଞ୍ଚଳବାସୀ ଶୁକ୍ରବାର ପଟାଭାଡି ଛକରେ ରାସ୍ତାରୋକୋ କରିଥିଲେ। ରାସ୍ତା କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଲୋକେ ଦାବି କରିଥିଲେ। ସୁବର୍ଣ୍ଣପୁରର ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରି ଆସନ୍ତା ୧୫ଦିନ ଭିତରେ ରାସ୍ତା ନିର୍ମାଣ କାମ ପୁଣି ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଜିଲା ପ୍ରଶାସନ ନିକଟରୁ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନକାରୀ ରାସ୍ତାରୋକୋରୁ ହଟିଥିଲେ। ସୋନପୁରର ପ୍ରାକ୍ତନ




ସୋନପୁର ପଟାଭାଡି ଛକରେ କଂଗ୍ରେସ ନେତୃବୃନ୍ଦ ଓ ସ୍ଥାନୀୟ ଲୋକ ରାସ୍ତାରୋକୋ କରିଛନ୍ତି।

- ବନ୍ଦ ରହିଛି ମହାନଦୀ ବ୍ରିଜ୍-କୁଞ୍ଜ ଛକ ୪ ଥାକିଆ ରାସ୍ତା କାମ
- ପଟାଭାଡି ଛକରେ କଂଗ୍ରେସର ରାସ୍ତାରୋକୋ

ବିଧାୟକ ବିନୋଦ ପାତ୍ର, ବରିଷ୍ଠ ନେତା ମାଧବ କୁମ୍ଭାର, ଯୁବ କଂଗ୍ରେସ ସଭାପତି ପ୍ରିୟବ୍ରତ ସାହୁ, ମହିଳା କଂଗ୍ରେସ ଜିଲା ସଭାନେତ୍ରୀ ସୂର୍ଯ୍ୟକାନ୍ତି ବାଘ, ରାଜେଶ ମିଶ୍ର, ରାଜେନ୍ଦ୍ର ମେହେର, ନିମାଇଁ ପାଣିଗ୍ରାହୀ, ପପି ପଣ୍ଡା, ସୁରୁ ଠାକୁର ଓ ସତ୍ୟଭାମା ମେହେର ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

ଜମି ଅଧିଗ୍ରହଣ ହୋଇ ନ ପାରିବାରୁ ଏହି ଗୁରୁତ୍ୱପୂର୍ଣ୍ଣ ବାଇପାସ୍ ରାସ୍ତା କାମ ବନ୍ଦ ରହିଛି। ପୂର୍ତ୍ତ ବିଭାଗର ଏହି ରାସ୍ତା କାମ ପାଇଁ ୨୦୧୯ ଫେବୃୟାରୀ ମାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ କରିଥିଲେ। ୨୦୧୯ ଅଗଷ୍ଟ ୧୨ରେ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ପାଇଁ ପୂର୍ତ୍ତ ବିଭାଗ ସହିତ ଟେଣ୍ଡର ପାଇଥିବା ସୁପରକ୍ଲାସ କଣ୍ଟ୍ରାକ୍ଟର ନନ୍ଦୁଲାଲ ପୁରୋହିତଙ୍କର ଚୁକ୍ତିନାମା ହୋଇଥିଲା। ଡିଭାଇଡର ଓ ଉଭୟ ପାର୍ଶ୍ୱରେ ଡ୍ରେନ ସହିତ ୨୦ମିଟର ଓସାରର ୩.୨୬୦କି.ମି. ଲମ୍ବ ୪ଥାକିଆ ରାସ୍ତା ନିର୍ମାଣ ପାଇଁ ୬କୋଟି ୭୯ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲା। ତେବେ ଜମି କ୍ଲିୟରାନ୍ସ ନ ଥିବାରୁ ଠିକାଦାର କାମ କରୁନାହାନ୍ତି।

## ସଂକ୍ଷେପରେ

### ରେଳଧାରଣା କଡ଼ ବୁଦାରୁ ଯୁବକଙ୍କ ଗଳିତ ମୃତଦେହ ଜବତ

**ବଲାଙ୍ଗୀର ଅଫିସ,୨୯।୭:** ବଲାଙ୍ଗୀର ଜିଲା ଖଲିଆପାଲି-ଡୁଙ୍ଗୁରିପାଲି ମଧ୍ୟସ୍ଥ ରେଳଧାରଣା କଡରେ ଥିବା ଏକ ବୁଦାରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ରେଳବାଇ ପୋଲିସ ଜବତ କରିଛି। ମୃତକଙ୍କ ପରିଚୟ ମିଳିନାହିଁ। ତାଙ୍କ ବୟସ ୩୫ ପାଖାପାଖି ହେବ। ମୃତଦେହ ଗଳିତ ହୋଇଯାଇଥିବାରୁ ଚିହ୍ନି ହେଉନାହିଁ। ବୁଦା ଭିତରେ ମୃତଦେହ ପଡିଥିବାରୁ ଏହା ଦେଖାଯାଇ ନ ଥିଲା। ଦୁର୍ଗନ୍ଧ ହେବାରୁ ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇଥିଲେ। ରେଳବାଇ ଥାନା ଅଧିକାରୀ ସୁକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ଯୁବକଙ୍କ ପରିଚୟ ମିଳି ନ ଥିବାରୁ ସେ କୌଣସି ଏକ ଟ୍ରେନ୍‌ରୁ ଖସି ପଡି ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ବଲାଙ୍ଗୀର ରେଳବାଇ ଥାନାରେ ଏକ ମାମଲା (୧୩/୨୨) ରୁଜୁ ହୋଇଛି। ମୃତଦେହ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ବ୍ୟବଚ୍ଛେଦ କଲାଯାଇଛି। ଯୁବକ ଜଣକ ଏକ କଳାରଙ୍ଗ ହାପପ୍ୟାଣ୍ଟ ଏବଂ ଏକ ରାଉଣ୍ଡ ନେକ୍‌ର ଘନନୀଳ ରଙ୍ଗର ଟି-ଶାର୍ଟ ପିନ୍ଧିଥିବା ଦେଖାଯାଇଛି। ଏଯାଏ କୌଣସି ଅଭିଯୋଗ ହସ୍ତଗତ ହୋଇନାହିଁ ବୋଲି ଏଏସ୍‌ଆଇ ସୁଶାନ୍ତ କୁମାର ବେହେରା ସୂଚନା ଦେଇଛନ୍ତି।

### ବେଲପଡ଼ା ଟ୍ରିପଲ ମର୍ଡର ଘଟଣା: ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

**ବେଲପଡା,୨୯।୭(ଡି.ଏନ୍.ଏ):** ବଲାଙ୍ଗୀର ଜିଲା ବେଲପଡାରେ ୨୦୧୧ମସିହା ଟ୍ରପଲ ମର୍ଡର ଘଟଣାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଦୀର୍ଘ ୧୧ ବର୍ଷ ପରେ ଏହି ମାମଲାର ବିଚାର କରି ଅତିରିକ୍ତ ଜିଲା ଦୌରାଜଜ୍ ଅଭିଯୁକ୍ତ ଯୁଗେଶ୍ୱର ମେହେରଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସମ୍ପୃକ୍ତି ଓ ସୁନାଲୋଭରେ ଗୋଟିଏ ପରିବାର ମା ଓ ଦୁଇ ଝିଅଙ୍କୁ ବିଭତ୍ସ ଭାବେ ହତ୍ୟା କରାଯାଇଥିଲା। ମୃତକମାନେ ବେଲପଡା ମାଉସୀ ମନ୍ଦିର ପଡାର ଦିପ୍ତିମୟୀ ମେହେର ଏବଂ ତାଙ୍କ ଦୁଇଝିଅ ପ୍ରତିଭା ମେହେର ଓ ପ୍ରଣତି ମେହେର । ଏହି ଘଟଣାରେ ଯୁଗେଶ୍ୱର ମେହେରଙ୍କୁ ପୋଲିସ ଗିରଫ କରି ଜେଲକୁ ପଠାଇଥିଲା । ସେତେବେଳେ ଏହି ଘଟଣା ବେଶ ଚର୍ଚ୍ଚିତ ହୋଇଥିଲା।

### ଚୋରି ମୋବାଇଲ ଉଦ୍ଧାର, ଚୋର ଗିରଫ

**ବଲାଙ୍ଗୀର ଅଫିସ,୨୯।୭:** ବଲାଙ୍ଗୀର ରାଜୀବନଗରର ରତ୍ନାକର ସାହୁଙ୍କ ଦୁଇଟି ମୋବାଇଲ ଫୋନ୍ ଗତ ୨୫ ତାରିଖରେ ଚୋରି ହୋଇଥିଲା। ଅଭିଯୋଗ ପରେ ଟାଉନ୍ ଥାନା ପୋଲିସ ଏକ ମାମଲା (୧୯୫/୨୨) ରୁଜୁ କରି ଆନନ୍ଦ ନଗରର ରାଧେଶ୍ୟାମ ନାଗଙ୍କ ଘରେ ଚଢ଼ାଉ କରିଥିଲା। ତାଙ୍କଠାରୁ ଚୋରି ହୋଇଥିବା ଦୁଇ ମୋବାଇଲ ସହ ୪ଟି ମୋବାଇଲ ଫୋନ୍ ଉଦ୍ଧାର କରିଥିଲେ। ଅଭିଯୁକ୍ତ ରାଧେଶ୍ୟାମଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଉଦ୍ଧାର ହୋଇଥିବା ଦୁଇ ମୋବାଇଲ ଫୋନ୍‌କୁ ପୋଲିସ ଅଭିଯୋଗକାରୀଙ୍କୁ ହସ୍ତାନ୍ତର କରିଛି।

# ୮ ଶ୍ରେଣୀକୁ ୨ କୋଠରି, ବାରଣ୍ଡାରେ ପାଠପଢ଼ା

**କୋକସରା,୨୯।୭(ଡି.ଏନ.ଏ.)**


ଶ୍ରେଣୀ କୋଠରି ଅଭାବରୁ ବାରଣ୍ଡାରେ ପାଠପଢା ଚାଲିଛି।

ରାଜ୍ୟ ସରକାର ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହାତକୁ ନେଇଥିବା ବେଳେ ଛାତ୍ରୀଛାତ୍ରଙ୍କୁ ସ୍କୁଲ ମୁହାଁ କରିବା ପାଇଁ ମାଗଣା ପାଠ୍ୟପୁସ୍ତକ, ଖାଦ୍ୟ, ପୋଷାକ ସମେତ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ହେଲେ ଆଜି ମଧ୍ୟ ଭିତ୍ତିଭୂମି ଅଭାବରୁ ଅନେକ ସ୍କୁଲରେ ଶ୍ରେଣୀ ଗୃହ ଅଭାବରୁ ବାରଣ୍ଡାରେ ପାଠପଢ଼ା ଯାଉଥିବା ଦେଖିବାକୁ ମିଳୁଛି। ଏମିତି ଏକ ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା କୋକସରା ଶିକ୍ଷା ବିଭାଗ ଆମପାଣି ପଞ୍ଚାୟତ ଆଦିବାସୀ ବହୁଳ କନ୍ଦାଗଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ୧୨।୧୨।୧୯୬୦ରେ ସ୍ଥାପିତ ହୋଇଥିବା ଏହି ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୧୨ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ସ୍କୁଲରେ ମାତ୍ର ୨ଟି କୋଠରି ରହିଛି। ପ୍ରଥମ, ୨ୟ, ୩ୟରେ ପଢୁଥିବା ଛାତ୍ରୀଛାତ୍ର ବାରଣ୍ଡାରେ ବସି ପଢୁଥିବା ଦେଖିବାକୁ ମିଳିଛି। ୧୧୨ ଛାତ୍ରୀଛାତ୍ରଙ୍କ ପାଇଁ ୪ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ରହିଛନ୍ତି। ସ୍କୁଲକୁ ଲାଗି ଅସୁରକ୍ଷିତ ଅବସ୍ଥାରେ ରହିଛି ଜରାଜୀର୍ଣ୍ଣ ପୁରୁଣା ସ୍କୁଲ କୋଠା। କେତେବେଳେ ଯେ କ'ଣ ଅଘଟଣ ଘଟିବ ତାହା କହି ହେବନାହିଁ। ଅସୁରକ୍ଷିତ କୋଠାକୁ ଭଙ୍ଗାଯାଉ ନାହିଁ। ନୂତନ ଅତିରିକ୍ତ ଶ୍ରେଣୀ କୋଠରି ପାଇଁ ଶିକ୍ଷା କମିଟି ଓ ଗ୍ରାମବାସୀ ଅନେକ ଥର ବ୍ଲକ ଶିକ୍ଷା ବିଭାଗ ନିକଟରେ ଅଭିଯୋଗ କରିଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ଏ ନେଇ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନୀଲ କୁମାର ପଟ୍ଟନାୟକଙ୍କ ପ୍ରତିକ୍ରିୟା ନେବାରୁ ସ୍କୁଲ ପକ୍ଷରୁ ସ୍ଥାନୀୟ ସରପଞ୍ଚଙ୍କୁ ଏହି ସମସ୍ୟା ନେଇ ଅବଗତ କରାଯାଇଛି ବୋଲି କହିଛନ୍ତି। କୋକସରା ଶିକ୍ଷା ବିଭାଗ ବିଆରସିସି ତୋଫାନ ମାଝିଙ୍କ ପ୍ରତିକ୍ରିୟା ନେବାରୁ କେବଳ କନ୍ଦାଗଡ଼ ସ୍କୁଲ ନୁହେଁ, ବ୍ଲକର ଊଣାଅଧିକ ସ୍କୁଲରେ ଶ୍ରେଣି କୋଠରି ସମସ୍ୟା ରହିଛି। କନ୍ଦାଗଡ଼ ସ୍କୁଲ କମିଟି ମଧ୍ୟ ସମାନ ଅଭିଯୋଗ କରିଛନ୍ତି। ହେଲେ ବ୍ଲକ କିମ୍ବା ଜିଲା ଶିକ୍ଷା ବିଭାଗ ହାତରେ ନୂତନ ଶ୍ରେଣୀ କୋଠରି ନିର୍ମାଣ ପାଇଁ କୌଣସି ଅନୁଦାନ ଆସୁନାହିଁ। ପଞ୍ଚାୟତିରାଜ ବିଭାଗ ଅଧୀନରେ ଅନୁଦାନ ରହିଛି। ସ୍ଥାନୀୟ ଲୋକ ପ୍ରତିନିଧି କିମ୍ବା ବିଡ଼ିଓଙ୍କ ଜରିଆରେ ଅଭିଯୋଗ କଲେ ସମାଧାନ ହୋଇପାରେ ବୋଲି କହିଛନ୍ତି।

**କନ୍ଦାଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

# କଳାହାଣ୍ଡି ଜିଲା: ଖୋଲିବ ୪ ଉପନିବନ୍ଧକ କାର୍ଯ୍ୟାଳୟ

**ମ,ରାମପୁର,୨୯।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲାର ନର୍ଲା, କର୍ଲାମଣ୍ଡା, ଲାଞ୍ଜିଗଡ଼, ଗୋଲାମୁଣ୍ଡା ୪ଟି ତହସିଲଠାରେ ଉପନିବନ୍ଧକ କାର୍ଯ୍ୟାଳୟ ଖୋଲିବ ବୋଲି ଜଣାପଡ଼ିଛି। ଏ ନେଇ ଗ୍ରାମ ତାଲିକା, ଥାନା ସଂଖ୍ୟା ଓ ଥାନା ନାମ ମଗାଯାଇଛି। ବୋର୍ଡ଼ ଅଫ୍ ରେଭେନ୍ୟୁ ଫାଇଲ୍ ସଂଖ୍ୟା ଆଇଏକ୍ସ -୪୨/ ୨୦ (ପି.ଟି) ପତ୍ର ସଂଖ୍ୟା -୨୮୫୮ ତା -୨୭/୦୭/୨୦୨୨ ଅନୁସାରେ ଚିଠି ହୋଇଛି। ୭ ଦିନ ଭିତରେ ରିପୋର୍ଟ ମଗାଯାଇଛି। ଏଣିକି ଜମିଜମା ପଞ୍ଜୀକରଣ, ବିକ୍ରିବଟା, ବ୍ୟବହିକ ପଞ୍ଜୀକରଣ ପାଇଁ ଦୂର ତହସିଲ କାର୍ଯ୍ୟାଳୟ କିମ୍ବା ଉପ ନିବନ୍ଧକ କାର୍ଯ୍ୟାଳୟକୁ ଯିବାକୁ ପଡ଼ିବ ନାହିଁ। ମ.ରାମପୁର ଉପନିବନ୍ଧକ ଅଧୀନରେ ମ,ରାମପୁର, ନର୍ଲା, କର୍ଲାମୁଣ୍ଡା ଆଦି ୩ଟି ତହସିଲର ସମ୍ପୂର୍ଣ୍ଣ ଅଞ୍ଚଳ, ଲାଞ୍ଜିଗଡ଼ର ତହସିଲ ଅଞ୍ଚଳର ୮୦ ଭାଗ, କେସିଙ୍ଗା ତହସିଲ ଅଞ୍ଚଳର ୧୦ଟି ଗ୍ରାମ ଆଦି ରହିଥିଲା। ପୂର୍ବ ବର୍ଷରେ କେସିଙ୍ଗାର ୧୦ଟି ଗ୍ରାମକୁ ଅଲଗା କରାଯାଇଥିବା ବେଳେ ଏବେ ୩ଟି ତହସିଲର ଗ୍ରାମକୁ ଅଲଗା କରାଯାଉଛି। ସୂଚନାଯୋଗ୍ୟ ମ. ରାମପୁର ତହସିଲ ଅଧୀନରେ ମ.ରାମପୁର, ନର୍ଲା, କର୍ଲାମୁଣ୍ଡା, ଲାଞ୍ଜିଗଡ଼ ଆଦି ୪ଟି ବ୍ଲକ୍ ଅଞ୍ଚଳର ହୋଇଥିଲା। ୨୦୦୮ ପରେ ନର୍ଲା, କର୍ଲାମୁଣ୍ଡା, ଲାଞ୍ଜିଗଡ଼ ଅଲଗା ହୋଇ ତହସିଲର ମାନ୍ୟତା ପାଇଥିଲା।

# ଶାଶୁ, ଶଶୁରଙ୍କୁ ପେଟ୍ରୋଲ ଢାଳି ହତ୍ୟା ଉଦ୍ୟମ


ଶାଶୁ ଡାଳିମ୍ବ ମାଝି, ଶଶୁର ବରୁଣ।

**ଭବାନୀପାଟଣା,୨୯।୭(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୟପାଟଣା ଥାନା ଅନ୍ତର୍ଗତ ବଲାଗାଁରେ ଗୁରୁବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ସାମନାକୁ ଆସିଛି। ଘରେ ଶୋଇଥିବା ବେଳେ କବାଟ ଫାଙ୍କରୁ ପେଟ୍ରୋଲ ଢାଳି ନିଆଁ ଲଗାଇ ଶାଶୁ, ଶଶୁରଙ୍କୁ ହତ୍ୟା ଉଦ୍ୟମ କରାଯାଇଛି। ଏଥିରେ ଶଶୁର ବରୁଣ ମାଝି ଓ ଶାଶୁ ଡାଳିମ୍ବ ମାଝି ଗୁରୁତର ଆହତ ହୋଇଛନ୍ତି। ଶୁକ୍ରବାର ସକାଳରେ ସ୍ଥାନୀୟ ଲୋକେ ଏହା ଜାଣି ଦୁହିଁଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥାରେ କୌଣସି ସୁଧାର ନ ଆସିବାରୁ ଉଭୟଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସେମାନଙ୍କ ଚିକିତ୍ସା ଚାଲିଛି। ବରୁଣଙ୍କ ଶରୀରର ୩୦ ପ୍ରତିଶତ ପୋଡ଼ିଯାଇଥିବା ଜଣାପଡିଛି। ସେହିପରି ଘରକୁ ଲାଗିଥିବା ଚାଷ ଜମିରେ ଦୁର୍ବୃତ୍ତଙ୍କ ପାଦ ଚିହ୍ନ ଦେଖିବାକୁ ମିଳିଛି। ଖବର ପାଇ ଘଟଣାସ୍ଥଳରେ ସ୍ଥାନୀୟ ବଡକୁଟ୍ରୁ ଫାଣ୍ଡି ଅଧିକାରୀ ବିପିନ କୂଳଦୀପ ସାୱନ୍ତ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ପାରିବାରିକ କଳହ ଯୋଗୁ ପ୍ରତିଶୋଧ ପରାୟଣ ହୋଇ ଜ୍ୱାଇଁ ସହଦେବ ଏପରି କାଣ୍ଡ କରିଛନ୍ତି ବୋଲି ଶଶୁର ବରୁଣ ଅଭିଯୋଗ କରିଛନ୍ତି।

**ଜ୍ୱାଇଁ କରିଥିବା ଅଭିଯୋଗ କଲେ ଶଶୁର**

# ରାଷ୍ଟ୍ରପତିଙ୍କୁ ରାଷ୍ଟ୍ରପତ୍ନୀ ମନ୍ତବ୍ୟ ନେଇ ଭାଜପାର ବିକ୍ଷୋଭ



ଥାନା ସମ୍ମୁଖରେ ଭାଜପାର ବିକ୍ଷୋଭ ପ୍ରଦର୍ଶନ।

**ଜୁନାଗଡ,୨୯।୭(ଡି.ଏନ.ଏ.)**

କଂଗ୍ରେସର ବରିଷ୍ଠ ନେତା ତଥା ଏମ୍‌ପି ଅଧୀର ରଞ୍ଜନ ଚୌଧୁରୀ ଲୋକ ସଭାରେ ରାଷ୍ଟ୍ରପତିଙ୍କୁ ରାଷ୍ଟ୍ରପତ୍ନୀ ମନ୍ତବ୍ୟ ଦେବାକୁ ନେଇ ଭାଜପା ପକ୍ଷରୁ ତୀବ୍ର ସମାଲୋଚନା କରାଯିବା ସହ କଂଗ୍ରେସ ସଭାପତି କ୍ଷମା ମାଗନ୍ତୁ ବୋଲି ଦାବି କରାଯାଇଛି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲା ଜୁନାଗଡ ସହରରେ ଶୁକ୍ରବାର ସ୍ଥାନୀୟ ଭାଜପା ପକ୍ଷରୁ ଦଳୀୟ କାର୍ଯ୍ୟାଳୟରୁ ଥାନା ପର୍ଯ୍ୟନ୍ତ ଏହାର ଏକ ପ୍ରତିବାଦ ଶୋଭାଯାତ୍ରା କରାଯାଇଥିଲା। ପରେ ଥାନା ସମ୍ମୁଖରେ ଏମ୍‌ପି ସୁଧୀର ରଞ୍ଜନ ଚୌଧୁରୀଙ୍କ ସମେତ ସୋନିଆ ଓ ରାହୁଲ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ଜିଲା ସମ୍ପାଦକ ସତ୍ୟ ରଞ୍ଜନ ବେହେରା, ନଗର ସଭାପତି ଶିବରାମ ରାଉତ, ଜିଲା ସମ୍ପାଦିକା କାଞ୍ଚନ ବାଗ, ବକ୍ସିତୁଲସୀପାଲି ସରପଞ୍ଚ ଦିବ୍ୟ ଦୀପ, କାଉନସିଲର ମାଧବୀ ବାଗ, ସଂଯୁକ୍ତା ସେଠି, ଏମପି ପ୍ରତିନିଧି ଚନ୍ଦ୍ରହାସ୍ୟ ବିଶ୍ୱାଳ, ବରିଷ୍ଠ ନେତା ସତ୍ୟ ରଞ୍ଜନ ପଣ୍ଡା, ପୂର୍ବତନ ବ୍ଲକ ଅଧକ୍ଷା ନୁର୍ଯ୍ୟ ମାଝି ପ୍ରମୁଖ ସାମିଲ ହୋଇଥିଲେ।

**ଏମ୍‌ପି ଅଧୀର ରଞ୍ଜନ ଚୌଧୁରୀଙ୍କ କୁଶପୁତ୍ତଳିକା ଦାହ**

### ବଡ଼ଭାଇଙ୍କ ମୃତ୍ୟୁ ପରେ ଚିକିତ୍ସାଧୀନ ସାନଭାଇର ମୃତ୍ୟୁ

**ବେଲପଡା,୨୯।୭(ଡି.ଏନ୍.ଏ)**

ବଲାଙ୍ଗୀର ଜିଲା ବେଲପଡା ଥାନା ବାଗଦୋର ପଞ୍ଚାୟତ ଅନ୍ତର୍ଗତ କୁମ୍ଭାରଖୁନ ଗ୍ରାମରେ ଗୁରବାର ଅଶ୍ୱିନୀ ପୁଟେଲଙ୍କ ବଡପୁଅ ଡମ୍ବରୁ ପୁଟେଲ (୨୫)ଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ମ୍ରିୟମାଣ ହୋଇ ସାନପୁଅ ବିଶ୍ୱଜିତ ପୁଟେଲ (୧୮) ବିଷ ପିଇ ଦେଇଥିଲେ। ଗୁରୁବାର ବିଳମ୍ବିତ ରାତିରେ ବିଶ୍ୱଜିତଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଶୁକ୍ରବାର ସକାଳେ ପାଟଣାଗଡ ଡାକ୍ତରଖାନାରେ ବିଶ୍ୱଜିତଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ଗାଁକୁ ମୃତଦେହ ଫେରିଥିଲା। ବଡଭାଇଙ୍କ ମୃତ୍ୟୁର ୨୪ଘଣ୍ଟା ଭିତରେ ସାନଭାଇଙ୍କ ମୃତ୍ୟୁ ଗାଁରେ ଏକ ଶୋକାକୂଳ ପରିବେଶ ସୃଷ୍ଟି କରିଛି। ପ୍ରକାଶଥାଉକି ବୁଧବାର ସନ୍ଧ୍ୟାରେ ଡମ୍ବରୁ ପୁଟେଲଙ୍କୁ ତାଙ୍କ ସମ୍ପର୍କୀୟ ମାମୁ ଅରକ୍ଷିତ ପୁଟେଲ, ରମେଶ ପୁଟେଲ ଓ ଡମନ ଗଏତାଁ ଫୋନ କରି ଡାକି ନେଇଥିଲେ। ରାତି ପ୍ରାୟ ୧୦ ଟାରେ ଡମ୍ବରୁଙ୍କ ମୃତ୍ୟୁ ହୋଇ ଯାଇଥିବା ଖବର ମିଳିଥିଲା। ଡମ୍ବରୁଙ୍କ ମୃତ୍ୟୁ ଖବର ଶୁଣି ସାନଭାଇ ବିଶ୍ୱଜିତ କୀଟନାଶକ ବିଷଖାଇ ଦେଇଥିଲେ। ଗୁରତର ଅବସ୍ଥାରେ ତାଙ୍କୁ ପାଟଣାଗଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

# ଭାରତୀୟ ଜନତା ପାର୍ଟିର ବୈଠକରେ ନିନ୍ଦା ପ୍ରସ୍ତାବ

**ଖଡ଼ିଆଳ,୨୯।୭(ଡି.ଏନ.ଏ.)**

ନୂଆପଡ଼ା ଜିଲା ଭାଜପା ସଭାପତି ସୁବ୍ରତ ଠାକୁରଙ୍କ ନେତୃତ୍ୱରେ ଖଡ଼ିଆଳ ଶ୍ରୀଜୀ ମଣ୍ଡପଠାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। କଂଗ୍ରେସର ବରିଷ୍ଠ ନେତା ତଥା ଏମ୍‌ପି ଅଧୀର ରଞ୍ଜନ ଚୌଧୁରୀଙ୍କ ବିବାଦୀୟ ବୟାନ 'ରାଷ୍ଟ୍ରପତ୍ନୀ'କୁ କଠୋର ଭାଷାରେ ନିନ୍ଦା କରାଯାଇଛି। ସେ ବ୍ୟବହାର କରିଥିବା ଶବ୍ଦ ତୁରନ୍ତ ପ୍ରତ୍ୟାହାର କରିବା ସହିତ ଦେଶବାସୀଙ୍କୁ କ୍ଷମା ମାଗନ୍ତୁ। ତାସହିତ କଂଗ୍ରେସର ନେତା ହିସାବରେ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀ ମଧ୍ୟ ଦେଶବାସୀଙ୍କୁ କ୍ଷମା ମାଗନ୍ତୁ। ରାଷ୍ଟ୍ରପତିଙ୍କ ଅପମାନ ଦେଶବାସୀ ସହନ କରିବେ ନାହିଁ। ଏହି ଅଶାଳୀନ ଆଚରଣ ଓ ମନ୍ତବ୍ୟ ପାଇଁ କଂଗ୍ରେସକୁ ଆଗାମୀ ଦିନରେ ବହୁ ମାହାଙ୍ଗା ପଡ଼ିବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ବୈଠକରେ ଯଦୁମଣି ପାଣିଗ୍ରାହୀ, ଦେବ ଦେବ ସିଂଦେଓ, ପୃଥୱୀରାଜ ମହାନ୍ତି, ବିକାଶ ସିଂହଳ, ମୋହନ ଭୋଇ, ଜନକ ନାଏକ, ଶୁକ୍ରୁ ବାଗ, ଦେବଦତ୍ତ ଯୋଶୀ, ସୂଜନ ନାଗ, ଗୋପବନ୍ଧୁ ବନ୍ଧଛୋର, ପ୍ରଶାନ୍ତ ଦାସ, ନବୀନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

**ରାଷ୍ଟ୍ରପତିଙ୍କୁ ରାଷ୍ଟ୍ରପତ୍ନୀ ମନ୍ତବ୍ୟ ପ୍ରତିବାଦ**

# ସିନାପାଲି ଉଚ୍ଚ ବିଦ୍ୟାଳୟରେ ଆର୍ଟ ଗ୍ୟାଲେରି ଉଦ୍‌ଘାଟିତ

**ସିନାପାଲି,୨୯।୭(ଡି.ଏନ.ଏ.)**



ନୂଆପଡ଼ା ଜିଲା ସିନାପାଲି ନୋଡାଲ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଆର୍ଟ ଗ୍ୟାଲେରି ସହ ଛାତ୍ରୀଛାତ୍ରଙ୍କ ପାଇଁ ଉପାଦେୟ ନିଉଜ କର୍ନର ଓ ପ୍ରାଚୀର ପତ୍ରିକା 'ମୃଣାଳିନୀ'ର ଉଦ୍‌ଘାଟିତ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଲଳିତ କୁମାର ସୁନାରୀ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଅବସର ପ୍ରାପ୍ତ ଆଦର୍ଶ ଶିକ୍ଷକ ତୁଳସୀରାମ ମେହେର ଏବଂ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି କିଶୋର ଚନ୍ଦ୍ର କୁମାର, ମୋ ସ୍କୁଲ ଅଭିଯାନ କମିଟି ସମ୍ପାଦକ ତରୁଣ କୁମାର ମେହେର, ସମିତି ସଭ୍ୟ ମନିଷ ପଟେଲ ଯୋଗ ଦେଇଥିଲେ। ଶିକ୍ଷକ ମନୋରଞ୍ଜନ ମେହେର ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୂପେଶ ଚନ୍ଦ୍ର ମେହେର, ମଧୁ ମାଝି, ପ୍ରବୀଣା ମଙ୍ଗରାଜ, ଯାଜ୍ଞସେନୀ ମାଝି, ମହେନ୍ଦ୍ର ନାଏକ ପ୍ରମୁଖ ଶିକ୍ଷକ କମଳଜିତ ବୈକାର ଧନ୍ୟବାଦ ଦେଇଥିଲେ।

# ୩ ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**କୋକସରା,୨୯।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ଇନ୍ଦିରା ମେମୋରିଆଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜୟ ନାରାୟଣ ଠାକୁରଙ୍କ ସମେତ ଶିକ୍ଷକ ଗଣେଶ୍ୱର ପୁଞ୍ଜି ଓ ସଂସ୍କୃତ ଶିକ୍ଷକ ଲକ୍ଷ୍ମୀଧର ସାହୁଙ୍କୁ ଶୁକ୍ରବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସ୍କୁଲ ପରିଚାଳନା କମିଟି ପକ୍ଷରୁ ଦିଆଯାଇଛି। ସ୍କୁଲ ପରିଚାଳନା କମିଟି ସଭାପତି ରାଜେନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ କ୍ଷିତିରାମ ପାତ୍ର, ମୁଖ୍ୟବକ୍ତା ସୁଧୀର କୁମାର ପାତ୍ର, ସମ୍ମାନିତ ଅତିଥି ପ୍ରସନ୍ନ କୁମାର ସିଂ, ଗଗନ ବିହାରି ପୂଝାରୀ, ପଦ୍ମଲୋଚନ ଦଳପତି, ଚକାଡୋଳା ପାତ୍ର, ଯତୀନ୍ଦ୍ର ମାଝି ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ବିଦ୍ୟାଳୟରେ ଶିକ୍ଷା ଓ ଭିତ୍ତିଭୂମି ସଜା ସହ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନରେ ୩ ଶିକ୍ଷକଙ୍କ ଅବଦାନ ଅତୁଳନୀୟ ବୋଲି ଉପସ୍ଥିତ ଅତିଥିମାନେ କହିଥିଲେ। ୩ ଶିକ୍ଷକଙ୍କୁ ମାନପତ୍ର ସହ ଉତ୍ତରୀୟ ଦେଇ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷାବିତ୍ ଜଗବନ୍ଧୁ ମାଝି ମଞ୍ଚ ପରିଚାଳନା କରିଥିବା ବେଳେ ସ୍କୁଲ କର୍ମଚାରୀ ଅଲେଖ ଚନ୍ଦ୍ର ଗୋପାଳ ଧନ୍ୟବାଦ ଅର୍ପଣ କରିଥିଲେ।


ବିଦାୟ ସମ୍ବର୍ଦ୍ଧନାରେ ବିଦାୟ ୩ ଶିକ୍ଷକଙ୍କ ସହ ଅନ୍ୟମାନେ ଉପସ୍ଥିତ।

# କୋଶଳ ରାଜ୍ୟ ଦାବିରେ ଏନ୍‌ଏଚ୍ ଅବରୋଧ

**ମ,ରାମପୁର,୨୯।୭(ଡି.ଏନ.ଏ.)**



କୋଶଳ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଜାତୀୟ ରାଜପଥ ଅବରୋଧ।

କଳାହାଣ୍ଡି ଜିଲା ମ.ରାମପୁର ଚାରିଛକରେ ୫୯ ନଂ. ଜାତୀୟ ରାଜପଥକୁ ଶୁକ୍ରବାର କୋଶଳ ମୁକ୍ତିମୋର୍ଚ୍ଚା ପକ୍ଷରୁ କୋଶଳ ରାଜ୍ୟ ଦାବିରେ ଅବରୋଧ କରି ଭିକ୍ଷୋଭ କରାଯାଇଛି। ପୂର୍ବତନ ମନ୍ତ୍ରୀ ଭକ୍ତ ଚରଣ ଦାସଙ୍କ ପୁତ୍ର ତଥା କୋଶଳ ମୁକ୍ତି ମୋର୍ଚ୍ଚା ଜିଲା ସଭାପତି ସାଗର ଚରଣ ଦାସଙ୍କ ନେତୃତ୍ୱରେ ଏହି ରାସ୍ତା ରୋକୋ ହୋଇଥିଲା। କୋଶଳ ମୁକ୍ତି ମୋର୍ଚ୍ଚା ଜିଲା ସଭାପତି ଦାସଙ୍କ ସମେତ ଶୁଶାନ୍ତ ପଧାନ, ବିଜୟ ଦୀପ, ମହମ୍ମଦ ସାହେବ, ସାଗର ପଟ୍ଟାୟକ, ରୁଦ୍ର ସିଂ, ଚମରା ବଗର୍ତୀ, ଯଶୋଦା ନାଗ ପ୍ରମୁଖ ରାସ୍ତାରୋକୋରେ ସାମିଲ ହୋଇଥିଲେ। ମ.ରାମପୁର ଚାରିଛକଠାରେ ରାସ୍ତା ଅବରୋଧରେ ରାମପୁର ଅଞ୍ଚଳର ଜନ ସାଧାରଣଙ୍କ ଅଂଶ ଗ୍ରହଣ ନ୍ୟୁନ ଥିବା ଦେଖାଯାଇଥିଲା। ଭାଷାଭତ୍ତିକ ଓ ଆଞ୍ଚଳିକ ଭେଦଭାବକୁ ଆଧାର କରି ଆରମ୍ଭ ହୋଇଥିବା କୋଶଳ ରାଜ୍ୟ ଦାବିକୁ କଂଗ୍ରେସ ସମର୍ଥିତ କେତେକ ଯୁବକ ସମର୍ଥନ ଜଣାଉଛନ୍ତି। ପଶ୍ଚିମ ଓଡ଼ିଶାକୁ ଅବହେଳାକୁ ଆୟୁଧ କରି କୋଶଳ ରାଜ୍ୟ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରିରହିବ ବୋଲି ମତାମତ ପ୍ରଦାନ କରୁଛନ୍ତି। ରାସ୍ତା ଅବରୋଧ ଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ କିଛି ଘଣ୍ଟା ପାଇଁ ଗାଡ଼ି ଚଳାଚଳ ପ୍ରଭାବିତ ହୋଇଥିଲା।

## ସଂକ୍ଷେପରେ

### ରେଳଧାରଣା କଡ଼ ବୁଦାରୁ ଯୁବକଙ୍କ ଗଳିତ ମୃତଦେହ ଜବତ

**ବଲାଙ୍ଗୀର ଅଫିସ,୨୯।୭:** ବଲାଙ୍ଗୀର ଜିଲା ଖଲିଆପାଲି-ଡୁଙ୍ଗୁରିପାଲି ମଧ୍ୟସ୍ଥ ରେଳଧାରଣା କଡରେ ଥିବା ଏକ ବୁଦାରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ରେଳବାଇ ପୋଲିସ ଜବତ କରିଛି। ମୃତକଙ୍କ ପରିଚୟ ମିଳିନାହିଁ। ତାଙ୍କ ବୟସ ୩୫ ପାଖାପାଖି ହେବ। ମୃତଦେହ ଗଳିତ ହୋଇଯାଇଥିବାରୁ ଚିହ୍ନି ହେଉନାହିଁ। ବୁଦା ଭିତରେ ମୃତଦେହ ପଡିଥିବାରୁ ଏହା ଦେଖାଯାଇ ନ ଥିଲା। ଦୁର୍ଗନ୍ଧ ହେବାରୁ ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇଥିଲେ। ରେଳବାଇ ଥାନା ଅଧିକାରୀ ସୁକାନ୍ତ ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ଯୁବକଙ୍କ ପରିଚୟ ମିଳି ନ ଥିବାରୁ ସେ କୌଣସି ଏକ ଟ୍ରେନ୍‌ରୁ ଖସି ପଡି ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ବଲାଙ୍ଗୀର ରେଳବାଇ ଥାନାରେ ଏକ ମାମଲା (୧୩/୨୨) ରୁଜୁ ହୋଇଛି। ମୃତଦେହ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ବ୍ୟବଚ୍ଛେଦ କଲାଯାଇଛି। ଯୁବକ ଜଣକ ଏକ କଳାରଙ୍ଗ ହାପପ୍ୟାଣ୍ଟ ଏବଂ ଏକ ରାଉଣ୍ଡ ନେକ୍‌ର ଘନନୀଳ ରଙ୍ଗର ଟି-ଶାର୍ଟ ପିନ୍ଧିଥିବା ଦେଖାଯାଇଛି। ଏଯାଏ କୌଣସି ଅଭିଯୋଗ ହସ୍ତଗତ ହୋଇନାହିଁ ବୋଲି ଏଏସ୍‌ଆଇ ସୁଶାନ୍ତ କୁମାର ବେହେରା ସୂଚନା ଦେଇଛନ୍ତି।

### ବେଲପଡ଼ା ଟ୍ରିପଲ ମର୍ଡର ଘଟଣା: ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

**ବେଲପଡା,୨୯।୭(ଡି.ଏନ୍.ଏ):** ବଲାଙ୍ଗୀର ଜିଲା ବେଲପଡାରେ ୨୦୧୧ମସିହା ଟ୍ରପଲ ମର୍ଡର ଘଟଣାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଦୀର୍ଘ ୧୧ ବର୍ଷ ପରେ ଏହି ମାମଲାର ବିଚାର କରି ଅତିରିକ୍ତ ଜିଲା ଦୌରାଜଜ୍ ଅଭିଯୁକ୍ତ ଯୁଗେଶ୍ୱର ମେହେରଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସମ୍ପତ୍ତି ଓ ସୁନାଲୋଭରେ ଗୋଟିଏ ପରିବାର ମା ଓ ଦୁଇ ଝିଅଙ୍କୁ ବିଭତ୍ସ ଭାବେ ହତ୍ୟା କରାଯାଇଥିଲା। ମୃତକମାନେ ବେଲପଡା ମାଉସୀ ମନ୍ଦିର ପଡାର ଦିପ୍ତିମୟୀ ମେହେର ଏବଂ ତାଙ୍କ ଦୁଇଝିଅ ପ୍ରତିଭା ମେହେର ଓ ପ୍ରଣତି ମେହେର । ଏହି ଘଟଣାରେ ଯୁଗେଶ୍ୱର ମେହେରଙ୍କୁ ପୋଲିସ ଗିରଫ କରି ଜେଲକୁ ପଠାଇଥିଲା । ସେତେବେଳେ ଏହି ଘଟଣା ବେଶ ଚର୍ଚ୍ଚିତ ହୋଇଥିଲା।

### ଚୋରି ମୋବାଇଲ ଉଦ୍ଧାର, ଚୋର ଗିରଫ

**ବଲାଙ୍ଗୀର ଅଫିସ,୨୯।୭:** ବଲାଙ୍ଗୀର ରାଜୀବନଗରର ରତ୍ନାକର ସାହୁଙ୍କ ଦୁଇଟି ମୋବାଇଲ ଫୋନ୍ ଗତ ୨୫ ତାରିଖରେ ଚୋରି ହୋଇଥିଲା। ଅଭିଯୋଗ ପରେ ଟାଉନ୍ ଥାନା ପୋଲିସ ଏକ ମାମଲା (୧୯୫/୨୨) ରୁଜୁ କରି ଆନନ୍ଦ ନଗରର ରାଧେଶ୍ୟାମ ନାଗଙ୍କ ଘରେ ଚଢ଼ାଉ କରିଥିଲା। ତାଙ୍କଠାରୁ ଚୋରି ହୋଇଥିବା ଦୁଇ ମୋବାଇଲ ସହ ୪ଟି ମୋବାଇଲ ଫୋନ୍ ଉଦ୍ଧାର କରିଥିଲେ। ଅଭିଯୁକ୍ତ ରାଧେଶ୍ୟାମଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଉଦ୍ଧାର ହୋଇଥିବା ଦୁଇ ମୋବାଇଲ ଫୋନ୍‌କୁ ପୋଲିସ ଅଭିଯୋଗକାରୀଙ୍କୁ ହସ୍ତାନ୍ତର କରିଛି।

# ୮ ଶ୍ରେଣୀକୁ ୨ କୋଠରି, ବାରଣ୍ଡାରେ ପାଠପଢ଼ା

**କୋକସରା,୨୯।୭(ଡି.ଏନ.ଏ.)**


ଶ୍ରେଣୀ କୋଠରି ଅଭାବରୁ ବାରଣ୍ଡାରେ ପାଠପଢା ଚାଲିଛି।

ରାଜ୍ୟ ସରକାର ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହାତକୁ ନେଇଥିବା ବେଳେ ଛାତ୍ରୀଛାତ୍ରଙ୍କୁ ସ୍କୁଲ ମୁହାଁ କରିବା ପାଇଁ ମାଗଣା ପାଠ୍ୟପୁସ୍ତକ, ଖାଦ୍ୟ, ପୋଷାକ ସମେତ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ହେଲେ ଆଜି ମଧ୍ୟ ଭିତ୍ତିଭୂମି ଅଭାବରୁ ଅନେକ ସ୍କୁଲରେ ଶ୍ରେଣୀ ଗୃହ ଅଭାବରୁ ବାରଣ୍ଡାରେ ପାଠପଢ଼ା ଯାଉଥିବା ଦେଖିବାକୁ ମିଳୁଛି। ଏମିତି ଏକ ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା କୋକସରା ଶିକ୍ଷା ବିଭାଗ ଆମପାଣି ପଞ୍ଚାୟତ ଆଦିବାସୀ ବହୁଳ କନ୍ଦାଗଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ୧୨।୧୨।୧୯୬୦ରେ ସ୍ଥାପିତ ହୋଇଥିବା ଏହି ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୧୨ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ସ୍କୁଲରେ ମାତ୍ର ୨ଟି କୋଠରି ରହିଛି। ପ୍ରଥମ, ୨ୟ, ୩ୟରେ ପଢୁଥିବା ଛାତ୍ରୀଛାତ୍ର ବାରଣ୍ଡାରେ ବସି ପଢୁଥିବା ଦେଖିବାକୁ ମିଳିଛି। ୧୧୨ ଛାତ୍ରୀଛାତ୍ରଙ୍କ ପାଇଁ ୪ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ରହିଛନ୍ତି। ସ୍କୁଲକୁ ଲାଗି ଅସୁରକ୍ଷିତ ଅବସ୍ଥାରେ ରହିଛି ଜରାଜୀର୍ଣ୍ଣ ପୁରୁଣା ସ୍କୁଲ କୋଠା। କେତେବେଳେ ଯେ କ'ଣ ଅଘଟଣ ଘଟିବ ତାହା କହି ହେବନାହିଁ। ଅସୁରକ୍ଷିତ କୋଠାକୁ ଭଙ୍ଗାଯାଉ ନାହିଁ। ନୂତନ ଅତିରିକ୍ତ ଶ୍ରେଣୀ କୋଠରି ପାଇଁ ଶିକ୍ଷା କମିଟି ଓ ଗ୍ରାମବାସୀ ଅନେକ ଥର ବ୍ଲକ ଶିକ୍ଷା ବିଭାଗ ନିକଟରେ ଅଭିଯୋଗ କରିଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ଏ ନେଇ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନୀଲ କୁମାର ପଟ୍ଟନାୟକଙ୍କ ପ୍ରତିକ୍ରିୟା ନେବାରୁ ସ୍କୁଲ ପକ୍ଷରୁ ସ୍ଥାନୀୟ ସରପଞ୍ଚଙ୍କୁ ଏହି ସମସ୍ୟା ନେଇ ଅବଗତ କରାଯାଇଛି ବୋଲି କହିଛନ୍ତି। କୋକସରା ଶିକ୍ଷା ବିଭାଗ ବିଆରସିସି ତୋଫାନ ମାଝିଙ୍କ ପ୍ରତିକ୍ରିୟା ନେବାରୁ କେବଳ କନ୍ଦାଗଡ଼ ସ୍କୁଲ ନୁହେଁ, ବ୍ଲକର ଉଣାଅଧିକ ସ୍କୁଲରେ ଶ୍ରେଣି କୋଠରି ସମସ୍ୟା ରହିଛି। କନ୍ଦାଗଡ଼ ସ୍କୁଲ କମିଟି ମଧ୍ୟ ସମାନ ଅଭିଯୋଗ କରିଛନ୍ତି। ହେଲେ ବ୍ଲକ କିମ୍ବା ଜିଲା ଶିକ୍ଷା ବିଭାଗ ହାତରେ ନୂତନ ଶ୍ରେଣୀ କୋଠରି ନିର୍ମାଣ ପାଇଁ କୌଣସି ଅନୁଦାନ ଆସୁନାହିଁ। ପଞ୍ଚାୟତିରାଜ ବିଭାଗ ଅଧୀନରେ ଅନୁଦାନ ରହିଛି। ସ୍ଥାନୀୟ ଲୋକ ପ୍ରତିନିଧି କିମ୍ବା ବିଡ଼ିଓଙ୍କ ଜରିଆରେ ଅଭିଯୋଗ କଲେ ସମାଧାନ ହୋଇପାରେ ବୋଲି କହିଛନ୍ତି।

**କନ୍ଦାଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

# କଳାହାଣ୍ଡି ଜିଲା: ଖୋଲିବ ୪ ଉପନିବନ୍ଧକ କାର୍ଯ୍ୟାଳୟ

**ମ,ରାମପୁର,୨୯।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲାର ନର୍ଲା, କର୍ଲାମଣ୍ଡା, ଲାଞ୍ଜିଗଡ଼, ଗୋଲାମୁଣ୍ଡା ୪ଟି ତହସିଲଠାରେ ଉପନିବନ୍ଧକ କାର୍ଯ୍ୟାଳୟ ଖୋଲିବ ବୋଲି ଜଣାପଡ଼ିଛି। ଏ ନେଇ ଗ୍ରାମ ତାଲିକା, ଥାନା ସଂଖ୍ୟା ଓ ଥାନା ନାମ ମଗାଯାଇଛି। ବୋର୍ଡ଼ ଅଫ୍ ରେଭେନ୍ୟୁ ଫାଇଲ୍ ସଂଖ୍ୟା ଆଇଏକ୍ସ -୪୨/ ୨୦ (ପି.ଟି) ପତ୍ର ସଂଖ୍ୟା -୨୮୫୮ ତା -୨୭/୦୭/୨୦୨୨ ଅନୁସାରେ ଚିଠି ହୋଇଛି। ୭ ଦିନ ଭିତରେ ରିପୋର୍ଟ ମଗାଯାଇଛି। ଏଣିକି ଜମିଜମା ପଞ୍ଜୀକରଣ, ବିକ୍ରିବଟା, ବ୍ୟବହିକ ପଞ୍ଜୀକରଣ ପାଇଁ ଦୂର ତହସିଲ କାର୍ଯ୍ୟାଳୟ କିମ୍ବା ଉପ ନିବନ୍ଧକ କାର୍ଯ୍ୟାଳୟକୁ ଯିବାକୁ ପଡ଼ିବ ନାହିଁ। ମ.ରାମପୁର ଉପନିବନ୍ଧକ ଅଧୀନରେ ମ.ରାମପୁର, ନର୍ଲା, କର୍ଲାମୁଣ୍ଡା ଆଦି ୩ଟି ତହସିଲର ସମ୍ପୂର୍ଣ୍ଣ ଅଞ୍ଚଳ, ଲାଞ୍ଜିଗଡ଼ର ତହସିଲ ଅଞ୍ଚଳର ୮୦ ଭାଗ, କେସିଙ୍ଗା ତହସିଲ ଅଞ୍ଚଳର ୧୦ଟି ଗ୍ରାମ ଆଦି ରହିଥିଲା। ପୂର୍ବ ବର୍ଷରେ କେସିଙ୍ଗାର ୧୦ଟି ଗ୍ରାମକୁ ଅଲଗା କରାଯାଇଥିବା ବେଳେ ଏବେ ୩ଟି ତହସିଲର ଗ୍ରାମକୁ ଅଲଗା କରାଯାଉଛି। ସୂଚନାଯୋଗ୍ୟ ମ. ରାମପୁର ତହସିଲ ଅଧୀନରେ ମ.ରାମପୁର, ନର୍ଲା, କର୍ଲାମୁଣ୍ଡା, ଲାଞ୍ଜଜିଗଡ଼ ଆଦି ୪ଟି ବ୍ଲକ୍ ଅଞ୍ଚଳର ହୋଇଥିଲା। ୨୦୦୮ ପରେ ନର୍ଲା, କର୍ଲାମୁଣ୍ଡା, ଲାଞ୍ଜିଗଡ଼ ଅଲଗା ହୋଇ ତହସିଲର ମାନ୍ୟତା ପାଇଥିଲା।

# ଏସ୍‌ପିଙ୍କୁ ଭେଟିଲା ଭାଜପା


ଏସ୍‌ପିଙ୍କୁ ଫେରାଦ ହୋଇଥିବା ଭାଜପା ପ୍ରତିନିଧି ଦଳ।

**ବରଗଡ଼ ଅଫିସ୍,୨୯।୭**

ବରଗଡ଼ ସହରର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଘଟିଥିବା ଛାତ୍ରମୃତ୍ୟୁ ଏବଂ ନ୍ୟାୟ ଦାବି କରୁଥିବା ଲୋକଙ୍କ ଉପରେ ପୋଲିସର ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ଘଟଣାକୁ ନେଇ ଶୁକ୍ରବାର ଭାଜପାର ଏକ ପ୍ରତିନିଧି ଦଳ ଏସ୍‌ପି ସ୍ମିତ ପି. ପରମାରଙ୍କୁ ଭେଟିଥିଲେ। ଜଣେ ଜୁଡ଼ିସିଆଲ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଘଟଣାର ତଦନ୍ତ କରାଯିବା ଏବଂ ନ୍ୟାୟ ଦାବି କରୁଥିବା ଲୋକଙ୍କ ବିରୋଧରେ ପୋଲିସ ରୁଜୁ କରିଥିବା ମାମଲା ପ୍ରତ୍ୟାହାର ପାଇଁ ଭାଜପା ଦାବି କରିଛି। ଏହି ପ୍ରତିନିଧି ଦଳରେ ଭାଜପା ଜିଲା ଉପସଭାପତି ପ୍ରୀତମ ସିଂ, ଅକ୍ରୁର ମଲିକ, ଜିଲା ସାଧାରଣ ସମ୍ପାଦକ ରବି ନାରାୟଣ ଦାଶ, କୁଶ କୁମ୍ଭାର, ଅବନୀକାନ୍ତ ପଣ୍ଡା, ଈଶ୍ୱର ବାଗ, ସୁବ୍ରତ ହୋତା, ଅନୁରାଧା ଅଗ୍ରୱାଲ, ପରେଶ ବିଶି, ଦେବେଶ ଶତପଥି, କିଶୋର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ରାଷ୍ଟ୍ରପତିଙ୍କୁ ରାଷ୍ଟ୍ରପତ୍ନୀ ମନ୍ତବ୍ୟ ନେଇ ଭାଜପାର ବିକ୍ଷୋଭ



ଥାନା ସମ୍ମୁଖରେ ଭାଜପାର ବିକ୍ଷୋଭ ପ୍ରଦର୍ଶନ।

**ଜୁନାଗଡ,୨୯।୭(ଡି.ଏନ.ଏ.)**

କଂଗ୍ରେସର ବରିଷ୍ଠ ନେତା ତଥା ଏମ୍‌ପି ଅଧୀର ରଞ୍ଜନ ଚୌଧୁରୀ ଲୋକ ସଭାରେ ରାଷ୍ଟ୍ରପତିଙ୍କୁ ରାଷ୍ଟ୍ରପତ୍ନୀ ମନ୍ତବ୍ୟ ଦେବାକୁ ନେଇ ଭାଜପା ପକ୍ଷରୁ ତୀବ୍ର ସମାଲୋଚନା କରାଯିବା ସହ କଂଗ୍ରେସ ସଭାପତି କ୍ଷମା ମାଗନ୍ତୁ ବୋଲି ଦାବି କରାଯାଇଛି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲା ଜୁନାଗଡ ସହରରେ ଶୁକ୍ରବାର ସ୍ଥାନୀୟ ଭାଜପା ପକ୍ଷରୁ ଦଳୀୟ କାର୍ଯ୍ୟାଳୟରୁ ଥାନା ପର୍ଯ୍ୟନ୍ତ ଏହାର ଏକ ପ୍ରତିବାଦ ଶୋଭାଯାତ୍ରା କରାଯାଇଥିଲା। ପରେ ଥାନା ସମ୍ମୁଖରେ ଏମ୍‌ପି ସୁଧୀର ରଞ୍ଜନ ଚୌଧୁରୀଙ୍କ ସମେତ ସୋନିଆ ଓ ରାହୁଲ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ଜିଲା ସମ୍ପାଦକ ସତ୍ୟ ରଞ୍ଜନ ବେହେରା, ନଗର ସଭାପତି ଶିବରାମ ରାଉତ, ଜିଲା ସମ୍ପାଦିକା କାଞ୍ଚନ ବାଗ, ବକ୍ସିତୁଲସୀପାଲି ସରପଞ୍ଚ ଦିବ୍ୟ ଦୀପ, କାଉନସିଲର ମାଧବୀ ବାଗ, ସଂଯୁକ୍ତା ସେଠି, ଏମପି ପ୍ରତିନିଧି ଚନ୍ଦ୍ରହାସ୍ୟ ବିଶ୍ୱାଳ, ବରିଷ୍ଠ ନେତା ସତ୍ୟ ରଞ୍ଜନ ପଣ୍ଡା, ପୂର୍ବତନ ବ୍ଲକ ଅଧକ୍ଷା ନୁର୍ଯ୍ୟ ମାଝି ପ୍ରମୁଖ ସାମିଲ ହୋଇଥିଲେ।

**ଏମ୍‌ପି ଅଧୀର ରଞ୍ଜନ ଚୌଧୁରୀଙ୍କ କୁଶପୁତ୍ତଳିକା ଦାହ**

### ବଡ଼ଭାଇଙ୍କ ମୃତ୍ୟୁ ପରେ ଚିକିତ୍ସାଧୀନ ସାନଭାଇର ମୃତ୍ୟୁ

**ବେଲପଡା,୨୯।୭(ଡି.ଏନ୍.ଏ)**

ବଲାଙ୍ଗୀର ଜିଲା ବେଲପଡା ଥାନା ବାଗଦୋର ପଞ୍ଚାୟତ ଅନ୍ତର୍ଗତ କୁମ୍ଭାରଖୁନ ଗ୍ରାମରେ ଗୁରବାର ଅଶ୍ୱିନୀ ପୁଟେଲଙ୍କ ବଡପୁଅ ଡମ୍ବରୁ ପୁଟେଲ (୨୫)ଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ମ୍ରିୟମାଣ ହୋଇ ସାନପୁଅ ବିଶ୍ୱଜିତ ପୁଟେଲ (୧୮) ବିଷ ପିଇ ଦେଇଥିଲେ। ଗୁରୁବାର ବିଳମ୍ବିତ ରାତିରେ ବିଶ୍ୱଜିତଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଶୁକ୍ରବାର ସକାଳେ ପାଟଣାଗଡ ଡାକ୍ତରଖାନାରେ ବିଶ୍ୱଜିତଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ଗାଁକୁ ମୃତଦେହ ଫେରିଥିଲା। ବଡଭାଇଙ୍କ ମୃତ୍ୟୁର ୨୪ଘଣ୍ଟା ଭିତରେ ସାନଭାଇଙ୍କ ମୃତ୍ୟୁ ଗାଁରେ ଏକ ଶୋକାକୂଳ ପରିବେଶ ସୃଷ୍ଟି କରିଛି। ପ୍ରକାଶଥାଉକି ବୁଧବାର ସନ୍ଧ୍ୟାରେ ଡମ୍ବରୁ ପୁଟେଲଙ୍କୁ ତାଙ୍କ ସମ୍ପର୍କୀୟ ମାମୁ ଅରକ୍ଷିତ ପୁଟେଲ, ରମେଶ ପୁଟେଲ ଓ ଡମନ ଗଏତାଁ ଫୋନ କରି ଡାକି ନେଇଥିଲେ। ରାତି ପ୍ରାୟ ୧୦ ଟାରେ ଡମ୍ବରୁଙ୍କ ମୃତ୍ୟୁ ହୋଇ ଯାଇଥିବା ଖବର ମିଳିଥିଲା। ଡମ୍ବରୁଙ୍କ ମୃତ୍ୟୁ ଖବର ଶୁଣି ସାନଭାଇ ବିଶ୍ୱଜିତ କୀଟନାଶକ ବିଷଖାଇ ଦେଇଥିଲେ। ଗୁରତର ଅବସ୍ଥାରେ ତାଙ୍କୁ ପାଟଣାଗଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

# ଶାଶୁ, ଶଶୁରଙ୍କୁ ପେଟ୍ରୋଲ ଢାଳି ହତ୍ୟା ଉଦ୍ୟମ


ଶାଶୁ ଡାଳିମ୍ବ ମାଝି, ଶଶୁର ବରୁଣ।

**ଭବାନୀପାଟଣା,୨୯।୭(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୟପାଟଣା ଥାନା ଅନ୍ତର୍ଗତ ବଲାଗାଁରେ ଗୁରୁବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ସାମନାକୁ ଆସିଛି। ଘରେ ଶୋଇଥିବା ବେଳେ କବାଟ ଫାଙ୍କରୁ ପେଟ୍ରୋଲ ଢାଳି ନିଆଁ ଲଗାଇ ଶାଶୁ, ଶଶୁରଙ୍କୁ ହତ୍ୟା ଉଦ୍ୟମ କରାଯାଇଛି। ଏଥିରେ ଶଶୁର ବରୁଣ ମାଝି ଓ ଶାଶୁ ଡାଳିମ୍ବ ମାଝି ଗୁରୁତର ଆହତ ହୋଇଛନ୍ତି। ଶୁକ୍ରବାର ସକାଳରେ ସ୍ଥାନୀୟ ଲୋକେ ଏହା ଜାଣି ଦୁହିଁଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥାରେ କୌଣସି ସୁଧାର ନ ଆସିବାରୁ ଉଭୟଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସେମାନଙ୍କ ଚିକିତ୍ସା ଚାଲିଛି। ବରୁଣଙ୍କ ଶରୀରର ୩୦ ପ୍ରତିଶତ ପୋଡ଼ିଯାଇଥିବା ଜଣାପଡିଛି। ସେହିପରି ଘରକୁ ଲାଗିଥିବା ଚାଷ ଜମିରେ ଦୁର୍ବୃତ୍ତଙ୍କ ପାଦ ଚିହ୍ନ ଦେଖିବାକୁ ମିଳିଛି। ଖବର ପାଇ ଘଟଣାସ୍ଥଳରେ ସ୍ଥାନୀୟ ବଡକୁଟ୍ରୁ ଫାଣ୍ଡି ଅଧିକାରୀ ବିପିନ କୂଳଦୀପ ସାଓନ୍ତ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ପାରିବାରିକ କଳହ ଯୋଗୁ ପ୍ରତିଶୋଧ ପରାୟଣ ହୋଇ ଜ୍ୱାଇଁ ସହଦେବ ଏପରି କାଣ୍ଡ କରିଛନ୍ତି ବୋଲି ଶଶୁର ବରୁଣ ଅଭିଯୋଗ କରିଛନ୍ତି।

**ଜ୍ୱାଇଁ କରିଥିବା ଅଭିଯୋଗ କଲେ ଶଶୁର**

# ସିନାପାଲି ଉଚ୍ଚ ବିଦ୍ୟାଳୟରେ ଆର୍ଟ ଗ୍ୟାଲେରି ଉଦ୍‌ଘାଟିତ

**ସିନାପାଲି,୨୯।୭(ଡି.ଏନ.ଏ.)**



ନୂଆପଡ଼ା ଜିଲା ସିନାପାଲି ନୋଡାଲ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଆର୍ଟ ଗ୍ୟାଲେରି ସହ ଛାତ୍ରୀଛାତ୍ରଙ୍କ ପାଇଁ ଉପାଦେୟ ନିଉଜ କର୍ନର ଓ ପ୍ରାଚୀର ପତ୍ରିକା 'ମୃଣାଳିନୀ'ର ଉଦ୍‌ଘାଟିତ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଲଳିତ କୁମାର ସୁନାରୀ ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଅବସର ପ୍ରାପ୍ତ ଆଦର୍ଶ ଶିକ୍ଷକ ତୁଳସୀରାମ ମେହେର ଏବଂ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି କିଶୋର ଚନ୍ଦ୍ର କୁମାର, ମୋ ସ୍କୁଲ ଅଭିଯାନ କମିଟି ସମ୍ପାଦକ ତରୁଣ କୁମାର ମେହେର, ସମିତି ସଭ୍ୟ ମନିଷ ପଟେଲ ଯୋଗ ଦେଇଥିଲେ। ଶିକ୍ଷକ ମନୋରଞ୍ଜନ ମେହେର ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୂପେଶ ଚନ୍ଦ୍ର ମେହେର, ମଧୁ ମାଝି, ପ୍ରବୀଣା ମଙ୍ଗରାଜ, ଯାଜ୍ଞସେନୀ ମାଝି, ମହେନ୍ଦ୍ର ନାଏକ ପ୍ରମୁଖ ଶିକ୍ଷକ କମଳଜିତ ବୈକାର ଧନ୍ୟବାଦ ଦେଇଥିଲେ।

# ୩ ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**କୋକସରା,୨୯।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ଇନ୍ଦିରା ମେମୋରିଆଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜୟ ନାରାୟଣ ଠାକୁରଙ୍କ ସମେତ ଶିକ୍ଷକ ଗଣେଶ୍ୱର ପୁଞ୍ଜି ଓ ସଂସ୍କୃତ ଶିକ୍ଷକ ଲକ୍ଷ୍ମୀଧର ସାହୁଙ୍କୁ ଶୁକ୍ରବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସ୍କୁଲ ପରିଚାଳନା କମିଟି ପକ୍ଷରୁ ଦିଆଯାଇଛି। ସ୍କୁଲ ପରିଚାଳନା କମିଟି ସଭାପତି ରାଜେନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ କ୍ଷିତିରାମ ପାତ୍ର, ମୁଖ୍ୟବକ୍ତା ସୁଧୀର କୁମାର ପାତ୍ର, ସମ୍ମାନିତ ଅତିଥି ପ୍ରସନ୍ନ କୁମାର ସିଂ, ଗଗନ ବିହାରି ପୂଝାରୀ, ପଦ୍ମଲୋଚନ ଦଳପତି, ଚକାଡୋଳା ପାତ୍ର, ଯତୀନ୍ଦ୍ର ମାଝି ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ବିଦ୍ୟାଳୟରେ ଶିକ୍ଷା ଓ ଭିତ୍ତିଭୂମି ସଜା ସହ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନରେ ୩ ଶିକ୍ଷକଙ୍କ ଅବଦାନ ଅତୁଳନୀୟ ବୋଲି ଉପସ୍ଥିତ ଅତିଥିମାନେ କହିଥିଲେ। ୩ ଶିକ୍ଷକଙ୍କୁ ମାନପତ୍ର ସହ ଉତ୍ତରୀୟ ଦେଇ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷାବିତ୍ ଜଗବନ୍ଧୁ ମାଝି ମଞ୍ଚ ପରିଚାଳନା କରିଥିବା ବେଳେ ସ୍କୁଲ କର୍ମଚାରୀ ଅଲେଖ ଚନ୍ଦ୍ର ଗୋପାଳ ଧନ୍ୟବାଦ ଅର୍ପଣ କରିଥିଲେ।



ବିଦାୟ ସମ୍ବର୍ଦ୍ଧନାରେ ବିଦାୟ ୩ ଶିକ୍ଷକଙ୍କ ସହ ଅନ୍ୟମାନେ ଉପସ୍ଥିତ।

# କୋଶଳ ରାଜ୍ୟ ଦାବିରେ ଏନ୍‌ଏଚ୍ ଅବରୋଧ

**ମ,ରାମପୁର,୨୯।୭(ଡି.ଏନ.ଏ.)**



କୋଶଳ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଜାତୀୟ ରାଜପଥ ଅବରୋଧ।

କଳାହାଣ୍ଡି ଜିଲା ମ.ରାମପୁର ଚାରିଛକରେ ୫୯ ନଂ. ଜାତୀୟ ରାଜପଥକୁ ଶୁକ୍ରବାର କୋଶଳ ମୁକ୍ତିମୋର୍ଚ୍ଚା ପକ୍ଷରୁ କୋଶଳ ରାଜ୍ୟ ଦାବିରେ ଅବରୋଧ କରି ଭିକ୍ଷୋଭ କରାଯାଇଛି। ପୂର୍ବତନ ମନ୍ତ୍ରୀ ଭକ୍ତ ଚରଣ ଦାସଙ୍କ ପୁତ୍ର ତଥା କୋଶଳ ମୁକ୍ତି ମୋର୍ଚ୍ଚା ଜିଲା ସଭାପତି ସାଗର ଚରଣ ଦାସଙ୍କ ନେତୃତ୍ୱରେ ଏହି ରାସ୍ତା ରୋକୋ ହୋଇଥିଲା। କୋଶଳ ମୁକ୍ତି ମୋର୍ଚ୍ଚା ଜିଲା ସଭାପତି ଦାସଙ୍କ ସମେତ ଶୁଶାନ୍ତ ପଧାନ, ବିଜୟ ଦୀପ, ମହମ୍ମଦ ସାହେବ, ସାଗର ପଟ୍ଟାୟକ, ରୁଦ୍ର ସିଂ, ଚମରା ବଗର୍ତୀ, ଯଶୋଦା ନାଗ ପ୍ରମୁଖ ରାସ୍ତାରୋକୋରେ ସାମିଲ ହୋଇଥିଲେ। ମ.ରାମପୁର ଚାରିଛକଠାରେ ରାସ୍ତା ଅବରୋଧରେ ରାମପୁର ଅଞ୍ଚଳର ଜନ ସାଧାରଣଙ୍କ ଅଂଶ ଗ୍ରହଣ ନ୍ୟୁନ ଥିବା ଦେଖାଯାଇଥିଲା। ଭାଷାଭତ୍ତିକ ଓ ଆଞ୍ଚଳିକ ଭେଦଭାବକୁ ଆଧାର କରି ଆରମ୍ଭ ହୋଇଥିବା କୋଶଳ ରାଜ୍ୟ ଦାବିକୁ କଂଗ୍ରେସ ସମର୍ଥିତ କେତେକ ଯୁବକ ସମର୍ଥନ ଜଣାଉଛନ୍ତି। ପଶ୍ଚିମ ଓଡ଼ିଶାକୁ ଅବହେଳାକୁ ଆୟୁଧ କରି କୋଶଳ ରାଜ୍ୟ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରିରହିବ ବୋଲି ମତାମତ ପ୍ରଦାନ କରୁଛନ୍ତି। ରାସ୍ତା ଅବରୋଧ ଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ କିଛି ଘଣ୍ଟା ପାଇଁ ଗାଡ଼ି ଚଳାଚଳ ପ୍ରଭାବିତ ହୋଇଥିଲା।

# ଚାଉଳ ବୋଝେଇ ମିନିଟ୍ରକ ଜବତ

**ଡୁଙ୍ଗୁରିପାଲି,୨୯।୭(ଡି.ଏନ.ଏ.)**

■ କାଗଜପତ୍ର ଦେଖାଇ ପାରିଲେନି ଡ୍ରାଇଭର
■ ଗାଡିରେ ୧୦ଟନ ଚାଉଳ ଥିବା ଡ୍ରାଇଭର କହିଲେ

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ପୋଲିସ ଏକ ଚାଉଳ ବୋଝେଇ ମିନିଟ୍ରକକୁ ଜବତ କରିଛି। ଡ୍ରାଇଭରଙ୍କୁ ଅଟକ ରଖିଛି ପୋଲିସ ପଚରାଉଚରା କରୁଛି। ଗାଡିରେ ଥିବା ୧ଶହ କୁଇଣ୍ଟାଲ ଚାଉଳ ଡୁଙ୍ଗୁରିପାଲିରୁ ଛତିଶଗଡର କୁରୁଡ ଚାଲାଣ କରାଯାଉଥିବା ଡ୍ରାଇଭର କହିଛନ୍ତି। ତେବେ ଏ ସମ୍ପର୍କିତ କାଗଜପତ୍ର ଡ୍ରାଇଭର ସୁଶାନ୍ତ ଭୋଇ ଦେଖାଇ ପାରି ନ ଥିବା ଥାନା ଅଧିକାରୀ ସତ୍ୟନାରାୟଣ ପଧାନ କହିଛନ୍ତି। ତଦନ୍ତ ଜାରି ରହିଛି, ଚାଉଳ ବୋଝେଇ ଗାଡିର ସମ୍ପୂର୍ଣ୍ଣ ତଥ୍ୟ ଜଣାପଡ଼ିଲା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

ଗୁରୁବାର ରାତି ପ୍ରାୟ ୯ ଟାରେ ଡୁଙ୍ଗୁରିପାଲି ପାଟ୍ରୋଲିଂ ପୋଲିସ ଜାତୀୟ ରାଜପଥ ଏନଏଚ ୨୬ର ଶିଶୁ ମନ୍ଦିର ଛକରୁ ବୈଦୁପାଲି ରାସ୍ତା ମଝିରେ ଯାଉଥିବା ଏକ ମିନି ଟ୍ରକ(ସିଜି୦୪ଏମଏଲ-୮୪୬୧)କୁ ସନ୍ଦେହରେ ଅଟକାଇଥିଲେ। ଡ୍ରାଇଭରଙ୍କୁ ଗାଡିରେ ଥିବା ଚାଉଳ ସମ୍ପର୍କରେ ପଚାରିବାରୁ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ତେବେ ଏହା ପିଡିଏସ୍ ଚାଉଳ ସନ୍ଦେହ କରି ପୋଲିସ ଯୋଗାଣ ବିଭାଗକୁ ଖବର ଦେଇଥିଲା। ଶୁକ୍ରବାର ସକାଳେ ଡୁଙ୍ଗୁରିପାଲି ବ୍ଲକ ଯୋଗାଣ ନିରୀକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଚାଉଳ ସବୁ ଜରି ପ୍ୟାକେଟରେ ଭର୍ତ୍ତି ହୋଇଥିବା ଦେଖି ଏହା ପିଡିଏସ ସାମଗ୍ରୀ ନୁହେଁ ବୋଲି ଯୋଗାଣ ନିରୀକ୍ଷକ କହିଥିଲେ। ପିଡିଏସ ବସ୍ତାରେ ଏକ ଷ୍ଟିକର ଚିହ୍ନି ରହେ ଓ ପଞ୍ଚାୟତକୁ ଯାଉଥିବା ଚାଉଳ ବସ୍ତା ଅଲଗା ରହେ ବୋଲି କହିଥିଲେ। ବର୍ତ୍ତମାନ ଚାଉଳ ବୋଝେଇ ଟ୍ରକ ଡୁଙ୍ଗୁରିପାଲି ଥାନାରେ ଅଟକ ରହିଛି।



ଅଟକ ଚାଉଳ ବୋଝେଇ ଟ୍ରକ।

# ଭିଜିଲାନ୍ସ ଚଢ଼ାଉ: ବରିଷ୍ଠ ରାଜସ୍ୱ ସହାୟକ ଗିରଫ

**ବରଗଡ଼ ଅଫିସ୍/ଅମ୍ବାଭୋନା,୨୯।୭**

ଜମି ପାର୍ଟିଶନ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ୫ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ବରଗଡ଼ ଜିଲା ଅମ୍ବାଭୋନା ତହସିଲ ଅଫିସ୍‌ର ବରିଷ୍ଠ ରାଜସ୍ୱ ସହାୟକ ବଳରାମ କଲାରୀ ଶୁକ୍ରବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଭିଜିଲାନ୍ସ ଟିମ୍ ତାଙ୍କ ପାଖରୁ ରାସାୟନିକ ପ୍ରଲେପଦିଆ ୫ହଜାର ଟଙ୍କା ଜବତ କରିଛି। ଏହାସହିତ ରାଜସ୍ୱ ସହାୟକ କଲାରୀଙ୍କ ଅଫିସ ରୁମ୍ ଏବଂ ବରଗଡ଼ ପିପିଲିପାଲି ସ୍ଥିତ ବାସଭବନରେ ଚଢ଼ାଉ କରି ଅଧିକ ତଦନ୍ତ କରୁଛନ୍ତି। ତାଙ୍କ ବିରୋଧରେ ସମ୍ବଲପୁର ଭିଜିଲାନ୍ସ ଏକ ମାମଲା (ନଂ.୨୭/୨୨) ରୁଜୁ କରିବା ସହିତ ବରିଷ୍ଠ ରାଜସ୍ୱ ସହାୟକ କଲାରୀଙ୍କୁ ଗିରଫ କରିଛି । ପ୍ରକାଶ ଯେ, ଅମ୍ବାଭୋନା ତହସିଲ ଅନ୍ତର୍ଗତ ଡୁଙ୍ଗୁରି ଗ୍ରାମର ନିତେଶ ପ୍ରଧାନ ଜମି ପାର୍ଟିଶନ ରିପୋର୍ଟ ପ୍ରସ୍ତୁତ ପାଇଁ ତହସିଲ ଅଫିସରେ ଆବେଦନ କରିଥିଲେ। ସେହି ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ବରିଷ୍ଠ ସହାୟକ କଲାରୀ ତାଙ୍କୁ ୫ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ନେଇ ନିତେଶ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଭିଜିଲାନ୍ସ ଉକ୍ତ ମାମଲା ରୁଜୁ ସହିତ ଲାଞ୍ଚ ଦାବି କରୁଥିବା ରାଜସ୍ୱ ସହାୟକ କଲାରୀଙ୍କୁ ଧରିବା ପାଇଁ ଯୋଜନା କରିଥିଲା। ଯୋଜନା ଅନୁଯାୟୀ, ଶୁକ୍ରବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ତହସିଲ ଅଫିସ ପରିସରରେ ରାଜସ୍ୱ ସହାୟକ କଲାରୀ ଅଭିଯୋଗକାରୀ ନିତେଶଙ୍କଠାରୁ ୫ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ଭିଜିଲାନ୍ସ ଡିଏସ୍‌ପି ସତ୍ୟାନନ୍ଦ ମହାନନ୍ଦଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା।


ଗିରଫ ହୋଇଥିବା ବରିଷ୍ଠ ରାଜସ୍ୱ ସହାୟକ ବଳରାମ କଲାରୀ।

# ଗୋଳାବାରୁଦ କାରଖାନା ପକ୍ଷରୁ ବିଦ୍ୟୁତ ମହୋତ୍ସବ


ବିଦ୍ୟୁତ୍ ମହୋତ୍ସବରେ ପରିବେଶିତ ସଚେତନତାଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ।

**ସଇଁତଳା, ୨୯।୭ (ଡ଼ି.ଏନ.ଏ.)**

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରୁଛି। ଏହି ଅବସରରେ ଉଜ୍ଜ୍ୱଳ ଭାରତ ଉଜ୍ଜ୍ୱଳ ଭବିଷ୍ୟତ କାର୍ଯ୍ୟକ୍ରମ ଜରିଆରେ ବଡମାଳ ଗୋଳାବାରୁଦ କାରଖାନାସ୍ଥିତ ଅଫିସର୍ସ କ୍ଲବରେ ଶକ୍ତି ମନ୍ତ୍ରଣାଳୟ, ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମରେ ପାୱାରଗ୍ରୀଡ଼, ଓପିଟିସିଏଲ ଓ ଟିପିଏସଓଡ଼ିଏଲର ମିଳିତ ଆନୁକୂଲ୍ୟରେ ବିଦ୍ୟୁତ୍ ମହୋତ୍ସବ ପାଳନ କରାଯାଇଛି। ଆୟୋଜିତ ସଭାକୁ ଆନନ୍ଦ ଚନ୍ଦ୍ର ସାହୁ ସଭା ପରିଚାଳନା କରିଥିଲେ। ଅତିଥି ଭାବେ ବଲାଙ୍ଗୀର ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ଲାଗୁରୀ, ଓପିଟିସିଏଲ୍ ଏକଜିକ୍ୟୁଟିଭ ଡ଼ାଇରେକ୍ଟର ସୁଦୀପ୍ତ ସେନ୍ ଗୁପ୍ତା, ବଡ଼ମାଳ ଗୋଳାବାରୁଦ କାରଖାନା ମହାପ୍ରବନ୍ଧକ ପ୍ରଦୀପ କୁମାର ଦାସ, ପିଜିସିଆଇଏଲର ଜେନେରାଲ ମ୍ୟାନେଜର ସୁରେଶ କିଶାନ, ଓପିଟିସିଏଲର ଡ଼ିଜିଏମ୍ ପ୍ରଦୀପ ସାହୁ, ଏସଇଇସି ରଞ୍ଜନ ନାୟକ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅତିଥିମାନେ ଉପସ୍ଥିତ ଜନସାଧାରଣଙ୍କୁ ବିଦ୍ୟୁତ୍ ବ୍ୟବହାର ସମ୍ବନ୍ଧରେ ବିବରଣୀ ପ୍ରଦାନ କରିଥିଲେ। ସଭା ପରେ କୁମ୍ଭାରୀ ଗ୍ରାମର ଓଡ଼ିଶୀ ଅନୁଷ୍ଠାନ କଳାକାରମାନେ ସଚେତନତାଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ସହ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରିଥିଲେ। ଆସିଷ୍ଟାଣ୍ଟ କଲେକ୍ଟର ଗୁରେଶ୍ୱର ଭୋଇ, ଟିପିଡ଼ବ୍ଲୁଓଡ଼ିଏଲ ମ୍ୟାନେଜର ସଞ୍ଜୀବ କୁମାର ଜେନା, ଓପିଟିସିଏଲ ଏଜିଏମ ମକୁନ୍ଦ ମାଝି, ସଇଁତଳା ତହସିଲଦାର ସୁରେନ୍ଦ୍ର ମେହେର ଉପସ୍ଥିତ ଥିଲେ ।

# ଭୂଜଳ ପରିଚାଳନା ସମ୍ପର୍କିତ ଜନ ବାର୍ତ୍ତାଳାପ କାର୍ଯ୍ୟକ୍ରମ

**ବୌଦ୍ଧ,୨୯।୭(ସ୍ୱ.ପ୍ର.):** କେନ୍ଦ୍ରୀୟ ଭୂଜଳ ପରିଷଦ ଭୁବନେଶ୍ୱରର ଅନୁକୂଲ୍ୟରେ ଶୁକ୍ରବାର ଭୂଜଳ ପରିଚାଳନା ସମ୍ପର୍କିତ ଜନ ବାର୍ତ୍ତାଳାପ କାର୍ଯ୍ୟକ୍ରମ ଜାତୀୟ ଉଦ୍ୟାନ କୃଷି ଗବେଷଣା ଏବଂ ଉନ୍ନୟନ ପ୍ରତିଷ୍ଠାନ ପାଳଝାରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏନଏଚଆରଡିଏଫର ସହକାରୀ ନିର୍ଦ୍ଦେଶକ ଅରୁଣ ପାଣ୍ଡେ ଅଧକ୍ଷତା କରିଥିଲେ। କେନ୍ଦ୍ରୀୟ ଭୂଜଳ ପରିଷଦ ବୈଜ୍ଞାନିକ ସୁଧାଂଶୁ ମହାନ୍ତି ଓ ମୁନ୍ନା ସୂତ୍ରଧର ପ୍ରମୁଖ ଯୋଗଦେଇ ଭୂଜଳର ସୁବିନିଯୋଗ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଜଳ ବିଭାଜିକା ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦିପ୍ତ ମହାନ୍ତି, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଯୋଗୀନ୍ଦ୍ରନାଥ ମହାପାତ୍ର, କୃଷି ବିଜ୍ଞାନ କେନ୍ଦ୍ରର ବିଶେଷଜ୍ଞ ସସ୍ମିତା ପ୍ରିୟଦର୍ଶିନୀ, ହରଭଙ୍ଗା ବ୍ଲକର ସହକାରୀ କୃଷି ଅଧିକାରୀ ରାଜେଶ ଚୌଧୁରୀ, ବୌଦ୍ଧ ବ୍ଲକ ସହକାରୀ କୃଷି ଅଧିକାରୀ କମଳାକାନ୍ତ କଟାରୀ, ଯାନ୍ତ୍ରୀକ ଅଧିକାରୀ ରଞ୍ଜିତ ଦାସ ପ୍ରମୁଖ ଯୋଗଦେଇ ଭୂଜଳର ସୁବିନିଯୋଗ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବୌଦ୍ଧ ଜିଲାର ଶତାଧିକ ଚାଷୀ ଯୋଗ ଦେଇଥିଲେ।


## OFFICE OF THE NOTIFIED AREA COUNCIL, BHUBAN

e-Mail: bhubann.hud@nic.in

Letter No. 2409 Date: 28.07.2022

### EXPRESSION OF INTEREST

No. C-884: Executive Officer, Bhuban, NAC, Dhenkanal invites Expression of Interest from Architects/Architectural Firms/ Consultant for Architectural Planning, Designing and preaparation of estimate for Auditorium/Modern & Smart Library/Smart Park/Guest House and other Development Project etc. as when required by the Office. The interested Architects/Architectural Firms/Consultants have to submit their willingness and also quote their rate for the said purpose within 7 days from the date of advertisement. This Expression of Interest should be submitted to the Executive Officer, Bhuban, NAC, Dhenkanal on or before Dt.16.08.2022 upto 5.00 P.M. and will be opened at 11.30 A.M. on 17.08.2022 in the presence of quotationer or his authorized representatives.

The undersigned have reserved the right to reject any or all the quotations without assigning any reason thereof.

**TERMS AND CONDITIONS**

1. Only eligible Architects/Architectural Firms/Consultant having firm registration can participate in the EOI. Supporting proof to be submitted during purchase of EOI schedule.
2. Valid PAN Card/GSTIN Registration/Authorization Registration must be attached with the Quotation Paper.
3. Work experience on similar nature of work must be attached with the EOI.

Sd./- Executive Officer, Bhuban, NAC
OIPR-13096/11/0002/2223



## GOVERNMENT OF ODISHA
## OFFICE OF THE SUPERINTENDING ENGINEER, DHENKANAL (R&B) DIVISION, DHENKANAL

Email - eedklpwd@gmail.com

### Corrigendum Notice No 02 of Bid Identification No.10 of 2022-23

**No.B-413:** Due to Typical error the class of bidder mentioned in tender in column No.6 , the tender call notice to. 10 of 2022-23 sent for publication In the newspaper may be read as follows. All other terms and conditions will be remained as same.

| Sl. No. | Name of the Work | Approximate value of work (In Rs.) | Concerned T.I.A. | Cost of Bid Document | Class of Bidder | Period of Completion in months |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of new record room and conference hall of Sub-Collector office at Kamakhyanagar in the district of Dhenkanal for the year 2022-23 | Rs.45,37,727.00 | S.E. Dhenkanal (R&B) Division | Rs.6000.00 | 'B' & 'A' | 4 (Four) Calendar Months |
| 2 | Construction of record room for Sub-Collector office at Hindol for the year 2022-23 | Rs.32,29,884.00 | S.E. Dhenkanal (R&B) Division | Rs.6000.00 | 'C' & 'B' | 4 (Four) Calendar Months |

OIPR-34016/11/0012/2223 Sd./- Superintending Engineer, Dhenkanal (R&B) Division



## ODISHA PUBLIC SERVICE COMMISSION, CUTTACK

**NOTICE**

No. 6918/PSC Dt.28.07.2022
PF-1E-11-2021/22 (DR-III)

No. D-122: It is for information of all concerned that, pursuant to Advt. No. 24 of 2021-22, **18 (Eighteen)** candidates bearing following PPSAN have been allowed to appear in the interview to determine their eligibility for recruitment to the post of **Post Graduate Teachers in Statistics**. The Interview in respect of the following candidates will be held in the Office of the Commission, 19, Dr. P.K. Parija Road, Cuttack - 753001 on **10.08.2022** as per the Programme mentioned below.

**PROGRAMME OF INTERVIEW**

| Sl. No. | Date | Time of Interview | PPSAN of Candidates |
|---|---|---|---|
| 1 | 10.08.2022 | 10.30 A.M. | 00038794, 00109139, 00109155, 00114140, 00118008, 00091652, 00108689, 00109191, 00108883 & 00038916 = **10 Candidates** |
| | | 03.00 P.M. | 00122136, 00122171, 00104683, 00018861, 00123271, 00077178, 00131027 & 00015818 = **08 Candidates** |

**Note:** It Is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection.

The candidates are advised to report in the Office of the Commission **half an hour before the commencement of interview** on the scheduled date & time as mentioned above.

**Note:** The candidates are informed that the pedagogy skill is part of the interivew. They are to come prepared to present a topic of their choice within 8 to 10 minutes before the Interview board. White baord shall be provided by the comission for the purpose.

OIPR-12002/11/0122/2223 Sd./- Secretary



## OFFICE OF THE DIVISIONAL FOREST OFFICER, KALAHANDI NORTH DIVISION

Infront of the Office of District Judge, Kalahandi, Old Govt. Bus Stand, Bhawanipatna, Kalahandi, Odisha - 766001
E-mail ID: north_kalahandi@yahoo.co.in
dfo.kalahandinorth@odisha.gov.in, Phone No.: 06670-230526
No. 4736/1F-Accounts/2022
Dated, Bhawanipatna the 20th July, 2022

### TENDER CALL NOTICE FOR HIRING VEHICLE

No. MM-114: Sealed tenders are invited from interested Reputed Travel Agencies/Tour Operators or Private Individuals for providing 7 (Seven) Nos. of Vehicle (Bolero BS VI compliant Diesel driven AC) vehicles having sitting capacity not more than seven including Driver, which shall confirm to the Terms and Conditions (Annexure - III) for official use at different Range Offices under Kalahandi North Division and at Division Office on monthly rent basis so as to reach in the Office of the Divisional Forest Officer, Kalahandi North Division, on or before **01.08.2022 upto 5.00 P.M.** through Registered Post/Speed Post/Courier Service and can also be dropped in the "Tender Box" placed in the Office of the Divisional Forest Officer, Kalahandi North Division. The tenders will be opened in the same office on **02.08.2022 at 11.30 A.M.** The Standard Biding Document and Terms and Conditions can be downloaded from **https://kalahandi.nic.in** and also can be obtained from the Office of the Divisional Forest Officer, Kalahandi North Division, Bhawanipatna from **22.07.2022 to 01.08.2022** during office hours. The tender inviting authority reserves the right of accepting or rejecting the tender offers or cancelling the tender without asigning any reason thereof.

Sd./- Divisional Forest Officer
Kalahandi North Division
OIPR-08107/11/0002/2223



## ଭାରତ ସରକାର
## ସଂଖ୍ୟାଲଘୁ ମନ୍ତ୍ରଣାଳୟ

**No.V-40 O ସଂଖ୍ୟାଲଘୁ ଛାତ୍ରବୃତ୍ତି ପାଇଁ ଆବେଦନ ୨୦୨୨-୨୩**

**(ପ୍ରାକ୍-ମାଟ୍ରିକ୍, ମାଟ୍ରିକ-ପରବର୍ତ୍ତୀ ଓ ମେଧା-ତଥା-ସମ୍ବଳଭିତ୍ତିକ ସଂଖ୍ୟାଲଘୁ ଛାତ୍ରବୃତ୍ତି)**

ସଂଖ୍ୟାଲଘୁ ମନ୍ତ୍ରଣାଳୟ, ଭାରତ ସରକାର ସଂଖ୍ୟାଲଘୁ (ମୁସଲିମ, ଖ୍ରୀଷ୍ଟିୟାନ, ବୌଦ୍ଧ,ଶିଖ, ପାର୍ସି ଓ ଜୈନ) ସଂପ୍ରଦାୟ ଛାତ୍ରଛାତ୍ରୀମାନଙ୍କଠାରୁ ୨୦୨୨-୨୩ ଶିକ୍ଷା ବର୍ଷ ନିମନ୍ତେ ପ୍ରାକ୍-ମାଟ୍ରିକ (Pre-Matric), ମାଟ୍ରିକ-ପରବର୍ତ୍ତୀ (Post-Matric) ଓ ମେଧା-ତଥା-ସମ୍ବଳଭିତ୍ତିକ (Merit-cum-Means) ସଂଖ୍ୟାଲଘୁ ଛାତ୍ରବୃତ୍ତି ଯୋଜନାରେ ଦରଖାସ୍ତ ଆବେଦନ ପତ୍ର ଗ୍ରହଣ କରୁଛନ୍ତି । ଉକ୍ତ ପରିପ୍ରେକ୍ଷୀରେ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ସଂଖ୍ୟାଲଘୁ ଛାତ୍ରଛାତ୍ରୀମାନଙ୍କଠାରୁ ଉପରୋକ୍ତ ଛାତ୍ରବୃତ୍ତି ଯୋଜନାରେ ଭାରତ ସରକାରଙ୍କ ଜାତୀୟ ଛାତ୍ରବୃତ୍ତି ପୋର୍ଟାଲ (National Scholarship Portal) ଯଥା- www.scholarships.gov.in ଓ Mobile App- National Scholarships (NSP) ମାଧ୍ୟମରେ କେବଳ ଅନ-ଲାଇନ ପ୍ରକ୍ରିୟାରେ ଆବେଦନ ପତ୍ର ଗ୍ରହଣ କରାଯାଉଅଛି ।

**ଅନଲାଇନ ଆବେଦନ/ଯାଞ୍ଚର ସମୟସୀମା**

| | ମେଧା ବୃତ୍ତି | ଛାତ୍ରଛାତ୍ରୀମାନଙ୍କ ପାଇଁ ଶେଷ ତାରିଖ (Fresh & Renewal) | ଶିକ୍ଷାନୁଷ୍ଠାନମାନଙ୍କ ପାଇଁ ଶେଷ ତାରିଖ (L1) | ଜିଲ୍ଲା/ରାଜ୍ୟ ପାଇଁ ଶେଷ ତାରିଖ |
|---|---|---|---|---|
| ସମୟସୀମା | ପ୍ରାକ ମାଟ୍ରିକ (Class I to X) | ୩୦ ସେପ୍ଟେମ୍ବର, ୨୦୨୨ | ୧୬ ଅକ୍ଟୋବର, ୨୦୨୨ | ୩୧ ଅକ୍ଟୋବର, ୨୦୨୨ |
| | • ମାଟ୍ରିକ ପରବର୍ତ୍ତୀ & • ମେଧା ତଥା ସମ୍ବଳ ଭିତ୍ତିକ | ୩୧ ଅକ୍ଟୋବର, ୨୦୨୨ | ୧୫ ନଭେମ୍ବର, ୨୦୨୨ | ୩୦ ନଭେମ୍ବର, ୨୦୨୨ |

**ଯୋଗ୍ୟତା**

➢ ଆବେଦନକାରୀ ସୂଚିତ ସଂଖ୍ୟାଲଘୁ ସଂପ୍ରଦାୟର (ମୁସଲିମ୍, ଖ୍ରୀଷ୍ଟିୟାନ, ବୌଦ୍ଧ, ଶିଖ, ପାର୍ସି ଓ ଜୈନ) ଛାତ୍ରଛାତ୍ରୀ ହୋଇଥିବା ଆବଶ୍ୟକ ।
➢ ଆବେଦନକାରୀ ଭାରତର ସରକାରୀ ଓ ସ୍ୱୀକୃତିପ୍ରାପ୍ତ ବେସରକାରୀ ବିଶ୍ୱବିଦ୍ୟାଳୟ/ଶିକ୍ଷାନୁଷ୍ଠାନ/ମହାବିଦ୍ୟାଳୟ/ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଆବଶ୍ୟକ ।
➢ ଆବେଦନକାରୀ ପଢୁଥିବା ପାଠ୍ୟକ୍ରମ ସର୍ବନିମ୍ନ ଏକ ବର୍ଷ ଅବଧିର ହୋଇଥିବା ଆବଶ୍ୟକ ।
➢ ଆବେଦନକାରୀ ପୂର୍ବ ବାର୍ଷିକ ପରୀକ୍ଷାରେ ଅତି କମରେ ଶତକଡା ୫୦ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବେ । ଇତ୍ୟାଦି

**ନିର୍ଦ୍ଦେଶାବଳୀ**

**ଆବେଦନକାରୀ ନିମନ୍ତେ:-**
➢ ଆବେଦନକାରୀ ଚଳିତ ଶିକ୍ଷା ବର୍ଷ ୨୦୨୨-୨୩ ନିମନ୍ତେ ସଂଖ୍ୟାଲଘୁ ସମ୍ପ୍ରଦାୟର ଛାତ୍ରଛାତ୍ରୀମାନଙ୍କଠାରୁ ଅନ୍-ଲାଇନ୍ ଦରଖାସ୍ତ/ଆବେଦନ ପତ୍ର ଭାରତ ସରକାରଙ୍କ ଜାତୀୟ ଛାତ୍ରବୃତ୍ତି ପୋର୍ଟାଲ (National Scholarship Portal) ଯଥା:- www.scholarships.gov.in / Mobile App- National Scholarships (NSP) ମାଧ୍ୟମରେ ଆବେଦନ କରିପାରିବେ ।
➢ ଅନଲାଇନ ଆବେଦନର ବିସ୍ତୃତ ବିବରଣୀ ଜାତୀୟ ଛାତ୍ରବୃତ୍ତି ପୋର୍ଟାଲ (National Scholarship Portal) ରେ ଉଲ୍ଲେଖ ଅଛି ।
➢ ଆବେଦନକାରୀଙ୍କୁ ସେମାନଙ୍କର ସକ୍ରିୟ ବ୍ୟାଙ୍କ ଆକାଉଣ୍ଟ ବିବରଣୀ ଦେବାକୁ ପରାମର୍ଶ ଦିଆଯାଉଅଛି । ଯାହାଦ୍ୱାରା ସ୍କଲାରସିପ୍ ଦେୟ ବିଫଳ ହେବ ନାହିଁ ।

**ବିଶ୍ୱବିଦ୍ୟାଳୟ/ଶିକ୍ଷାନୁଷ୍ଠାନ/ମହାବିଦ୍ୟାଳୟ/ବିଦ୍ୟାଳୟ ନିମନ୍ତେ:-**
➢ ସଂଖ୍ୟାଲଘୁ ଛାତ୍ରଛାତ୍ରୀମାନେ ପଢୁଥିବା ସମସ୍ତ ବେସରକାରୀ ବିଶ୍ୱବିଦ୍ୟାଳୟ/ଶିକ୍ଷାନୁଷ୍ଠାନ/ମହାବିଦ୍ୟାଳୟ/ବିଦ୍ୟାଳୟମାନଙ୍କୁ ଜଣାଇ ଦିଆଯାଉଛି କି, ଯଦି ସେମାନେ NSP ପୋର୍ଟାଲରେ ପଞ୍ଜୀକରଣ କରାଇନାହାନ୍ତି, ତେବେ ସେମାନେ ୩୧ ଅଗଷ୍ଟ, ୨୦୨୨ ସୁଧା ପଞ୍ଜୀକରଣ କରି KYC ପ୍ରାମାଣିକରଣ କରାଇ ନିଅନ୍ତୁ । ପଞ୍ଜୀକରଣଜନିତ ସହଯୋଗ ପାଇଁ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲା ମଙ୍ଗଳ ଅଧିକାରୀ କିମ୍ବା ନିର୍ଦ୍ଦେଶକ, ପଛୁଆବର୍ଗଙ୍କ e-Mail id- dirobc@gmail.com ରେ ଯୋଗାଯୋଗ କରିପାରିବେ ।

ଅଧିକ ଜାଣିବା ପାଇଁ www.minorityaffairs.gov.in/www.scholarships.gov.in ରେ ପରିଦର୍ଶନ କରନ୍ତୁ/ ଛାତ୍ରଛାତ୍ରୀମାନେ online ଦରଖାସ୍ତ ଆବେଦନ ସମୟରେ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ସେମାନେ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲା ମଙ୍ଗଳ ଅଧିକାରୀ, ନିର୍ଦ୍ଦେଶକ, ପଛୁଆବର୍ଗଙ୍କ e-Mail id-dirobc@gmail.com କିମ୍ବା ସଂଖ୍ୟାଲଘୁ ମନ୍ତ୍ରଣାଳୟ ସମାଧାନ ହେଲ୍ପ ଲାଇନ (ଦେୟମୁକ୍ତ) ୧୮୦୦-୧୧-୨୦୦୧ (ସମୟ ସକାଳ ୯ ଘଟିକାରୁ ଅପରାହ୍ନ ୫.୩୦ ଘଟିକା ପର୍ଯ୍ୟନ୍ତ, ସୋମବାରରୁ ଶୁକ୍ରବାର, ଛୁଟିଦିନ ବ୍ୟତୀତ) ରେ ଯୋଗାଯୋଗ କରିପାରିବେ ।

OIPR-26001/11/0010/2223



## ହସ୍ତଶିଳ୍ପରେ ତାଲିମ ପାଇଁ ବିଜ୍ଞାପନ

**No.PP-27:** ଚଳିତ ଆର୍ଥିକ ବର୍ଷ (୨୦୨୨-୨୩) ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟ କରୁଥିବା ନିମ୍ନଲିଖିତ ହସ୍ତଶିଳ୍ପ ତାଲିମ କେନ୍ଦ୍ର ବିଦ୍ୟାଳୟଗୁଡିକରେ ଛାତ୍ରଛାତ୍ରୀ ଗ୍ରହଣ ନିମିତ୍ତ ଆଗ୍ରହୀ ପ୍ରାର୍ଥୀ ପ୍ରାର୍ଥୀନୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଦରଖାସ୍ତ କରିବାର ଶେଷ ତାରିଖ ୧୨.୦୮.୨୦୨୨ ।

| କ୍ର. ସଂ. | ହସ୍ତଶିଳ୍ପ ବିଦ୍ୟାଳୟ/ ତାଲିମ କେନ୍ଦ୍ରର ନାମ | ହସ୍ତଶିଳ୍ପର ନାମ | ସ୍ଥାନ ସଂଖ୍ୟା | ତାଲିମ ଅବଧି |
|---|---|---|---|---|
| ୧. | ଅନୁଆପଦା ହସ୍ତଶିଳ୍ପ ବିଦ୍ୟାଳୟ, ସା-ଅନୁଆପଦା, ପୋ-ଡେରାବିଶ, ଜି-କେନ୍ଦ୍ରାପଡା | କାଇଁଚ ଶିଳ୍ପ | ୨୦ | ୧ ବର୍ଷ |
| ୨. | ରାଜନଗର ହସ୍ତଶିଳ୍ପ ବିଦ୍ୟାଳୟ, ସା-ରାଜନଗର,ପୋ-ଚକଡା,ଭାୟା-ଆଠଗଡ, ଜି-କଟକ | ବେତ ବାଉଁଶ | ୨୦ | ୧ ବର୍ଷ |
| ୩. | ଘାସିପୁଟ ହସ୍ତଶିଳ୍ପ ବିଦ୍ୟାଳୟ, ସା/ପୋ-ଘାସିପୁଟ, ଜି-କଟକ | ବେତ ବାଉଁଶ | ୧୨ | ୧ ବର୍ଷ |
| ୪. | ଅବଦଲପୁର ହସ୍ତଶିଳ୍ପ ବିଦ୍ୟାଳୟ,ସା/ପୋ-ଅବଦଲପୁର, ଜି-ଜଗତସିଂହପୁର | ବେତ ବାଉଁଶ | ୧୨ | ୧ ବର୍ଷ |
| ୫. | ସାନ୍ଧାପାଶିପାଟଣା ହସ୍ତଶିଳ୍ପ ବିଦ୍ୟାଳୟ, ସା-ସାନ୍ଧାପାଶିପାଟଣା, ପୋ-ଗନ୍ଦିଆ, ଜି-ଢେଙ୍କାନାଳ | ବେତ ବାଉଁଶ | ୧୨ | ୧ ବର୍ଷ |
| ୬. | କୃଷ୍ଣଚନ୍ଦ୍ରପୁର ହସ୍ତଶିଳ୍ପ ବିଦ୍ୟାଳୟ, ସା/ପୋ-କୃଷ୍ଣଚନ୍ଦ୍ରପୁର, ଜି-ମୟୂରଭଞ୍ଜ | ସବାଇ ଘାସ | ୧୦ | ୧ ବର୍ଷ |
| ୭. | ଆଙ୍ଗିସିଙ୍ଗି ହସ୍ତଶିଳ୍ପ ବିଦ୍ୟାଳୟ, ସା/ପୋ- ଆଙ୍ଗିସିଙ୍ଗି, ଜି-ନୟାଗଡ଼ | ବେତ ବାଉଁଶ | ୧୦ | ୧ ବର୍ଷ |
| ୮. | ବଉଳଗାଡିଆ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ସା-ବଉଳଗାଡ଼ିଆ, ପୋ-ଈଶ୍ୱରପୁର, ଜି-ବାଲେଶ୍ୱର | ପଥର ଖୋଦେଇ | ୨୦ | ୧ ବର୍ଷ |
| ୯. | ପୁରୀ ହସ୍ତଶିଳ୍ପ ତାଲିମ କେନ୍ଦ୍ର, ସା/ପୋ-ପୁରୀ, ଜି-ପୁରୀ | ଶଙ୍ଖ ଶାମୁକା | ୧୦ | ୧ ବର୍ଷ |

ତାଲିମ ସମୟରେ ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କୁ ମାସିକ ଟ.୧୦୦୦.୦୦ ବୃତ୍ତି ପ୍ରଦାନ କରାଯିବ ।
ଆବେଦନ ନିମନ୍ତେ ଯୋଗ୍ୟତା
ବୟସ-୧୪ ବର୍ଷରୁ ୪୦ ବର୍ଷ (ତଫସିଲଭୁକ୍ତ ଜାତି/ଜନଜାତି/ଶାରିରୀକ ଭିନ୍ନକ୍ଷମ/ମହିଳା ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ପ୍ରାର୍ଥୀମାନଙ୍କ ପାଇଁ ସର୍ବୋଚ୍ଚ ବୟସ ସୀମା ୩ ବର୍ଷ କୋହଳ କରାଯିବ ।
ଶିକ୍ଷାଗତ ଯୋଗ୍ୟତା- ୮ମ ପାଶ୍ ଓ ତଦୁର୍ଦ୍ଧ୍ୱ ।
ସ୍ଥାନ ସଂରକ୍ଷଣ ବ୍ୟବସ୍ଥା- ତଫସିଲଭୁକ୍ତ ଜାତି/ଜନଜାତି/ଶୀରିରୀକ ଭିନ୍ନକ୍ଷମ/ ସଂଖ୍ୟାଲଘୁ ସମ୍ପ୍ରଦାୟ/ ମହିଳା ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ପାଇଁ ସରକାରୀ ନିୟମ ଅନୁସାରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି ।
ଆଗ୍ରହୀ ପ୍ରାର୍ଥୀ/ପ୍ରାର୍ଥୀନୀ ସାଦା କାଗଜରେ ନାମ, ପିତାଙ୍କ ନାମ, ଠିକଣା, ବୟସ, ଶିକ୍ଷାଗତ ଯୋଗ୍ୟତା, ଜାତି, ବର୍ଗ ଏବଂ ହସ୍ତଶିଳ୍ପ ତାଲିମ କେନ୍ଦ୍ରର ନାମ ଉଲ୍ଲେଖ କରି ସମସ୍ତ ପ୍ରମାଣ ପତ୍ରର ନକଲ ସହ ସମ୍ପୃକ୍ତ ଜିଲ୍ଲାର ସହ ନିର୍ଦ୍ଦେଶକ (ହସ୍ତଶିଳ୍ପ) ଙ୍କ କାର୍ଯ୍ୟାଳୟରେ ଆବେଦନ କରିପାରିବେ । ଏହି ସମ୍ବନ୍ଧୀୟ ସବିଶେଷ ତଥ୍ୟ ପାଇଁ ସମ୍ପୃକ୍ତ ସହ ନିର୍ଦ୍ଦେଶକ (ହସ୍ତଶିଳ୍ପ/ ବ୍ଲକ୍ ହସ୍ତଶିଳ୍ପ ବିକାଶ ଅଧିକାରୀ/ ତାଲିମ କେନ୍ଦ୍ର/ ବିଦ୍ୟାଳୟ ଉପଦେଷ୍ଟାଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ ।

ସ୍ୱା./- ନିର୍ଦ୍ଦେଶକ, ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର
OIPR-31034/11/0014/2223



## GOVERNMENT OF ODISHA
## DEPARTMENT OF STEEL & MINES

### TENDER CALL NOTICE

VIII-(OE-C)SM-8/2020(pt) 7217/SM
Bhubaneswar Dated the 27.07.2022

No. G-20: Sealed tenders are invited from GST and Govt. Registered Travel Agencies/Tour Operators or Private Individuals for providing 01 No. of Vehicle i.e. **"Zest/Tigor/Swift Dezire/ Xcent/Etios (Petrol)"** including driver on monthly hire basis, which shll confirm to the Terms and Conditions given in Annexure-II for official use in Steel & Mines Department and Director of Steel.

1. The vehicle must be in road worthy condition, shall not be more than 3 yars old from the date of initial registration and must have valid Registration Certificate, Insurance Certificate, Fitness Certificate, valid Contract Carriage Permit, Pollution under Control Certificate, proof of uptodate Tax Clearance etc. which are mandatory for plying of vehicle.
2. The driver of the vehicle must have a valid Driving Licence for driving light transport passenger vehicle and should be sufficiently experienced in driving transport passenger vehicle.
3. The driver should be well behaved, gentle and obedient in nature.
4. The monthly rate of hire charge be quoted separately in the General Bid Information (excluding fuel, lubricants and GST) @ **17 KMS/Liters**.
5. The vehicle hired shall be in good condition and shall not be older than three years. Vehicle older than **5 years** should be replaced by new vehicle by the service provider.
6. The details of the make and year of manufacture of the vehicle, Registration No., Mileage (Kms covered per litre) and name of the Driver with Driving Licence No. and period of validity should be specifically provided in the General Bid information to be furnished with the Quotation/Tender (Annexure-III).
7. The quotation completed in all respect should reach the undersigned on or before **Dt.03.08.2022 by 2.30 P.M.** and shall be opened on the same day at **3.30 P.M.** in presence of the bidders or their authorized representatives. In case this date happens to be a holiday, the tender will be opened on immediate next working day at the same designed time and place.
8. The application form of quotation/tender containing General Bid Information & terms and conditions for Hiring of Vehicles etc. will be available with the Joint Secretary to Government (OE), Steel & Mines Department on payment of Rs.100/- (Non-refundable).
9. No Bid Security Money is required as per FD Letter No. 8484/F dated 05.04.2022 and a "BID SECURITY DECLARATION" to be submitted in writting that **"if I withdraw or modify my bid during period of validity etc. I will be suspended for the time specified in the tender document"**.

The authority reserves the right to cancel any or all of the tenders without assigning any reason thereof.

Sd./- Joint Secretary to Government
OIPR-30001/11/0002/2223